

‘ଦାଦା ସାହେବ ଫାଲ୍‌କେ’କୁ ନେଇ ଚର୍ଚ୍ଚା

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-79 ◆FRIDAY ◆12 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୭୯ ◆ଶୁକ୍ରବାର ◆୧୨ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


### ୭୨ ଘଣ୍ଟାରେ ୬ ମୁସ୍‌ଲିମ ଦେଶ ଉପରେ ଇସ୍ରାଏଲର ଆକ୍ରମଣ

## ୨୦୦ ମୃତ, ସହସ୍ରାଧିକ ଆହତ



■ ଜେରୁଜେଲମ, ୧୧।୯ (ଏଜେନ୍ସି): ଗତ ୭୨ ଘଣ୍ଟା ମଧ୍ୟରେ ଇସ୍ରାଏଲ୍ ୬ଟି ମୁସଲିମ୍ ଦେଶ ଉପରେ ଆକ୍ରମଣ କରିଛି । ଏହି ୬ଟି ଦେଶ ହେଲା ଗାଜା (ପାଲେଷ୍ଟାଇନ୍), ସିରିଆ, ଲେବାନନ୍, କାତାର, ୟେମେନ ଓ ଟ୍ୟୁନିସିଆ । ଏହି ଆକ୍ରମଣରେ ୨୦୦ରୁ ଅଧିକ ଲୋକ ନିହତ ହୋଇଥିବା ବେଳେ ୧୦୦୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି । ସୋମବାରରୁ ବୁଧବାର ମଧ୍ୟରେ ଇସ୍ରାଏଲ ଏହି ଆକ୍ରମଣ କରିଥିଲା । ଏହି ଦେଶଗୁଡିକରେ ଥିବା ଆତଙ୍କବାଦୀଙ୍କ ଠିକଣା ଉପରେ ଆକ୍ରମଣ କରାଯାଇଛି ବୋଲି ଇସ୍ରାଏଲ ତରଫରୁ କୁହାଯାଇଛି । ଅବଶ୍ୟ ଏନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଉପରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅସନ୍ତୋଷ ଜାହିର କରିଛନ୍ତି । କିନ୍ତୁ ୯/୧୧ ଆତଙ୍କବାଦୀ ଆକ୍ରମଣ ପରେ ଆମେରିକା ଯାହା କରିଥିଲା, ଆମେ ତାହା କରିଛୁ ବୋଲି ସ୍ପଷ୍ଟୀକରଣ ଦେଇଛନ୍ତି ନେତାନ୍ୟାହୁ । ମଙ୍ଗଳବାର ଇସ୍ରାଏଲ କାତାର ରାଜଧାନୀ ଦୋହା ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲା । ହମାସ ମୁଖ୍ୟ ଖଲିଲ-ଅଲ ହାୟାଙ୍କୁ ଲକ୍ଷ୍ୟ କରି ଏହି ଆକ୍ରମଣ କରାଯାଇଥଲା ବୋଲି ଇସ୍ରାଏଲ କହିଥିଲା । ଏଥିରେ ଅଲ ହାୟାଙ୍କ ପୁଅ, ଅଫିସ ଡାଇରେକ୍ଟର, ୩ଜଣ ଗାର୍ଡ, ଜଣେ କାତାରର ସୁରକ୍ଷାକର୍ମୀଙ୍କ ସହ ୬ ଜଣ ମୃତ୍ୟୁବରଣ କରିଥିଲେ । ୭୨ ଘଣ୍ଟା ମଧ୍ୟରେ ହୋଇଥିବା ଆକ୍ରମଣରେ ଗାଜାରେ ୧୫୦, ୟେମେନରେ ୧୦, ଲେବାନନ୍‌ରେ ୫ ଜଣ ଲୋକ ମୃତ୍ୟୁବରଣ କରିଥିଲେ । କିନ୍ତୁ ଟ୍ୟୁନିସିଆ ଓ ସିରିଆରେ କେହି ମୃତାହତ ହୋଇଥିବା ଜଣାପଡ଼ିନାହିଁ । ଗାଜାରେ ୨୦୨୩ରୁ ଏପର୍ଯ୍ୟନ୍ତ ୬୪, ୦୦୦ ଲୋକ ଯୁଦ୍ଧରେ ଅର୍ଥାତ ଇସ୍ରାଏଲ ଆକ୍ରମଣରେ ପ୍ରାଣ ହରାଇଛନ୍ତି । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାତାର ଉପରେ ଇସ୍ରାଏଲ ଆକ୍ରମଣକୁ ନିନ୍ଦା କରିଛନ୍ତି । କାତାର ନେତାଙ୍କୁ ଫୋନ୍ କରି ମୋଦୀ ଏହାର ନିନ୍ଦା କରିବା ସହିତ କହିଛନ୍ତି ଯେ କାତାରର ସାର୍ବଭୌମତ୍ୱର ସୁରକ୍ଷାକୁ ସମ୍ମାନ ଦିଆଯିବା ଉଚିତ ।

## ବ୍ୟାଙ୍କ ଋଣ ନ ଶୁଝିଲେ ଲକ୍ ହେବ ଫୋନ୍




■ ମୁମ୍ବଇ, ୧୧।୯ (ଏଜେନ୍ସି): ଋଣଦାତାଙ୍କ ପୁନରୁଦ୍ଧାର କ୍ଷମତା ବୃଦ୍ଧି କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏକ ନୂତନ ନିୟମ ଆଣିବାକୁ ବିଚାର କରୁଛି । ଏହି ନିୟମ ଅନୁଯାୟୀ, ଋଣଦାତାମାନେ ବହୁ ଦୂରରେ ଥାଇ ମଧ୍ୟ ଖିଲାପକାରୀଙ୍କ ଫୋନ୍ ଲକ୍ କରିପାରିବେ । ଗତ ବର୍ଷ ଭାରତୀୟ ରିଜର୍ଭ ବ୍ୟାଙ୍କ ଋଣଦାତାମାନଙ୍କୁ ଋଣ ଖିଲାପକାରୀଙ୍କ ଫୋନ୍ ଲକ୍ କରିବାକୁ କହିଥିଲା । ଡିଭାଇସ୍ ଲକ୍ ବା ବନ୍ଦ କରିବା ପାଇଁ ଋଣ ପ୍ରଦାନ ସମୟରେ ଋଣଗ୍ରହୀତାଙ୍କ ଫୋନ୍‌ରେ ଏକ ଆପ୍ ସଂସ୍ଥାପିତ ହେବ । ଋଣଦାତାଙ୍କ ସହ ଆଲୋଚନା ପରେ ଆର୍‌ବିଆଇ ଆଗାମୀ କିଛି ମାସ ମଧ୍ୟରେ ଫେୟାର ପ୍ରାକ୍ଟିସ୍ କୋଡ୍ ଅପଡେଟ୍ କରିବା ସହିତ ଫୋନ୍-ଲକ୍ କରିବା ପଦ୍ଧତି ଉପରେ ନିର୍ଦ୍ଦେଶାବଳୀ ଜାରି କରିପାରେ । ଏଥିରେ ଆର୍‌ବିଆଇ ଦୁଇଟି ଜିନିଷ ସୁନିଶ୍ଚିତ କରିବାକୁ ଚାହୁଁଛି, ପ୍ରଥମତଃ ଋଣଦାତାମାନେ ଫୋନ୍ ଲକ୍ କରି ଋଣ ▶ପୃଷ୍ଠା-୧୦

## ‘ଡ୍ରଗ୍ ମନି’ ରାକେଟ: ୨୬୪ କୋଟି ଜବତ

**ନାଇଜେରିଆ ପଠାଯାଇଛି ୫୯୮ କୋଟିର କମିସନ**

**ସପ୍ତାହକୁ ପଠା ଯାଉଥିଲା ୧୮୪ କୋଟି ଟଙ୍କା**

■ ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ତେଲେଙ୍ଗାନା ଇଗଲ ଫୋର୍ସ ବଡ଼ଧରଣର ହାୱଲା ର୍ୟାକେଟର ପର୍ଦ୍ଦାଫାସ କରିଛି । ବିଦେଶରୁ ରହି ଭାରତରେ ନିଶା ଚାଲାଣ କରାଯାଉଥିଲା ଏବଂ ଏଥିରୁ ମିଳୁଥିବା ବିପୁଳ ଅର୍ଥକୁ ହାୱଲା ମାଧ୍ୟମରେ କଳାରୁ ଧଳା କରାଯାଉଥିଲା । ବିଭିନ୍ନ ସ୍ଥାନରେ ଚଢ଼ଉ କରି ପୁଲିସ ୩୦ ନିୟୁତ ଡଲାର (୨୬୪ କୋଟି ଟଙ୍କା) ଜବତ କରିଛି । ଏହି ମାମଲାରେ ୫ ରାଜ୍ୟରୁ ୫୦ ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି । ଏହି କଳା କାରବାରର ଚେର ବିଦେଶକୁ ଲମ୍ବିଛି । ବିଦେଶରୁ ନିଶା ଦ୍ରବ୍ୟ ଆଣି ଦେଶରେ ବିକ୍ରି କରାଯାଉଥିଲା । ସୂଚନା ଅନୁଯାୟୀ ନାଇଜେରିଆ ନାଗରିକ ଓନେଇସି ଏସୋମିଚ କେନେଥ ଓରଫ ମାକ୍ସୱେଲଙ୍କୁ ଗିରଫ ପରେ ଏହି ମାମଲାର ତଦନ୍ତ ଆରମ୍ଭ ହୋଇଥିଲା । କୋକେନ ଏବଂ ଏକାଷ୍ଟାସି ଟାବ୍‌ଲେଟ ବିକ୍ରି ସମୟରେ ସେ ଧରାପଡ଼ିଥିଲା । ▶ପୃଷ୍ଠା-୧୦

# ସାର ପାଇଁ ସାରାରାତି ଅନିଦ୍ରା

## ଘନଘନ ସମୀକ୍ଷା; ଫଳ ଶୂନ୍

■ ଭୁବନେଶ୍ୱର, ୧୧।୯ (ସମିସ): ଆବଶ୍ୟକ ସମୟରେ ସାର ପାଉ ନାହାନ୍ତି ଚାଷୀ । ସମବାୟ ସମିତିରେ ସାର ପାଇଁ ଲମ୍ବା ଧାଡ଼ି ଲାଗୁଛି । ରାତି ସାରା ଅନିଦ୍ରା ହୋଇ ସାରକୁ ଅପେକ୍ଷା କରିବା ସତ୍ତ୍ୱେ ବି ଚାଷୀ ନିରାଶରେ ଘରକୁ ଫେରୁଛି । ଯେତିକି ସାର ଲ୍ୟାମ୍ପ୍‌ସକୁ ଆସୁଛି, ତାହା ପର୍ଯ୍ୟାପ୍ତ ହେଉନି । ଅନେକ ସ୍ଥାନରେ ଲ୍ୟାମ୍ପ୍‌ସକୁ ସାର ନ ଆସି ବେସରକାରୀ ଡିଲର୍‌ଙ୍କୁ ସାର ଦିଆଯାଉଥିବା ଅଭିଯୋଗ ହେଉଛି । ଏ ସବୁ ଭିତରେ ଚାଷୀ କେବେ ସାର ପାଇବ ଓ କେବେ କ୍ଷେତରେ ପକାଇବ ତାହାକୁ ନେଇ ଚାଷୀଙ୍କ ଚିନ୍ତା ପଶିଛି । ବିଭାଗୀୟ ମନ୍ତ୍ରୀଙ୍କ ସମେତ ମୁଖ୍ୟ ଶାସନ ସଚିବ, କୃଷି ସଚିବ ଆଦି ସାର ପ୍ରସଙ୍ଗରେ ଘନଘନ ବୈଠକ କରିବା ସତ୍ତ୍ୱେ ଚାଷୀଙ୍କ ସମସ୍ୟା ସମାଧାନ ହେଉନାହିଁ । ଏପରି ସ୍ଥିତିରେ ଚାଷୀମାନେ କେବେ ସାର ପାଇବେ ତାହାକୁ ନେଇ ପ୍ରଶ୍ନ ଉଠିଛି ।

ତଥ୍ୟ ଅନୁସାରେ ୨୦୨୫ ଖରିଫ ଋତୁରେ ସେପ୍ଟେମ୍ବର ୩୦ ସୁଦ୍ଧା ସମୁଦାୟ ୯,୫୫,୦୦୦ ମେଟ୍ରିକ ଟନ ସାର ଆବଶ୍ୟକ ଥିଲା ▶ପୃଷ୍ଠା-୧୦



**ସରକାର କହୁଛନ୍ତି ପର୍ଯ୍ୟାପ୍ତ ଅଛି; ଚାଷୀ ପାଇଲାବେଳକୁ ହଟହଟା**

## ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ସାର କଳାବଜାର ଅଭିଯୋଗ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି ଲୋକସେବା ଭବନରେ ସାର ଯୋଗାଣର ସମୀକ୍ଷା କରିଛନ୍ତି । ଜିଲ୍ଲାଗୁଡ଼ିକରେ ଥିବା ପାକ୍‌ସ ଓ ଲାମ୍ପସ୍ ଜରିଆରେ ସାର ଆବଣ୍ଟନ କାର୍ଯ୍ୟକୁ ଠିକ ଭାବରେ ତଦାରଖ (ମନିଟରିଂ) କରିବା ପାଇଁ ଜିଲ୍ଲାପାଳମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । କୌଣସି ପ୍ରକାର କଳାବଜାରୀ, ଗଚ୍ଛିତ କିମ୍ବା ନକଲି ସାରର ଅଭିଯୋଗ ଆସିଲେ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଯାଞ୍ଚ ସ୍ଥାନରେ ସାରକୁ ଜବତ ନ କରି ସେହି ସାରକୁ ନିକଟସ୍ଥ ପାକ୍‌ସ କିମ୍ବା ଲ୍ୟାମ୍ପ୍‌ସକୁ ସ୍ଥାନାନ୍ତରିତ କରି ଚାଷୀଙ୍କୁ ଆବଣ୍ଟନ କରିବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହାସହିତ ମୁଖ୍ୟମନ୍ତ୍ରୀ ତୈଳବୀଜ ଏବଂ ଡାଲି ଜାତୀୟ ଫସଲ କରିବା ପାଇଁ କୃଷକମାନଙ୍କୁ ପରାମର୍ଶ ଦେବା ସହ ବନ୍ୟାଞ୍ଚଳରେ ଚାଷୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେ ବିଷୟରେ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

### ଇଣ୍ଡସ୍ ଅକ୍ସନ୍ ରିପୋର୍ଟ: ଘରୋଇ ବିଦ୍ୟାଳୟରେ ୨୫% ଗରିବ ପିଲା

## ଆର୍‌ଟିଇ ପାଠପଢ଼ାରେ ଓଡ଼ିଶା ପ୍ରଥମ

**ସଫଳତା ନେଇ ଖୁସିବ୍ୟକ୍ତ କଲେ ନବୀନ ପଟ୍ଟନାୟକ**

**ବିଜେଡି ସରକାରଙ୍କ ସଫଳ କାର୍ଯ୍ୟାନ୍ୱୟନର ପ୍ରତିଫଳନ**



■ ଭୁବନେଶ୍ୱର, ୧୧।୯ (ସମିସ): ଶିକ୍ଷା ଅଧିକାର ଆଇନ୍ (ଆର୍‌ଟିଇ)ରେ ଗରିବ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରିବାରେ ରେକର୍ଡ କରିଛି ଓଡ଼ିଶା । ଆର୍‌ଟିଇ ଅଧୀନରେ ଘରୋଇ ବିଦ୍ୟାଳୟରେ ନାମ ଲେଖାଇଥିବା ରାଜ୍ୟର ୯୭ ପ୍ରତିଶତ ଛାତ୍ରଛାତ୍ରୀ ପାଠପଢ଼ା ଜାରି ରଖିଛନ୍ତି । ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ଇଣ୍ଡସ୍ ଅକ୍ସନ୍ ପକ୍ଷରୁ ପ୍ରକାଶିତ ଶିକ୍ଷା ଅଧିକାର ଆଇନ୍ ରିଟେନ୍‌ସନ୍ ରିପୋର୍ଟରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ରହିଛି । ଉତ୍ତରାଖଣ୍ଡ ସମେତ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ ଆଦି ରାଜ୍ୟରେ ପ୍ରାୟ ୯୧ପ୍ରତିଶତ ଛାତ୍ରଛାତ୍ରୀ ପାଠପଢ଼ା ଜାରି ରଖିଛନ୍ତି । ୫-ଟି ଉପକ୍ରମ ଅଧୀନରେ ବିଦ୍ୟାଳୟର ରୂପାନ୍ତରୀକରଣ କରିବା ପରେ ଆର୍‌ଟିଇ ରିଟେନ୍‌ସନ୍ ରିପୋର୍ଟରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ହାସଲ କରି ପାରିଛି । କରୋନା ମହାମାରୀ ପରେ ଶିକ୍ଷା କ୍ଷେତ୍ର ବ୍ୟାପକ ପ୍ରଭାବିତ ହେବା ସତ୍ତ୍ୱେ ଆର୍ଥିକ ଅନଗ୍ରସର ପିଲାମାନେ ପାଠପଢ଼ା ଜାରି ରଖିଛନ୍ତି । ସାରା ଦେଶରେ ଆର୍‌ଟିଇ ▶ପୃଷ୍ଠା-୧୦

## ୧୮ରୁ ବିଧାନସଭାର ମୌସୁମୀ ଅଧିବେଶନ

**୧୬ରେ ସର୍ବଦଳୀୟ ବୈଠକ**

■ ଭୁବନେଶ୍ୱର, ୧୧।୯ (ସମିସ): ଆସନ୍ତା ୧୮ ତାରିଖରୁ ସପ୍ତଦଶ ବିଧାନସଭାର ଚତୁର୍ଥ ଅର୍ଥାତ ମୌସୁମୀ ଅଧିବେଶନ ଆରମ୍ଭ ହେବ । ଅଧିବେଶନ ଯେପରି ସୁରୁଖୁରୁରେ ଚାଲିବ ସେଥିପାଇଁ ୧୬ ତାରିଖରେ ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ ଡାକିଛନ୍ତି । ବୈଠକରେ ବିଧାନସଭା ଶୃଙ୍ଖଳିତ ପରିଚାଳନା ନେଇ ବାଚସ୍ପତି ସବୁ ଦଳର ପ୍ରତିନିଧିଙ୍କ ସହ ଆଲୋଚନା କରିବେ । ଅଧିବେଶନରେ କେମିତି ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା ହେବ, ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବାକୁ କେମିତି ବିରୋଧୀଙ୍କୁ ପୂରା ▶ପୃଷ୍ଠା-୧୦

### ଆୟୁଷ୍ମାନ କାର୍ଡରେ ଚିକିତ୍ସା ସୁବିଧା ଦେଉନାହାନ୍ତି କର୍ତ୍ତୃପକ୍ଷ

## ଡାକ୍ତରଖାନାରେ ବନ୍ଧା ପଡ଼ିଛି ପୁଅ


**ଫି’ ବଦଳରେ ନିଜ କିଡ୍‌ନୀ ଦେବାକୁ ବାପା କରୁଛି ଗୁହାରି**



■ ଭୁବନେଶ୍ୱର, ୧୧।୯ (ସମିସ): ରାଜ୍ୟରେ ରୋଗୀଙ୍କ ପାଇଁ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା କାର୍ଡକୁ ଆଶୀର୍ବାଦ ବୋଲି ପ୍ରଚାର କରାଯାଉଛି; ମାତ୍ର ଘରୋଇ ଡାକ୍ତରଖାନା କର୍ତ୍ତୃପକ୍ଷ ଆୟୁଷ୍ମାନ କାର୍ଡକୁ ଗ୍ରହଣ କରିବାକୁ ଅରାଜି । ଅନେକ ସ୍ଥାନରେ ଏହି ସ୍ୱାସ୍ଥ୍ୟ କାର୍ଡ ଆଶୀର୍ବାଦ ବଦଳରେ ରୋଗୀଙ୍କ ପାଇଁ ଅଭିଶାପ ପାଲଟିଛି । ଘରୋଇ ହସ୍ପିଟାଲ ଚିକିତ୍ସା ପାଇଁ ରୋଗୀଙ୍କୁ ଭର୍ତ୍ତି କରି ଦେଉଛନ୍ତି ସିନା, ପରବର୍ତ୍ତୀ ସମୟରେ ଆୟୁଷ୍ମାନ କାର୍ଡକୁ ଗ୍ରହଣ କରୁନାହାନ୍ତି । ଫଳରେ ହସ୍‌ପିଟାଲର ଲମ୍ବା ଡାକ୍ତରୀ ଚିଠା ଓ ମୋଟା ବିଲ୍ ସାଧାରଣ ଗରିବ ଲୋକଙ୍କୁ ରାସ୍ତାର ଭିକାରୀ କରି ଦେଉଛି । ଏପରି ସ୍ଥଳରେ ବିଭିନ୍ନ ଡାକ୍ତରଖାନାରେ ରୋଗୀ ଓ ସେମାନଙ୍କ ▶ପୃଷ୍ଠା-୧୦

**ଭାଦ୍ରବରେ ଗ୍ରୀଷ୍ମର ଭ୍ରମ**

## ଚାନ୍ଦବାଲି ଦେଶର ଦଶମ ଉତ୍ତପ୍ତ ସହର




■ ଭୁବନେଶ୍ୱର, ୧୧।୯ (ସମିସ): ଭାଦ୍ରବ ମାସରେ ଗ୍ରୀଷ୍ମର ଭ୍ରମ ସୃଷ୍ଟି ହୋଇଛି । ରାଜ୍ୟରେ ବର୍ଷା ବନ୍ଦ ହେଉ ହେଉ ହଠାତ୍ ତାତି ଆରମ୍ଭ ହୋଇଛି । ଖରାର ପ୍ରକୋପ ସାଙ୍ଗକୁ ଆର୍ଦ୍ରତା ଯୋଗୁଁ ଗୁଳୁଗୁଳି ଲୋକଙ୍କୁ ଅସ୍ତବ୍ୟସ୍ତ କରିଛି । ଗୁରୁବାର ରାଜ୍ୟର ଏକାଧିକ ସହରରେ ତାପମାତ୍ରା ୩୫ ଡିଗ୍ରୀ ଉପରେ ରହିଥିବା ବେଳେ ୩୬.୮ ଡିଗ୍ରୀ ସହ ଚାନ୍ଦବାଲି ରାଜ୍ୟର ସବୁଠୁ ଉତ୍ତପ୍ତ ଓ ଦେଶର ଦଶମ ଉତ୍ତପ୍ତ ସହର ପାଲଟିଛି । ଚାନ୍ଦବାଲି ତଳକୁ ନୟାଗଡ଼ରେ ୩୬.୫, ଭୁବନେଶ୍ୱରରେ ତାପମାତ୍ରା ୩୬ ଡିଗ୍ରୀ ରହିଥିବା ବେଳେ ବାଲେଶ୍ୱର, କଟକ, ପୁରୀ, ବାରିପଦା, ସମ୍ବଲପୁର, ଭଦ୍ରକ, ଜଗତସିଂହପୁର ଆଦିରେ ତାପମାତ୍ରା ୩୫ ଡିଗ୍ରୀ ଉପରେ ରହିଛି । ବର୍ତ୍ତମାନ ଆକାଶ ନିର୍ମଳ ରହୁଛି । ଏହାସହିତ ବଙ୍ଗୋପସାଗର ପଟୁ କିଛି ମାତ୍ରାରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ ହେତୁ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଗୁଳୁଗୁଳି ମାତ୍ରା ମଧ୍ୟ ରହୁଛି । ଏହା ପ୍ରଭାବରେ ଦିନବେଳା ସୂର୍ଯ୍ୟଙ୍କ ପ୍ରଖର କିରଣ ସାଙ୍ଗକୁ ଗୁଳୁଗୁଳିରେ ଲୋକେ ଅସ୍ତବ୍ୟସ୍ତ ହେଉଛନ୍ତି । ଦିନ ବେଳା ସୃଷ୍ଟି ହେଉଥିବା ଏହି ସ୍ଥିତି ଯୋଗୁଁ ଅପରାହ୍ଣରେ କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ଜନିତ ବର୍ଷା ପାଇଁ ପାଗ ଅନୁକୂଳ ହେଉଛି । ଏହି କ୍ରମରେ ଗୁରୁବାର ବାରିପଦା, ରାୟଗଡ଼ା ଓ ପାରଳାଖେମୁଣ୍ଡି ଆଦିରେ ୧୫-୨୦ ମିମି ପର୍ଯ୍ୟନ୍ତ ବର୍ଷା ହୋଇଥିବା ରେକର୍ଡ ହୋଇଛି ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବର୍ତ୍ତମାନ ଉତ୍ତର ଆନ୍ଧ୍ର-ଦକ୍ଷିଣ ଓଡ଼ିଶା ସଂଲଗ୍ନ ବଙ୍ଗୋପସାଗର ଉପରେ ଏକ ଘୂର୍ଣ୍ଣିବଳୟ ରହିଛି । ଏହା ପ୍ରଭାବରେ ଆସନ୍ତା ୨ ଦିନ ମଧ୍ୟରେ ସମାନ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ▶ପୃଷ୍ଠା-୧୦




# ଟ୍ରମ୍ପଙ୍କ ଘନିଷ୍ଠ ଚାର୍ଲି କିର୍କଙ୍କୁ ହତ୍ୟା

### ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମରେ ବେକରେ ବାଜିଲା ଗୁଳି

### ୪ ଦିନ ଅର୍ଦ୍ଧନମିତ ରହିବ ଜାତୀୟ ପତାକା

ୱାଶିଂଟନ, ୧୧।୯ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥକ ତଥା ଦକ୍ଷୀଣପନ୍ଥୀ କାର୍ଯ୍ୟକର୍ତ୍ତା ଭାବେ ଜଣାଶୁଣା ଚାର୍ଲି କିର୍କଙ୍କୁ ବୁଧବାର ହତ୍ୟା କରାଯାଇଛି। ଆମେରିକାର ପଶ୍ଚିମରେ ଥିବା ଉଟା ରାଜ୍ୟର ଓରେମସ୍ଥିତ ଓଟା ଭାଲି ବିଶ୍ୱବିଦ୍ୟାଳୟରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରୁଥିବା ବେଳେ ତାଙ୍କ ବେକକୁ ଗୁଳି କରାଯାଇଥିଲା। ସେ 'ଦି ଆମେରିକାନ କମ୍‌ବ୍ୟାକ ଟୁର' କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏକ ଟେଣ୍ଟ ତଳେ ମାଇକ ନେଇ ସେ କିଛି କହୁଥିବା ବେଳେ ଏହି ଘଟଣା ଘଟିଥିଲା। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଅଚାନକ ତାଙ୍କ ବେକରେ ଏକ ଗୁଳି ବାଜିଥିଲା ଓ ସେ ସଙ୍ଗେ ସଙ୍ଗେ ଟଳି ପଡ଼ିଥିଲେ। ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁରେ ଟ୍ରମ୍ପ ଶୋକ ଜାହିର କରିଛନ୍ତି ଓ ୪ ଦିନ ଆମେରିକାର ପତାକା ଅର୍ଦ୍ଧନମିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କୁ ଆମେରିକାର ସର୍ବୋଚ୍ଚ ସମ୍ମାନ ପ୍ରଦାନ କରିଛନ୍ତି। ଚାର୍ଲି ଜଣେ ସଚ୍ଚା ତଥା ମହାନ ଦେଶଭକ୍ତ ଥିଲେ ବୋଲି ଟ୍ରମ୍ପ କହିଛନ୍ତି। ଚାର୍ଲି 'ଟର୍ଣ୍ଣିଂ ପଏଣ୍ଟ ୟୁଏସ୍‌ଏ' (ଟିପିୟୁଏସ୍‌ଏ) ନାମରେ ଏକ ସଂସ୍ଥା ଚଳାଉଥିଲେ। ଏହା ମାଧ୍ୟମରେ ସେ ବିଭିନ୍ନ ସ୍କୁଲ, କଲେଜ ଯାଇ ଛାତ୍ରଛାତ୍ରୀଙ୍କୁ ରାଜନୀତି ସଂକ୍ରାନ୍ତରେ ବୁଝାଇବାକୁ ପ୍ରୟାସ କରୁଥିଲେ। କିଏ ତାଙ୍କୁ ଗୁଳି ମାରିଛି ଓ ଏହା ପଛରେ କାରଣ କ'ଣ ସେ ନେଇ ଏପର୍ଯ୍ୟନ୍ତ କିଛି ସ୍ପଷ୍ଟ ହୋଇପାରିନାହିଁ। ତେବେ ଆକ୍ରମଣକାରୀକୁ ଛାତ ଉପରେ ଦେଖିବାକୁ ମିଳୁଛି।



# ଐଶ୍ୱର୍ଯ୍ୟାଙ୍କ ଫଟୋ, ଭିଡିଓ ପାଇଁ ଅନୁମତି ଦରକାର



ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ବଲିଉଡ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। କୋର୍ଟ ତାଙ୍କ ସପକ୍ଷରେ ରାୟ ଦେଇଛନ୍ତି। ଅନୁମତି ବିନା ଐଶ୍ୱର୍ଯ୍ୟାଙ୍କ କୌଣସି ଫଟୋ କିମ୍ବା ଭିଡିଓ ଓ ତାଙ୍କ ବ୍ୟକ୍ତିତ୍ୱ ସହିତ ଜଡିତ ଜିନିଷକୁ କୌଣସି ଡିଜିଟାଲ ପ୍ଲାଟଫର୍ମ ଓ ବ୍ୟବସାୟିକ ସାମଗ୍ରୀରେ ବ୍ୟବହାର କରାଯାଇପାରିବ ନାହିଁ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ମାଧ୍ୟମରେ ଏହାକୁ ଅପବ୍ୟବହାର କରାଯାଇପାରିବ ନାହିଁ ବୋଲି ଜଷ୍ଟିସ ତେଜସ କାରିଆ ନିର୍ଦ୍ଦେଶ ଦେଇଛନ୍ତି। କେତୋଟି କମ୍ପାନୀ ଓ ବ୍ୟକ୍ତିଙ୍କୁ ନିର୍ଦ୍ଦେଶ ଦେଇ କୋର୍ଟ କହିଛନ୍ତି ଯେ, ଏପରି ଅପବ୍ୟବହାର ଆର୍ଥିକ ଭାବେ କ୍ଷତି ପହଞ୍ଚାଇବା ସହ ଜଣେ ବ୍ୟକ୍ତିଙ୍କ ସମ୍ମାନ ଓ ଗରିମାକୁ କ୍ଷୁର୍ଣ୍ଣ କରିଥାଏ। ନୋଟିସ ପାଇବା ପରେ ୭୨ ଘଣ୍ଟା ମଧ୍ୟରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ କୋର୍ଟ ଗୁଗଲକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରଣାଳୟକୁ ମଧ୍ୟ ଯଥାଶୀଘ୍ର ଆବଶ୍ୟକୀୟ ପଦକ୍ଷେପ ନେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଜାନୁଆରୀ ୧୫ରେ ଏହି ମାମଲାରେ ପରବର୍ତ୍ତୀ ଶୁଣାଣି ହେବ।

## ଆଜି ଶପଥ ନେବେ ନୂଆ ଉପ-ରାଷ୍ଟ୍ରପତି



ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ନବ ନିର୍ବାଚିତ ଉପ-ରାଷ୍ଟ୍ରପତି ସିପି ରାଧାକୃଷ୍ଣନ ଶୁକ୍ରବାର ଶପଥ ଗ୍ରହଣ କରିବେ। ଏଥିପାଇଁ ରାଷ୍ଟ୍ରପତି ଭବନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସକାଳ ୯ଟା୩୦ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇବେ ବୋଲି ସୂଚନା ମିଳିଛି। ତେବେ ଏ ନେଇ ଆନୁଷ୍ଠାନିକ ଭାବେ କୌଣସି ଘୋଷଣା କରାଯାଇନାହିଁ। ୬୭ ବର୍ଷୀୟ ରାଧାକୃଷ୍ଣନ ମଙ୍ଗଳବାର ବିରୋଧୀ ପ୍ରାର୍ଥୀ ବି ସୁଦର୍ଶନ ରେଡ୍ଡୀଙ୍କୁ ୧୫୨ ଭୋଟରେ ପରାସ୍ତ କରିଥିଲେ। ନୂଆ ଉପ-ରାଷ୍ଟ୍ରପତି ବୁଧବାର ଶ୍ରୀ ରେଡ୍ଡୀଙ୍କୁ ଭେଟିଥିଲେ। ଶପଥ ନେବାର ଦିନକ ପୂର୍ବରୁ ଆଜି ସେ ମହାରାଷ୍ଟ୍ର ରାଜ୍ୟପାଳ ପଦରୁ ଇସ୍ତଫା ଦେଇଛନ୍ତି। ରାଷ୍ଟ୍ରପତି ଏହାକୁ ଗ୍ରହଣ କରି ଗୁଜରାଟ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତଙ୍କୁ ମହାରାଷ୍ଟ୍ରର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ମହାରାଷ୍ଟ୍ରର ଦ୍ୱିତୀୟ ରାଜ୍ୟପାଳ ଭାବେ ଶ୍ରୀ ରାଧାକୃଷ୍ଣନ ଉପ-ରାଷ୍ଟ୍ରପତି ଭାବେ ଶପଥ ନେବାକୁ ଯାଉଛନ୍ତି।

## ମହିଳାଙ୍କୁ କୁକର୍ ସାହାଯ୍ୟରେ ହତ୍ୟାକଲେ ୪ ଜଣ

ହାଇଦରାବାଦ୍, ୧୧।୯ (ଏଜେନ୍ସି): ହାଇଦାରାବାଦ୍‌ରେ ଏକୁଟିଆ ଥିବା ଜଣେ ମହିଳାଙ୍କୁ ୪ ଜଣ ଲୋକ ତାଙ୍କ ଘରେ ପଶି ଏକ କୁକର ସାହାଯ୍ୟରେ ହତ୍ୟା କରିଛନ୍ତି। ଗୁରୁବାର ଏହି ଘଟଣା ସାମ୍ନାକୁ ଆସିଛି। ହତ୍ୟା ପରେ ଲୁଟେରାମାନେ ଘରୁ ଜିନିଷ ଚୋରି କରିଥିଲେ। ପୁଣି ଏହି କାଣ୍ଡ ଘଟାଇବା ପରେ ଚୋରମାନେ ସେହି ଘରେ ଗାଧୋଇବା ସହ ନୂଆ ପୋଷାକ ପିନ୍ଧି ବାହାରି ଯାଇଥିଲେ। ଲୁଟେରାମାନେ ୪୦ ଗ୍ରାମ ସୁନା ସହ ଲକ୍ଷେ ଟଙ୍କା ସାଥିରେ ନେଇ ଯାଇଥିଲେ। ପୁଲିସର ପ୍ରାରମ୍ଭିକ ଯାଞ୍ଚ ଅନୁସାରେ ସାଇବରାବାଦ ଅଞ୍ଚଳରେ ସ୍ୱାନ ଆପାର୍ଟମେଣ୍ଟରେ ସେପ୍ଟେମ୍ବର ୧୦ରେ ଏହି ଘଟଣା ଘଟିଥିଲା। ମୃତକ ମହିଳା ହେଉଛନ୍ତି ୫୦ ବର୍ଷୀୟା ରେଣୁ ଅଗ୍ରୱାଲ। ସେ ନିଜ ସ୍ୱାମୀ ଓ ପୁଅଙ୍କ ସହ ଏହି ଆପାର୍ଟମେଣ୍ଟରେ ୧୩ତମ ମହଲାରେ ରହୁଥିଲେ। ଘଟଣା ଦିନ ରେଣୁ ଏକା ଥିଲେ। ସକାଳେ ୨୬ ବର୍ଷୀୟ ପୁଅ ଓ ସ୍ୱାମୀ ଅଫିସ ଯାଇଥିଲେ। ଏହାପରେ ଦୁଇଜଣ ଚୋର ଘରେ ପଶି ଥିଲେ। ରେଣୁ କବାଟ ନ ଖୋଲିବାରୁ ପ୍ଲମ୍ବରଙ୍କୁ ଡାକି ସ୍ୱାମୀ କବାଟ ଖୋଲିଥିଲେ। ପରେ ଓ ପୁଲିସକୁ ସୂଚନା ଦେଇଥିଲେ। ଚୋରମାନେ କୁକର ସାହଯ୍ୟରେ ତାଙ୍କୁ ମାରିବା ପରେ କଇଁଚିରେ ତାଙ୍କ ଗଳା କାଟିଥିଲେ। ଦୁଇଜଣ ଚୋର ଆପାର୍ଟମେଣ୍ଟରୁ ଯାଉଥିବା ସିସିଟିଭିରେ ଦେଖାଯାଉଛି। ପ୍ରାରମ୍ଭିକ ଯାଞ୍ଚରେ ଘରେ କାମ କରୁଥିବା ଚାକରକୁ ପୁଲିସ ସନ୍ଦେହ କରୁଛି। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇ ପଠାଇଛି।

## ୪ ରାଜ୍ୟରୁ ୫ ସନ୍ଦିଗ୍ଧ ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ଓ କେନ୍ଦ୍ରୀୟ ଏଜେନ୍ସି ଏକ ଆତଙ୍କବାଦୀ ନେଟ୍‌ୱର୍କ ପର୍ଦ୍ଦାଫାସ୍ କରିବାରେ ସକ୍ଷମ ହୋଇଛି। ଏହି କ୍ରମରେ ୪ଟି ଦିଲ୍ଲୀ, ଝାଡ଼ଖଣ୍ଡ, ତେଲଙ୍ଗାନା ଓ ମଧ୍ୟପ୍ରଦେଶରେ ଏହି ୫ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ଏହି ଆତଙ୍କବାଦୀଙ୍କ ନିକଟରୁ ସଲ୍‌ଫର ପାଉଡର, ସଲଫ୍ୟୁରିକ ଏସିଡ୍, ନାଇଟ୍ରିକ୍ ଏସିଡ୍, ସୋଡିୟମ ବାଇକାର୍ବୋନେଟ, ବଲ୍ ବିୟରିଙ୍ଗ, ସେଫ୍ଟି ଗ୍ଲାସ, ରେସ୍ପିରେଟୋରୀ ମାସ୍କ, ସର୍କିଟ ତାର, ମଦର ବୋର୍ଡ, ଲାପଟପ୍ ଓ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଏହି ଆତଙ୍କବାଦୀ ସାମାଜିକ ଗଣମାଧ୍ୟମରେ ପାକିସ୍ତାନୀ ହାଣ୍ଡଲରମାନଙ୍କ ସମ୍ପର୍କରେ ଥିଲେ। ଏମାନେ ସାମାଜିକ ଗଣମାଧ୍ୟମ ଜରିଆରେ ଯୁବକମାନଙ୍କୁ ଭର୍ତ୍ତି କରାଉଥିଲେ। ଦାନିଶ ଏହି ଆତଙ୍କବାଦୀ ଟିମ୍‌ର ନେତୃତ୍ୱ ନେଉଥିଲା। ତାକୁ ଗଜନୀ ବୋଲି କୁହାଯାଉଥିଲା। ପୂର୍ବରୁ ୧୪ ଦିନ ତଳେ ବିହାରରେ ୩ ପାକିସ୍ତାନୀ ଆତଙ୍କବାଦୀ ଅନୁପ୍ରବେଶ କରିଥିଲେ ଓ ଏ ନେଇ ସେତେବେଳେ ଚର୍ଚ୍ଚା ହୋଇଥିଲା।

## ବିମାନରୁ ୨୦୦ ଯାତ୍ରୀଙ୍କୁ ଦିଲ୍ଲୀରେ ଓହ୍ଲାଇ ଦିଆଗଲା

ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ବୁଧବାର ରାତିରେ ସିଙ୍ଗାପୁର ଯାଉଥିବା ଏୟାର ଇଣ୍ଡିଆ ବିମାନରୁ ୨୦୦ ଜଣ ଯାତ୍ରୀଙ୍କୁ ଦିଲ୍ଲୀ ବିମାନ ବନ୍ଦରରେ ଓହ୍ଲାଇ ଦିଆଯାଇଥିଲା। ବିମାନର ଏୟାର କଣ୍ଡିସନିଂ ସିଷ୍ଟମ ଖରାପ ହେବା ଓ ଇଲେକଟ୍ରିକ୍ ସପ୍ଲାଇ ହୋଇପାରି ନ ଥିଲା। ଏହାସତ୍ତ୍ୱେ ଯାତ୍ରୀଙ୍କୁ ବିନା ଏସିରେ ବିମାନରେ ଦୁଇ ଘଣ୍ଟା ବସା ଯାଇଥିଲା। ଗରମ କାରଣରୁ ସେମାନେ ବ୍ୟସ୍ତ ହୋଇ ପଡ଼ିଥିଲେ। ଏହାପରେ କ୍ରୁ ମେମ୍ବରମାନେ କୌଣସି କାରଣ ନ ଦର୍ଶାଇ ଯାତ୍ରୀମାନଙ୍କୁ ଓହ୍ଲାଇଯିବାକୁ କହିଥିଲେ। ପାଖାପାଖି ୬ ଘଣ୍ଟା ବିଳମ୍ବରେ ଅର୍ଥାତ ଗୁରୁବାର ସକାଳ ୫ଟା ୩୬ରେ ଅନ୍ୟଏକ ବିମାନରେ ଯାତ୍ରୀଙ୍କୁ ସିଙ୍ଗାପୁର ପଠାଯାଇଥିଲା।

# ନେପାଳରେ ଅଚଳାବସ୍ଥା, ତୁଟୁନି ନେତା ବିବାଦ



### କିଏ ହେବେ ନେପାଳ ପ୍ରଧାନମନ୍ତ୍ରୀ; ସୁଶୀଳା ନା ଘିସିଂ?

### ଆନ୍ଦୋଳନକାରୀଙ୍କ ମଧ୍ୟରେ ତୀବ୍ର ମତଭେଦ

କାଠମାଣ୍ଡୁ, ୧୧।୯: ତିନି ଦିନ ଧରି ଅଶାନ୍ତ ରହିବା ପରେ ନେପାଳରେ ଆଜି ପରିସ୍ଥିତି ସ୍ୱାଭାବିକ ହେବାକୁ ଲାଗିଛି। ତେବେ ନୂଆ ପ୍ରଧାନମନ୍ତ୍ରୀ କିଏ ହେବ, ତାହାକୁ ନେଇ ଅଚଳାବସ୍ଥା ଲାଗି ରହିଛି। ଗତ ୮ ତାରିଖରେ ଆନ୍ଦୋଳନକାରୀଙ୍କ ଉଗ୍ର ବିକ୍ଷୋଭ ପରେ ୯ ତାରିଖରେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ କେପି ଶର୍ମା ଓଲି। ଓଲି ସରକାରର ପତନ ପରେ ସେନା ଅସ୍ଥାୟୀ ରୂପେ ଦାୟିତ୍ୱ ସମ୍ଭାଳିଛି। ଦେଶରେ ଗଠିତ ହେବାକୁ ଥିବା ମଧ୍ୟବର୍ତ୍ତିକାଳୀନ ସରକାରର ନେତୃତ୍ୱ କିଏ ନେବ, ତାହାକୁ ନେଇ 'ଜେନ୍ ଜେଡ୍' ନାମରେ ପରିଚିତ ଆନ୍ଦୋଳନକାରୀଙ୍କ ମଧ୍ୟରେ ସହମତି ହୋଇପାରି ନାହିଁ। ସେମାନଙ୍କ ମଧ୍ୟରେ ମତଭେଦ ଭିତରେ ପ୍ରଧାନମନ୍ତ୍ରୀ ପଦ ପାଇଁ ୪ ଜଣଙ୍କ ନାମକୁ ନେଇ ଚର୍ଚ୍ଚା ଚାଲିଛି। ସେମାନେ ହେଲେ କାଠମାଣ୍ଡୁ ମେୟର ବୁଲେନ ଶାହ, ପୂର୍ବତନ ପ୍ରଧାନ ବିଚାରପତି ସୁଶୀଳା କାର୍କି, ଇଞ୍ଜିନିୟର କୁଲମାନ ଘିସିଂ ଏବଂ ହାରକା ସମ୍ପଙ୍ଗ।

ଆନ୍ଦୋଳନକାରୀମାନେ ପ୍ରଥମେ ବୁଲେନ ଶାହଙ୍କ ନାମର ପ୍ରସ୍ତାବ ଦେଇଥିଲେ। ସେ କିନ୍ତୁ ରାଜି ନହେବାରୁ ଜଷ୍ଟିସ ସୁଶୀଳାଙ୍କ ନାମ ଉଠିଥିଲା। ଏହାକୁ ନେଇ ଏକ ପ୍ରକାର ସହମତି ମଧ୍ୟ ହୋଇଯାଇଥିଲା। ସୁଶୀଳା ମଧ୍ୟ ମଧ୍ୟବର୍ତ୍ତିକାଳୀନ ସରକାରର ନେତୃତ୍ୱ ନେବାଲାଗି ରାଜି ହୋଇଯାଇଥିଲେ। କେବଳ ଏତିକି ନୁହେଁ, ସେ ସେନା ସହିତ ବିଚାରବିମର୍ଶ ମଧ୍ୟ ଆରମ୍ଭ କରିଦେଇଥିଲେ। କିନ୍ତୁ ଆଜି ଆନ୍ଦୋଳନକାରୀଙ୍କ ଗୋଟିଏ ଗୋଷ୍ଠୀ ଜଷ୍ଟିସ ସୁଶୀଳାଙ୍କୁ ବିରୋଧ କରିବା ପରେ ମତଭେଦ ପଦାରେ ପଡ଼ିଥିଲା। ଏହି ଗୋଷ୍ଠୀ ପକ୍ଷରୁ କୁହାଯାଇଛି ଯେ ସୁଶୀଳାଙ୍କୁ ୭୩ ବର୍ଷ ହେଲାଣି ଏବଂ ଏ ବୟସରେ ସରକାରର ନେତୃତ୍ୱ ନେବା ତାଙ୍କ ପାଇଁ ଠିକ୍ ହେବନାହିଁ। ତାଙ୍କୁ ପ୍ରଧାନମନ୍ତ୍ରୀ କରିବା ରାସ୍ତାରେ ଅନ୍ତରାୟ ହୋଇଛି କେତେକ ସାମ୍ବିଧାନିକ ବ୍ୟବସ୍ଥା। ଜଣେ ପୂର୍ବତନ ବିଚାରପତି ପ୍ରଧାନମନ୍ତ୍ରୀ ହୋଇପାରିବେ ନାହିଁ ବୋଲି ସମ୍ବିଧାନରେ ବ୍ୟବସ୍ଥା ରହିଛି। ଗତକାଲି ପର୍ଯ୍ୟନ୍ତ ସୁଶୀଳାଙ୍କୁ ପ୍ରଧାନମନ୍ତ୍ରୀ ପଦ ଲାଗି ଦୃଢ଼ ଦାବିଦାର ବିବେଚନା କରାଯାଉଥିଲା। ତାଙ୍କ ସ୍ଥାନରେ ଏବେ ଯେଉଁ ନେତାଙ୍କ ନାମ ପ୍ରଧାନମନ୍ତ୍ରୀ ପଦ ଲାଗି ଶୁଣାଯାଉଛି ସେ ହେଲେ ବିଦ୍ୟୁତ ଇଞ୍ଜିନିୟର କୁଲମାନ ସିଂହ। ନେପାଳର ବିଦ୍ୟୁତ ସଙ୍କଟ ଦୂର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ୫୫ ବର୍ଷୀୟ ଘିସିଂ ନେପାଳ ବିଦ୍ୟୁତ ବୋର୍ଡର ମହାନିର୍ଦ୍ଦେଶକ ଅଛନ୍ତି। ତାଙ୍କୁ ନେଇ ସହମତି ହେଉଥିବାର ଖବର ମିଳିଛି। ଆନ୍ଦୋଳନକାରୀମାନେ କୌଣସି ରାଜନୈତିକ ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ପଦରେ ବସାଇବାକୁ ଚାହୁଁନାହାନ୍ତି। ସେନା ସହିତ ସେମାନଙ୍କର ଏ ସମ୍ପର୍କରେ ବିଚାର ଆଲୋଚନା ଚାଲିଛି।

ଇତିମଧ୍ୟରେ ନେପାଳ ଆଜି ଶାନ୍ତ ରହିଛି। ସେନାର ଯବାନମାନେ ରାଜଧାନୀ କାଠମାଣ୍ଡୁ ଏବଂ ଅନ୍ୟ ଅଞ୍ଚଳରେ ପାଟ୍ରୋଲିଂ ଜାରି ରଖିଛନ୍ତି। ସୂଚନାଯୋଗ୍ୟ ଯେ ତିନି ଧରି ଚାଲିଥିବା ହିଂସାରେ ୩୧ ଜଣ ପ୍ରାଣ ହରାଇଥିବା ବେଳେ ୨ ହଜାରରୁ ଅଧିକ ଆହତ ହୋଇଥିଲେ। ୧୫ ହଜାରରୁ ଅଧିକ କଏଦୀ ବିଭିନ୍ନ ଜେଲରୁ ଫେରାର ହୋଇଯାଇଛନ୍ତି।

# ୟୁକ୍ରେନରେ ଫସିଛନ୍ତି ଭାରତୀୟ ଯୁବକ



ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ଦୀର୍ଘ ଦିନ ହେଲା ଜାରି ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ ହେବାର ନା ଧରୁନି। କିନ୍ତୁ ଏହି ଯୁଦ୍ଧ ଭାରତୀୟଙ୍କ ଲାଗି ବିପଦ ପାଲଟି ଯାଇଛି। ପ୍ରଥମେ ରୁଷ ସେନାରେ ଭାରତୀୟଙ୍କୁ ଜୋର ଜବରଦସ୍ତି ସାମିଲ କରାଯାଉଥିବା ଖବର ସାମ୍ନାକୁ ଆସିଥିଲା। କିନ୍ତୁ ଏବେ ୟୁକ୍ରେନରୁ ଏଭଳି ଖବର ଆସିଛି। ହରିୟାଣା ଏବଂ ପଞ୍ଜାବର ଅନେକ ଯୁବକ ୟୁକ୍ରେନ ଫସି ରହିଛନ୍ତି। ସେମାନଙ୍କୁ ଜୋର ଜବରଦସ୍ତି ଧମକ ଦେଇ ୟୁକ୍ରେନ ସେନାରେ ସାମିଲ କରାଯାଇଛି। ରୁଷ୍ ବିରୋଧରେ ଲଢ଼ିବାକୁ ବାଧ କରାଯାଉଛି। ଏମାନଙ୍କ ମଧ୍ୟରେ ହରିୟାଣା ଫତେହାବାଦର ୨ ଯୁବକ ସାମିଲ ଅଛନ୍ତି। ଉଭୟେ ନିଜ ସମ୍ପର୍କୀୟଙ୍କୁ ଭିଡିଓ ପଠାଇ ସହାୟତା ପାଇଁ ନିବେଦନ କରିଛନ୍ତି। ଭିଡିଓରେ କୁହାଯାଇଛି ଯେ ଆମ ହାତରେ ୨-୩ ଦିନ ସମୟ ରହିଛି। ପରେ ଯୁଦ୍ଧ କ୍ଷେତ୍ରକୁ ନେଇଯିବେ। ଏଠାରୁ ଯିଏ ଯୁଦ୍ଧ କ୍ଷେତ୍ରକୁ ଯାଉଛି ସେ ଆଉ ଫେରୁନାହିଁ। ପୂର୍ବରୁ ୧୩-୧୪ ଜଣ ସହଯୋଗୀ ଯାଉଥିଲେ। କିନ୍ତୁ ସେମାନେ ଆଉ ଫେରି ନ ଥିଲେ। ସମସ୍ତେ ପ୍ରାଣ ହରାଇ ଥିଲେ। ଫତେହାବାଦର ଅଙ୍କିତ ଜାଙ୍ଗଡ଼ା ଏବଂ ବିଜୟ ପୁନିଆ କହିଛନ୍ତି ଯେ ରୁଷ୍ ସେନାରେ ଚାକିରି ପାଇବାର ଲୋଭରେ ଆସି ୟୁକ୍ରେନରେ ଫସି ଯାଇଛନ୍ତି।

୧୫ ଜଣଙ୍କ ମଧ୍ୟରେ ଉତ୍ତର ପ୍ରଦେଶ, ପଞ୍ଜାବ, ଜମ୍ମୁ-କଶ୍ମୀରର ଯୁବକ ମଧ୍ୟ ଫସି ରହିଛନ୍ତି। ସମସ୍ତଙ୍କୁ ରୁଷ୍ ବିରୋଧରେ ଯୁଦ୍ଧକୁ ପଠାଇବା ପାଇଁ ବାଧ କରାଯାଉଛି। ମଙ୍ଗଳବାର ତାଙ୍କ ପରିବାର ମୁଖ୍ୟମନ୍ତ୍ରୀ ନାଏବ ସିଂହ ସାଇନିଙ୍କୁ ମଧ୍ୟ ଭେଟିଛନ୍ତି। ସେ ବିଦେଶ ମନ୍ତ୍ରାଳୟ ପାଖକୁ ମାମଲା ପଠାଇବା ପାଇଁ କହିଛନ୍ତି। ସରକାର ସମ୍ପୂର୍ଣ୍ଣ ସହାୟତା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅଙ୍କିତ ପଠାଇଥିବା ଭିଡିଓରେ ଦେଖାଯାଉଛି ଯେ ସେ ସେନା ପୋଷାକ ପିନ୍ଧିଛନ୍ତି। ତାଙ୍କ ପାଖରେ ଅନେକ ଯୁବକ ଜଙ୍ଗଲ ପାଖରେ ବସିଛନ୍ତି। ଏହା କୌଣସି ପ୍ରଶିକ୍ଷଣ ସ୍ଥଳ ମଧ୍ୟ ହୋଇପାରେ। ଏଠାରେ ଜଣେ ଶିଖ୍ ଯୁବକ ଥିବା ମଧ୍ୟ ଦେଖିବାକୁ ମିଳୁଛି। ସମସ୍ତଙ୍କ ମୁହଁରେ ଭୟ ଏବଂ ନିରାଶ ଦେଖିବାକୁ ମିଳୁଛି। ଅଙ୍କିତ କହୁଛନ୍ତି ଯେ ତାଙ୍କ ସହ ଜୋର ଜବରଦସ୍ତି କରାଯାଇପାରେ। ଏହା ଶେଷ ଭିଡିଓ ମଧ୍ୟ ହୋଇପାରେ। ସେ ୯ ସହଯୋଗୀଙ୍କ ସହ ପ୍ରଶିକ୍ଷଣ ନେବାକୁ ଯାଉଛନ୍ତି। ତାଙ୍କ ସହ ୨୫ ଜଣ ଆସିଥିଲେ। ସ୍ୱାକ୍ଷର ନେଇ ତାଙ୍କୁ ପ୍ରଶିକ୍ଷଣ ପାଇଁ ପଠେଇ ଦେଲେ। ସେନା ଗାଡ଼ି ଆସି ତାଙ୍କୁ ପ୍ରଶିକ୍ଷଣ କେନ୍ଦ୍ରକୁ ନେଇଯାଇଛି।

## ରୁଷ ସେନାରେ ଭାରତୀୟଙ୍କୁ ସାମିଲ କରା ନଯାଉ: ଭାରତ

ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ୨୦୨୨ ଫେବୃଆରୀରୁ ୟୁକ୍ରେନ ବିପକ୍ଷରେ ଯୁଦ୍ଧ ଚାଲୁ ରହିଥିବା ବେଳେ ରୁଷ ସୈନ୍ୟବାହିନୀରେ ଭାରତୀୟଙ୍କୁ ସାମିଲ କରାଯିବା ନେଇ ଭାରତ ସରକାର ଏବେ ଆପତ୍ତି ଉଠାଇଛନ୍ତି। ରୁଷିଆ ତା'ର ସେନାରେ ଭାରତୀୟଙ୍କୁ ସାମିଲ ବନ୍ଦ କରୁ ବୋଲି ଭାରତ କହିଛି। ଏଥିସହ ପୂର୍ବରୁ ସେନାରେ ସାମିଲ ହୋଇଥିବା ଭାରତୀୟଙ୍କୁ ମଧ୍ୟ ଛାଡିବାକୁ ରୁଷ୍‌କୁ କୁହାଯାଇଛି। ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ରୁଷ ସେନାରେ ଭର୍ତ୍ତି ହେବା ପାଇଁ ଦିଆଯାଉଥିବା ପ୍ରସ୍ତାବକୁ ଭାରତୀୟ ଗ୍ରହଣ ନ କରନ୍ତୁ। ଏହା ଅତ୍ୟନ୍ତ ବିପଜ୍ଜନକ।

ରୁଷ୍ ସେନାରେ ଭାରତୀୟଙ୍କୁ ସାମିଲ କରାଯିବାର ଖବର ମିଳିବା ପରେ ବୈଦେଶିକ ମନ୍ତ୍ରଣାଳୟ ତରଫରୁ ସତର୍କ ରହିବା ପାଇଁ ସ୍ପଷ୍ଟ କରାଯାଇଛି। ଏହି ଯୁଦ୍ଧରେ ରୁଷ୍ ଅନ୍ୟଦେଶର ନାଗରିକଙ୍କୁ ନିଜ ସେନାରେ ସାମିଲ କରିବା ନେଇ ଅଭିଯୋଗ ହୋଇଥିଲା। ରୁଷ୍ ସେନାରେ କେତେଜଣ ଭାରତୀୟଙ୍କୁ ମଧ୍ୟ ସାମିଲ କରାଯାଇଥିଲା। ଚାକିରି ସନ୍ଧାନରେ ରୁଷ ଯାଇଥିବା ଭାରତୀୟମାନେ ସେଠାରେ ଫସି ଯାଇଥିଲେ। ପୂର୍ବରୁ ଏ ସଂକ୍ରାନ୍ତରେ ଏକାଧିକବାର ଚେତାବନୀ ଦେଇଥିଲୁ ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ହରିୟାଣାର ଫତେହାବାଦ୍‌ର କେତେକ ଯୁବକ ୟୁକ୍ରେନ ସେନାରେ ସାମିଲ ହୋଇଥିଲେ। କିନ୍ତୁ ଗତ ସୋମବାର ଏହି ଯୁବକମାନେ ଭିଡିଓ ସେୟାର କରି ସେମାନଙ୍କ ପରିବାରକୁ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଏ ଯୁବକଙ୍କ ପରିବାର ଲୋକେ ମୁଖ୍ୟମନ୍ତ୍ରୀ ନାଏବ ସିଂ ସୈନିଙ୍କୁ ସାକ୍ଷାତ କରିଥିଲେ।

## ଆମେ ଚୁପ ହୋଇ ବସିବୁ ନାହିଁ

ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ଯଦି ଗଣତନ୍ତ୍ରର କୌଣସି ଗୋଟିଏ ଅଙ୍ଗ ନିଜ କର୍ତ୍ତବ୍ୟ ପାଳନ କରିବାରେ ବିଫଳ ହୁଏ, ତାହାହେଲେ ଆମେ ଚୁପ୍ ହୋଇ ବସିପାରିବୁ ନାହିଁ। ସେହି ବ୍ୟକ୍ତି ଯେତେ ଉଚ୍ଚ ପଦବୀରେ ଆସୀନ ହୋଇଥିଲେ ମଧ୍ୟ ଆମକୁ ନିରବ ରହିବା ଲାଗି ବାଧ କରାଯାଇ ପାରିବ ନାହିଁ। ରାଜ୍ୟ ବିଧାନସଭା ଦ୍ୱାରା ପାସ୍ ବିଲ୍ ଅନୁମୋଦନ ପାଇଁ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଲାଗି ସମୟସୀମା ଧାର୍ଯ୍ୟ ମାମଲାରେ କେନ୍ଦ୍ରର ଆପତ୍ତିକୁ ନେଇ ଆଜି ଏଭଳି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି ସୁପ୍ରିମ କୋର୍ଟ। ଏସଂକ୍ରାନ୍ତରେ ପ୍ରେସିଡେନସିଆଲ ରେଫେରନ୍ସ ମାମଲା ଶୁଣାଣିର ଶେଷ ଦିନରେ ପ୍ରଧାନ ବିଚାରପତି



### ବିଲ୍ ଅନୁମୋଦନ ମାମଲାରେ ସୁପ୍ରିମକୋର୍ଟଙ୍କ କଡ଼ା ଆଭିମୁଖ୍ୟ

ଜଷ୍ଟିସ ବିଆର ଗଭାଇ କହିଲେ ଯେ ବ୍ୟକ୍ତି ଯେତେ ଉଚ୍ଚ ପଦବୀରେ ଥିଲେ ମଧ୍ୟ ସେ ଆଇନର ଊର୍ଦ୍ଧ୍ୱରେ ନୁହନ୍ତି। ମୁଁ କ୍ଷମତାର ପୃଥକୀକରଣରେ ବିଶ୍ୱାସ କରେ। କିନ୍ତୁ ଗଣତନ୍ତ୍ରର ଗୋଟିଏ ଅଙ୍ଗ ନିଜ ଦାୟିତ୍ୱ ପାଳନରେ ବିଫଳ ହେଲେ ସମ୍ବିଧାନର ରକ୍ଷକ ହିସାବରେ ଅଦାଲତ ଚୁପ ହୋଇ ବସିପାରିବ ନାହିଁ। ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ସମ୍ବିଧାନ ବେଞ୍ଚ କହିଲେ ଯେ ଏକ ନିର୍ଦ୍ଦିଷ୍ଟ ଉପାୟରେ ନିଷ୍ପତ୍ତି ନେବାଲାଗି ଆମେ ରାଜ୍ୟପାଳଙ୍କୁ କହିପନପାରୁ। କିନ୍ତୁ ନିଷ୍ପତ୍ତି ନେବାଲାଗି ଅଦାଲତ ରାଜ୍ୟପାଳଙ୍କୁ ନିର୍ଦ୍ଦେଶ ଦେଇପାରିବେ। ସୂଚନାଯୋଗ୍ୟ ଯେ ତାମିଲନାଡୁ ମାମଲାରେ ଗତ ଏପ୍ରିଲ ମାସରେ ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ ଦେଇ କହିଥିଲେ ଯେ ବିଧାନସଭା ଦ୍ୱାରା ପାରିତ ବିଲ ଉପରେ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କୁ ତିନି ମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ପଡ଼ିବ। କେନ୍ଦ୍ର ସରକାର ଏହାକୁ ବିରୋଧ କରି ଯୁକ୍ତି କରିଛନ୍ତି ଯେ ରାଷ୍ଟ୍ରପତିଙ୍କ ପାଇଁ ସମୟସୀମା ଧାର୍ଯ୍ୟ କରାଯାଇପାରିବ ନାହିଁ।

## ମଥୁରା-ବୃନ୍ଦାବନର ଅଧା ଅଞ୍ଚଳ ଜଳମଗ୍ନ

### ହରିୟାଣାର ଘାଗର ଡ୍ରେନ୍‌ରେ ଘାଇ

### ୩୦୦ ଏକର ଫସଲ ନଷ୍ଟ

ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ଉତ୍ତର ଭାରତରେ ବର୍ଷା ଓ ବନ୍ୟା ଯୋଗୁଁ ଏବେ ବି ସ୍ଥିତି ସଙ୍ଗୀନ ରହିଛି। ହରିୟାଣର ସିର୍ସାରେ ହିସାର ମଲ୍ଟିପର୍ପଜ ଘାଗର ଡ୍ରେନ୍ ଭାଙ୍ଗିବା କାରଣରୁ ୩୦୦ ଏକର ଜମିର ଫସଲ ନଷ୍ଟ ହୋଇଯାଉଛି। ଡ୍ରେନ୍‌ରେ ୫୦ ଫୁଟ ଓସାରର ଘାଇ ହୋଇଛି। ହରିୟାଣାର ୬ଟି ଜିଲ୍ଲାରେ ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି। ସେହିପରି ଉତ୍ତରପ୍ରଦେଶରେ ପ୍ରବଳ ବର୍ଷା କାରଣରୁ ଗଙ୍ଗା, ଯମୁନା ସମେତ ଅନ୍ୟ ନଦୀଗୁଡିକରେ ପାଣି ତଥା ଜଳସ୍ତର ବୃଦ୍ଧି ପାଇଛି। ହାଥିନୀ କୁଣ୍ଡ ବ୍ୟାରେଜରେ ପାଣି ଛଡ଼ାଯିବା ଯୋଗୁଁ ମଥୁରା ଓ ବୃନ୍ଦାବନରେ ବନ୍ୟା ଆସିଛି ଓ ୫୦ ପ୍ରତିଶତ ଅଞ୍ଚଳ ଜଳମଗ୍ନ ହୋଇଛି। ସେହିପରି ରାଧାବଲ୍ଲଭ ମନ୍ଦିରରେ ମଧ୍ୟ ପାଣି ପଶିଯାଇଛି। ଛତିଶଗଡ଼ ରାଜଧାନୀ ରାୟପୁରରେ ବଜ୍ରପାତ ଯୋଗୁଁ ବିମାନବନ୍ଦରର ନାଭିଗେସନ ସିଷ୍ଟମ ଖରାପ ହୋଇଯାଇଛି। ଫଳରେ ୫ଟି ବିମାନର ଗତିପଥ ବଦଳାଯାଇଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଆଗାମୀ ୪-୫ ଦିନ ପର୍ଯ୍ୟନ୍ତ ପ୍ରଭାବ ପକାଇବ। ଏହାର ପ୍ରଭାବ କେବଳ ଦେଶର ଉପକୂଳ ଓ କେନ୍ଦ୍ର ଅଞ୍ଚଳରେ ରହିବ। ଫଳରେ ଓଡ଼ିଶା, ଅରୁଣାଚଳ ପ୍ରଦେଶ, ଆନ୍ଧ୍ରପ୍ରଦେଶ ସମେତ ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ଶୁକ୍ରବାର ପ୍ରବଳ ବର୍ଷା ହେବ ବୋଲି ଆଶଙ୍କା କରାଯାଉଛି। ସେହିପରି ଗୁଜରାଟ ବନାସକାଣ୍ଠାରେ ୧୬ ଇଞ୍ଚର ବର୍ଷା କାରଣରୁ ୧୨ରୁ ଅଧିକ ଗାଁ ଜଳମଗ୍ନ ହୋଇଯାଇଛି। କର୍ଣ୍ଣାଟକ କଲବୁର୍ଗିରେ କ୍ରମାଗତ ବର୍ଷା କାରଣରୁ ସଡକରେ ପାଣି ବହିଛି। ହରିୟାଣାରେ ଏକ ଚଳନ୍ତା ସ୍କୁଲ ବସ୍ ସଡ଼କ ଉପରେ ହିଁ ଧସି ପଡ଼ିଛି।



## ରାଜନୈତିକ ଭାବେ ମୋତେ ଟାର୍ଗେଟ ପାଇଁ ଟଙ୍କା ଖର୍ଚ୍ଚ କରାଯାଉଛି: ଗଡକରୀ

ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ମୋତେ ରାଜନୈତିକ ଭାବେ ନିଶାଣ କରାଯାଉଛି। ଅର୍ଥ ଦେଇ ସାମାଜିକ ଗଣମାଧ୍ୟମରେ ମୋ ବିରୋଧରେ ପ୍ରଚାରପ୍ରସାର କରାଯାଉଛି। କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ ଏହି ଅଭିଯୋଗ ଲଗାଇଛନ୍ତି। 'ସୋସାଇଟି ଅଫ୍ ଅଟୋମୋବାଇଲ ମାନ୍ୟୁଫ୍ୟାକ୍ଟର'ର ବାର୍ଷିକ ସମ୍ମିଳନୀକୁ ସମ୍ବୋଧନ କରି ଇଥାନଲ ବେଣ୍ଡିଂକୁ ନେଇ ପଚରା ଯାଇଥିବା ପ୍ରଶ୍ନର ଉତ୍ତରରେ ଗଡ଼କରୀ ଏହି ଟିପ୍ପଣୀ ଦେଇଛନ୍ତି। ସେ କହିଛନ୍ତି ଯେ ଅଟମୋବାଇଲ ରିସର୍ଚ୍ଚ ଆସୋସିଏସନ ଅଫ୍ ଇଣ୍ଡିଆ (ଏଆରଏଆଇ) ଭଳି ଅଟୋମୋବାଇଲ ଉତ୍ପାଦକ ସଂଗଠନ ପେଟ୍ରୋଲରେ ଇଥାନଲ ମିଶାଇବାକୁ ନେଇ ରିପୋର୍ଟ ଦେଇଥିଲେ। ଯେଉଁ ଭଳି ଭାବେ ଏହି ଉଦ୍ୟୋଗ କାମ କରୁଛି ସେହିଭଳି ଭାବେ ରାଜନୀତି ମଧ୍ୟ ହେଉଛି। ଟଙ୍କା ଦେଇ ମୋ ବିରୋଧରେ ଅଭିଯାନ ଚଳାଯାଉଛି। ଏହା କେବଳ ରାଜନୈତିକ ନିଶାଣ କରିବା ଲାଗି ଉଦ୍ଦିଷ୍ଟ। ଇଥାନଲ୍ ମିଶ୍ରଣକୁ ନେଇ ସବୁ କିଛି ସ୍ପଷ୍ଟ ରହିଛି। ଏହା ଆମଦାନୀର ବିକଳ୍ପ, କମ୍ ଖର୍ଚ୍ଚ, ପ୍ରଦୂଷଣମୁକ୍ତ ଏବଂ ସ୍ୱଦେଶୀ। ଇ୨୦ ପେଟ୍ରୋଲ ଯୁଗାନ୍ତକାରୀ ସାବ୍ୟସ୍ତ ହେବ ବୋଲି ସରକାର କହୁଥିବାବେଳେ ଗାଡ଼ି ମାଲିକ ମାଇଲେଜ ହ୍ରାସ ପାଉଥିବା ଦାବି କରୁଛନ୍ତି। ଏ ନେଇ ବୃଥା ଯୁକ୍ତି କରାଯାଉଛି।

ଗଡକରୀ କହିଛନ୍ତି ଯେ ଜୀବାଶ୍ମ ଇନ୍ଧନ ଆମଦାନୀ ପାଇଁ ଭାରତ ବିପୁଳ ପରିମାଣର ଟଙ୍କା ଖର୍ଚ୍ଚ କରୁଛି। ଜୀବାଶ୍ମ ଇନ୍ଧନ ତଥା ଅଶୋଧିତ ତୈଳ ଆମଦାନୀ ହ୍ରାସ କରିବା ଏବଂ ସଞ୍ଚିତ ଟଙ୍କାକୁ ଭାରତୀୟ ଅର୍ଥନୀତିରେ ଲଗାଇବା କ'ଣ ଆର୍ଥିକ ଦୃଷ୍ଟିରୁ ଏକ ଭଲ ପଦକ୍ଷେପ ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଆମେ ମକାରୁ ଇଥାନଲ୍ ପାଇଲୁ। ଏଥିଯୋଗୁଁ ଚାଷୀମାନେ ୪୫ ହଜାର କୋଟି ଟଙ୍କା ଲାଭ କରିଛନ୍ତି। ସେହିପରି ପ୍ରଦୂଷଣ ହ୍ରାସ କରିବାକୁ ନେଇ ବିଶ୍ୱ ଏକମତ ରହିଛି। ଯଦି ଏହି ସ୍ତରରେ ପ୍ରଦୂଷଣ ଜାରି ରହେ ତେବେ ଦିଲ୍ଲୀ ବାସିନ୍ଦା ୧୦ ବର୍ଷ ଆୟୁଷ ହରାଇବେ।

# ମହାନଦୀ ନଦୀତଟ ବିକାଶ ଯୋଜନାକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଭୁବନେଶ୍ୱର, ୧୧।୯ (ସମିସ): ମହାନଦୀ ନଦୀତଟ ବିକାଶ ଯୋଜନାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରବାର ମଞ୍ଜୁରୀ ଦେଇଛନ୍ତି। ଏହି ଯୋଜନା ୨୦୨୫-୨୬ରୁ ୨୦୨୭-୨୮ ମଧ୍ୟରେ କାର୍ଯ୍ୟକାରୀ ହେବ ଏବଂ ତିନି ବର୍ଷରେ୨୪୦ କୋଟି ଟଙ୍କା ଖର୍ଚ୍ଚ ହେବ। ଜଳସମ୍ପଦ ବିକାଶ ବିଭାଗ ଦ୍ୱାରା ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ଏହି ଅର୍ଥ ଖର୍ଚ୍ଚ ହେବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହାନଦୀ ହେଉଛି ଓଡ଼ିଶାର



- ତିନି ବର୍ଷରେ ଖର୍ଚ୍ଚ ହେବ ୨୪୦ କୋଟି
- ସମ୍ବଲପୁରର ମାଣ୍ଡାଲିଆରୁ ଚୌନପୁର ପର୍ଯ୍ୟନ୍ତ ମହାନଦୀ ତଟ ବିକାଶ ପାଇଁ ୧୬୦ କୋଟି,
- ଭୁବନେଶ୍ୱର ପାଣ୍ଡରା ନିକଟ କୂଆଖାଇ ଓ କୁଶଭଦ୍ରା ତଟ ବିକାଶ ପାଇଁ ୮୦ କୋଟି

ଜୀବନରେଖା। ମହାନଦୀର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ପରିବେଶ, ସାଂସ୍କୃତିକ ତଥା ଆଧ୍ୟାତ୍ମିକ ପର୍ଯ୍ୟଟନର ପ୍ରମୁଖ କେନ୍ଦ୍ରରେ ପରିଣତ କରାଯିବ। ଏହି ପର୍ଯ୍ୟଟନ ସ୍ଥଳଗୁଡ଼ିକ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଯୋଜନାରେ ଦୁଇଟି ସ୍ଥାନରେ ନଦୀତଟର ବିକାଶ କରାଯିବ। ପ୍ରଥମଟି ହେଉଛି, ସମ୍ବଲପୁରର ମନ୍ଦଲିଆରୁ ଚାଉଁରପୁର ପର୍ଯ୍ୟନ୍ତ ମହାନଦୀରେ ନଦୀକୂଳ ବିକାଶ। ଏଥିରେ ପାର୍କିଂ ସ୍ଥାନ, ଜଗିଙ୍ଗ୍ ପାର୍କ, ସେଲଫି ପଏଣ୍ଟ, ପାର୍କ, ଖୋଲା ଜିମ୍, ଘାଟର ଉନ୍ନତୀକରଣ, ସ୍ନାନଘାଟ ନିର୍ମାଣ, ଆରତୀ ଘାଟ, ଥିମ୍ ପ୍ଲାଜା, ସଫିଂ କମ୍ପ୍ଲେକ୍ସ, ଶୌଚାଳୟ ଆଦିର ବିକାଶ କରାଯିବ। ଏଥିପାଇଁ ୧୬୦ କୋଟି ଟଙ୍କା ବିନିଯୋଗ ହେବ।

ଦ୍ୱିତୀୟଟି ହେଉଛି, ଭୁବନେଶ୍ୱର ପାଣ୍ଡରା ନିକଟ କୁଆଖାଇ ଓ କୁଶଭଦ୍ରା ନଦୀରେ ନଦୀତଟ ବିକାଶ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିରେ ସୁରକ୍ଷା କାର୍ଯ୍ୟ ସହିତ ନଦୀକୂଳ ଘାଟର ବିକାଶ, ରିଂରୋଡ୍ ସହ ଦୃଶ୍ୟ ପଏଣ୍ଟ ବିକାଶ, ଭାସମାନ ଜେଟି, ଲକ୍‌ଗେଟ୍, ସେତୁ, ପାର୍କିଂ, କାଫେଟେରିଆ, ଶୌଚାଳୟ, ନଦୀପଥ ସହ ଆଭ୍ୟନ୍ତରୀଣ ପାଦଚଲା ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ ୮୦ କୋଟି ଟଙ୍କା ବିନିଯୋଗ କରାଯିବ।

ସୂଚନାଯୋଗ୍ୟ, ନଦୀକୂଳରେ ସହର ପାଇଁ ସାମାଜିକ, ସାଂସ୍କୃତିକ ସୁବିଧା ଯୋଗାଇଦେବା ଏହି ଯୋଜନାର ପ୍ରମୁଖ ଉଦ୍ଦେଶ୍ୟ। ସେହିପରି ଯୋଜନା ଅଧୀନରେ ଘରୋଇ ସହଭାଗିତା ମାଧ୍ୟମରେ ଜଳକ୍ରୀଡ଼ା, ମନୋରଞ୍ଜନ ପାର୍କ, ବିଜ୍ଞାନ ପାର୍କ, ହର୍ବାଲ ଉଦ୍ୟାନ ଆଦିର ବିକାଶ ପାଇଁ ମୌଳିକ ଭିତ୍ତିଭୂମି ନିର୍ମାଣ, ନଦୀତଟ କ୍ଷୟ ତଥା ନଦୀ ସଂରଚନାର ନିୟନ୍ତ୍ରଣ, ଆବର୍ଜନା ନିଷ୍କାସନ ପଥ ପରିବର୍ତ୍ତନ କରି ନଦୀଜଳ ସଫା ରଖିବା, ଜଳ ସଂରକ୍ଷଣ ଦ୍ୱାରା ଜଳାଭାବ ସମୟରେ ନିକଟସ୍ଥ ଅଞ୍ଚଳକୁ ପାନୀୟ ଜଳ ଯୋଗାଣ ଏବଂ ସମ୍ବଲର ସ୍ଥାୟୀ ବିକାଶ ସହ ପାରିପାର୍ଶ୍ୱିକ କ୍ଷେତ୍ରକୁ ପୁନର୍ଜୀବିତ କରିବାକୁ ମଧ୍ୟ ଲକ୍ଷ୍ୟ ରଖାଯାଇଛି।

## ବିଡିଓଙ୍କ ବିଲ୍ ପାସ୍ କ୍ଷମତା ବୃଦ୍ଧିକୁ ବିଜେଡିର ଦୃଢ଼ ବିରୋଧ

# ‘ପଞ୍ଚାୟତ ସମିତି କ୍ଷମତା ସଙ୍କୁଚିତ ନିଷ୍ପତ୍ତି ଅଗଣତାନ୍ତ୍ରିକ’

ଭୁବନେଶ୍ୱର, ୧୧।୯ (ସମିସ): ବୁଧବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍‌ରେ ବିଡିଓମାନଙ୍କ ଆର୍ଥିକ ମଞ୍ଜୁରି କ୍ଷମତା ବୃଦ୍ଧି କରାଯାଇଛି। ପଞ୍ଚାୟତ ସମିତି କାର୍ଯ୍ୟର ବିଲ୍ ପାସ କରିବା କ୍ଷେତ୍ରରେ ବିଡିଓମାନଙ୍କ କ୍ଷମତା କୌଣସି ପ୍ରତି ସ୍ୱାକ୍ଷର ବିନା ପୂର୍ବରୁ ୨ ଲକ୍ଷ ଥିବା ବେଳେ ଏହାକୁ ୧୦ ଲକ୍ଷକୁ ବୃଦ୍ଧି କରାଯାଇଛି। ସରକାରଙ୍କ ଏପରି ନିଷ୍ପତ୍ତିକୁ ବିଜେଡି ଦୃଢ଼ ସମାଲୋଚନା କରିଛି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ କୁଠାରଘାତ ସଦୃଶ୍ୟ। ନବୀନ ସରକାରଙ୍କ ସମୟରେ ପଞ୍ଚାୟତ ସମିତିକୁ ପ୍ରଭୂତ କ୍ଷମତା ପ୍ରଦାନ କରାଯାଇଥିବା ବେଳେ ବର୍ତ୍ତମାନର ବିଜେପି ସରକାର ତାହାକୁ ପ୍ରତ୍ୟାହାର କରିବା ପାଇଁ ଅପଚେଷ୍ଟା କରୁଛି। ତେଣୁ, ଏହା ବିରୋଧରେ ଆନ୍ଦୋଳନ କରିବ ବୋଲି ଦଳ ଚେତାବନୀ ଦେଇଛି।

ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ବିଧାୟକ ଡ. ଅରୁଣ କୁମାର ସାହୁ, ଉପସଭାପତି ତଥା ରାଜ୍ୟ ବରିଷ୍ଠ ଗଣମାଧ୍ୟମ ସଂଯୋଜକ ପ୍ରତାପ ଜେନା ଏହି ନିଷ୍ପତ୍ତିକୁ ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ ବୋଲି କହିଛନ୍ତି।

ଡ. ସାହୁ କହିଥିଲେ ଯେ ପୂର୍ବରୁ ୨ଲକ୍ଷରୁ ଉର୍ଦ୍ଧ୍ୱ ପରିମାଣର ବିଲ୍ ଆସିଲେ, ସେଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ପ୍ରତି ସ୍ୱାକ୍ଷର ଆବଶ୍ୟକ ଥିଲା। ପରିବର୍ତ୍ତିତ ନିୟମ ଅନୁଯାୟୀ ବିଲ୍ ମୂଲ୍ୟ ୧୦ ଲକ୍ଷ ପର୍ଯ୍ୟନ୍ତ ଥିଲେ କେବଳ ବିଡିଓଙ୍କ ସ୍ୱାକ୍ଷର ପର୍ଯ୍ୟାପ୍ତ ହେବ। ପଞ୍ଚାୟତ ସମିତି ମାଧ୍ୟମରେ ହେଉଥିବା ବିଭିନ୍ନ କାର୍ଯ୍ୟଗୁଡ଼ିକର ବିଲ୍ ମୂଲ୍ୟ ପ୍ରାୟତଃ ୧୦ ଲକ୍ଷରୁ ତଳେ ରହିଥାଏ। କାଁ ଭାଁ ଗୋଟେ ଅଧେ




ବିଲ୍ ୧୦ ଲକ୍ଷରୁ ଅଧିକ ମୂଲ୍ୟର ଥାଏ। ତେଣୁ ସରକାରଙ୍କ ଏହି ନିଷ୍ପତ୍ତି କେବଳ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ କ୍ଷମତାକୁ ସଙ୍କୁଚିତ କରିବା ପାଇଁ ଉଦ୍ଦିଷ୍ଟ ବୋଲି ସ୍ପଷ୍ଟ। ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ପଞ୍ଚାୟତ ସମିତିରେ ନିର୍ବାଚିତ ପ୍ରତିନିଧି ମାଧ୍ୟମରେ କାର୍ଯ୍ୟ ହେଉଥିବାରୁ ଏହି ନିଷ୍ପତ୍ତି ସମ୍ବିଧାନ ବିରୋଧୀ ବୋଲି ସେ କହିଛନ୍ତି।

ସେ ଆହୁରି କହିଥିଲେ ଯେ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ। ରାଜ୍ୟର ଅଧିକାଂଶ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ବିଜେଡି ଦଖଲରେ ଥିବାରୁ ସେମାନଙ୍କ କ୍ଷମତା ସଂକୁଚିତ କରିବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି। ଅପରପକ୍ଷେ ଏହା କେବଳ ବାବୁରାଜକୁ ପ୍ରୋତ୍ସାହନ ଯୋଗାଉଛି।

ବିରୋଧୀ ଦଳରେ ଥିବା ବେଳେ ବାବୁରାଜ ବିରୋଧରେ

- ବିଡିଓଙ୍କ କ୍ଷମତା ବୃଦ୍ଧି ମାଧ୍ୟମରେ ବାବୁରାଜକୁ ପ୍ରୋତ୍ସାହନ
- ବିଡିଓଙ୍କୁ ଚାପରେ ରଖି ବିଜେପି ନେତାଙ୍କ ପାଇଁ ପିସି ସଂଗ୍ରହ ଲକ୍ଷ୍ୟ

ସ୍ୱର ଉତ୍ତୋଳନ କରିଆସୁଥିବା ବିଜେପି କ୍ଷମତାକୁ ଆସିବା ପରେ ବାବୁରାଜକୁ ପ୍ରୋତ୍ସାହନ ଦେଉଥିବା ଏହି ନିଷ୍ପତ୍ତିରୁ ସ୍ପଷ୍ଟ ହେଉଛି। ଏହା ପୂର୍ବରୁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ପଞ୍ଚାୟତରୁ ଆସୁଥିବା ପ୍ରସ୍ତାବକୁ ପ୍ରତ୍ୟାଖାନ କରିବାକୁ ଜିଲ୍ଲାପାଳଙ୍କୁ କ୍ଷମତା ପ୍ରଦାନ କରାଯାଇଥିଲା। ଏହାଛଡ଼ା ବିଧାୟକମାନେ ମଧ୍ୟ ଏହି ଯୋଜନାର ୪୦ ପ୍ରତିଶତ ପ୍ରସ୍ତାବ ଦେଇପାରିବେ ବୋଲି ସରକାର ନିୟମ କରିଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଯେ ରାଜ୍ୟ ବିଜେପି ସରକାର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧିମାନଙ୍କଠାରୁ କ୍ଷମତା କାଢ଼ିନେଇ ନିଜେ ଉପଭୋଗ କରିବାକୁ ଉଦ୍ୟମ କରୁଛନ୍ତି। ଏହି ନିଷ୍ପତ୍ତି ବିରୋଧରେ ବିଜେଡି ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ।

ବରିଷ୍ଠ ନେତା ପ୍ରତାପ ଜେନା କହିଥିଲେ, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ତୃଣମୂଳସ୍ତରରେ କ୍ଷମତାର ବିକେନ୍ଦ୍ରୀକରଣ। ରାଜ୍ୟ ସରକାର ନିଜ କ୍ଷମତାର ଅପବ୍ୟବହାର କରି ଏପରି ନିଷ୍ପତ୍ତି ନେଇଛନ୍ତି। ବିଡିଓମାନଙ୍କୁ ହାତବାରିସି କରି ଓ ତାଙ୍କ ଉପରେ ଚାପ ପକାଇ ପଞ୍ଚାୟତରେ ହେଉଥିବା କାର୍ଯ୍ୟଗୁଡ଼ିକରୁ ବିଜେପି ନେତାମାନେ କିପରି ପିସି ଆଦାୟ କରିପାରିବେ, ସେଥିପାଇଁ ରାଜ୍ୟ ସରକାର ଏହି ବ୍ୟବସ୍ଥା କରିଛନ୍ତି। ଏହାକୁ ତୁରନ୍ତ ପ୍ରତ୍ୟାହାର କରାନଗଲେ ରାଜ୍ୟର ସମସ୍ତ ବ୍ଲକ୍‌ର ଅଧ୍ୟକ୍ଷ, ପଞ୍ଚାୟତ ସମିତି ସଦସ୍ୟ ଓ ସରପଞ୍ଚମାନଙ୍କୁ ନେଇ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

# ଏନ୍‌କାଉଣ୍ଟରରେ ୧୦ ମାଓବାଦୀ ନିହତ

ନୂଆପଡ଼ା/ମାଲକାନଗିରି, ୧୧।୯ (ସମିସ): ମାଓବାଦୀ ବିରୋଧୀ ଅଭିଯାନରେ ସୁରକ୍ଷାବାହିନୀକୁ ବଡ଼ ସଫଳତା ମିଳିଛି। ଛତିଶଗଡ଼ ଗରିଆବନ୍ଦ ଜିଲ୍ଲା ମୈନପୁରୀ ଜଙ୍ଗଲରେ ସୁରକ୍ଷାବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଜାରି ରହିଛି। ଏହି ସଂଘର୍ଷରେ ୧୦ ମାଓବାଦୀ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଏକ କୋଟି

- ବାଲକୃଷ୍ଣ ମୁଣ୍ଡ ଉପରେ ଥିଲା କୋଟିଏ ଟଙ୍କାର ପୁରସ୍କାର
- ନାରାୟଣପୁରରେ ୧୬ ମାଓବାଦୀଙ୍କ ଆତ୍ମସମର୍ପଣ

ଟଙ୍କା ପୁରସ୍କାର ଥିବା ଦୁର୍ଦ୍ଦାନ୍ତ ନକ୍ସଲି ମୋଡେମ ବାଲକୃଷ୍ଣ ସାମିଲ ରହିଛି। ସେହିପରି ୨ ଯବାନ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏବେ ବି ଉକ୍ତ ଅଞ୍ଚଳରେ ଏସ୍‌ପି ନିଖିଲ ରାଖେଚ ଏହି ସୂଚନା ଦେଇଛନ୍ତି। ଏହି ଏନ୍‌କାଉଣ୍ଟରରେ ସ୍ପେସିଆଲ ଟାର୍କ ଫୋର୍ସ (ଏସ୍‌ଟିଏଫ), ସିଆରପିଏଫର କୋବ୍ରା କମାଣ୍ଡୋ ଏବଂ ରାଜ୍ୟ ପୁଲିସ ବାହିନୀର ଅନେକ ଏଜେନ୍ସି ସାମିଲ ହୋଇଛନ୍ତି।

ରାୟପୁର ରେଞ୍ଜର ଆଇଜି ଅମରେଶ ମିଶ୍ରା କହିଛନ୍ତି ଯେ ମୈନପୁରୀ ଜଙ୍ଗଲରେ ମାଓବାଦୀ ବିରୋଧୀ ଅଭିଯାନ ଚାଲିଥିଲା। ଏହି ସମୟରେ ସୁରକ୍ଷାବାହିନୀ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲା। ଦେଖୁ ଦେଖୁ ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ଆରମ୍ଭ ହୋଇ ଯାଇଥିଲା। ଜଙ୍ଗଲରେ ମାଓବାଦୀଙ୍କ ମୃତଦେହ ପଡ଼ି ରହିଛି। ଆଇଇଡି ଲଗା ଯାଇଥିବା ଆଶଙ୍କା କରାଯାଉଛି। ସେଥିପାଇଁ ରାତିରେ ତଲାସୀ ଅଭିଯାନ ଆରମ୍ଭ କରାଯାଇନାହିଁ।

ଅନ୍ୟପକ୍ଷରେ ନାରାୟଣପୁର ଜିଲ୍ଲାରେ ୧୬ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ବୁଧବାର ସନ୍ଧ୍ୟାରେ ବରିଷ୍ଠ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ଅସ୍ତ୍ର ଛାଡ଼ିଥିଲେ। ନାରାୟଣପୁର ଏସ୍‌ପି କହିଛନ୍ତି ଯେ ଆତ୍ମସମର୍ପଣ କରିଥିବା ବ୍ୟକ୍ତି ମାଓବାଦୀଙ୍କ ଚିନ୍ତାଧାରକୁ ନେଇ ବିଚଳିତ ଥିଲେ। ନିରୀହ ଆଦିବାସୀଙ୍କ ଉପରେ ସେମାନଙ୍କ ଦ୍ୱାରା କରାଯାଇଥିବା ଅତ୍ୟାଚାର ଏବଂ ନିଷିଦ୍ଧ ସଂଗଠନରେ ବଢୁଥିବା ଆଭ୍ୟନ୍ତରୀଣ ମତଭେଦକୁ ନେଇ ବୀତସ୍ପୃହ ହୋଇ ଯାଇଥିଲେ। ସମସ୍ତ ୧୬ ଜଣ ମାଓବାଦୀ ଜନତା ସରକାର, ଚେତନା ନାଟ୍ୟ ମଣ୍ଡଳି ଏବଂ ମାଓବାଦୀଙ୍କ ପଞ୍ଚାୟତ ମିଲିସିଆ ସଦସ୍ୟ ସମେତ ବିଭିନ୍ନ ୟୁନିଟର ନିମ୍ନ ସ୍ତରର କ୍ୟାଡର ଥିଲେ। ନିମ୍ନସ୍ତରରେ କାର୍ଯ୍ୟ କରୁଥିଲେ ମଧ୍ୟ ବିଭିନ୍ନ ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିଲେ।

## କଡ଼ାକଡ଼ି ହେଲା ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା

# ଚାରି ଦ୍ୱାରରେ ପୁଲିସ ପିନ୍ଧିବ ବଡି କ୍ୟାମେରା

ପୁରୀ, ୧୧।୯ (ସମିସ): ଏଣିକି ଶ୍ରୀମନ୍ଦିର ଭିତରକୁ ଆଉ ସନ୍ଦିଗ୍ଧ ବ୍ୟକ୍ତି ପ୍ରବେଶ କରିପାରିବେ ନାହିଁ। ପ୍ରବେଶପଥରେ ଯୁକ୍ତିତର୍କ କରୁଥିବା ବ୍ୟକ୍ତିଙ୍କ ଉପରେ ବି କଡ଼ା ନଜର ରହିବ। ଏଥିପାଇଁ ପୁରୀ ପୁଲିସ ପକ୍ଷରୁ ନୂଆ ପଦକ୍ଷେପ ଆରମ୍ଭ ହୋଇଛି। ବଡ଼ି କ୍ୟାମେରା ଲଗାଇ ସୁରକ୍ଷା କର୍ମୀ ଚାରିଦ୍ୱାରରେ ଜଗିବେ। ଏହାଦ୍ୱାରା ଦର୍ଶନ ବ୍ୟବସ୍ଥା ଆହୁରି ଶୃଙ୍ଖଳିତ ହେବା ସହ ସୁରକ୍ଷା କର୍ମୀମାନେ ସ୍ୱଚ୍ଛତାର ସହ ସେମାନଙ୍କ ଡ୍ୟୁଟି କରିପାରିବେ। ପୁଲିସର ଏଭଳି ପଦକ୍ଷେପକୁ ସବୁ ମହଲରେ ସ୍ୱାଗତ କରାଯାଇଛି।



ପୁଲିସ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଶ୍ରୀମନ୍ଦିର ଚାରିଦ୍ୱାରରେ ନିୟୋଜିତ ପୁଲିସ କର୍ମଚାରୀମାନଙ୍କୁ ବଡି କ୍ୟାମେରା ସହ ସଜ୍ଜିତ କରାଯାଇଛି। ସେଥିରେ ଅଡିଓ ରେକର୍ଡିଂ ଏବଂ ଯଥେଷ୍ଟ ସଂରକ୍ଷଣ କ୍ଷମତା ରହିଛି। ଏହାଦ୍ୱାରା ମନ୍ଦିର ପରିସରରେ ପ୍ରବେଶ କରୁଥିବା ସନ୍ଦିଗ୍ଧ ବ୍ୟକ୍ତିମାନଙ୍କ ଉପରେ ନଜର ରଖିହେବ। ମନ୍ଦିର ଭିତରକୁ ପ୍ରତିବନ୍ଧିତ ସାମଗ୍ରୀ ଆଣିବାକୁ ନିଷେଧ କରିବାରେ ମଧ୍ୟ କ୍ୟାମେରାଗୁଡ଼ିକ ସାହାଯ୍ୟ କରିବ। ଏହାବ୍ୟତୀତ ଅଣସେବାୟତଙ୍କୁ ଚିହ୍ନଟ ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସୁରକ୍ଷା କର୍ମୀମାନଙ୍କୁ ସୁବିଧା ହେବ। ଏହି କ୍ୟାମେରାଗୁଡ଼ିକ ଦ୍ୱାରା ରେକର୍ଡ ହୋଇଥିବା ଫୁଟେଜ୍ ମନ୍ଦିର ଭିତରେ ସାମଗ୍ରିକ ସୁରକ୍ଷା ଏବଂ ସୁରକ୍ଷାକୁ ଉନ୍ନତ କରିବାରେ ସାହାଯ୍ୟ କରିବ। ଏହି ଅଭିନବ ପଦ୍ଧତି ଶ୍ରୀମନ୍ଦିରକୁ ଆସୁଥିବା ଲକ୍ଷଲକ୍ଷ ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକଙ୍କୁ ସୁରକ୍ଷା ଯୋଗାଇବା ସହ ମନ୍ଦିରର ମର୍ଯ୍ୟାଦା ଏବଂ ପବିତ୍ରତାକୁ ବଜାୟ ରଖିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ତହସିଲ ଅଫିସ୍‌ରେ ବାର୍‌ହା ମାଂସର ଆସର

ଢେଙ୍କାନାଳ/ଗଁଦିଆ, ୧୧।୯ (ସମିସ): ଢେଙ୍କାନାଳ ବନଖଣ୍ଡ ଷଡ଼ଙ୍ଗୀ ରେଞ୍ଜ ଅନ୍ତର୍ଗତ ଗଁଦିଆ ତହସିଲ କାର୍ଯ୍ୟାଳୟ ପରିସର ସରକାରୀ ବାସଭବନରେ ବାର୍‌ହା ମାଂସ ଭୋଜିର ଆସର ଜମୁଥିବା ବେଳେ ବନବିଭାଗ ଚଢ଼଼ଉ କରି ମାଂସ ଜବତ କରିବା ସହ ୩ ଜଣଙ୍କୁ ଅଟକ ରଖିଛି। ଅଟକ ଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଜଣେ ରୋଷେୟା, ଜଣେ ସ୍ଥାନୀୟ ବାସିନ୍ଦା ଓ କାର୍ଯ୍ୟାଳୟର ପିଅନ।



ତହସିଲ କାର୍ଯ୍ୟାଳୟ ପରିସରରେ ଥିବା ଏକ ସରକାରୀ ବାସଭବନରେ ବାର୍‌ହା ମାଂସ ରୋଷେଇ ପାଇଁ ପ୍ରସ୍ତୁତି ଚାଲିଥିଲା। କୌଣସି ସୂତ୍ରରୁ ଖବର ପାଇ ଷଡ଼ଙ୍ଗୀ ବନ ବିଭାଗ ପକ୍ଷରୁ ସେଠାରେ ଅଚାନକ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ସେଠାରୁ କଟା ବାର୍‌ହା ମାଂସ ସହ କିଛି ମସଲା, ତେଲ ଓ ଅନ୍ୟ ଖାଦ୍ୟ ସାମଗ୍ରୀ ଜବତ କରାଯାଇଛି। ନିକଟରେ କପିଳାସ ଅଭୟାରଣ୍ୟ ଥିବାରୁ ଏହି ଅଞ୍ଚଳରେ ଜନ୍ତୁଶିକାର ନିୟମିତ ଘଟଣାରେ ପରିଣତ ହୋଇଛି। ବିଶେଷକରି ହରିଣ ଓ

**ରୋଷେଇ ବେଳେ ମାଡ଼ି ବସିଲା ବନ ବିଭାଗ; ୩ ଅଟକ**

ବାର୍‌ହାକୁ ଟାର୍ଗେଟ୍ କରି ଶିକାର କରାଯାଉଛି। ହରିଣ ମାଂସ କେଜି ୩୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ବାର୍‌ହା ମାଂସ ମଧ୍ୟ ୨ଶହ ଟଙ୍କାରେ ମିଳୁଛି। ଆଜିର ଘଟଣା ପରେ କପିଳାସ ଅଭୟାରଣ୍ୟରେ ଜନ୍ତୁ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଲୋକାୟୁକ୍ତରେ ଅଚଳାବସ୍ଥା

## ଖାଲି ପଡ଼ିଛି ଅଧ୍ୟକ୍ଷ ଓ ସଦସ୍ୟ ପଦ

କଟକ, ୧୧।୯ (ସମିସ): ଅଧ୍ୟକ୍ଷ ଓ ସଦସ୍ୟ ପଦ ଦୀର୍ଘ ଦିନ ଧରି ଖାଲି ପଡ଼ିବା କାରଣରୁ ଲୋକାୟୁକ୍ତରେ ଅଚଳାବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗରେ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଉକ୍ତ ପଦବୀ ପୂରଣ ସଂକ୍ରାନ୍ତରେ ଆସନ୍ତା ୨ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ଅଦାଲତ। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାନବାଧିକାର

### ସତ୍ୟପାଠ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ



କର୍ମୀ ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅକ୍ଟୋବର ୧୬ତାରିଖକୁ ଧାର୍ଯ୍ୟ ହୋଇଛି। ଲୋକାୟୁକ୍ତର ଅଧ୍ୟକ୍ଷ, ଜଣେ ବିଚାର ବିଭାଗୀୟ ସଦସ୍ୟ ଏବଂ ଅନ୍ୟ ଦୁଇ ସଦସ୍ୟଙ୍କ ୫ବର୍ଷିଆ କାର୍ଯ୍ୟକାଳ ଯଥାକ୍ରମେ ଗତ ୨୦୨୪ ମାର୍ଚ୍ଚ ୧୯, ୨୦୨୪ ମାର୍ଚ୍ଚ ୩୦, ୨୦୨୪ ଏପ୍ରିଲ ୩ ଓ ଅଗଷ୍ଟ ୭ରେ ଶେଷ ହୋଇଥିଲା। ଗତ ୨୦୨୪ ଅଗଷ୍ଟ ୮ରୁ ଲେକାୟୁକ୍ତରେ ଏଥିପାଇଁ ଅଚଳାବସ୍ଥା ଦେଖାଦେଇଥିବା ଆବେଦନକାରୀ ଦର୍ଶାଇଛନ୍ତି। ୨୦୨୪ ମସିହା ଓ ୨୦୨୫ ମସିହା ମେ’ ମାସ ପର୍ଯ୍ୟନ୍ତ ଲୋକାୟୁକ୍ତଙ୍କ ନିକଟରେ ମୋଟ ୪୪୪ଟି ମାମଲା ରୁଜୁ ହୋଇଥିଲା। ୨୦୨୪ରେ କେବଳ ୧୪୯ଟି ମାମଲା ଫଏସଲା ହୋଇପାରିଥିଲା। ୨୦୨୫ ଜାନୁଆରିରୁ ମେ’ ପର୍ଯ୍ୟନ୍ତ ୮୩ଟି ମାମଲା ଦାୟର ହୋଇଥିଲା। ଲୋକାୟୁକ୍ତରେ ଅଧ୍ୟକ୍ଷ ଓ ସଦସ୍ୟ ପଦଗୁଡ଼ିକ ଖାଲି ପଡ଼ିଥିବାରୁ ଏହି ସବୁ ମାମଲା ବିଚାରାଧୀନ ଥିବା ଆବେଦନକାରୀ ସୂଚନା ଅଧିକାର ଆଇନରେ ହସ୍ତଗତ କରିଥିବା ତଥ୍ୟକୁ ଆବେଦନରେ ଉଲ୍ଲେଖ କରିଛନ୍ତି।

ଓଡ଼ିଶା ଲୋକାୟୁକ୍ତ ଆଇନ-୨୦୧୪ ଅନୁସାରେ, ସରକାର ୨୦୧୯ ଫେବ୍ରୁଆରି ୨୮ରେ ଲୋକାୟୁକ୍ତ ପ୍ରତିଷ୍ଠା କରିଥିଲେ। ୨୦୧୯ ମାର୍ଚ୍ଚ ୨୦ରେ ଲୋକାୟୁକ୍ତ ଅଧ୍ୟକ୍ଷ ଓ ପରବର୍ତ୍ତୀ ସମୟରେ ଏହାର ସଦସ୍ୟମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ୨୦୨୪ ମାର୍ଚ୍ଚ ୨୦ରୁ ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ଅନ୍ୟ ସଦସ୍ୟମାନଙ୍କ କାର୍ଯ୍ୟକାଳ ମଧ୍ୟ ୨୦୨୪ ଅଗଷ୍ଟ ୭ ସୁଦ୍ଧା ସରିଯାଇଛି। ଧାରା-୬ ଅନୁସାରେ ଲୋକାୟୁକ୍ତରେ ଅଧ୍ୟକ୍ଷ ଓ ସଦସ୍ୟ ପଦ ଖାଲି ହେବାର ୩ ମାସ ପୂର୍ବରୁ ଲୋକାୟୁକ୍ତ ଆଇନ ଅନୁସାରେ ପଦ ପୂରଣ ପାଇଁ ପଦକ୍ଷେପ ନିଆଯିବା କଥା। ରାଜ୍ୟ ସରକାର ଗତ ୨୦୨୪ ଫେବ୍ରୁଆରି ୨୧ର ଗେଜେଟ୍ ବିଜ୍ଞପ୍ତି ଅନୁସାରେ ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ପାଇଁ ଚୟନ ଓ ସର୍ଚ୍ଚ କମିଟି ଗଠନ କରିଥିଲେ ସୁଦ୍ଧା ଅଦ୍ୟାବଧି ନିଯୁକ୍ତି ଦିଆଯାଇନଥିବାରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଜିଏ ବିଭାଗର ପ୍ରମୁଖ ସଚିବଙ୍କୁ ଆବେଦନକାରୀ ପକ୍ଷଭୁକ୍ତ କରିଛନ୍ତି।

# ସାର ପାଇଁ ଟଙ୍କା ମାଗୁଛନ୍ତି ସଂପାଦକ

ଧରାକୋଟ/ସୋରଡ଼ା, ୧୧।୯ (ସମିସ): ସାର ଅଭାବକୁ ନେଇ ରାଜ୍ୟବ୍ୟାପୀ ଚାଷୀ ଅସନ୍ତୋଷ ଦେଖାଦେଇଥିବା ବେଳେ ଗଞ୍ଜାମ ଜିଲ୍ଲା ଏଥିରୁ ବାଦ୍ ପଡ଼ିନି। ଏହାକୁ ନେଇ ଧରାକୋଟ ବ୍ଲକ୍‌ର ଦୁଇ ଦୁଇଟି ସେବା ସମବାୟ ସମିତିରେ

- ସମିତି ଅଫିସ୍‌ରେ ଠେଲାପେଲା, ଥାନାରେ ମାମଲା
- ମାଣିକପୁରରେ ସାର ନଦେଇ ଭୟରେ ପଳାଇଲେ ସମ୍ପାଦକ

ଅପ୍ରୀତିକର ପରିସ୍ଥିତି ଦେଖାଦେଇଛି। ରୁଗୁମୁ ସେବା ସମବାୟ ସମିତିରେ ସାର ପାଇଁ ଚାଷୀଙ୍କୁ ଟଙ୍କା ମାଗିବାକୁ କେନ୍ଦ୍ର କରି ସମିତି ସଂପାଦକ ଓ ଜଣେ ଚାଷୀଙ୍କ ମଧ୍ୟରେ ଧସ୍ତାଧସ୍ତି, ଠେଲାପେଲା ଭଳି ପରିସ୍ଥିତି ଉପୁଜିଛି। ଏପରିକି, କଥା ଥାନା ପର୍ଯ୍ୟନ୍ତ ଯାଇଛି। ଏନେଇ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେହିପରି, ମାଣିକପୁର ସେବା ସମବାୟ ସମିତିରେ ଚାଷୀଙ୍କ ଲମ୍ବା ଲାଇନ୍ ଦେଖି ସାର ନଦେଇ ସମ୍ପାଦକ ଭୟରେ ପଳାଇବା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାନୁସାରେ, ଗତ ମଙ୍ଗଳବାର ସାର ନେବା ପାଇଁ ରୁଗୁମୁ ସେବା ସମବାୟ ସମିତି ଆଗରେ ଚାଷୀଙ୍କ ଲମ୍ବା ଲାଇନ ଲାଗିଥିଲା। ପ୍ରାୟ ୮୦୦ରୁ ଅଧିକ ଚାଷୀ ଧାଡ଼ିରେ ଅପେକ୍ଷା କରିଥିଲେ। କିନ୍ତୁ ମାତ୍ର ୪୫୦ ବସ୍ତା ମହଜୁଦ ଥିବାରୁ ସମସ୍ତଙ୍କୁ ସାର ମିଳିପାରି ନଥିଲା। ଏହି ସମୟରେ ଆଡ଼ିବନ୍ଧ ଗ୍ରାମର ଚାଷୀ ଭଜରାମ ସ୍ୱାଇଁ ସାର ପାଇଁ ସମିତି ସମ୍ପାଦକ ବିଜୟ କୁମାର ବିଷୋୟୀଙ୍କୁ କହିବାରୁ ସେ ତାଙ୍କୁ କିଛି ଟଙ୍କା ମାଗିଥିଲେ। କିନ୍ତୁ ଭଜରାମ ମନା



କରିଦେବାରୁ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ଟଙ୍କା ନ ଦେଲେ ସାର ମିଳିବନି ବୋଲି ସମ୍ପାଦକ ବିଜୟ କହିବା ସହ ଭଜରାମଙ୍କୁ ପେଲାଠେଲା କରିଥିଲେ। ତେବେ ଏହାର ପ୍ରତିବାଦ କରିବାରୁ ବିଜୟ ତାଙ୍କୁ ହତ୍ୟା ଧମକ ଦେଇଥିଲେ ବୋଲି ଭଜରାମ ବଡ଼ଗଡ଼ ଥାନାରେ ଏତଲା ଦେଇଛନ୍ତି। ଏହାକୁ ଗୁରୁତ୍ୱର ସହ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ସମ୍ପାଦକ ବିଜୟ ମଧ୍ୟ ଭଜରାମଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କୁ ଭଜରାମ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ସେ ଦର୍ଶାଇଛନ୍ତି। ଥାନା ଅଧିକାରୀ ଶୁଭ୍ରଜିତ ସାମନ୍ତରାୟଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ ଚାଷୀଜଣଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଛି। ପ୍ରକୃତ ଘଟଣାର ଅନୁସନ୍ଧାନ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ, ଗୁରୁବାର ଧରାକୋଟ ବ୍ଲକ୍ ମାଣିକପୁର ସେବା ସମବାୟ ସମିତିରେ ସାର ପାଇଁ ହାଇଡ୍ରାମା ଦେଖିବାକୁ ମିଳିଥିଲା। ସମିତି ଅଧୀନ ୩ଟି ପଞ୍ଚାୟତର ପ୍ରାୟ ୧୫ଶହ ଚାଷୀ ସକାଳୁ ସକାଳୁ ସମିତି ଆଗରେ ଲମ୍ବା ଲାଇନ୍ ଲଗାଇ ଆଧାର କାର୍ଡ ଜମା କରିଥିଲେ। ମାତ୍ର ୪୫୦ ବସ୍ତା ସାର ଗୋଦାମରେ ମହଜୁଦ ଥିବାରୁ କିଛି ଅଘଟଣ ଆଶଙ୍କା କରି ସମ୍ପାଦକ ସାର ନଦେଇ ଚାଲିଯାଇଥିଲେ। ଏହାକୁ ନେଇ ଚାଷୀମହଲରେ ଅସନ୍ତୋଷ ସହ ଉତ୍ତେଜନା ପ୍ରକାଶ ପାଇଥିଲା। ଧରାକୋଟ ବ୍ଲକ ଅଞ୍ଚଳରେ ୟୁରିଆ ସହ ପଟାସ୍ ସାରର ଘୋର ଅଭାବ ଦେଖାଦେଇଛି। ଫଳରେ ଚଳିତବର୍ଷ ଧାନ ଫସଲ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି।

# ଲମ୍ବା ଲାଇନ୍‌ରେ ଆଧାର କାର୍ଡ

ବଣାଇଁ,୧୧।୯ (ସମିସ): ସାରକୁ ନେଇ ଚାଷୀ ରାଜରାସ୍ତାରେ ଆନ୍ଦୋଳନ କରୁଥିବା ବେଳେ ବଣାଇଁରେ ନିଆରା ଦୃଶ୍ୟ ଦେଖିବାକୁ ମିଳିଛି। ଲ୍ୟାମ୍ପସ୍‌କୁ ଆସିଥିବା ଚାଷୀମାନେ ଲମ୍ବା ଲାଇନ୍‌ରେ ଛିଡ଼ା ହେବା ବଦଳରେ ଆଧାର କାର୍ଡ ରଖିଛନ୍ତି। ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ୍ ନରେନ୍ଦ୍ର ଲ୍ୟାମ୍ପସ୍‌ରେ ଗୁରୁବାର ସକାଳୁସକାଳୁ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଲାଇନ୍‌ରେ ନରହି ଚାଷୀ କେବଳ ସେମାନଙ୍କ ଆଧାରକାର୍ଡ ରଖିଥିଲେ। ୪ ଶହରୁ ଉର୍ଦ୍ଧ୍ୱ ଚାଷୀ ଲାଇନ୍‌ରେ ଛିଡ଼ା ହେବା ଅସମ୍ଭବ ହୋଇଥିବାରୁ ରାତି ୧ଟାରୁ ସେମାନେ ଆଧାର କାର୍ଡକୁ ଲାଇନ୍‌ରେ ଥୋଇ ଦେଇଥିଲେ। ଏହି ଲ୍ୟାମ୍ପସ୍‌ରେ ୫୦୦ରୁ ଉର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜିକୃତ କରିଥିବା ବେଳେ ୨୨୦ ବସ୍ତା ସାର ଆସିଛି। ପ୍ରଥମେ ଋଣ ନେଇଥିବା ଚାଷୀଙ୍କୁ ୟୁରିଆ ସାର ଦେବାର ନିୟମ ସରକାର କରିଥିବାରୁ ଅଣ ଋଣୀ ଚାଷୀ ଆଧାରକାର୍ଡ ଲାଇନରେ ଲଗାଇ ଚିନ୍ତାରେ ରହିଛନ୍ତି। ତେବେ କମ୍ ସାର ଥିବା ବେଳେ ଅଧିକ ଚାଷୀ ଲାଇନ୍ ଲାଗିଥିବାରୁ ଚିନ୍ତାରେ ରହିଛନ୍ତି ଲ୍ୟାମ୍ପସ୍ କର୍ତ୍ତୃପକ୍ଷ। ଏଭଳି ଅବସ୍ଥା ଲାଗି ରହିଥିବାରୁ ବଣାଇଁର ବିଭିନ୍ନ ଅଞ୍ଚଳରେ ସାର କଳାବଜାର ହେଉଥିବା ଦେଖିବାକୁ ମିଳିଛି।



# ପୁଲିସକୁ ଭୁଜାଲି ଦେଖାଇ ଟ୍ରାକ୍ଟର୍ ଛଡ଼ାଇନେଲେ

ନୀଳଗିରି, ୧୧।୯ (ସମିସ): ପୁଲିସକୁ ଭୁଜାଲି ଦେଖାଇ ଜବତ ବାଲି ଟ୍ରାକ୍ଟର ଛଡ଼ାଇ ନେଲେ ବାଲିମାଫିଆ। ଏଭଳି ଏକ ଘଟଣା ଘଟିଛି, ବାଲେଶ୍ୱର ଜିଲ୍ଲା ନୀଳଗିରି ତହସିଲ ଅଞ୍ଚଳରେ। ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସୋନ ନଦୀର କାଂଶ ନିକଟ ତିନଦେଶ ଘାଟରୁ ବେଆଇନ



ଭାବେ ନମ୍ବର ବିହୀନ ଏକ ଟ୍ରାକ୍ଟର ଯୋଗେ ବାଲି ଉଠାଯାଉଥିବା ଖବର ପାଇ ଘଟଣାସ୍ଥଳରେ ବାଲେଶ୍ୱରର କନିଷ୍ଠ ଖଣି ଅଧିକାରୀ ସମ୍ବିତ କୁମାର ମଣି ଓ ନୀଳଗିରି କନିଷ୍ଠ ଖଣି ଅଧିକାରୀ ଜିତେନ୍ଦ୍ର କୁମାର ଦାସ ଏକ ସ୍ୱତନ୍ତ୍ର ଟିମ୍ କରି ନୀଳଗିରି ପୁଲିସ ସହାୟତାରେ ଚଢ଼ଉ କରିଥିଲେ। ଘଟଣାସ୍ଥଳରୁ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରି ଅଯୋଧ୍ୟା ଫାଣ୍ଡିକୁ ଆଣୁଥିବା ବେଳେ ପ୍ରତାପପୁର ଛକ ନିକଟରେ ୧୫ଟି ବାଇକ୍‌ରେ ୨୫ରୁ ଉର୍ଦ୍ଧ୍ୱ ବାଲିମାଫିଆ ସେଠାରେ ରୁଣ୍ଡ ହେବା ସହ ଖଣି ଅଧିକାରୀଙ୍କୁ ଅଟକାଇଥିଲେ। ପରେ କନଷ୍ଟେବଲଙ୍କୁ ଭୁଜାଲି ଦେଖାଇ ଉକ୍ତ ଟ୍ରାକ୍ଟର୍‌ଟିକୁ ଛଡ଼ାଇ ନେଇଥିଲେ। ନୀଳଗିରି କନିଷ୍ଠ ଖଣି ଅଧିକାରୀ ଏ ସଂପର୍କରେ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଜଣକୁ ଅଟକ ରଖି ପଚରାଉଚରା ଚଳାଇଛି।





**ପୁଲିସ ବାବୁଙ୍କ ମୋହ**

# ସିପିଙ୍କ ନିର୍ଦ୍ଦେଶ ପରେ ବି ଛାଡୁନାହାନ୍ତି ଗାଦି



■ ବାରମ୍ବାର ଚିଠି ପରେ ଥାନା ଛାଡୁନାହାନ୍ତି ଅଧିକାରୀ
■ ଭବିଷ୍ୟତରେ କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ

ଭୁବନେଶ୍ୱର, ୧୧।୯ (ସମିସ): ପୁଲିସ କମିସନରଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି ଏଏସ୍ଆଇ ଓ ଏସ୍ଆଇ। କମିସନରେଟ ପୁଲିସର ବିଭିନ୍ନ ଥାନା, ସେକ୍ସନ ଓ ରିଜର୍ଭ ଅଫିସରେ କାର୍ଯ୍ୟରତ ଅଧିକାରୀମାନେ ବଦଳି ଅର୍ଡର ପରେ ମଧ୍ୟ ନୂଆ ସ୍ଥାନରେ ଯୋଗଦେବା ପରିବର୍ତ୍ତେ ଗାଦି ମାଡ଼ି ବସି ରହୁଛନ୍ତି। ଗତ ସୋମବାର ପୁଲିସ କମିସନର ଲେଖିଥିବା ଏକ ଚିଠିରେ ଏଭଳି କିଛି କଥା ଉଲ୍ଲେଖ ରହିଛି। ବାରମ୍ବାର ଅବମାନନା ପରେ ବଦଳି ଆଦେଶ ସତ୍ତ୍ୱେ ଥାନା ଛାଡୁ ନ ଥିବା ଅଧିକାରୀଙ୍କୁ ତୁରନ୍ତ ନୂଆ ସ୍ଥାନରେ ଯୋଗ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ପୁଲିସ କମିସନର। ଭବିଷ୍ୟତରେ ମଧ୍ୟ ଏଭଳି ଗାଦି ମାଡ଼ି ବସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାଇ ଦେଇଛନ୍ତି।

ପ୍ରାସଙ୍ଗିକ କାରଣ, ଥାନାଗୁଡ଼ିକରେ ଅଧିକାରୀଙ୍କ ଉପଲବ୍ଧତାକୁ ନେଇ କମିସନରେଟ ପୁଲିସ ମୁଖ୍ୟାଳୟ ପକ୍ଷରୁ ବିଭିନ୍ନ ଅଧିକାରୀମାନଙ୍କ ବଦଳି କରାଯାଇଥାଏ। ହେଲେ କମିସନରେଟ ପୁଲିସର ବିଭିନ୍ନ ଥାନା, ସେକ୍ସନ ଓ ରିଜର୍ଭ ଅଫିସରେ କାର୍ଯ୍ୟରତ ଏଏସ୍ଆଇ ଓ ଏସ୍ଆଇ ମାନେ ବଦଳିର ଦୀର୍ଘଦିନ ପରେ ମଧ୍ୟ ଗାଦି ଛାଡୁ ନଥିବା ପୁଲିସ କମିସନରଙ୍କ ନଜରକୁ ଆସିଛି। ବିଭିନ୍ନ ସ୍ଥାନରେ ଆବଶ୍ୟକତା ଓ ଅନ୍ୟାନ୍ୟ ଦୃଷ୍ଟିରୁ ଅଧିକାରୀମାନଙ୍କୁ ବଦଳି କରାଯାଉଥିଲେ ହେଁ ସେମାନେ ନୂଆ ସ୍ଥାନରେ ଯୋଗ ଦେଉନାହାନ୍ତି।

ସେପଟେ ଗତମାସ ୩୦ ତାରିଖ ଦିନ ଭୁବନେଶ୍ୱର ଡିସିପି ଚନ୍ଦକା ଥାନାର ଜଣେ ମହିଳା ଏଏସ୍ଆଇ ଛବି ଜେନାଙ୍କୁ ବାଲିପାଟଣା ଥାନାକୁ ବଦଳି କରିଥିଲେ। ସେ ଚଳିତ ମାସ ୫ ତାରିଖ ଦିନ ବାଲିପାଟଣା ଥାନାରେ ଯୋଗ ଦେଇ ସାରିବା ପରେ ଆଉ ଏକ ଅର୍ଡର ପାଇଥିଲେ। ସେପ୍ଟେମ୍ବର ୨ ତାରିଖ ଦିନ ପୁଲିସ କମିସନର ତାଙ୍କୁ କଟକ ୟୁପିଡିକୁ ବଦଳି କରିଥିବା ଜାଣିବାକୁ ପାଇଥିଲେ। ପୁଲିସ କମିସନରଙ୍କ ଏହି ଅର୍ଡରଟି ୨ ତାରିଖର ହୋଇଥିଲେ ମଧ୍ୟ ଛବିଙ୍କ ନିକଟରେ ପହଞ୍ଚି ପାରି ନ ଥିଲା। ଫଳରେ ସେ କଟକ ୟୁପିଡି ବଦଳରେ ବାଲିପାଟଣା ଥାନାରେ ଯୋଗ ଦେଇଥିଲେ। ଗୋଟିଏ ଅଧିକାରିଣୀଙ୍କର ଦୁଇଟି ବଦଳି ଅର୍ଡରରୁ ସିପି ଓ ଡିସିପିଙ୍କ ମଧ୍ୟରେ ତାଳମେଳ ନ ଥିବା କଥା ସ୍ପଷ୍ଟ ହୋଇଥିଲା।

ଅନେକ କ୍ଷେତ୍ରରେ ଏଏସ୍ଆଇ ଓ ଏସ୍ଆଇଙ୍କ ବଦଳି ହେଉଥିଲେ ମଧ୍ୟ ଥାନା ଅଧିକାରୀ ଓ ସେକ୍ସନ ଇନଚାର୍ଜ ମାନେ ରିଲିଭ୍ କରୁ ନ ଥିବାରୁ ସେମାନେ ନୂଆ ସ୍ଥାନରେ ଯୋଗ ଦେଇ ପାରୁନାହାନ୍ତି। ତେବେ ଏଭଳି ଘଟଣା ପରେ ଚେତିଛନ୍ତି କମିସନରେଟ ପୁଲିସ ମୁଖିଆ। ଏଣିକି ବଦଳି ଅର୍ଡରର ୩ ଦିନ ମଧ୍ୟରେ ସମ୍ପୃକ୍ତ ଅଧିକାରୀଙ୍କୁ ରିଲିଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବଦଳି ନିର୍ଦ୍ଦେଶ ପରେ ଅଧିକାରୀଙ୍କୁ ରିଲିଭ କରିବା ଥାନା ଅଧିକାରୀଙ୍କ ଇଚ୍ଛାଧୀନ ବ୍ୟାପାର ନୁହଁ ବୋଲି ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି। ରିଲିଭ୍ ନ କରିବାର କୌଣସି ବୈଧ କାରଣ ଥିଲେ ଥାନା ଅଧିକାରୀମାନେ ପୁଲିସ କମିସନରଙ୍କ ଠାରୁ ଅନୁମତି ଆଣିବେ ବୋଲି କୁହାଯାଇଛି। ଏଥିରେ କୌଣସି ଖିଲାପ କରିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାଇ ଦେଇଛନ୍ତି ପୁଲିସ କମିସନର। ଏନେଇ ପୁଲିସ କମିସନର ଡଃ ସୁରେଶ ଦେବଦତ୍ତ ସିଂ ଗତ ସୋମବାର ଦିନ ଭୁବନେଶ୍ୱର, କଟକ ଓ ଟ୍ରାଫିକ ଡିସିପି ଏବଂ ସବୁ ଜୋନ୍ ଏସିପିଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି।

## ପ୍ରେମିକାକୁ ଦୁଷ୍କର୍ମ କରି ପ୍ରେମିକ ଗିରଫ



ଭୁବନେଶ୍ୱର, ୧୧।୯ (ସମିସ): ପ୍ରେମିକାକୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ପ୍ରେମିକକୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ କୋକସିଂ ଗାଁର ସୌମ୍ୟରଞ୍ଜନ ବେହେରା ଓରଫ୍ ଆଲୋକ (୨୩)। ପୁଲିସ ସୂଚନା ଅନୁସାରେ, ୨୦୨୨ ମସିହାରେ ଅଭିଯୋଗକାରିଣୀ ଓ ଆଲୋକ ତମାଣ୍ଡୋ ଅଞ୍ଚଳରେ ଥିବା ଏକ କ୍ୟାରିଅର ଏକାଡେମୀରେ ଟ୍ରେନିଂ ସମୟରେ ଉଭୟଙ୍କ ପରିଚୟ ହୋଇଥିଲା। ଏହାପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ବିଚ୍ଛେଦ ଘଟିଥିଲା। ଗତକାଲି ଦିନ ୧୨ଟା ପ୍ରାୟ ସମୟରେ ଅଭିଯୋଗକାରିଣୀ ତମାଣ୍ଡୋସ୍ଥିତ ଭଡ଼ା ଘରେ ଏକା ଥିବାବେଳେ ଆଲୋକ ତାଙ୍କୁ ଜୋରଜବରଦସ୍ତି ଦୁଷ୍କର୍ମ କରିଥିଲା। ଏହାପରେ ପୀଡ଼ିତାଙ୍କୁ ଆକ୍ରମଣ କରି ଅଟକ ରଖିଥିଲା ଓ ତାଙ୍କର ଅଶ୍ଳୀଳ ଫଟୋ ଭାଇରାଲ କରିବାକୁ ଧମକ ଦେଇଥିଲା। ପୀଡ଼ିତା ପ୍ରତିରୋଧ କରିବାରୁ ପୁଣି ମାଡ଼ ମାରିଥିଲା। ଫଳରୁ ସେ ଆହତ ହୋଇଥିଲେ। ଏନେଇ ପୀଡ଼ିତା ତମାଣ୍ଡୋ ଥାନାରେ ଏତଲା ଦେବାପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଆଜି ସକାଳେ ଆଲୋକକୁ ଗିରଫ କରିବା ସହ ଦୁଇଟି ମୋବାଇଲ୍ ଫୋନ୍ ଜବତ କରିଥିଲା।

## ଜେଲ୍ ଗଲେ ୨ ମଦ ବେପାରୀ

ବାଲିଅନ୍ତା, ୧୧।୯(ସମିସ): ବାଲିଅନ୍ତା ଥାନା ପୁଲିସ ଆଜି ଚୋରା ମଦ ବିକ୍ରି ଅଭିଯୋଗରେ ୨ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ମଦ ବେପାରୀ ଦ୍ୱୟ ହେଲେ ବୁଦ୍ଧିପଡ଼ା ଗ୍ରାମର ପ୍ରଭାତ ପ୍ରଧାନ ଏବଂ ବଡ଼ଗଡ଼ ଥାନା ଅଧୀନ କେଶୁରାର ସନ୍ୟାସୀ ପାତ୍ର। ପ୍ରଭାତ ନିକଟରୁ ପୁଲିସ ସ୍କୁଟି ସମେତ ୧୫ ଲିଟର ବିଦେଶୀ ଓ ଦେଶୀ ମଦ ଜବତ କରିଥିଲା। ସେହିପରି ତଲଗଡ଼ ଛକ ନିକଟରେ ସନ୍ୟାସୀ ନିକଟରୁ ୧୪ ଲିଟର ଦେଶୀ ମଦ ଜବତ କରିଥଲା।

# ବାଣୀବିହାରରେ ମାଳମାଳ ବସ୍ତି

**ବିଏମ୍‌ସି ସହଯୋଗରେ ବସ୍ତିମୁକ୍ତ ହେବ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ**



ଭୁବନେଶ୍ୱର, ୧୧।୯ (ସମିସ): ବାଣୀବିହାର ହଷ୍ଟେଲ୍‌ରୁ ଅଣଛାତ୍ରଙ୍କୁ ବିଦା କରିବା ପରେ କ୍ୱାର୍ଟର୍ସ ଜବରଦଖଲ ମୁକ୍ତ କରାଯାଇଛି। ଅସୁରକ୍ଷିତ ଘୋଷଣା ହୋଇଥିବା କିମ୍ବା କାହାକୁ ଆବଣ୍ଟନ ହୋଇ ନ ଥିବା କ୍ୱାର୍ଟର୍ସରେ ଅବୈଧ ଭାବେ ରହୁଥିବା ଲୋକଙ୍କୁ ବିଦା କରାଯାଇଛି। ହେଲେ କିଛି କର୍ମଚାରୀଙ୍କ ନାମରେ ଆଲର୍ଟ ହୋଇଥିବା କ୍ୱାର୍ଟର୍ସରେ ଅନ୍ୟମାନେ ଭଡ଼ାରେ ରହୁଥିଲେ ମଧ୍ୟ ସେମାନଙ୍କୁ ଚିହ୍ନଟ କରାଯାଇ ନାହିଁ। ସେହିପରି କ୍ୱାର୍ଟର୍ସ ପାର୍ଶ୍ୱକୁ ଲାଗି ଘର ନିର୍ମାଣ କରି ଅନେକ ଲୋକ କ୍ୟାମ୍ପସ୍‌ରେ ରହୁଛନ୍ତି। ଏହାପରେ ସେମାନଙ୍କୁ ଉଚ୍ଛେଦ କରିବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅଣ୍ଟା ଭିଡ଼ିଛନ୍ତି। ବିଏମ୍‌ସି ସହ ଆଲୋଚନା ଜାରି ରହିଥିବାବେଳେ ଖୁବ୍ ଶୀଘ୍ର ଉଚ୍ଛେଦ ପ୍ରକ୍ରିୟା କରାଯିବ ବୋଲି କୁଳପତି କହିଛନ୍ତି। ଅପରପକ୍ଷରେ କ୍ୟାମ୍ପସ୍‌ରେ ଗଢ଼ିଉଠିଥିବା ବସ୍ତି ଉଚ୍ଛେଦ କରିବା ଆଉ ଏକ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି।

ଆଜବେଷ୍ଟସ୍ ଦୁଇ ଫାଳରୁ ଆରମ୍ଭ ହୋଇଥିବା ଘର ସମୟକ୍ରମେ ବିରାଟ ଆକାର ନେଉଛି। ଯେତେବେଳେ ଇଚ୍ଛା ହେଲା ସେତେବେଳେ ଆକାର ବଢ଼ାଉଛନ୍ତି। ଖାଲି ସ୍ଥାନରେ ନୂତନ ନିର୍ମାଣ କରୁଛନ୍ତି। ପାଣି ଓ ବିଜୁଳି ପାଇବାରେ ମଧ୍ୟ କୌଣସି ଅସୁବିଧା ନାହିଁ। କିଛି ହାତଗୁଞ୍ଜା ଦେଲେ ଘରକୁ ପାଇପ୍ ବିଛାଇ ପାଣି ଓ ବିଦ୍ୟୁତ୍ ମିଳିଯାଉଛି। ଫଳରେ ଘର ନିର୍ମାଣ କରି ଭଡ଼ାରେ ଲଗାଇବାକୁ ମଧ୍ୟ ପଛାଉନାହାନ୍ତି। ଫଳରେ ପ୍ରାୟ ୨ଶହରୁ ଅଧିକ ଘର ନିର୍ମାଣ ହୋଇ କ୍ୟାମ୍ପସ୍ ଭିତରେ ବସ୍ତି ବସିଲାଣି। ମଙ୍ଗଳା ମନ୍ଦିର, ପରୀକ୍ଷା ହଲ୍ ଓ ତ୍ରିନାଥ ମନ୍ଦିର ପାର୍ଶ୍ୱରେ ଅନେକ ଘର ଗଢ଼ିଉଠିଛି। ଘରଗୁଡ଼ିକୁ ଦେଖିଲେ କାହିଁ କେତେ ଦିନରୁ ନିର୍ମାଣ ହୋଇଥିବା ବାରି ହେଉଛି। ସବୁ ଘରକୁ ପାଣି ଓ ବିଦ୍ୟୁତ୍ ସଂଯୋଗ ରହିଛି। କର୍ତ୍ତୃପକ୍ଷଙ୍କ ଅଜାଣତରେ ଏହା ଦୀର୍ଘ ବର୍ଷରୁ କିପରି ସମ୍ଭବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କ୍ୱାର୍ଟର୍ସ ପାଖକୁ ଲଗାଇ ବେଧଡ଼କ ଭାବେ ଘର ନିର୍ମାଣ କରୁଛନ୍ତି। ଅନେକ ପ୍ରଭାବଶାଳୀ ଲୋକ ସେଗୁଡ଼ିକୁ ଭଡ଼ାରେ ମଧ୍ୟ ଲଗାଉଛନ୍ତି। କ୍ୱାର୍ଟର୍ସରେ ରହୁଥିବା କିଛି ପୂର୍ବତନ କର୍ମଚାରୀ ଆଉ ଗାଁକୁ ଫେରୁ ନାହାନ୍ତି। ତା ପାଖକୁ ଘର କରି ପରପିଢ଼ୀ ପାଇଁ ବ୍ୟବସ୍ଥା କରିଛନ୍ତି। ବସ୍ତି ପାଇଁ ବିଶ୍ୱବିଦ୍ୟାଳୟରେ ନିଶା କାରବାର ବଢ଼ୁଥିବା ଛାତ୍ର ଓ ପୂର୍ବତନ ଛାତ୍ରମାନେ ବାରମ୍ବାର ଅଭିଯୋଗ କରୁଛନ୍ତି। ଏଣୁ ବିଶ୍ୱବିଦ୍ୟାଳୟରେ ଚାଲିଥିବା ଉଚ୍ଛେଦ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଖୁବଶୀଘ୍ର ବସ୍ତିମୁକ୍ତ କରିବାକୁ ଛାତ୍ରଛାତ୍ରୀମାନେ ଦାବି କରିଛନ୍ତି।

**ବଳକା ମୂର୍ତ୍ତିର ବିକଳ୍ପ ବିନିଯୋଗ**

# ଗଣେଶଙ୍କ ଦେହ; ବିଶ୍ୱକର୍ମାଙ୍କ ମସ୍ତକ

ଭୁବନେଶ୍ୱର, ୧୧।୯(ସମିସ): ପଛକୁ ପଛ ଲାଗି ଲାଗି ରହିଛି ବିଭିନ୍ନ ଦେବା ଦେବୀଙ୍କ ପୂଜା। ଏଥିପାଇଁ ମୂର୍ତ୍ତି କାରିଗରାମାନେ ଦିନରାତି ଲାଗି ମୂର୍ତ୍ତି ତିଆରି କରୁଛନ୍ତି। କିନ୍ତୁ ଯେତିକି ବି ମୂର୍ତ୍ତି ତିଆରି କରୁଛନ୍ତି ସେଥିରୁ ଯଦି କିଛିଟା ବଳକା ରହିଯାଉଛି ତେବେ ସେଥିରେ ଅନ୍ୟ ଦେବାଦେବୀଙ୍କ ମୂର୍ତ୍ତି ତିଆରି କରାଯାଇପାରୁଛି। ଏହା କେବଳ ସମ୍ଭବ ହୋଇଛି ଜଣେ ଦକ୍ଷ ମୂର୍ତ୍ତି କାରିଗରଙ୍କ କ୍ଷେତ୍ରରେ।

ସ୍ମାର୍ଟ ସିଟି ହେଉ ଅବା ଉପକଣ୍ଠରେ ପୂଜା ମାହୋଲ ଆରମ୍ଭରୁ ଗଣେଶ ପୂଜା ପଡୁଥିବାରୁ କାରିଗରମାନେ ପ୍ରଥମେ ଗଣେଶଙ୍କୁ ତିଆରି କରିଥାନ୍ତି। ବରାଦିଆ ସହିତ ବଜାରରେ ଗଣେଶ ମୂର୍ତ୍ତି ବିକ୍ରି ପରେ ଆଉ ଯେତିକି ମୂର୍ତ୍ତି ବଳିପଡ଼େ ସେଥିରେ ବିଶ୍ୱକର୍ମାଙ୍କ ମୂର୍ତ୍ତି ତିଆରି କରୁଛନ୍ତି। ଗଣେଶଙ୍କ ମୂର୍ତ୍ତିରୁ କେବଳ ମଥା କଢ଼ା ଯାଇ ସେଥିରେ ବିଶ୍ୱକର୍ମାଙ୍କ ମଥା ଲାଗାଯାଉଛି। ଏଥିସହିତ ଗଣେଶଙ୍କ ପେଟକୁ ଟିକେ ସମାନ କରାଯା।ଉଛି। କିନ୍ତୁ ଖୁଦୁରୁକୁଣି ମୂର୍ତ୍ତି ଆବଶ୍ୟକତାଠାରୁ କମ୍ ଗଢ଼ା ଯାଉଥିବାରୁ ତାହା ଅଭାବ୍ ପଡୁଛି ବୋଲି କହିଛନ୍ତି କାରିଗର। ଯଦି କେଉଁ ବର୍ଷ ଖୁଦୁରୁକୁଣି ମୂର୍ତ୍ତି ବଳକା ରହିଯାଉଛି ସେଥିରେ କେବଳ ଫ୍ରେମ୍ କଢ଼ାଯାଇ ଅନ୍ୟ ମୂର୍ତ୍ତି ଦେହରେ ଲାଗାଯାଇଥାଏ। ଠିକ୍ ଏହିପରି ମଧ୍ୟ ବିଶ୍ୱକର୍ମା ପୂଜା ପରେ ବଳକା ବିଶ୍ୱକର୍ମା ମୂର୍ତ୍ତିରୁ ଗଜଲକ୍ଷ୍ମୀ ମୂର୍ତ୍ତି କରାଯାଉଛି। ବିଶ୍ୱକର୍ମା ମୂର୍ତ୍ତିରୁ ମଥା କାଢ଼ିବା ପରେ ବିଶ୍ୱକର୍ମା ମୂର୍ତ୍ତିକୁ ଦେବୀ ମୂର୍ତ୍ତିରେ ପରିଣତ କରାଯାଏ। ଯେହେତୁ ବିଶ୍ୱକର୍ମା ହସ୍ତୀ ଉପରେ ବିରାଜମାନ କରିଥିବା ବେଳେ ଗଜଲକ୍ଷ୍ମୀ ମଧ୍ୟ ହାତୀ ଉପରେ ବିରାଜମାନ ହୋଇଥାନ୍ତି। ଏଥିସହିତ ବିଶ୍ୱକର୍ମାଙ୍କର ୪ଟା ହସ୍ତ ତିଆରି ହୋଇଥିବା ବେଳେ ଗଜଲକ୍ଷ୍ମୀଙ୍କର ମଧ୍ୟ ୪ ଟା ହସ୍ତ ରହିଥାଏ। ଏଥିପାଇଁ ବଳକା ବିଶ୍ୱକର୍ମା ମୂର୍ତ୍ତିରେ ଗଜଲକ୍ଷ୍ମୀଙ୍କୁ କରିବା ସହଜ ହେଉଛି। ହେଲେ ଦୁର୍ଗା କିମ୍ବା କାର୍ତ୍ତିକେୟ ମୂର୍ତ୍ତି କରିବା ସହଜ ହେଉନାହିଁ। ଯେହେତୁ ବିଭିନ୍ନ ମଣ୍ଡପରେ ଦୁର୍ଗାଙ୍କର ମୂର୍ତ୍ତି ତିଆରି କରାଯାଉଛି ଏଥିପାଇଁ ଦୁର୍ଗା ମୂର୍ତ୍ତି ସମ୍ଭବ ହୋଇପାରୁନାହିଁ। ଠିକ୍ ଏମିତି କାର୍ତ୍ତିକେୟଙ୍କ ମୂର୍ତ୍ତି ମଧ୍ୟ କରିବା ସମ୍ଭବ ହେଉନାହିଁ। ଯେହେତୁ କାର୍ତ୍ତିକେୟଙ୍କର ଦୁଇ ହସ୍ତ ରହିବା ସହିତ ମୟୂର ବାହାନ ରହୁଛନ୍ତି ଏଥିପାଇଁ କାର୍ତ୍ତିକ ମୂର୍ତ୍ତି କରାଯାଉନାହିଁ।



**ବିଶ୍ୱକର୍ମାରୁ ଗଜଲକ୍ଷ୍ମୀ ମୂର୍ତ୍ତି କରିବ ସହଜ**

ତମାଣ୍ଡୋ ଅଞ୍ଚଳର ଜଣେ ମୂର୍ତ୍ତି କାରିଗର କୁହନ୍ତି ଦେବତାଙ୍କ ମୂର୍ତ୍ତିରେ ଦେବୀ ମୂର୍ତ୍ତି ହୋଇପାରିବ। ହେଲେ ଦେବୀ ମୂର୍ତ୍ତିରେ ଦେବତାଙ୍କ ମୂର୍ତ୍ତି ତିଆରି ହୋଇ ପାରିବନାହିଁ ବୋଲି କହିଛନ୍ତି। ଆହୁରି ମଧ୍ୟ କହିଛନ୍ତି ବିଶେଷତଃ ମୂର୍ତ୍ତି ତିଆରି କରିବା ପାଇଁ ଗୋଟେ ମୂର୍ତ୍ତିକୁ ୪ ରୁ ୫ ଦିନ ସମୟ ଲାଗିଥାଏ ହେଲେ ବଳକା ମୂର୍ତ୍ତିରୁ ଦେବୀ ମୂର୍ତ୍ତି କରିବା ପାଇଁ ୨ ଦିନ ସମୟ ଲାଗିଥାଏ। ସବୁ ମୂର୍ତ୍ତି ୧ ଫୁଟ ରୁ ନେଇ ୧୦ ଫୁଟ ପର୍ଯ୍ୟନ୍ତ ମୂର୍ତ୍ତି ତିଆରି କରାଯାଉଛି। ବରାଦିଆ ମୂର୍ତ୍ତି ହେଲେ ଅଧିକ ଉଚ୍ଚାର ତିଆରି କରୁଛନ୍ତି। ଦର ସବୁ ୧ ହଜାର ଟଙ୍କାର ନେଇ ୨୦ ରୁ ୨୫ ହଜାର ଟଙ୍କା ଭିତରେ ରହୁଛି ବୋଲି ସେ କହିଛନ୍ତି।

## ୧୧ ଲକ୍ଷର ବ୍ରାଉନସୁଗର ଜବତ; ବେପାରୀ ଗିରଫ

ଭୁବନେଶ୍ୱର, ୧୧।୯ (ସମିସ): ବେଆଇନ ବ୍ରାଉନସୁଗର କାରବାର ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଅବକାରୀ ରେଞ୍ଜ ୧ ଥାନା। ଗିରଫ ଅଭିଯୁକ୍ତ ହେଉଛି ଖାରବେଳ ନଗର ଥାନା ଅଧୀନସ୍ଥ ରାଜକୁମାର ବସ୍ତିର କୃଷ୍ଣଚନ୍ଦ୍ର ସାହୁ (୩୨)।

ପୁଲିସ ସୂଚନାନୁସାରେ, ସତ୍ୟନଗର ଅଞ୍ଚଳରେ ବ୍ରାଉନସୁଗର କାରବାର ଚାଲିଥିବା ଖବର ପାଇ ଅବକାରୀ ରେଞ୍ଜ ୧ ଥାନା ପୁଲିସ ଚଢ଼ଉ କରିଥିଲା। ରାଜକୁମାର ବସ୍ତିରୁ କୃଷ୍ଣଚନ୍ଦ୍ରକୁ ଅଟକ ରଖି ଯାଞ୍ଚ କରିଥିଲା। ତଲାସୀ ବେଳେ ତା ହେପାଜତରୁ ୧୧୦ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା। ସେ ବାଲେଶ୍ୱର ଅଞ୍ଚଳରୁ ବ୍ରାଉନସୁଗର ଆଣି ଭୁବନେଶ୍ୱରରେ ଥିବା ବିଭିନ୍ନ ବେପାରୀଙ୍କୁ ଯୋଗାଉଥିବା ସ୍ୱୀକାର କରିଥିଲା। ଏନେଇ ଅବକାରୀ ଥାନା ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି କୃଷ୍ଣଚନ୍ଦ୍ରକୁ କୋର୍ଟ ଚାଲାଣ କରିଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୧୧ ଲକ୍ଷ ଟଙ୍କା ହେବ ବୋଲି ପୁଲିସ କହିଛି।

**● କ୍ରୁଟର ବୋର୍ଡ ବୈଠକ**

## ସହରାଞ୍ଚଳ ପରିବହନ ବୃଦ୍ଧି ପାଇଁ ରଣନୀତି



ଭୁବନେଶ୍ୱର, ୧୧।୯ (ସମିସ): କ୍ୟାପିଟାଲ ରିଜନ ଅର୍ବାନ ଟ୍ରାନ୍ସପୋର୍ଟର ୫୦ତମ ବୋର୍ଡ ବୈଠକ ଗୁରୁବାର ଦିନ ରାଜ୍ୟ ଉନ୍ନୟନ କମିସନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ କ୍ରୁଟ ଅଧକ୍ଷା ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ନିର୍ଦ୍ଦେଶକ ମଣ୍ଡଳୀ କ୍ରୁଟର କାର୍ଯ୍ୟ ଓ ଆଗାମୀ ଦିନରେ ବୃଦ୍ଧି ହେବାକୁ ଥିବା କାର୍ଯ୍ୟ ପରିସର ଉପରେ ସମୀକ୍ଷା କରିଥିଲେ। ସେହିଭଳି ରାଜ୍ୟରେ ସହରାଞ୍ଚଳ ପରିବହନକୁ ବୃଦ୍ଧି କରିବା ପାଇଁ ପ୍ରମୁଖ ରଣନୀତି ଉପରେ ଆଲୋଚନା ହୋଇଛି। ସୁରକ୍ଷା, ସେବା ଗୁଣବତ୍ତା ଏବଂ ଆମ ବସ୍ ସେବା ବିସ୍ତାର ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲ। ଯାହା ଓଡ଼ିଶାର ସ୍ଥାୟୀ ଗତିଶୀଳତା ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ।

ବୈଠକରେ କ୍ରୁଟର ଉପାଧ୍ୟକ୍ଷ ଉଷା ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ର, ରାଜ୍ୟ ପରିବହନ କମିସନର ଅମିତାଭ ଠାକୁର, କଟକ ଭୁବନେଶ୍ୱର ପୁଲିସ କମିଶନର ଏସ. ଦେବ ଦତ୍ତ ସିଂହ, କଟକର କେନ୍ଦ୍ରୀୟ ରେଞ୍ଜର ପୁଲିସ ଡିଆଇଜି ଡଃ. ସତ୍ୟଜିତ ନାଏକ ଏବଂ କ୍ରୁଟ ପରିଚାଳନା ନିର୍ଦ୍ଦେଶକ ଡଃ. ଏନ. ଥିରୁମାଲା ନାଏକ ଉପସ୍ଥିତ ଥିଲେ। ବର୍ତ୍ତମାନ ଦୈନିକ ତିନି ଲକ୍ଷରୁ ଅଧିକ ଲୋକଙ୍କୁ ଯାତାୟତ ସେବା ଯୋଗାଇ ଦେଉଥିବା କ୍ରୁଟ ଏହାର ୬୭୦ଟି ଆମ ବସ୍ ସହିତ ଏକ ଅତ୍ୟନ୍ତ ସୁଲଭ ସାର୍ବଜନୀନ ପରିବହନ ଇକୋସିଷ୍ଟମ ସୃଷ୍ଟି କରିଛି ଯାହା ୧୩୯ ୯ କିଲୋମିଟର ନେଟୱାର୍କ ମଧ୍ୟରେ ୨୯୦ ଟି ଇ-ବସ୍ ସହିତ ୧୧୫ ଟି ରୁଟରେ ପ୍ରାୟ ୨୦୯ ୯ ଟି ବସ୍ ଷ୍ଟପ୍ ରହିଛି। କେନ୍ଦୁଝର, ବାରିପଦା, ଅନୁଗୁଳ, ଝାରସୁଗୁଡା, ବ୍ରହ୍ମପୁର ଏବଂ ସମ୍ବଲପୁରରେ ନୂତନ ଇଲେକ୍ଟ୍ରିକ୍ ବସ୍ ମୁତୟନ ହେବ। ଯାତ୍ରୀ ସୁରକ୍ଷା ବୃଦ୍ଧି କରିବା ପାଇଁ ସମସ୍ତ ନୂତନ ବସ୍ ରେ ଇନବିଲ୍ଟ ଆଡଭାନ୍ସଡ୍ ଡ୍ରାଇଭର୍ ଆସିଷ୍ଟାନ୍ସ ସିଷ୍ଟମ୍ କ୍ୟାମେରାର ବ୍ୟବହାର ହେବ।

# ଚାର୍ଜସିଟ୍‌ରେ ତ୍ରୁଟି ପାଇଁ ଖସି ଯାଉଛନ୍ତି ଅପରାଧୀ

■ ରାଜଧାନୀରେ ହେଉନି ମାମଲାର ସୁପରିଭିଜନ
■ ଅନୁନ୍ନତ ଜିଲ୍ଲାଠାରୁ ଢେର ପଛରେ ଭୁବନେଶ୍ୱର

ଭୁବନେଶ୍ୱର, ୧୧।୯ (ସମିସ): ସିସିଟିଏନ୍ଏସ୍ ର୍ୟାଙ୍କିଙ୍ଗ୍ ପ୍ରକାଶ ପାଇବା ପରେ କମିସନରେଟ୍ ପୁଲିସର ଅସଲ ଚେହେରା ଧୀରେ ଧୀରେ ପଦାକୁ ଆସୁଛି। କଟକ ୟୁପିଡି କମିସନରେଟ୍ ପୁଲିସ ଅଧୀନରେ ଯାଉଥିବା ବେଳେ ସେଠାର ପୁଲିସ ଭଲ କାମ କରୁଥିବା ବେଳେ ଭୁବନେଶ୍ୱର ନ ହେବା ଚିନ୍ତାର ବିଷୟ ପାଲଟିଛି। କଟକ ୟୁପିଡି ସିସିଟିଏନ୍ଏସ୍' ର୍ୟାଙ୍କିଙ୍ଗ୍‌ରେ ଦ୍ୱିତୀୟରେ ଥିବା ବେଳେ ଭୁବନେଶ୍ୱର ୧୫ ନମ୍ବରରେ ରହିଛି। ଯାହାକି ଏଠାର ପୁଲିସର ପାରିବା ପଣିଆ ପଦାରେ ପଡ଼ିଛି।

ରାଜଧାନୀ ପୁଲିସ ଘନ ଘନ ବୈଠକ କରି ପୁଲିସ ଅଧିକାରୀ ପରାମର୍ଶ ଦିଆଯାଉଥିବା ବେଳେ କାମରେ ତାହା କିଛି ଆସୁନି। ସବୁ କ୍ଷେତ୍ରରେ ଅନ୍ୟ ଜିଲ୍ଲା ପୁଲିସ ଠାରୁ ରାଜଧାନୀର ପୁଲିସ ପଛରେ ପଡ଼ିବା ସହରବାସୀଙ୍କୁ ଚକିତ କରିଛି। ସିସିଟିଏନ୍ଏସ୍ ର୍ୟାଙ୍କିଙ୍ଗ୍‌ରୁ ଜଣାପଡ଼ିଛି ଯେ, ଏଠାରେ ବଡ଼ ବଡ଼ ସମ୍ବେଦନଶୀଳ ମାମଲାର ସୁପରିଭିଜନ (ତଦାରଖ) ଅଧିକାରୀ ରହୁନାହାନ୍ତି। ତଦନ୍ତକାରୀ ଅଧିକାରୀ ନିଜ ମନ ଇଚ୍ଛା ତଦନ୍ତ କରି କୋର୍ଟରେ ସିଡ଼ି ଏବଂ ଚାର୍ଜସିଟ୍ ପ୍ରଦାନ କରୁଛନ୍ତି। ଯେଉଁଥିରେ ଏକାଧିକ ତ୍ରୁଟି ରହୁଛି। ଅନେକ କ୍ଷେତ୍ରରେ ତଦନ୍ତକାରୀ ଅଧିକାରୀ ଲାଞ୍ଚନେଇ ମଧ୍ୟ ସମ୍ବେଦନଶୀଳ ମାମଲାକୁ ପ୍ରଭାବିତ କରିଥାଏ। ଫଳରେ ଅଭିଯୁକ୍ତମାନେ ସହଜରେ କୋର୍ଟରୁ ନିର୍ଦ୍ଦେଶରେ ଖସି ଆସୁଛନ୍ତି। ସୁପରିଭିଜନ ଅଧିକାରୀ ରହିଥିଲେ ତଦନ୍ତ ଅଧିକାରୀ ମାମଲାର ଦିଗ ମୋଡ଼ିବାକୁ ଭୟ କରିବେ। କିନ୍ତୁ ଏଠାରେ ଦିଆଯାଉନଥିବାରୁ ଆଇଓ ମନ ଇଚ୍ଛା ଯାହା ପାଉଛି କରୁଛି। କଟକ ୟୁପିଡ଼ିରେ ଏସିପି ଏବଂ ଅତିରିକ୍ତ ଡିସିପି ମାମଲାର ସୁପରିଭିଜନ୍ କରୁଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ କଣ ପ୍ରମାଣ ରହିଛି, ସାକ୍ଷୀ କେଉଁମାନେ। ମେଡ଼ିକାଲ ରିପୋର୍ଟରେ କ'ଣ ରହିଛି, ତଦନ୍ତ ସମୟରେ କ'ଣ ସବୁ ପ୍ରମାଣ ମିଳିଛି। ସବୁ କିଛି ଟିକିନିଖି ମାମଲାର ତଦାରଖ କରିଥାନ୍ତି ସୁପରିଭିଜନ ଅଧିକାରୀ। ଫଳରେ ମାମଲା ଦୃଢ ହେବା ସହ ଅଭିଯୁକ୍ତଙ୍କୁ କୋର୍ଟରେ ସଜା ହୋଇଥାଏ। କିନ୍ତୁ କମିସନରେଟ୍ ପୁଲିସ ତାର ଓଲଟା ଦେଖିବାକୁ ମିଳୁଛି। ସମ୍ବେଦନଶୀଳ ମାମଲାର ସୁପରିଭଜନ କରିବାକୁ କୌଣସି ଅଧିକାରୀଙ୍କୁ ଦିଆଯାଉ ନାହିଁ। ୭ବର୍ଷରୁ ଅଧିକ ସଜା ଥିବା ମାମଲାରେ ଜଣେ ସୁପରିଭିଜନ ଅଧିକାରୀଙ୍କୁ ନିଯୁକ୍ତି କରାଯାଏ। କିନ୍ତୁ ଏଠାରେ ଏକାଧିକ ସମ୍ବେଦନଶୀଳ ମାମଲା ହେଉଥିଲେ ମଧ୍ୟ ବଡ଼ ଅଧିକାରୀଙ୍କୁ ସୁପରିଭିଜନ ଦାୟିତ୍ୱ ଦିଆଯାଉ ନାହିଁ। ସିସିଟିଏନ୍ଏସ୍ ସୁପରିଭିଜନ ପାଇଁ ୧୦ ମାର୍କ ଥିବା ବେଳେ କମିଶନରେଟ୍ ପୁଲିସ ପାଇଛି ୬.୫୯ ମାର୍କ। ଏହି ସମୟରେ କଟକ ପୁଲିସ ପାଇଛି ୯.୧୭ ମାର୍କ। ଅନୁସୂଚିତ ଜାତି ଏବଂ ଜନଜାତି ମାମଲାରେ ରାଜଧାନୀ ପୁଲିସ ୫ ମାର୍କରୁ ୨.୩୩ ମାର୍କ ପାଇଥିବା ବେଳେ କଟକ ପୁଲିସ ୩.୬୫ ପାଇଛି। କଟକ ପୁଲିସ ସବୁବେଳେ ସିସିଟିଏନ୍ଏସ୍ ର୍ୟାଙ୍କିଙ୍ଗ୍‌ରେ ଦ୍ୱିତୀୟ କିମ୍ବା ପ୍ରଥମ ରହୁଥିବା ବେଳେ ରାଜଧାନୀ ପୁଲିସ ୨୦ ଭିତରେ ରହୁଛି। କମିସନରେଟ୍ ପୁଲିସକୁ ଅନ୍ୟ ଜିଲ୍ଲା ପୁଲିସ ଅନୁକରଣ କରନ୍ତି। ଏଠାରେ ଦକ୍ଷ ପୁଲିସ ଅଧିକାରୀ ଥିବା ବେଳେ ସବୁ କିଛି ସୁବିଧା ପାଇ ମଧ୍ୟ ପଛରେ ପଡ଼ିବା ଲଜ୍ୟା ଜନକ ବିଷୟ ବୋଲି ଚର୍ଚ୍ଚା ହେଉଛି।





କମିସନରେଟ୍ ପୁଲିସ ର୍ୟାଙ୍କିଙ୍ଗ୍ ପଛରେ ପଡ଼ିବା ନେଇ ଜଣେ ବରିଷ୍ଠ ପୁଲିସ ଅଧିକାରୀ ପଚରାଯାଇଥିଲା। ଏହାର ମୁଖ୍ୟ କାରଣ ହେଲା ସୁପରିଭିଜନ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଉ ନ ଥିବା ବେଳେ ବଦଳି ପରେ ଜଣେ ପୁଲିସ ଅଧିକାରୀଙ୍କୁ ରିଲିଜ୍ ନକରିବା ଅନ୍ୟ ଏକ କାରଣ। ଜଣେ ପୁଲିସ ଅଧିକାରୀଙ୍କୁ କମିସନରେଟ୍ ପୁଲିସରୁ ଅନ୍ୟ ଜିଲ୍ଲାକୁ ବଦଳି କରାଯାଏ। ହେଲେ ଏଠାରେ ରିଲିଜ୍ କରାଯାଉ ନ ଥିବାର ତାଙ୍କର ମନୋବଳ ଭାଙ୍ଗି ଯାଉଛି। ଯେଉଁଥି ପାଇଁ ସେ ମାମଲା ସମ୍ପର୍କରେ କିଛିବି ମୁଣ୍ଡ ଖେଳାଇ ନ ଥାନ୍ତି। ଆହୁରି ମଧ୍ୟ ଅନେକ ପୁଲିସ ଅଧିକାରୀ ମାମଲା ସୁପରିଭିଜନ ଏବଂ ତଦନ୍ତ ଭାର ନେଇଥାନ୍ତି। ବଦଳି ପରେ ସେ ମାମଲାକୁ ହସ୍ତାନ୍ତର ନ କରି ପଳାଇଯାଇଥାନ୍ତି। ଫଳରେ ଉକ୍ତ ମାମଲା ତାଙ୍କ ନିକଟରେ ପଡ଼ି ରହିଥାଏ। ଯାହାକି ସିସିଟିଏନ୍ଏସ୍ ର୍ୟାଙ୍କିଙ୍ଗ୍ ଉପରେ ପ୍ରଭାବ ପକାଇ ଥାଏ। କମିସନରେଟ୍ ପୁଲିସ ବଡ଼ ବଡ଼ କଥା କହୁଥିବା ବାସ୍ତବରେ କିନ୍ତୁ କାମ ଶୂନ। କେତେକ ଗାଦି ମଡ଼ା ଅଫିସର ଏଠାରେ ଏସ୍ଆଇରୁ ଡିସିପି ହେବା ପର୍ଯ୍ୟନ୍ତ ପଦୋନ୍ନତି ପାଇ ପଡ଼ି ଅଛନ୍ତି। ସେମାନେ ମାମଲାର ତଦନ୍ତ କମ୍ କରୁଥିବା ବେଳେ କେବଳ ମାମଲାଟି ବଶି କରୁଛନ୍ତି। ଯେଉଁଥି ପାଇଁ ଅନ୍ୟ ଜିଲ୍ଲା ପୁଲିସ ଅପେକ୍ଷା ଢେର ପଛରେ ପଡ଼ିଛି କମିଶନରେଟ୍ ପୁଲିସ। ତେଣୁ ବଡ଼ ଅଧିକାରୀ ଥାନା ଅଧିକାରୀ, ଏସିପିଙ୍କୁ ତାଗିଦ କରିବା ସହ ଏହି ବ୍ୟବସ୍ଥାରେ କିଭଳି ସୁଧାର ଆସିବ ସେନେଇ ପରାମର୍ଶ ଦେବା ଆବଶ୍ୟକ ବୋଲି ଆଇନଜୀବୀମାନେ ମତ ଦେଇଛନ୍ତି।

କନେଷ୍ଟବଳ କ୍ୱାର୍ଟର୍ସରୁ ବ୍ରାଉନସୁଗାର ଜବତ ଘଟଣା

## ନିଶା ମାଫିଆ ଚିତ୍ତରଞ୍ଜନଙ୍କୁ ୨୦ ବର୍ଷ ଜେଲ୍

ଭୁବନେଶ୍ୱର, ୧୧।୯(ସମିସ): କନେଷ୍ଟବଳ କ୍ୱାର୍ଟର୍‌ରୁ ବ୍ରାଉନସୁଗାର ଜବତ ମାମଲାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ଦ୍ୱିତୀୟ ଅତିରିକ୍ତ ସେସନ୍ସ କୋର୍ଟର ବିଚାରପତି ବନ୍ଦନା କର ମାମଲାର ବିଚାର କରି ଅଭିଯୁକ୍ତ ଚିତ୍ତରଞ୍ଜନ ସାହୁ ଓରଫ୍ ମଧୁଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ ଓ ୧ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୧ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ସୂଚନାନୁସାରେ, ୨୦୨୩ ମେ' ୨୦ ତାରିଖ ଦିନ ୟୁନିଟ୍-୮ ଅଞ୍ଚଳରେ ବେଆଇନ ବ୍ରାଉନସୁଗର କାରବାର ହେଉଥିବା ନେଇ କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସଟିଏଫ୍) ଖବର ପାଇଥିଲା। ଏସ୍‌ଟିଏଫ୍ ଇନ୍ସପେକ୍ଟର୍ ସୁନୀତା ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ୟୁନିଟ୍-୮ ଡିଏଭି ସ୍କୁଲ ପଛପଟେ ଥିବା କ୍ୱାର୍ଟର୍ ନଂ ଆଇଆର୍ -୨ରେ ଚଢ଼ଉ କରିଥିଲା। ସେଠାରେ ଚିତ୍ତରଞ୍ଜନଙ୍କୁ ଅଟକ ରଖିବା ସହ ତଲାସୀ କରିଥିଲା। ଯାଞ୍ଚ ବେଳେ ପାଖାପାଖି ୨ କୋଟିର ବ୍ରାଉନସୁଗାର (୧୧୦୭ ଗ୍ରାମ୍) ଜବତ କରିଥିଲା। ଏନେଇ ଏସଟିଏଫ୍ ଥାନା କେସ୍ ନଂ - ୧୧/୨୩ରେ ମାମଲା ରୁଜୁ କରିଥିଲା। କ୍ୱାର୍ଟର୍‌ଟି ଜଣେ କନେଷ୍ଟବଳଙ୍କୁ ଆବଣ୍ଟନ କରାଯାଇଥିବା ବେଳେ ସେ ଚିତ୍ତଙ୍କୁ ଭଡ଼ାରେ ଦେଇଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। କନେଷ୍ଟବଳଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ତଥା ଇନ୍ସପେକ୍ଟର୍ ପ୍ରବୀଣ ଚନ୍ଦ୍ର ତ୍ରିପାଠୀ ଚିତ୍ତରଞ୍ଜନଙ୍କୁ କୋର୍ଟଚାଲାଣ କରିବା ସହ ତା' ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ଅଦାଲତ ଘଟଣା ସହ ସଂପୃକ୍ତ ୧୪ଜଣ ସାକ୍ଷୀ ଓ ୨୮ଟି ଦସ୍ତାବିଜ୍ ଆଧାରରେ ମାମଲାର ବିଚାର କରି ଚିତ୍ତରଞ୍ଜନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ରଶ୍ମିରଞ୍ଜନ ବ୍ରହ୍ମା ଏହି ମାମଲା ପରିଚାଳନା କରୁଥିଲେ।

'ଉତ୍କଳ'ରେ କ୍ୱାର୍ଟର୍ସ ଉଚ୍ଛେଦ ଅଭିଯାନ

## ତଡ଼ା ଖାଇଲେ ଜବରଦଖଲକାରୀ

ଭୁବନେଶ୍ୱର, ୧୧।୯(ସମିସ): ବାଣୀବିହାର ପରିସରରେ ଉଚ୍ଛେଦ ଅଭିଯାନକୁ ଜୋରଦାର କରାଯାଇଛି। ହଷ୍ଟେଲ୍‌ରୁ ଅଣଛାତ୍ରଙ୍କୁ ବିଦା କରିବା ପରେ କ୍ୱାର୍ଟର୍ସ ଜବରଦଖଲ କରିରହୁଥିବା ଲୋକମାନେ ଆଜି ତଡ଼ା ଖାଇଛନ୍ତି। ପୁଲିସ୍ ସହାୟତାରେ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରାୟ ୫୮ଟି କ୍ୱାର୍ଟର୍ସକୁ ଜବରଦଖଲ ମୁକ୍ତ କରିଛନ୍ତି। ବିଦ୍ୟୁତ ଓ ପାଣି ସଂଯୋଗ

■ ଜବରଦଖଲ ମୁକ୍ତହେଲା ୫୮ କ୍ୱାର୍ଟର୍ସ
■ ନିୟମିତ ଯାଞ୍ଚ ପାଇଁ ଗଠନ ହେବ କମିଟି

କାଟିବା ସହ ଏହାକୁ ସିଲ୍ କରାଯାଇଛି। କେହି ଯେମିତି ପୁଣି କ୍ୟାମ୍ପସ୍‌କୁ ଫେରି ଆସ୍ଥାନ ଜମାଇ ନ ପାରିବେ, ସେଥିପାଇଁ କଡ଼ା ନଜର ରଖାଯାଇଛି।

କ୍ୟାମ୍ପସ୍‌ରେ ଅସୁରକ୍ଷିତ ଘୋଷିତ ହୋଇଥିବା କ୍ୱାର୍ଟର୍ସଗୁଡ଼ିକ ଜବରଦଖଲକାରୀଙ୍କ ପ୍ରମୁଖ ଠିକଣା ପାଲଟିଥିଲା। ଅସୁରକ୍ଷିତ ଘୋଷଣା କରୁଥିବା କ୍ୱାର୍ଟର୍ସଗୁଡ଼ିକୁ ଅନ୍ୟକାହାକୁ ଆବଣ୍ଟନ କରାଯାଉ ନ ଥିଲା। ଏହାର ସୁଯୋଗ ନେଇ ସେହି ଘରର ତାଲା ଭାଙ୍ଗି ତାକୁ କବ୍‌ଜା କରିବା ଅତି ସହଜ ହେଉଥିଲା। ସେହିପରି କିଛି କର୍ମଚାରୀ ଅବସର ନେବାପରେ ମଧ୍ୟ କ୍ୱାର୍ଟର୍ସ ଖାଲି କରୁ ନଥିଲେ। ଗୋଟିଏ ଘରକୁ ମାତ୍ର ହଜାରେରୁ ୧୫ଶହ ଟଙ୍କା ଭଡ଼ା ଏବଂ ମାଗଣା ପାଣି ଓ ବିଜୁଳି ସୁବିଧା ଥିବାରୁ ଭଡ଼ାଟିଆଙ୍କ ଅଭାବ ମଧ୍ୟ ନଥିଲା। କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି କଟକଣା ମଧ୍ୟ ନ ଥିବାରୁ ଆସାମାଜିକ ଓ ଜବରଦଖଲକାରୀଙ୍କ ପାଇଁ ଏହା ଭୂସ୍ୱର୍ଗ ପାଲଟିଥିଲା। ଆଉ କିଛି କ୍ୱାର୍ଟର୍ସକୁ କିଛି ପ୍ରଭାବଶାଳୀ ବ୍ୟକ୍ତି ଅକ୍ତିଆର କରି ଭଡ଼ାରେ



ଲଗାଇଥିଲେ। ମାସିକ ଭଡ଼ା ଦେଉଥିବା ଭଡ଼ାଟିଆ ଆଜି ଉଚ୍ଛେଦର ସମ୍ମୁଖୀନ ହୋଇଥିବା ବେଳେ ଭଡ଼ା ଦେଇଥିବା ବ୍ୟକ୍ତି ସାମ୍ନାକୁ ଆସି ନ ଥିଲେ। ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ପରିବାର ୪୦ ବର୍ଷ ଧରି ଗୋଟିଏ କ୍ୱାର୍ଟର ମାଡ଼ିବସିଥିବା ଦେଖିବାକୁ ମିଳିଥିଲା।

କ୍ୟାମ୍ପସ୍‌ରେ ଶିକ୍ଷକ, ଅଣଶିକ୍ଷକ ଓ କର୍ମଚାରୀଙ୍କ ପାଇଁ ମୋଟ୍ ୬୧୦ଟି କ୍ୱାର୍ଟର୍ସ ରହିଛି। ତନ୍ମଧ୍ୟରୁ ପ୍ରାୟ ୪୧୪ କ୍ୱାର୍ଟର୍ସ ବିଭିନ୍ନ କର୍ମଚାରୀଙ୍କୁ ଆଲଟ୍ କରାଯାଇଛି। ଅବଶିଷ୍ଟ ୧୯୬ଟି କ୍ୱାର୍ଟର୍ସକୁ ଅସୁରକ୍ଷିତ ଘୋଷଣା କରାଯାଇଛି। କିଛି ଅସୁରକ୍ଷିତ କ୍ୱାର୍ଟର୍ସର ମରାମତି କାର୍ଯ୍ୟ ଜାରି ରହିଛି। ପ୍ରାୟ ୧୫୦ରୁ ଅଧିକ କ୍ୱାର୍ଟର୍ସ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରାୟ ୫୮ଟି କ୍ୱାର୍ଟର୍ସରୁ ଉଚ୍ଛେଦ କରାଯାଇଛି। ସାମ୍ଭାବ୍ୟ ଉଚ୍ଛେଦ ସୁନିଶ୍ଚିତ ଜାଣିବା ପରେ ଆଉକିଛି କ୍ୱାର୍ଟର୍ସକୁ ପୂର୍ବରୁ ଖାଲି କରିଦେଇଛନ୍ତି ଜବରଦଖଲକାରୀ। ଆଉ କିଛି ଗୋଟିଏ କୋଠରୀରେ ଜିନିଷପତ୍ର ରଖି ତାଲା ପକାଇବା ସହ ଉଭାନ୍ ହୋଇଯାଇଛନ୍ତି। ପୂର୍ବରୁ ମଧ୍ୟ ଏପରି ଉଚ୍ଛେଦ କରାଯାଇଛି। କିଛି ଦିନ ପରେ ପୁଣି ସେମାନେ ଫେରିବା ସହ ସେଠାରେ ରହିଥାନ୍ତି। ଅଧିକ ହେଲେ ବିଦ୍ୟୁତ୍ ବିଚ୍ଛିନ୍ନ କରିଥାନ୍ତି, ଯାହାକୁ ମଧ୍ୟ ପରବର୍ତ୍ତୀ ସମୟରେ ସଂଯୋଗ କରି ଦିଆଯାଏ। ଏଣୁ ଉଚ୍ଛେଦ ହୋଇଥିବା ବ୍ୟକ୍ତିମାନେ ପୁଣି ଫେରିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏକ କମିଟି ଗଠନ କରିବାକୁ ନିଷ୍ପତ୍ତି ହୋଇଛି। ଯାହା କ୍ୱାର୍ଟର୍ସଗୁଡ଼ିକ ଉପରେ ନଜର ରଖିବା ସହ ନିୟମିତ ବ୍ୟବଧାନରେ ଯାଞ୍ଚ କରିବ। ଯାହା କ୍ୱାର୍ଟର୍ସକୁ ଲାଗି ଅବୈଧ ନିର୍ମାଣ ହେବ, ତାଙ୍କୁ ମଧ୍ୟ ଉତ୍ତରଦାୟୀ କରିବାକୁ ଯୋଜନା କରାଯାଉଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

## ଶ୍ରୀଗୁଣ୍ଡିଚା ମନ୍ଦିର ଉନ୍ନୟନ କାର୍ଯ୍ୟ ଶୀଘ୍ର ଶେଷ ହେବ

ଭୁବନେଶ୍ୱର,୧୧।୯ (ସମିସ): ଶ୍ରୀଜଗନ୍ନାଥ କ୍ଷେତ୍ର ଭାବେ ପରିଚିତ ପୁରୀ ସହର ସହ ଅନେକଙ୍କ ଭାବାବେଗ ଜଡ଼ିତ ରହିଛି। ଅନେକ ଐତିହ୍ୟ, କିର୍ତ୍ତୀରାଜିର ସୁରକ୍ଷା ସହିତ ପୁରୀ ସହରକୁ କିଭଳି ବିଶ୍ୱସ୍ତରୀୟ ସହର ଭାବେ ଗଢି ତୋଳାଯାଇ ପାରିବା ନେଇ ଆଜି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଯୁଗ୍ମ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଲେ, ଶ୍ରୀଜଗନ୍ନାଥ ମନ୍ଦିର ଓ ପୁରୀ ସହର ସାରା ବିଶ୍ୱରେ ପରିଚିତ। ଏହି ସ୍ଥାନକୁ ଆସିବା ପାଇଁ ଅନେକ ରାଜ୍ୟ ତଥା ଦେଶବାସୀଙ୍କ ସ୍ୱପ୍ନ ରହିଆସିଛି। ତେଣୁ ପୁରୀ ସହରକୁ ସବୁ ଦୃଷ୍ଟିରୁ ସରସ ସୁନ୍ଦର କରି ଗଢ଼ି ତୋଳିବା ପାଇଁ

■ ପୁରୀ ଜିଲ୍ଲା ଉନ୍ନୟନ ପ୍ରକଳ୍ପର ସମୀକ୍ଷା
■ ବିପଦସଙ୍କୁଳ କୋଠା ଶୀଘ୍ର ଭାଙ୍ଗିବାକୁ ନିର୍ଦ୍ଦେଶ

ସବୁ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ। ତେଣୁ ପୁରୀ ସହର ତଥା ଜିଲ୍ଲାର ବିକାଶ ପ୍ରକ୍ରିୟାକୁ ତ୍ୱରିତ ବେଗରେ ଆଗେଇ ନେବା ପାଇଁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥଲେ। ସେହିପରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ, ବିକାଶ ପ୍ରକ୍ରିୟାକୁ ଆଗେଇ ନେବା ସମୟରେ ଅନେକ ସମସ୍ୟା ଆସିଥାଏ। ତେବେ ଦୃଢ ଇଚ୍ଛାଶକ୍ତି ଓ ସଠିକ ଯୋଜନା ଦ୍ୱାରା ସଫଳତା ଆସିଥାଏ। ତେଣୁ ଯୋଜନାବଦ୍ଧ ଭାବେ ପୁରୀ ସହରର ବିକାଶ ପ୍ରକ୍ରିୟାକୁ ଧାର୍ଯ୍ୟ ସମୟ ମଧ୍ୟରେ ସାରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ଶ୍ରୀଗୁଣ୍ଡିଚା ମନ୍ଦିରର ପାରିପାର୍ଶ୍ୱିକ ବିକାଶ, ପ୍ରମୋଦ ଉଦ୍ୟାନର ଉନ୍ନତୀକରଣ, ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳମର ନିର୍ମାଣ ସମ୍ପର୍କିତ ଜମି ଅଧିଗ୍ରହଣ, ସେବାୟତ ହାଉସିଙ୍ଗ ପ୍ରକଳ୍ପ, ବିଶ୍ୱସ୍ତରୀୟ ରଘୁନନ୍ଦନ ପାଠାଗାର ଓ ଶ୍ରୀଜଗନ୍ନାଥ ଗବେଷଣା କେନ୍ଦ୍ର ନିର୍ମାଣ, ପୁରୁଣା ପୋଲିସ ଷ୍ଟେସନଠାରେ ଭକ୍ତ ନିବାସ ନିର୍ମାଣ, ଅଠରନଳାର ବିକାଶ ସହ ପୁରୀ ସହରର ବିଭିନ୍ନ ଉନ୍ନତୀକରଣ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂହ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଓବିସିସି ପରିଚାଳନା ନିର୍ଦ୍ଦେଶକ ସମୀର ହୋତା, ଇଆଇସି (ସିଭିଲ) ସତ୍ୟବ୍ରତ ବେହେରା, ପୂର୍ତ୍ତବିଭାଗ ଉପଦେଷ୍ଟା ଜୟକୃଷ୍ଣ ଦାସଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ଓଡ଼ିଶା ବୈଧମାପ ବିଜ୍ଞାନ ଅଧିକାରୀ ସଂଘର ୪୦ତମ ବୈଠକ

## ଓଜନରେ ଠକେଇକୁ ସ୍ୱୀକାର କଲେ ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର, ୧୧।୯(ସମିସ): ପେଟ୍ରୋଲ୍ ପମ୍ପ, ସୁନା ଦୋକାନଠାରୁ ଆରମ୍ଭ କରି ଚିକେନ୍ ଓ ମାଛ ଦୋକାନ ପର୍ଯ୍ୟନ୍ତ ଓଜନ, ମାପରେ ଠକେଇ ହେଉଛି। ଦ୍ରବ୍ୟର ମାନ ମଧ୍ୟ ଠିକ୍ ରହୁନାହିଁ। ଏହା ଉପରେ ତୀକ୍ଷ୍ଣ ନଜର ରଖିବା ଜରୁରୀ। ଖାଉଟିମାନଙ୍କୁ ସଠିକ ମାନ ଓ ମାପର ଜିନିଷ ଯୋଗାଇବା ଉପରେ ବୈଧମାପ ବିଜ୍ଞାନ ଅଧିକାରୀମାନେ ପ୍ରାଥମିକତା ଦେବା ଆବଶ୍ୟକ। ନିଖିଳ ଓଡ଼ିଶା ବୈଧମାପ ବିଜ୍ଞାନ ଅଧିକାରୀ ସଂଘର ୪୦ତମ ବୈଠକରେ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଅଧିକାରୀମାନଙ୍କୁ ଏଭଳି ଆହ୍ୱାନ ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ଅସାଧୁ ବ୍ୟବସାୟୀମାନେ ଧରାପଡ଼ିଲେ, ମୋଟା ଅଙ୍କର ଜରିମାନା ସହ ମାମଲା ରୁଜୁ କରାଯିବ। ଅନେକ ସ୍ଥାନରେ ଭୁଲ ଏବଂ ନକଲି ମାପକ ଯନ୍ତ୍ରରେ ବିଭିନ୍ନ ସାମଗ୍ରୀ ବିକ୍ରି

### ଚଢ଼ଉ କଡ଼ାକଡ଼ି କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ

ହେଉଛି। ତେଣୁ ଚଢ଼ଉ ଜୋରଦାର କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। କାହା ଉପରେ ଦୟା ନକରି ମୋଟା ଅଙ୍କର ଜରିମାନା ଆଦାୟ କରାଯିବ। ଏମିତି ହେଲେ ଅସାଧୁ ବ୍ୟବସାୟୀଙ୍କ ମଧ୍ୟରେ ଭୟ ସୃଷ୍ଟି ହେବ।

ବୈଠକରେ ରାଜ୍ୟର ସମସ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ନିୟନ୍ତ୍ରକ ତ୍ରିଲୋଚନ ଦାଶ, ବରିଷ୍ଠ ଯୁଗ୍ମ ନିୟନ୍ତ୍ରକ ହରିଶଙ୍କର ପଟ୍ଟନାୟକ, ନିୟନ୍ତ୍ରକ ବିଶିକେଶନ ଦେହୁରୀ ପ୍ରମୁଖ ଉପସ୍ଥିତ ସଭ୍ୟମାନଙ୍କୁ କାର୍ଯ୍ୟଦକ୍ଷତାର ସହ କର୍ତ୍ତବ୍ୟ ସଂପାଦନ ପାଇଁ ପରାମର୍ଶ ଦେଇଥିଲେ। ସଂଘର ସାଧାରଣ ସମ୍ପାଦିକା ସାଗରିକା ସାବତ ଏବଂ ସଭାପତି ଅଞ୍ଜନ କୁମାର ଜେନା ମନ୍ତ୍ରୀଙ୍କ ନିକଟରେ ସଂଘର ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଉପନିୟନ୍ତ୍ରକ ପ୍ରିୟବ୍ରତ ଜେନା ମଞ୍ଚ ପରିଚାଳନା କରିଥିଲେ।

## ଘରୁ ଟାଣିଆଣି କଚାଡ଼ି ମାରିଲା ଦନ୍ତା

କୋଇଡ଼ା,୧୧।୯ (ସମିସ): ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ବ୍ଲକ୍ ସାନଇନ୍ଦୁପୁରର ଗିରୱାଲ ହାଟିଙ୍ଗଠାରେ ଜଣେ ବୃଦ୍ଧଙ୍କୁ ଏକ ଦନ୍ତା ଘରୁ ଟାଣି ଆଣି ମାରିଦେଇଛି। ମୃତକ ହେଲେ, ଶିବରାମ ବଡ଼ାଇକ (୬୦)। ସେ ଘରେ ଶୋଇଥିବା ବେଳେ ହାତୀ ତାଙ୍କୁ ଘରୁ ଟାଣି ନେଇ କଚାଡ଼ି ଦେଇଥିଲା। ତାଙ୍କ ମୃତଦେହ ଘରେ ସେମିତି ପଡ଼ିରହିଥିବା ବେଳେ ରାତିଠାରୁ ଦିନ ୧୧ଟା ଯାଏଁ ବନ ବିଭାଗ ପହଞ୍ଚି ନଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ପରେ ବନ ବିଭାଗ ଓ କୋଇଡ଼ା ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ କ୍ଷତିପୂରଣ ଦାବି ପ୍ରତିଶ୍ରୁତି ଦେଇ ଶବ ଉଦ୍ଧାର କରିଥିଲା। ପରେ ବ୍ୟବଚ୍ଛେଦ ନିମନ୍ତେ କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା।

## ଆମେ ଭିନ୍ନ-ଅନନ୍ୟ ; ଭବିଷ୍ୟତପ୍ରସୂ ଶିକ୍ଷା ପ୍ରଦାନ ଆମର ଲକ୍ଷ୍ୟ



ଶ୍ରୀ ଦେବଦତ୍ତ ସ୍ୱାଇଁ
ଅଧକ୍ଷ
ସରସ୍ୱତୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ

୧୯୯୯ ମସିହାରେ କଟକରେ ଏକ ଛୋଟ କୋଠରୀରେ ଆରମ୍ଭ ହୋଇଥିବା ଏକ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ର ଆଜି ପରିଣତ ହୋଇଛି ବିଶାଳ ଅନୁଷ୍ଠାନରେ। ସେହି ଅନୁଷ୍ଠାନ ହେଉଛି ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ସ। ସାମ୍ପ୍ରତିକ ଆବାସିକ ଓ ଦିବାଧାୟୀ ଶିକ୍ଷା ବ୍ୟବସ୍ଥାରେ ସରସ୍ୱତୀ ଗ୍ରୁପ୍‌ର ଶିକ୍ଷଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭିନ୍ନ, ସ୍ୱତନ୍ତ୍ର ଓ ଅନନ୍ୟ। ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାନୁଷ୍ଠାନଟି ଦ୍ୱିତୀୟ ଗୃହ ଅର୍ଥାତ୍ 'ହୋମ୍ ଫାର୍ ଫ୍ରମ୍ ହୋମ୍'। ସମନ୍ୱିତ ଶିକ୍ଷଣ ବ୍ୟବସ୍ଥା, ଶିକ୍ଷାର୍ଥୀଙ୍କ ଶୈକ୍ଷିକ ବିକାଶ ଓ ଆନ୍ତରିକ ପରିବେଶ ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌କୁ ଏକ ଭିନ୍ନ ଶିକ୍ଷାନୁଷ୍ଠାନର ପରିଚୟ ଦେଇଛି। ଏ ସଂକ୍ରାନ୍ତରେ ଶିକ୍ଷା ପ୍ରତିଷ୍ଠାନ ସମୂହର ଅଧକ୍ଷ ଦେବଦତ୍ତ ସ୍ୱାଇଁଙ୍କ ସହ ଆନ୍ତରିକ ବାର୍ତ୍ତାଳାପ...

**୧. କାହିଁକି ଶିକ୍ଷା କ୍ଷେତ୍ରରେ ପ୍ରବେଶ କରିବାକୁ ଇଚ୍ଛା କଲେ?**

● ଯେତେବେଳେ ମୁଁ ଏକ ପ୍ରାଇଭେଟ୍ ଇଞ୍ଜିନିୟରିଂ କଲେଜରେ ଏକ ନନ୍-ଟିଚିଂ ପୋଷ୍ଟରେ କାମ କରୁଥିଲି, ସେତେବେଳେ ମୁଁ ଅନୁଭବ କଲି ଯେ ଓଡିଶାରେ, ବିଶେଷ କରି କଟକରେ, ଗୁଣାତ୍ମକ କମ୍ପ୍ୟୁଟର ଶିକ୍ଷାର ଏକ ବିଶାଳ ଅଭାବ ରହିଛି। ତରୁଣମାନଙ୍କ ମଧ୍ୟରେ ପ୍ରଯୁକ୍ତି ବିଦ୍ୟା ପ୍ରତି ଅତୁଟ କୌତୁହଳ ଥିଲା, କିନ୍ତୁ ଉପଯୁକ୍ତ ଶିକ୍ଷା ଓ ସୁଯୋଗର ଅଭାବ ଥିଲା। ଏହି ଅଭାବକୁ ପୂରଣ କରିବା, ଯୁବପିଢ଼ିକୁ ଭବିଷ୍ୟତପ୍ରସୂ ଶିକ୍ଷା ପ୍ରଦାନ କରିବା ଏବଂ ସେମାନଙ୍କ ଜୀବନକୁ ଗଠନ କରିବାର ଏକ ଦୃଢ଼ ଇଚ୍ଛା ମୋତେ ଏହି କ୍ଷେତ୍ରକୁ ଆସିବାକୁ ପ୍ରେରଣା କରିଥିଲା।

**୨. ଆପଣଙ୍କ ଶିକ୍ଷାନୁଷ୍ଠାନର ଶିକ୍ଷାର୍ଥୀମାନଙ୍କର ବୁଦ୍ଧିମତ୍ତାକୁ କିଭଳି ଆସେସ୍ କରାଯାଉଛି?**

● ଆମେ ବିଶ୍ୱାସ କରୁ ଯେ ପ୍ରତ୍ୟେକ ଛାତ୍ର-ଛାତ୍ରୀ ଅନନ୍ୟ ବୁଦ୍ଧିମତ୍ତା କେବଳ ଏକାଡେମିକ୍ ମାର୍କଦ୍ୱାରା ଆସେସ୍ ହୋଇପାରେ ନାହିଁ। ଆମର ଆସେସମେଣ୍ଟ ପଦ୍ଧତି ସର୍ବାଙ୍ଗୀନ। ଏଥିରେ ନିୟମିତ କାପାସିଟି ବିଲ୍ଡିଂ କ୍ଲାସ, ପ୍ରୋଜେକ୍ଟ-ବେସ୍‌ଡ୍ ଲର୍ଣ୍ଣିଂ, କୁଇଜ୍, ଡିବେଟ୍, ଅଲିମ୍ପିଆଡ୍ ଏବଂ ବ୍ୟବହାରିକ କାର୍ଯ୍ୟଦକ୍ଷତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଏ। ଆମେ ଛାତ୍ରମାନଙ୍କର ସୃଜନଶୀଳତା, ସାମାଜିକ ଦକ୍ଷତା, ନେତୃତ୍ୱ ଗୁଣ ଏବଂ ସମସ୍ୟା ସମାଧାନ କ୍ଷମତାକୁ ମଧ୍ୟ ମାପିଥାଉ।

**୩. ଆପଣଙ୍କ ଇନଷ୍ଟିଚ୍ୟୁଟ ମୂଳଲକ୍ଷ୍ୟ ହେଲା ପିଲାମାନଙ୍କର ବେଟର୍ କ୍ୟାରିଅର୍, ଏହା ତ ସବୁ ଶିକ୍ଷାନୁଷ୍ଠାନର ମୂଳଲକ୍ଷ୍ୟ, ଏଥିରେ ଫରକ୍ କଣ ରହିଲା?**

● ହଁ, କ୍ୟାରିଅର୍ ଗଠନ ହେଉଛି ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ଏକ ଲକ୍ଷ୍ୟ କିନ୍ତୁ ଆମେ କେବଳ ଏକ ଚାକିରି ପାଇଁ ଛାତ୍ରମାନଙ୍କୁ ପ୍ରସ୍ତୁତ କରୁନାହୁଁ, ଆମେ ଏକ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ଗଠନ ଉପରେ ଧ୍ୟାନ ଦେଉଛୁ। ଆମର ଫରକ୍ ହେଉଛି ଏକ 'ହୋଲିଷ୍ଟିକ୍ ଆପ୍ରୋଚ୍'। ଏଥିରେ ଶିକ୍ଷା ସହିତ ସଂସ୍କାର, ନୈତିକତା, ଦୟା ଓ ସାମାଜିକ ଦାୟିତ୍ୱବୋଧର ଶିକ୍ଷା ମଧ୍ୟ ଅନ୍ତର୍ଭୁକ୍ତ। ଆମେ ଛାତ୍ରମାନଙ୍କୁ ଏକ ଭଲ ନାଗରିକ ଏବଂ ଭଲ ମନୁଷ୍ୟ ହେବାପାଇଁ ପ୍ରସ୍ତୁତ କରୁଛୁ।

**୪. କ୍ୟାଫେଟେରିଆ ଶିକ୍ଷାଦାନ କଣ? ଯାହା ଆପଣଙ୍କ ଇନଷ୍ଟିଚ୍ୟୁଟ୍‌ର ଶିକ୍ଷାଦାନକୁ ଗୌରବ ମଣ୍ଡିତ କରିଛି?**

● କ୍ୟାଫେଟେରିଆ ଶିକ୍ଷାଦାନ ହେଉଛି ଏକ ନମନୀୟ ଶିକ୍ଷଣ ପଦ୍ଧତି ଯେଉଁଥିରେ ଛାତ୍ରମାନେ ନିଜର ରୁଚି ଓ ଆବଶ୍ୟକତା ଅନୁସାରେ ବିଭିନ୍ନ ବିଷୟ ବାଛିପାରନ୍ତି। ଏହା ଏକ ଷ୍ଟାଣ୍ଡାର୍ଡାଇଜ୍‌ଡ୍ ପାଠ୍ୟକ୍ରମକୁ ଅନୁସରଣ କରେ ନାହିଁ, ବରଂ ଛାତ୍ରମାନଙ୍କ ବ୍ୟକ୍ତିଗତ ଶକ୍ତିକୁ ଉନ୍ନତ କରେ। ଆମ ଅନୁଷ୍ଠାନରେ ଏହି ପଦ୍ଧତି ଅନୁସରଣ କରାଯାଏ, ଯାହା ଛାତ୍ରମାନଙ୍କୁ ନିଜ ପସନ୍ଦ ଓ କ୍ଷମତା ଅନୁଯାୟୀ ବିଭିନ୍ନ ବିଷୟ ଏବଂ କ୍ରିୟାକଳାପ ବାଛିବାର ସ୍ୱାଧୀନତା ଦେଇଥାଏ। ଏହି ନମନୀୟତା ଓ ବ୍ୟକ୍ତିଗତ ଧ୍ୟାନ ହେଉଛି ଆମ ଶିକ୍ଷାଦାନ ପ୍ରଣାଳୀର ଗୌରବ।

**୫. ଆପଣଙ୍କ ଶିକ୍ଷାନୁଷ୍ଠାନରେ କେଉଁ ପଦ୍ଧତିରେ ଶିକ୍ଷାଦାନ କରାଯାଉଛି ଯାହା ଅନ୍ୟ ଶିକ୍ଷାନୁଷ୍ଠାନଠାରୁ ପୃଥକ୍ ବୋଲି ଆପଣ ଭାବୁଛନ୍ତି?**

● ଆମର ପ୍ରଧାନ ପଦ୍ଧତି ହେଉଛି 'ସମନ୍ୱିତ ଶିକ୍ଷଣ'। ଏଥିରେ ପାରମ୍ପରିକ କ୍ଲାସରୁମ୍ ଶିକ୍ଷଣ ସହିତ ପ୍ରଯୁକ୍ତିବିଦ୍ୟା, ବ୍ୟବହାରିକ ପ୍ରୟୋଗ, ପ୍ରୋଜେକ୍ଟ ୱାର୍କ ଏବଂ ଶିକ୍ଷା ଭ୍ରମଣକୁ ସମନ୍ୱିତ କରାଯାଏ। ଆମେ ଶିକ୍ଷକ- କେନ୍ଦ୍ରିକ ଶିକ୍ଷଣ ପରିବର୍ତ୍ତେ ଛାତ୍ର- କେନ୍ଦ୍ରିକ ଶିକ୍ଷଣ ଉପରେ ଗୁରୁତ୍ୱ ଦେଉଛୁ ପ୍ରତ୍ୟେକ ଛାତ୍ରଙ୍କ ଦୁର୍ବଳତା ଓ ସାମର୍ଥ୍ୟକୁ ଚିହ୍ନଟ କରି ସେଥିପାଇଁ ବ୍ୟକ୍ତିଗତ ଧ୍ୟାନ ଦିଆଯାଏ। ଏହି ବ୍ୟକ୍ତିଗତ ଯତ୍ନ ଓ ଆଧୁନିକ ପଦ୍ଧତିର ସମନ୍ୱୟ ଆମକୁ ଅନ୍ୟଠାରୁ ପୃଥକ୍ କରେ।

**୬. ଶିକ୍ଷା କ୍ଷେତ୍ରରେ ହେଉଥିବା ପରିବର୍ତ୍ତନ, ବିଶେଷ କରି ପ୍ରଯୁକ୍ତିବିଦ୍ୟାର ଭୂମିକାସହିତ, ଆପଣଙ୍କ ଅନୁଷ୍ଠାନ କିଭଳି ଖାପ ଖୁଆଇ ଚାଲିଛି?**

● ଆମେ ପ୍ରଯୁକ୍ତିବିଦ୍ୟାକୁ ଆମ ଶିକ୍ଷଣ ପ୍ରଣାଳୀର ଏକ ଅଭିନ୍ନ ଅଂଶ ଭାବରେ ଗ୍ରହଣ କରିଛୁ। ସ୍ମାର୍ଟ କ୍ଲାସରୁମ୍, ଡିଜିଟାଲ୍ ଲାଇବ୍ରେରୀ, କମ୍ପ୍ୟୁଟର- ଏଡେଡ୍ ଲର୍ଣ୍ଣିଂ ମଟେରିଆଲ୍ ଆମର ନିତିଦିନିଆ ଅଭ୍ୟାସ। ଆମେ ଛାତ୍ରମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା (AI), ଡାଟା ଆନାଲିଟିକ୍ସ, କ୍ଲାଉଡ୍ କମ୍ପ୍ୟୁଟିଂ ଆଦି ଆଧୁନିକ ଟ୍ରେଣ୍ଡସମୂହ ସହିତ ଅପଡେଟେଡ୍ ରଖୁଥାଉ। ତଥାପି, ଆମେ ଏହା ମଧ୍ୟ ନିଶ୍ଚିତ କରୁଛୁ ଯେ ପ୍ରଯୁକ୍ତିବିଦ୍ୟା ଏକ ସାଧନ ମାତ୍ର, ଲକ୍ଷ୍ୟ ନୁହେଁ। ଶିକ୍ଷକଙ୍କ ମାର୍ଗଦର୍ଶନ ଏବଂ ମାନବିକ ମୂଲ୍ୟବୋଧ ଆମର ମୂଳଭିତ୍ତି ରହିଛି।

**୭. ସରସ୍ୱତୀ ପବ୍ଲିକ ସ୍କୁଲ, ସାଇନ୍ସ ହାଇୟର ସେକେଣ୍ଡାରୀ ସ୍କୁଲ୍, ଡିଗ୍ରୀ ସାଇ କଲେଜ ଖୋଲି କେବଳ ବିଜ୍ଞାନକୁ କାହିଁକି ଗୁରୁତ୍ୱ ଦେଉଛନ୍ତି?**

● ବିଜ୍ଞାନ ହେଉଛି ଆଧୁନିକ ଯୁଗର ମୂଳଭିତ୍ତି। ଏହା କେବଳ ଏକ ବିଷୟ ନୁହେଁ, ବରଂ ଏକ ଚିନ୍ତାଧାରା ତର୍କ, ବିଶ୍ଳେଷଣ ଓ ଗବେଷଣାକୁ ପ୍ରୋତ୍ସାହିତ କରେ। ଓଡିଶା ଏବଂ ଦେଶର ବିକାଶ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଦକ୍ଷ ଯୁବଶକ୍ତିର ଆବଶ୍ୟକତା ଅନିବାର୍ଯ୍ୟ ଆମେ ଚାହୁଁଛୁ ଯେ ଆମର ଛାତ୍ରମାନେ ବିଜ୍ଞାନ ଓ ଟେକ୍ନୋଲୋଜିରେ ଦକ୍ଷତା ଅର୍ଜନ କରି ରାଜ୍ୟ ଓ ଦେଶର ପ୍ରଗତିରେ ଅଗ୍ରଣୀ ଭୂମିକା ନିଅନ୍ତୁ।

**୮. କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଭଳି ସଫ୍ଟୱେର୍ ଥିବା ବେଳେ ଆପଣଙ୍କ ଇନଷ୍ଟିଚ୍ୟୁଟ୍ PM WANI Wi-Fi କାହିଁକି ଆପଣେଇଛି?**

● PM WANI WI-FI ଏକ ମହତ୍ତ୍ୱପୂର୍ଣ୍ଣ ସରକାରୀ ଯୋଜନା ଯାହା ସମସ୍ତଙ୍କୁ ସୁଲଭ ମୂଲ୍ୟରେ ହାଇ- ସ୍ପିଡ୍ ଇଣ୍ଟରନେଟ୍ ସୁବିଧା ପ୍ରଦାନ କରେ। AI ଭଳି ସଫ୍ଟୱେର୍ ହେଉଛି ଏକ ସାଧନ, କିନ୍ତୁ ସେଥିରେ ପ୍ରବେଶ ପାଇଁ ଦ୍ରୁତ ଓ ସୁଲଭଇଣ୍ଟରନେଟ୍ ଆବଶ୍ୟକ। ଆମେ ଚାହୁଁଛୁ ଆମର ପ୍ରତ୍ୟେକ ଛାତ୍ର, ସେମାନଙ୍କର ଆର୍ଥିକ ଅବସ୍ଥା ଯାହାବି ହେଉ, ବିନା ବାଧାରେ ଡିଜିଟାଲ୍ ବିଶ୍ୱ ସହିତ ସଂଯୁକ୍ତ ହୋଇପାରନ୍ତୁ। ଏହି ଉଦ୍ଦେଶ୍ୟରେ ଆମେ PM WANI WI-FI ଆପଣେଇଛୁ, ଯାହା ଡିଜିଟାଲ୍ ବିଭେଦ ଦୂର କରି ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ କରେ।

**୯. ବିଜ୍ଞାନ ରେସିଡେନ୍ସିଆଲ୍ କଲେଜ୍ ଖୋଲିବାର ଆପଣଙ୍କର ମାତ୍ର ୧୦ ବର୍ଷର ଅଭିଜ୍ଞତା, କିନ୍ତୁ ଏବେ ଅନ୍ୟ ଘରୋଇ କଲେଜଠାରୁ ଆପଣଙ୍କର ରେଜଲ୍ଟ୍ ଆଶାତୀତ, ଏ ବିଷୟରେ କଣ କହିବେ?**

● ଏହାର ରହସ୍ୟ ହେଉଛି ଆମର ଦୃଢ଼ ନିଷ୍ଠା, କଠିନ ପରିଶ୍ରମ ଏବଂ ଏକ ନିର୍ଦ୍ଦିଷ୍ଟ ଦର୍ଶନ ବର୍ଷ ଅଳ୍ପ ହେଲେ ବି ଆମେ ଗୁଣାତ୍ମକ ଶିକ୍ଷା, ଉତ୍କୃଷ୍ଟ ଫ୍ୟାକଲ୍ଟି, ଛାତ୍ରମାନଙ୍କୁ ବ୍ୟକ୍ତିଗତ ଧ୍ୟାନ ଏବଂ ଏକ ଅନୁକୂଳ ଶିକ୍ଷଣ ବାତାବରଣ ଉପରେ କେବଳ ଧ୍ୟାନ ଦେଇଆସିଛୁ। ଆମର ଫଳାଫଳ ହେଉଛି ଆମ ଛାତ୍ର ଓ ଶିକ୍ଷକଙ୍କ ସମ୍ମିଧାନର ଫଳ। ଆମେ ଶିକ୍ଷାର ଗୁଣବତ୍ତାକୁ ପରିମାଣ ଉପରେ ପ୍ରାଧାନ୍ୟ ଦେଉଛୁ, ଏବଂ ଫଳାଫଳ ସ୍ୱତଃଭାବେ ଭଲ ହୋଇଆସୁଛି।

**୧୦. ଚଳିତ ବର୍ଷ ଆପଣଙ୍କ ଇନଷ୍ଟିଚ୍ୟୁସନ୍‌ର ଯୁକ୍ତ ୨ ବିଜ୍ଞାନ ଟପ୍ପର, ଏ ଶ୍ରେୟ କାହାକୁ ଦେବେ?**

● ଏହି ଅଭୂତପୂର୍ବ ସଫଳତାର ଶ୍ରେୟ ସମ୍ପୂର୍ଣ୍ଣ ରୂପେ ଆମର ମେଧାବୀ ଛାତ୍ର, ତାଙ୍କର ଅବିଶ୍ରାନ୍ତ ପରିଶ୍ରମ ଓ ନିଷ୍ଠା ଏବଂ ତା'ସହିତ ଆମର ଶିକ୍ଷକମାନଙ୍କର ଅନନ୍ୟ ତ୍ୟାଗ, ଯୋଗ୍ୟ ମାର୍ଗଦର୍ଶନ ଏବଂ ଅଭିଭାବକମାନଙ୍କର ଅବିଚଳିତ ସହଯୋଗ ମଧ୍ୟ ଏହି ସଫଳତାର ମୂଳ କାରଣ। ଏହା ଏକ ସାମୂହିକ ଉପଲବ୍ଧି ଏବଂ ଶ୍ରେୟ ସମସ୍ତଙ୍କୁ ଯାଏ।

**୧୧. ବିଭିନ୍ନ ଘରୋଇ କଲେଜରେ ଫାକୁଲ୍ଟି ପ୍ରାୟତଃ ଶିକ୍ଷା ବର୍ଷ ପୂର୍ବରୁ ବଦଳିଯାଆନ୍ତି, କିନ୍ତୁ ଏଥିରେ ଆପଣଙ୍କ ବ୍ୟତିକ୍ରମ ଘଟିଛି, ପ୍ରତ୍ୟେକ ଫାକଲ୍ଟି ପାଇଁ କେତେ ଜଣ ଅଧ୍ୟାପିକା/ଅଧ୍ୟାପକ ନିଯୁକ୍ତି ଦେଇଥାନ୍ତି?**

● ଆମେ ବିଶ୍ୱାସ କରୁ ଯେ ଶିକ୍ଷକଙ୍କ ସ୍ଥିରତା ଛାତ୍ରମାନଙ୍କ ଶିକ୍ଷାର ଗୁଣବତ୍ତା ପାଇଁ ଅତ୍ୟନ୍ତ ଜରୁରୀ। ଆମେ ଆମର ଶିକ୍ଷକମାନଙ୍କୁ କେବଳ ଏକ କର୍ମଚାରୀ ଭାବରେ ନୁହେଁ, ବରଂ ପରିବାରର ସଦସ୍ୟ ଭାବରେ ଦେଖୁ ଆମେ ସେମାନଙ୍କୁ ଉତ୍ତମ ବେତନ, ସୁବିଧା, ସମ୍ମାନ ଏବଂ ଏକ ସୁରକ୍ଷିତ କାର୍ଯ୍ୟବାତାବରଣ ପ୍ରଦାନ କରୁ ଫଳରେ, ଶିକ୍ଷକମାନଙ୍କ ମଧ୍ୟରେ ଚାକିରି ଛାଡ଼ିବାର ହାର ଅତ୍ୟନ୍ତ କମ୍। ପ୍ରତ୍ୟେକ ବିଭାଗ ପାଇଁ ଆମେ ଏକ ନିର୍ଦ୍ଦିଷ୍ଟ ଶିକ୍ଷକ-ଛାତ୍ର ଅନୁପାତ ( Faculty-Student Ratio) ବଜାୟରଖୁ, ଯାହା ଦ୍ୱାରା ପ୍ରତ୍ୟେକ ଛାତ୍ରଙ୍କୁ ଯଥେଷ୍ଟ ଧ୍ୟାନ ମିଳେ।

**୧୨. ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷାର ଗାଇଡଲାଇନ୍, ଯାହା ଆପଣଙ୍କ ଶିକ୍ଷାନୁଷ୍ଠାନର ଅନୁଶାସନ କିଭଳି?**

● ଆଜିର ପରିବେଶରେ ଅନୁଶାସନ କେବଳ ନିୟମ କାନୁନର ବିଷୟ ନୁହେଁ, ବରଂ ଏହା ଛାତ୍ରମାନଙ୍କ ସହିତ ସଂଯୋଗ ଓ ବାର୍ତ୍ତାଳାପ ଉପରେ ଆଧାରିତ ଆମର ଅନୁଶାସନ ପଦ୍ଧତି ସ୍ୱଚ୍ଛ, ପାରଦର୍ଶୀ ଏବଂ ନ୍ୟାୟପୂର୍ଣ୍ଣ। ଛାତ୍ରମାନେ ଯେ କୌଣସି ସମସ୍ୟା ନେଇ ସିଧାସଳଖ ଆମ ସହିତ ଆଲୋଚନା କରିପାରନ୍ତି। ଆମେ ଛାତ୍ରମାନଙ୍କୁ ନୈତିକ ମୂଲ୍ୟବୋଧ, ଅନୁଶାସନ ଓ ସ୍ୱାଧୀନତାର ସନ୍ତୁଳନ ଶିଖାଉଛୁ। ଆମର ଲକ୍ଷ୍ୟ ହେଉଛି ଏକ ଅନୁଶାସିତ କିନ୍ତୁ ଭୟମୁକ୍ତ ବାତାବରଣ ସୃଷ୍ଟି କରିବା, ଯେଉଁଠାରେ ଛାତ୍ରମାନେ ସ୍ୱଚ୍ଛନ୍ଦରେ ଶିଖିପାରିବେ ଏବଂ ବଢ଼ିପାରିବେ।

**୧୩. ରାଜ୍ୟର ଅନ୍ତର୍ଜାତୀୟ ଘରୋଇ କଲେଜରେ ବହୁବାର ରାଗିଂର ଅଭିଯୋଗ ଆସିଛି। ଆପଣଙ୍କ ଇନଷ୍ଟିଚ୍ୟୁଟ୍‌ରେ ଏଭଳି ଘଟଣା ନ ଘଟିବ ବୋଲି କଣ ଗ୍ୟାରେଣ୍ଟି ଦେଇପାରିବେ?**

● ହଁ, ମୁଁ ଦୃଢ଼ତାର ସହିତ କହିପାରିବି ଯେ ଆମ ଅନୁଷ୍ଠାନରେ ରାଗିଂ ନାମକ ଜିନିଷଟି ପ୍ରାୟ ଅସ୍ତିତ୍ୱହୀନ। ଏହାର ପ୍ରମାଣ ହେଉଛି ଆମର ଅତୀତର ନିର୍ବିବାଦ ଇତିହାସ। ଆମର ଗ୍ୟାରେଣ୍ଟି ହେଉଛି ଆମର ପ୍ରତିଷ୍ଠା ଓ ମୂଲ୍ୟବୋଧ ଆମେ ଛାତ୍ରମାନଙ୍କ ମଧ୍ୟରେ ଭ୍ରାତୃତ୍ୱବୋଧ, ସମ୍ମାନ ଓ ସହଯୋଗକୁ ପ୍ରୋତ୍ସାହିତ କରୁଛୁ ଆମର ଶିକ୍ଷକ ଓ ଷ୍ଟାଫ୍ ସର୍ବଦା ସଚେତନ ରହନ୍ତି ଏବଂ ହଷ୍ଟେଲରେ ସିସିଟିଭି ଓ ନିୟମିତ ପରିଦର୍ଶନ ରହିଥାଏ। କୌଣସି ପ୍ରକାରର ଉତ୍ପୀଡ଼ନକୁ କଠୋର ଭାବରେ ଦଣ୍ଡିତ କରାଯାଏ।

**୧୪. ହଷ୍ଟେଲକୁ 'ହୋମ୍ ଫାର୍ ଫ୍ରମ୍ ହୋମ୍' ବୋଲି କହିବାର ଉଦ୍ଦେଶ୍ୟ କଣ?**

● 'ହୋମ୍ ଫାର୍ ଫ୍ରମ୍ ହୋମ୍'ର ଅର୍ଥ ହେଉଛି ଏକ ଘର ଯାହା ଆପଣାର ଘର ଭଳି, କିନ୍ତୁ ଘର ନୁହେଁ। ଆମର ଉଦ୍ଦେଶ୍ୟ ହେଉଛି ହଷ୍ଟେଲକୁ ଏକ ନିରାପଦ, ଆରାମଦାୟକ ଓ ସ୍ନେହପୂର୍ଣ୍ଣ ବାତାବରଣରେ ପରିଣତ କରିବା, ଯେଉଁଠାରେ ଛାତ୍ରମାନେ ନିଜକୁ ଘରେ ଥିବା ଭଳି ଅନୁଭବ କରିପାରିବେ। ଏଠାରେ ସେମାନେ ପାରିବାରିକ ସମ୍ପର୍କ ଗଢ଼ିପାରିବେ, ଏକାଠି ରହିବା ଶିଖିବେ ଏବଂ ଜୀବନର ଅମୂଲ୍ୟ ସମୟ ଅତିବାହିତ କରିପାରିବେ। ଏହି ଆତ୍ମୀୟତା ଓ ସୁରକ୍ଷିତ ଅନୁଭୂତି ହେଉଛି ଆମର ଲକ୍ଷ୍ୟ

**୧୫. ଆପଣଙ୍କ ସ୍କୁଲ୍ କେବଳ କ୍ୟାରିଅର୍ ଏକାଡେମିକ୍ ପିଲାଙ୍କୁ ପ୍ରାଧାନ୍ୟ ଦେଇନାହିଁ, ବରଂ କମ୍ ମାର୍କ ରଖିଥିବା ବିଦ୍ୟାର୍ଥୀଙ୍କୁ ବିଦ୍ୟାଳୟରେ ସୁଯୋଗ ଦେଇ ଟପ୍ପର କରାଇ ପାରୁଛନ୍ତି? ଏହା କିଭଳି ସମ୍ଭବ ହେଉଛି?**

● କାରଣ ଆମେ ବିଶ୍ୱାସ କରୁ ଯେ ପ୍ରତ୍ୟେକ ପିଲାର ଏକ ଅନନ୍ୟ ପ୍ରତିଭା ଅଛି। କେବଳ ଏକାଡେମିକ୍ ମାର୍କ୍ ଦ୍ୱାରା ଏକ ପିଲାର ସମ୍ଭାବନାକୁ ଆସେସ୍ କରିହୁଏ ନାହିଁ। ଆମେ ପ୍ରତ୍ୟେକ ଛାତ୍ରଙ୍କ ଶକ୍ତି କ୍ଷେତ୍ରକୁ ଚିହ୍ନଟ କରି ସେଥିପାଇଁ ବିଶେଷ ମାର୍ଗଦର୍ଶନ ଓ ସୁଯୋଗ ପ୍ରଦାନ କରୁ। ଯେଉଁ ଛାତ୍ର ଏକାଡେମିକ୍ସରେ ଦୁର୍ବଳ, ସେ ହୋଇପାରେ କଳା, ସଙ୍ଗୀତ, କ୍ରୀଡ଼ା, ନେତୃତ୍ୱ ବା ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶୀ। ଆମେ ସେହି ପ୍ରତିଭାକୁ ଚିହ୍ନଟ କରି ତାକୁ ଉନ୍ନତ କରିବାରେ ସାହାଯ୍ୟ କରୁ ଏହି ବ୍ୟକ୍ତିଗତ ଧ୍ୟାନ ଓ ପ୍ରୋତ୍ସାହନ ଦ୍ୱାରା ଅନେକ ଛାତ୍ର ଆଶ୍ଚର୍ଯ୍ୟଜନକ ଉନ୍ନତି କରିଛନ୍ତି।

**୧୬. ବିଦ୍ୟାର୍ଥୀଙ୍କ ସୃଜନାତ୍ମକ ଚିନ୍ତାଧାରାକୁ ବାସ୍ତବ ରୂପାୟନ ଦେବାରେ ଆପଣ କେତେ ସଫଳ?**

● ଆମେ ଏହା ଉପରେ ବିଶେଷ ଗୁରୁତ୍ୱ ଦେଉଛୁ ଏବଂ ଆମକୁ ଯଥେଷ୍ଟ ସଫଳତା ମଧ୍ୟ ମିଳିଛି। ଆମେ ଛାତ୍ରମାନଙ୍କୁ ସାଇନ୍ସ ଏକ୍ସିବିସନ୍, ପ୍ରୋଜେକ୍ଟ କମ୍ପିଟିସନ୍, ଇନୋଭେସନ୍ ୱର୍କସପ୍ ଆଦି ଆୟୋଜନ କରୁଛୁ ଆମର ଛାତ୍ରମାନେ ନିଜର ଆବିଷ୍କାର ଓ ପ୍ରୋଜେକ୍ଟ ପାଇଁ ରାଜ୍ୟ ଓ ଜାତୀୟ ସ୍ତରରେ ପୁରସ୍କାର ମଧ୍ୟ ପାଇଛନ୍ତି। ଆମର ଲକ୍ଷ୍ୟ ହେଉଛି ଏକ ଅନୁପ୍ରାଣିତ କରୁଥିବା ବାତାବରଣ ସୃଷ୍ଟି କରିବା, ଯାହା ଛାତ୍ରମାନଙ୍କୁ ନୂତନତା ହାସଲ କରିବାକୁ ଉତ୍ସାହିତ କରେ

**୧୭. ସ୍କୁଲ୍ ସହିତ ଆପଣଙ୍କ ଯାତ୍ରାର ସବୁଠୁ ସ୍ମରଣୀୟ ମୁହୂର୍ତ୍ତ କଣ?**

● ଆମର ଯାତ୍ରାର ପ୍ରତ୍ୟେକ ପର୍ଯ୍ୟାୟ ସ୍ମରଣୀୟ। କିନ୍ତୁ ୧୯୯୯ ମସିହାରେ କଟକରେ ଥିବା ଏକ ଛୋଟ କୋଠରୀରେ ଆମର ପ୍ରଥମ କମ୍ପ୍ୟୁଟର୍ ସେଣ୍ଟର୍ ଖୋଲିବାର ମୁହୂର୍ତ୍ତ, ସବୁଠାରୁ ସ୍ୱତନ୍ତ୍ର। ସେହି ଛୋଟ ଆରମ୍ଭ, ଯେଉଁଠାରେ କେବଳ କିଛି କମ୍ପ୍ୟୁଟର୍ ଓ ଏକ ବୃହତ ସ୍ୱପ୍ନ ଥିଲା, ତାହା ଆଜି ଏହି ବିଶାଳ ଅନୁଷ୍ଠାନରେ ପରିଣତ ହୋଇଛି। ପ୍ରତ୍ୟେକ ବର୍ଷ ପ୍ରଥମ ବ୍ୟାଚ୍ ଛାତ୍ରମାନଙ୍କୁ ପାସ୍ କରାଇବା, ପ୍ରଥମ କଲେଜ୍ ଖୋଲିବା, ଏବଂ ପ୍ରତ୍ୟେକ ଛାତ୍ରଙ୍କ ସଫଳତାର ମୁହୂର୍ତ୍ତ ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ।

**୧୮. ସ୍କୁଲ ବିକାଶ ପ୍ରଗତିରେ ଅଭିଭାବକ ମାନଙ୍କର ଭୂମିକା କଣ ରହିବା ଆବଶ୍ୟକ?**

● ଅଭିଭାବକମାନେ ଆମର ଅଭିନ୍ନ ଅଂଶ। ସେମାନଙ୍କ ସହଯୋଗ ଓ ମାର୍ଗଦର୍ଶନ ବିନା ଆମର ସଫଳତା ସମ୍ଭବ ହୋଇନଥାନ୍ତା। ଅଭିଭାବକଙ୍କର ଭୂମିକା କେବଳ ଫି ଦେବାରେ ସୀମିତ ନୁହେଁ। ଆମେ ନିୟମିତ PTA (Parent-Teacher Association) ମିଟିଂ ଆୟୋଜନ କରି ଛାତ୍ରମାନଙ୍କ ଅଗ୍ରଗତି ଓ ସମସ୍ୟା ନେଇ ଆଲୋଚନା କରୁ ଅଭିଭାବକମାନଙ୍କର ମୂଲ୍ୟବାନ ପରାମର୍ଶ ଆମର ନୀତି ନିର୍ଦ୍ଧାରଣରେ ସାହାଯ୍ୟ କରେ। ଏକତ୍ରିତ ଭାବରେ ଆମେ ଛାତ୍ରମାନଙ୍କ ଭଲପାଇଁ କାମ କରିପାରୁ।

**୧୯. ଅଧକ୍ଷ ଭାବରେ ଆପଣଙ୍କ ସାମ୍ନାରେ ଆସିଥିବା ସବୁଠାରୁ ବଡ଼ ଚ୍ୟାଲେଞ୍ଜ୍ କଣ ଥିଲା? ତାକୁ କିଭଳି ସାମ୍ନା କରିଥିଲେ?**

● ସବୁଠାରୁ ବଡ଼ ଚ୍ୟାଲେଞ୍ଜ୍ ଥିଲା ଆରମ୍ଭର ଦିନଗୁଡ଼ିକରେ ସୃଜନଶୀଳ ହେବା ସହିତ ଗୁଣାତ୍ମକ ଶିକ୍ଷା ନିଶ୍ଚିତ କରିବା। ସୀମିତ ସମ୍ବଳ ଥାଇ ମଧ୍ୟ ଶିକ୍ଷାର ଗୁଣବତ୍ତାକୁ କମ୍ କରିନଥିଲୁ ଏହାକୁ ସାମ୍ନା କରିବା ପାଇଁ ଆମେ ଆମର ଅଧିକାଂଶ ଲାଭକୁ ପୁନର୍ବିନିଯୋଗ କରିଛୁ, ଉତ୍ତମ ଶିକ୍ଷକଙ୍କୁ ନିଯୁକ୍ତି ଦେଇ ସେମାନଙ୍କୁ ରଖିବାକୁ ଚେଷ୍ଟା କରିଛୁ, ଏବଂ ଧୀରେ ଧୀରେ ଆମର ପ୍ରସାର କରିଛୁ। ଦୃଢ଼ ଇଚ୍ଛାଶକ୍ତି, ଧୈର୍ଯ୍ୟ ଓ ଏକ ନିଷ୍ଠାବାନ ଟିମ୍ ଏହି ସବୁ ଚ୍ୟାଲେଞ୍ଜ୍ ମୁକାବିଲା କରିବାରେ ସାହାଯ୍ୟ କରିଛି!

**୨୦. ଆଜିର ଛାତ୍ରମାନଙ୍କ ପାଇଁ ଆପଣଙ୍କର କଣ ପରାମର୍ଶ ରହିବ? ମୋର ପରାମର୍ଶ ହେବ ଯେ, ତୁମେ କେବଳ ଏକାଡେମିକ୍**

● ରେକର୍ଡ଼ ସୃଷ୍ଟି କରିବା ଉପରେ ଧ୍ୟାନ ଦିଅ ନାହିଁ, ବରଂ ଏକ ସମୃଦ୍ଧ ବ୍ୟକ୍ତିତ୍ୱ ଗଠନ କରାଇ ନିଜର କୌତୁହଳ ଓ ପସନ୍ଦକୁ ଅନୁସରଣ କର, ନୂଆ ଜିନିଷ ଶିଖିବାକୁ କେବେହେଲେ ଭୟ କର ନାହିଁ। ନୈତିକତା ଓ ସଚ୍ଚୋଟତା ଠାରୁ କେବେହେଲେ ବିସ୍ମୃତ ହୁଅ ନାହିଁ। ପ୍ରଯୁକ୍ତିବିଦ୍ୟାକୁ ଏକ ସାଧନ ଭାବରେ ବ୍ୟବହାର କର, କିନ୍ତୁ ମାନବୀୟ ମୂଲ୍ୟବୋଧକୁ କେବେହେଲେ ଅଣଦେଖା କର ନାହିଁ। ତୁମର ପରିବାର, ସମାଜ ଓ ଦେଶ ପ୍ରତି ଥିବା ଦାୟିତ୍ୱକୁ ସବୁଦିନ ସ୍ମରଣ ରଖ।

ସକାଳ THE SAKALA

# ସମ୍ପାଦକୀୟ



ଶିଶୁମାନେ ବିଶ୍ୱର ସବୁଠାରୁ ମୂଲ୍ୟବାନ ସମ୍ପଦ।

- ଜେ ଏଫ୍. କେନେଡ଼ି

## ଗଣତନ୍ତ୍ରରେ ଗୋଳ

କୋଭିଡ୍ ମହାମାରୀ ପରବର୍ତ୍ତୀ ସମୟରେ ଗୋଟିଏ ପରେ ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚିତ ସରକାରମାନେ ଜନଆକ୍ରୋଶର ଶିକାର ହୋଇ ଗାଦିଚ୍ୟୁତ ହେଉଥିବା ଧାରାକୁ ଦେଖିଲେ ଲାଗୁଛି ଗଣତନ୍ତ୍ରକୁ ସତେଯେମିତି ଗ୍ରହଣ ଲାଗିଛି। ୨୦୨୨ରେ ଶ୍ରୀଲଙ୍କାରୁ ଆରମ୍ଭ ହୋଇଥିବା ଶାସକ ବିରୋଧୀ ଜନଆକ୍ରୋଶର ଧାରା କ୍ରମେ ବାଂଲାଦେଶ, ଇଣ୍ଡୋନେସିଆ, ନେପାଳ ପରେ ଏବେ ବିକଶିତ ରାଷ୍ଟ୍ର ଫ୍ରାନ୍ସରେ ପହଞ୍ଚିଲାଣି।

ଉପରୋକ୍ତ ଗଣତାନ୍ତ୍ରିକ ଦେଶରେ ଯାହା ଘଟୁଛି ସେ ସବୁ ପଛରେ କେବଳ ଆମେରିକା କିମ୍ବା ଚୀନ୍‌ର ବିସ୍ତାରବାଦୀ ଆଭିମୁଖ୍ୟର ଷଡ଼ଯନ୍ତ୍ରକୁ ଦାୟୀ କଲେ ହେବ ନାହିଁ। ବିଗତ କିଛିବର୍ଷର ଘଟଣାକ୍ରମକୁ ଲକ୍ଷ୍ୟ କଲେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ପରିବାରବାଦ ଓ ଗୋଷ୍ଠୀବାଦର ପ୍ରଭାବ ଏବଂ ତଦ୍‌ଜନିତ ଦୁର୍ନୀତି ଓ ଭ୍ରଷ୍ଟାଚାରର ସାମଞ୍ଜସ୍ୟଟି ଜଳଜଳ ଦିଶୁଛି। ଶ୍ରୀଲଙ୍କା, ବାଂଲାଦେଶ, ଇଣ୍ଡୋନେସିଆ, ନେପାଳ ଆଦି ଦେଶର ସାମାଜିକ-ଅର୍ଥନୈତିକ ବ୍ୟବସ୍ଥା ଫ୍ରାନ୍ସଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଅଥଚ ଜନଆକ୍ରୋଶ, ବିଦ୍ରୋହ ପଛର କାରଣ ସମାନ। ଦକ୍ଷିଣ ଏସିଆର ଉପରୋକ୍ତ ବିକାଶଶୀଳ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକରେ ଶାସନ ବିରୋଧୀ ଜନଆକ୍ରୋଶ ପଛରେ ବେରୋଜଗାର, ଦରଦାମ ବୃଦ୍ଧି, ମୌଳିକ ସୁବିଧା ସୁଯୋଗର ସଂକୋଚନ ଆଦି ଯୋଡ଼ି ହୋଇଥିବାରୁ ବାହ୍ୟଶକ୍ତିର ପ୍ରରୋଚନରେ ସରକାର ବିରୋଧୀ ବିପ୍ଳବ ମୁଣ୍ଡ ଟେକିଥିବା ଅଭିଯୋଗକୁ ସ୍ୱୀକାର କରାଯାଇପାରେ। କିନ୍ତୁ ବିକଶିତ ରାଷ୍ଟ୍ର ଫ୍ରାନ୍ସର ଜନତା ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ରୋଜଗାର ଆଦି ସବୁକ୍ଷେତ୍ରରେ ବହୁ ଆଗୁଆ। ତେଣୁ ସେମାନେ ଯେ କୌଣସି ବାହ୍ୟଶକ୍ତିର ପ୍ରରୋଚନରେ ସରକାରୀ ବିରୋଧୀ ବିକ୍ଷୋଭ ପାଇଁ ବହୁମୂଲ୍ୟ ସମୟ ଅପଚୟ କରିବେ ସେ ବିଶ୍ୱାସ ଆପାତତଃ ଆସୁନାହିଁ। ଘଟଣାକ୍ରମର ଆଉ ଏକ ସାମଞ୍ଜସ୍ୟ ହେଲା କ୍ଷମତା ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି ଜେନ୍-ଜେଡ୍ ବା ଛାତ୍ରସମାଜ। ଯେତେବେଳେ ଛାତ୍ରସମାଜ ଆନ୍ଦୋଳନକୁ ଓହ୍ଲାନ୍ତି ସେତେବେଳେ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ଓ ମୌଳିକ ସାମାଜିକ-ଅର୍ଥନୈତିକ ଭିତ୍ତିଭୂମି ଉପରେ ପ୍ରଶ୍ନ ଚିହ୍ନଟିଏ ଲାଗିଯାଏ, ଯେଉଁଥିରୁ ଦ୍ରୁତଅଭିବୃଦ୍ଧିଶୀଳ ରାଷ୍ଟ୍ରର ମାନ୍ୟତା ପାଇଥିବା ବାଂଲାଦେଶ ଅଦ୍ୟାବଧି ମୁକୁଳି ପାରିନାହିଁ।

ଶ୍ରୀଲଙ୍କାରେ ରାଷ୍ଟ୍ରପତି ଗୋଟାବାୟା ରାଜପକ୍ଷଙ୍କ ପରିବାର ଗଣତନ୍ତ୍ରକୁ ପରିବାରତନ୍ତ୍ରରେ ପରିଣତ କରିଦେଇଥିବା ବେଳେ ଲୋକଙ୍କ ସମସ୍ୟା ସମାଧାନ ଗୌଣ ହୋଇପଡ଼ିଥିଲା। ଅଦୂରଦର୍ଶୀ ନୀତି ଯୋଗୁଁ ଦେଶ ଗୁରୁତର ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଥିଲା। ଶୂନ୍ୟପ୍ରାୟ ବୈଦେଶିକ ବିନିମୟ ମୁଦ୍ରା ଭଣ୍ଡାର ଯୋଗୁଁ ଲୋକଙ୍କ ଅତ୍ୟାବଶ୍ୟକ ସାମଗ୍ରୀ ଏପରିକି ଖାଦ୍ୟ ଯୋଗାଇବାରେ ସେଠାକାର ସରକାର ବିଫଳ ହେଲେ। ଅର୍ଥନୈତିକ ଓ ମାନବିକ ସଙ୍କଟ ଜନଆକ୍ରୋଶରେ ପରିଣତ ହେଲା। ଲୋକେ ଆଇନ ହାତକୁ ନେଲେ। ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପକ୍ଷେ ଓ ଶେଷରେ ରାଷ୍ଟ୍ରପତି କ୍ଷମତାଚ୍ୟୁତ ହେଲେ। ବାଂଲାଦେଶରେ ନିଯୁକ୍ତି କ୍ଷେତ୍ରରେ ମାତ୍ରାଧିକ ସଂରକ୍ଷଣ ଘୋଷଣା ଛାତ୍ରସମାଜକୁ ଉତ୍କ୍ଷିପ୍ତ କଲା ଏବଂ ତଦ୍‌ଜନିତ ହିଂସା ଅପ୍ରତିଦ୍ୱନ୍ଦ୍ୱୀ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଗାଦିଚ୍ୟୁତ କରିବା ସହିତ ଦେଶଛାଡ଼ି ପଳାୟନ କରିବାକୁ ବାଧ୍ୟ କଲା। ଗଣତାନ୍ତ୍ରିକ ରାଷ୍ଟ୍ର ଇଣ୍ଡୋନେସିଆରେ ବେରୋଜଗାରୀ ଓ ଦରଦାମ ବୃଦ୍ଧି ପାଉଥିବା ବେଳେ ନିର୍ବାଚିତ ଜନପ୍ରତିନିଧିମାନେ ସେମାନଙ୍କ ଦରମା ଓ ଭତ୍ତା ବୃଦ୍ଧି କରିନେଲେ। ଜନକଲ୍ୟାଣ ପରିପନ୍ଥୀ ଏହି ନିଷ୍ପତ୍ତିରେ ସ୍ୱାଭାବିକ ଭାବେ ଜନଆକ୍ରୋଶ ହିଂସାର ରୂପ ନେଲା। ନେପାଳରେ ଶାସକ ବର୍ଗର କ୍ରମାଗତ ଦୁର୍ନୀତି ଓ ପ୍ରିୟାପ୍ରୀତିତୋଷଣ ବିରୋଧରେ ଜନତାଙ୍କ ସହନଶୀଳତା ଯେତେବେଳ ସୀମା ଲଂଘିଲା, ନାଗରିକମାନେ ନିଜ ଜୀବନକୁ ବାଜି ଲଗାଇବାକୁ ମଧ୍ୟ ଡରିଲେ ନାହିଁ। ଶେଷରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ଇସ୍ତଫା ଦେଲେ। ଦଳୀୟ ଶାସନ ବ୍ୟବସ୍ଥା ଉପରୁ ଆସ୍ଥା ହରାଇ ନେପାଳୀମାନେ ସମ୍ବିଧାନ ପରିବର୍ତ୍ତନ ଓ ଅଣ-ରାଜନୈତିକ ଦଳର ବ୍ୟକ୍ତିତ୍ୱଙ୍କୁ ଶାସନ ମୁଖ୍ୟ ଭାବେ ଉପସ୍ଥାପନ କରିବାକୁ ଚାହୁଁଛନ୍ତି।

ଏସବୁର ଊର୍ଦ୍ଧ୍ୱରେ ପ୍ରଶ୍ନ ଉଠୁଛି ବିଜ୍ଞାନ, କାରିଗରୀ, ଅର୍ଥନୀତି ସମୃଦ୍ଧ ବିକଶିତ ରାଷ୍ଟ୍ର ଫ୍ରାନ୍ସର ସ୍ଥିତି ଏପରି କ'ଣ ହେଲା ଯେ ଋଣପାହାଡ଼ର ଆକାର ସମେତ ବଜେଟ୍ ନିଅଣ୍ଟ ପରିମାଣ ବଢ଼ିଚାଲିଲା? ଏହାପଛରେ ଥିଲା ମନ୍ତ୍ରିପରିଷଦର ତ୍ରୁଟିପୂର୍ଣ୍ଣ ଓ ଆତ୍ମକୈନ୍ଦ୍ରିକ ନୀତି। ଋଣଦାତା ଓ ସାମରିକ ବାହିନୀ ହାତକୁ ଦେଶ ଚାଲିଯିବାର ଆଶଙ୍କା ସହିତ ରାଷ୍ଟ୍ରୀୟ ସ୍ୱାଧୀନତା, ନାଗରିକଙ୍କ ଭବିଷ୍ୟତ, ଲୋକସେବା, ସାମାଜିକ ବ୍ୟବସ୍ଥାକୁ ନେଇ ସନ୍ଦିହାନ ହୋଇପଡ଼ିଥିବା ନାଗରିକ ଶେଷରେ ଅତିଷ୍ଠ ହୋଇ ରାଜରାସ୍ତାକୁ ଓହ୍ଲାଇଛନ୍ତି। ସେହି ଗଣତାନ୍ତ୍ରିକ ରାଷ୍ଟ୍ରରେ ଗତ ୨୦ ମାସ ଭିତରେ ତିନି ଜଣ ପ୍ରଧାନମନ୍ତ୍ରୀ ପରିବର୍ତ୍ତନ ହୋଇଥିବା ବେଳେ ଧାରାରେ ଚତୁର୍ଥ ପ୍ରଧାନମନ୍ତ୍ରୀ ଭାବେ ସଦ୍ୟତମ ସାମିଲ୍ ହୋଇଛନ୍ତି ଫାଙ୍କସ୍ୱା ବାଇରୋ। ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଧାରାରେ ସାମିଲ୍ ହୋଇଛି ଆଉ ଏକ ବିକଶିତ ଗଣତାନ୍ତ୍ରିକ ରାଷ୍ଟ୍ର ଜାପାନ୍। ସେଠାରେ ୧୯୯୫ରୁ କ୍ରମାଗତ କ୍ଷମତାସୀନ ଲିବରାଲ୍ ଡେମୋକ୍ରାଟିକ୍ ପାର୍ଟି ଆର୍ଥିକ ପରିଚାଳନାରେ ଅନିୟମିତତା, ନିଯୁକ୍ତି ଓ ମଜୁରୀ ବୃଦ୍ଧିରେ ସ୍ଥାଣୁତା, ଶ୍ରମିକ ସଂଖ୍ୟା ହ୍ରାସ, କ୍ରମବର୍ଦ୍ଧିଷ୍ଣୁ ମୁଦ୍ରାସ୍ଫୀତି, ଜନସାଂଖ୍ୟିକ ବୈଷମ୍ୟ ଯୋଗୁଁ ସମାଲୋଚିତ ହୋଇଆସୁଛି। ଶାସନତନ୍ତ୍ରରେ ଦୁର୍ନୀତି ନାଗରିକଙ୍କୁ ଏତେ ଅତିଷ୍ଠ କଲା ଯେ ୨୦୨୨ ଜୁଲାଇରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସିଞ୍ଜୁ ଆବେଙ୍କୁ ଏକ ସାଧାରଣ ସଭାରେ ଗୁଳି କରି ହତ୍ୟା କରାଗଲା। ଶାସକ ଦଳର ୪୫ ଜଣ ନୀତି ନିର୍ଦ୍ଧାରକଙ୍କ ବିରୋଧରେ ଗୁରୁତର ଦୁର୍ନୀତି ଅଭିଯୋଗ ଆସିଛି ଏବଂ ଦୁର୍ନୀତି ଯୋଗୁଁ ଜାପାନ୍ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୈତିକ ଶକ୍ତିର ମାନ୍ୟତା ହରାଇଛି।

ଏକଛତ୍ରବାଦ ଓ ସ୍ୱୈରଚାର ଆକ୍ରାନ୍ତ ରାଜତନ୍ତ୍ରର ସର୍ବୋଚ୍ଚ ବିକଳ୍ପ ଭାବେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିଶ୍ୱାଦୃତ ହୋଇଥିଲା। କିନ୍ତୁ ଏବେ କ୍ରମଶଃ ଗଣତନ୍ତ୍ର ଏହାର ମୂଳ ମହତ୍ ଲକ୍ଷ୍ୟଠାରୁ ଦୂରେଇ ଯାଉଥିବା ଅନୁଭୂତ ହେଉଛି। ଗଣତନ୍ତ୍ର ଲୋକଙ୍କ ଶାସନ - ଏହା କେବଳ ସଜ୍ଞାରେ ସୀମିତ ରହିଯାଇଛି। ଲୋକଙ୍କ ଦ୍ୱାରା ଗଠିତ ଏହି ଶାସନ ବ୍ୟବସ୍ଥା ଆଉ ଲୋକଙ୍କ ପାଇଁ ହୋଇ ଆଉ ରହିନାହିଁ। ତେଣୁ ଜନଆକ୍ରୋଶ ବିକ୍ଷୋଭର ରୂପ ନେଉଛି। ପ୍ରାକ୍-ବିଶ୍ୱଯୁଦ୍ଧ ଇତିହାସ କଡ଼ ଲେଉଟାଉଛି। ସବୁଠାରୁ ଉଦ୍‌ବେଗଜନକ ହେଉଛି ଗଣତନ୍ତ୍ରର ମୂଳାଧାର ନିର୍ବାଚନ ପ୍ରକ୍ରିୟା ଉପରେ ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ତୁଟି ଯାଇଥିବା ଭଳି ହୃଦ୍‌ବୋଧ ହେଉଛି। ଏହା ହିଁ ଗଣତନ୍ତ୍ରର ସବୁଠାରୁ ବଡ଼ ବିପର୍ଯ୍ୟୟ।

## ଏକ କର୍ମଯୋଗୀ ସାମର୍ଥ୍ୟ ଆୟୋଗ ସପକ୍ଷରେ

ମନୋରଞ୍ଜନ ମହାନ୍ତି

ଚତୁର୍ଦ୍ଦିଗରେ ଠକାମି, ଅପାରଗତା, ଅବହେଳା, ଦୁର୍ଭାଗ୍ୟ, ଦୁଃସ୍ଥିତିର ପରିବେଶ। ଅପରପକ୍ଷରେ ପ୍ରଚଳିତ ମାନବସମ୍ବଳ ବିନିଯୋଗ ପଦ୍ଧତି ବୌଦ୍ଧିକ, ସାମାଜିକ, ଆଧ୍ୟାତ୍ମିକ ମାନସମ୍ପନ୍ନ ବ୍ୟକ୍ତିମାନଙ୍କୁ ଉପଯୁକ୍ତ ଉପଯୋଗ କରିବାରେ ବିଫଳ ହୋଇଥିବା ଅଭିଯୋଗ ହୁଏ। ପ୍ରଚଳିତ ବ୍ୟବସ୍ଥାରେ ନିଷ୍କର୍ମାମାନଙ୍କ ଦ୍ୱାରା ସ୍ୱାୟତ୍ତତା ଓ ଉତ୍ତରଦାୟିତ୍ୱ ନଷ୍ଟ ହେଉଛି। ଅପରପକ୍ଷରେ କର୍ମଠମାନଙ୍କର କାର୍ଯ୍ୟଭାର ଚାପ ବଢ଼ିଚାଲିଛି। କିଛି ବିଭାଗରେ ଅନେକ କାମ ହୋଇପାରୁ ନାହିଁ। ଆଉ କିଛି ବିଭାଗରେ କାମ ନଥାଇ କର୍ମଚାରୀମାନେ ବସିରହୁଛନ୍ତି। ଏହି ପୃଷ୍ଠଭୂମିରେ ରାଜଧାନୀ ଦିଲ୍ଲୀରେ ୫୧ଟି ମନ୍ତ୍ରାଳୟ ୨୫କୁ, ୧୦୦ରୁ ଊର୍ଦ୍ଧ୍ୱ ବିଭାଗ ୫୦କୁ ଖସାଇ ଦିଆଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି।

ଭାରତରେ ଏପରି ଏକ ଲୋକସେବା ଆବଶ୍ୟକ, ଯାହା ଉଭୟ ସୃଜନଶୀଳ (କ୍ରିଏଟିଭ୍) ଓ ଲକ୍ଷ୍ୟ ପ୍ରାପ୍ତିରେ ସହାୟକ ବା ଅନୁକୂଳ (ଷ୍ଟ୍ରାଟେଜିକ୍) ହୋଇଥିବ। ତେଣୁ 'ସାମର୍ଥ୍ୟ ଗଠନ ଆୟୋଗ' ଏକ ଅଭିନବ ମହତ ପରିକଳ୍ପନା, ଯାହା ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିଯୁକ୍ତି, ଗଠନ, ପ୍ରଶିକ୍ଷଣ, କାର୍ଯ୍ୟ ପରିଚାଳନା, ବେତନ, ସଂସ୍କୃତି ଜରିଆରେ ସଂସ୍କାରଗୁଡ଼ିକୁ ସଂହତ କରାଇ କର୍ମଚାରୀମାନଙ୍କୁ କର୍ମଯୋଗୀରେ ପରିଣତ କରିବାର ଲକ୍ଷ୍ୟ ରଖେ। ଏହା ଉତ୍କର୍ଷ ସମ୍ବଳକୁ ଆକର୍ଷଣ କରେ କିମ୍ବା ସମ୍ବଳ ଉତ୍କର୍ଷକୁ ଆକର୍ଷଣ କରେ ଜାଣିବା ଅସମ୍ଭବ, କିନ୍ତୁ ଯଦି ପ୍ରତିଯୋଗିତା, ନବୀନ ପରିକଳ୍ପନା/ପଦ୍ଧତି, ବିଶେଷଜ୍ଞାନ ପ୍ରାପ୍ତି, ପରୀକ୍ଷଣ, ପରିବର୍ତ୍ତନ ପ୍ରତି ସମ୍ବେଦନଶୀଳତା ମାଧ୍ୟମରେ ଉଭୟ ଉତ୍କର୍ଷ ଓ ସମ୍ବଳ କାର୍ଯ୍ୟ କରନ୍ତି, ତଦ୍ଦ୍ୱାରା ଯାଦୁକରୀ ଫଳ ପ୍ରାପ୍ତି ହୁଏ। ଆନି ମ୍ୟାରୀ ସ୍ଲଟର୍ ସ୍ୱରଚିତ ପୁସ୍ତକ 'ଦି ଚେସ୍ ବୋର୍ଡ ଆଣ୍ଡ ଦି ୱେବ୍'ରେ ଦର୍ଶାଇଛନ୍ତି ଯେ ଲୋକ ସେବା(ସିଭିଲ୍ ସର୍ଭିସ୍)ରେ ପରିଚାଳନାଗତ ଦକ୍ଷତା ପାଇଁ ବ୍ୟକ୍ତି ସଦ୍ୟତମ ସୂଚନା ପ୍ରାପ୍ତ ହେବା ଏବଂ ତା'ର ମନ ଆଧୁନିକ ଜ୍ଞାନର ନବୀନତମ ସ୍ତର ପର୍ଯ୍ୟନ୍ତ ପହଞ୍ଚିବା ଉଚିତ।

ମନେ କରାଯାଉ ଜଣେ ସାଧାରଣ ଲୋକ ନିଜର କୌଣସି କାର୍ଯ୍ୟ ଉଦ୍ଦେଶ୍ୟରେ ଗୋଟେ ଦପ୍ତରକୁ ଯାଉଛନ୍ତି। ସମୟକ୍ରମେ ଭେଟୁଛନ୍ତି ଚାରିଜଣଙ୍କୁ: ଫାଟକରେ ନିରାପତ୍ତାରକ୍ଷୀ, ତା'ପରେ ଅଭ୍ୟର୍ଥନାକାରୀ, ପ୍ରକୋଷ୍ଠରେ ସଂପୃକ୍ତ ଅମଲା, କ୍ୟାବିନ୍ ଭିତରେ ମୁଖ୍ୟ କାର୍ଯ୍ୟନିର୍ବାହୀ। ଅଭ୍ୟର୍ଥନାକାରୀ ବସୁଥିବା ସ୍ଥାନରେ ଲେଖାହୋଇଛି 'ଡିଉଟି ଇଜ୍ ଗଡ୍' (କର୍ତ୍ତବ୍ୟ ହିଁ ଈଶ୍ୱର), ସଂପୃକ୍ତ ଅମଲାଙ୍କ ପ୍ରକୋଷ୍ଠ କାନ୍ଥରେ କାର୍ଡବୋର୍ଡଟିଏ ଟଙ୍ଗାଯାଇଛି, ଯେଉଁଥିରେ ଲେଖାଯାଇଛି- 'ୱାର୍କ୍ ଇଜ୍ ୱର୍‌ସିପ୍'(କର୍ମ ହିଁ ଉପାସନା), ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ କ୍ୟାବିନ୍ ଭିତରେ ଲେଖାଅଛି 'ଶ୍ରଦ୍ଧା ସବୁରୀ'। କିନ୍ତୁ ସାଧାରଣ ଲୋକ ଲକ୍ଷ୍ୟ କରୁଛନ୍ତି ସେହି ସମସ୍ତ ଚାରିଜଣଙ୍କ ଶୁଷ୍କ, ଗମ୍ଭୀର ମୁହଁରେ ଅଶ୍ରଦ୍ଧା, ଅବିଶ୍ୱାସ, ଅଧୈର୍ଯ୍ୟ, ଅଳସପଣର ଚିହ୍ନ। ଅନୁଭବ କରୁଛନ୍ତି ସବୁଠି କାଳକ୍ଷେପଣ ନୀତି, ଦୀର୍ଘସୂତ୍ରତା, କୌଣସି ସମସ୍ୟାକୁ ସରଳ ସମାଧାନ ନକରି ଜଟିଳରୁ ଜଟିଳତର କରିବାର ଯାନ୍ତ୍ରିକ ପ୍ରକ୍ରିୟା, ସାଧାରଣ ମଣିଷର ଦୁଃଖରେ ସୁଖୀ ହେବାର ଅମଲାତନ୍ତ୍ରୀ ସ୍ୱଭାବ। ଶ୍ରଦ୍ଧା ସଂଚାର କରେ ବିଶ୍ୱାସ, ଉର୍ଜା (ଶକ୍ତି), ଈଶ୍ୱରପ୍ରଣିଧାନ (ଈଶ୍ୱରଙ୍କ ପ୍ରତି ପ୍ରତିଶ୍ରୁତିବଦ୍ଧତା)। 'ଶ୍ରଦ୍ଧା' ବିଶ୍ୱାସର, 'ସବୁରୀ' ଧୈର୍ଯ୍ୟ, ଅଧ୍ୟବସାୟର ସୂଚକ। ଅମଲାତନ୍ତ୍ରରେ ଶ୍ରଦ୍ଧାର ଅଭାବ ହେତୁ ଆମ ଅମଲାତନ୍ତ୍ରୀଙ୍କ ନିଜ ଓ ଅନ୍ୟ ଉପରେ ବିଶ୍ୱାସର ଅଭାବ, ସାଧାରଣ ମଣିଷର ସମସ୍ୟା ଶୁଣିବା ପାଇଁ ଧୈର୍ଯ୍ୟର ଅଭାବ, ସମସ୍ୟା ସମାଧାନ ପାଇଁ ଅଧ୍ୟବସାୟ ଓ ଶକ୍ତିର ଅଭାବ। କେବଳ କେତୋଟି ନିର୍ଦ୍ଧାରିତ ପାଠ୍ୟପୁସ୍ତକ ଘୋଷି ଲିଖିତ ଓ ମୌଖିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ପଦସ୍ଥ ଅମଲାତନ୍ତ୍ରୀ ହୋଇ ନିଜ ଦପ୍ତର, ବାସଭବନକୁ ଚାକଚକ୍ୟମୟ କରିବା ଏବଂ ଅଙ୍ଗରକ୍ଷୀ ସହିତ ବାତାନୁକୂଳ ଯାନରେ ଯାତାୟତ କରିବା ଦ୍ୱାରା ଅମଲାତନ୍ତ୍ରର ସଂସ୍କାର ହୁଏ ନାହିଁ। ସଂସ୍କାର ହୁଏ ଅମଲାତନ୍ତ୍ରୀଙ୍କ ସ୍ୱଭାବରେ ସଂସ୍କାର ହେଲେ। ଅର୍ଥାତ୍ ଅମଲାତନ୍ତ୍ରୀ ଉନ୍ନତ ଜ୍ଞାନ, ଉତ୍ତମ ଚରିତ୍ର ଅର୍ଜନ କରି ଶ୍ରଦ୍ଧା, ଶାନ୍ତି, ଶକ୍ତିକୁ ସ୍ୱଭାବରେ ପରିଣତ କଲେ। ଅପରପକ୍ଷରେ ଏହାର ବିପରୀତ ଅମଲାତନ୍ତ୍ରୀ ଅଛନ୍ତି, ଯେଉଁମାନେ ଅମଲାତନ୍ତ୍ର ବ୍ୟବସ୍ଥା, କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା, ସାଧୁତା ଓ ଶୃଙ୍ଖଳା ପାଇଁ ଉଦାହରଣୀୟ, ଅନୁକରଣୀୟ ଭାବେ ସୁନାମ ଅର୍ଜନ କରିଛନ୍ତି। ପ୍ରେରଣାର ଉତ୍ସ ଭାବେ ଇତିହାସ ସୃଷ୍ଟି କରିଛନ୍ତି। ଏଭଳି ଆଦର୍ଶସ୍ଥାନୀୟ ଅମଲାଙ୍କ କାର୍ଯ୍ୟଧାରା ଓ ମାନସିକତାକୁ ଅମଲାତନ୍ତ୍ର ବହୁଳ ଭାବେ ଗ୍ରହଣ କରିବାରେ ଉଦାସୀନତା ଓ ଅବହେଳା କରୁଥିବାରୁ ଜନସାଧାରଣରେ ଅଯଥା ସମାଲୋଚିତ ହେଉଛି।

ଅମଲାତନ୍ତ୍ର ପ୍ରତି ଥିବା ନକାରାତ୍ମକ ଧାରଣା ପଛରେ ଅନେକ କାରଣ ଦାୟୀ। ଜନପ୍ରତିନିଧି ହେବାକୁ ଚାହୁଁଥିବା କିଛିଲୋକ ପଞ୍ଚାୟତ, ବିଧାନସଭା, ଲୋକସଭା ନିର୍ବାଚନଗୁଡ଼ିକୁ ଅପ୍ରମିତ ଅର୍ଥ କାରବାରର ଅମରାବତୀ, ବିପୁଳ ବାହୁବଳର ପ୍ରୟୋଗଶାଳା, ପାରସ୍ପରିକ ଅଶାଳୀନ ବାକ୍ୟବାଣ ନିକ୍ଷେପର ବ୍ୟୋମମଣ୍ଡଳରେ ପରିଣତ କରିଛନ୍ତି। କ୍ଷମତାସୀନ ରାଜନେତାଙ୍କ କବଳରେ ରହିଛନ୍ତି ବ୍ଲକ, ତହସିଲ୍, ଜିଲ୍ଲା କାର୍ଯ୍ୟାଳୟ, ଭିନ୍ନଭିନ୍ନ ନିର୍ଦ୍ଦେଶାଳୟ, ଆୟୋଗ, ସଚିବାଳୟର କିଛି କିଛି ଅମଲାତନ୍ତ୍ରୀ, ଯେଉଁମାନେ ନିଯୁକ୍ତି ଓ ପଦୋନ୍ନତି ପାଇଁ ରାଜନେତାଙ୍କ ସ୍ତାବକତା କରିବାକୁ ସୌଭାଗ୍ୟ ଓ ସୁକୃତ ମଣୁଛନ୍ତି।

ଏପରି ସ୍ଥିତିରେ ଅମଲାତନ୍ତ୍ରର ଗତି ସହଜରେ ଅନୁମେୟ। ସମୂହ ସ୍ୱାର୍ଥ ରକ୍ଷା କରି ଗଣଜୀବନକୁ ଆନନ୍ଦମୟ କରିବା ହେଉଛି ଗଣତନ୍ତ୍ରର ମୂଳ ଲକ୍ଷ୍ୟ, ଯେଉଁ ଲକ୍ଷ୍ୟର ପ୍ରାପ୍ତି ନିମିତ୍ତ ରାଜନୈତିକ ଇଚ୍ଛାଶକ୍ତି, ଅମଲାତାନ୍ତ୍ରିକ ତତ୍ପରତା ଆବଶ୍ୟକ। ଅଥଚ ଆମ ଦେଶରେ ଏ ଦୁଇଟିର ଅଭାବ ସର୍ବତ୍ର ଅନୁଭୂତ। ସଦ୍‌ଗୁରୁ ଜାଗୀ ବାସୁଦେବଙ୍କ ମତରେ - "ପ୍ରତ୍ୟେକ ପ୍ରାଣୀ ପାଇଁ 'କିପରି ବଞ୍ଚିବାକୁ ହେବ' ସ୍ଥିରୀକୃତ, ମଣିଷ ପାଇଁ 'କିପରି ବଞ୍ଚିବାକୁ ହେବ' ସମ୍ପୂର୍ଣ୍ଣ ଆମ ହାତରେ ଅଛି। ଏହା ଆମର ମହତ ଅଧିକାର। ଜୀବନକୁ ଆମେ କେତେ ସୁନ୍ଦର, ମହତ କିମ୍ବା ଅଦରକାରୀ, ନିଷ୍କ୍ରିୟ କରିବାକୁ ଚାହୁଁ ତାହା ଆମ ଉପରେ ନିର୍ଭର କରେ। ଲୋକମାନେ ମୋତେ ପଚାରନ୍ତି, 'ନୂଆ ବର୍ଷରେ ସଂକଳ୍ପ କ'ଣ?' ମୁଁ ସେମାନଙ୍କୁ ପଚାରେ, 'ଆନନ୍ଦମୟ ଜୀବନ ବଞ୍ଚିବାର ସଂକଳ୍ପ ସଂଯୋଜନା ପାଇଁ ଦେଶର ସମ୍ବିଧାନକୁ ସଂଶୋଧନ କରିବା ଆବଶ୍ୟକ କି?' ସଚେତନ ହେବା ପାଇଁ ସଂକଳ୍ପର ଆବଶ୍ୟକତା ନାହିଁ। ତୁମେ କେବଳ ନିଜକୁ ପଚାର, 'ବିଗତ ବର୍ଷ ଜଣେ ମଣିଷ ଭାବରେ ମୋର ଅଗ୍ରଗତି ହୋଇଛି ନା ପଶ୍ଚାତ୍‌ଗତି?' ଯଦି ତୁମେ ନିଜ ଭିତରେ କମ୍ ଘର୍ଷଣ, ସଂଘର୍ଷ, ବିଶୃଙ୍ଖଳା, ଅନିଶ୍ଚିତତା ଅନୁଭବ କରୁଛ, ତେବେ ତାହା ଏକ ସୂଚନା ଯେ ତୁମେ ଠିକ୍ ଦିଗରେ ଗତି କରୁଛ।"

ଅମଲାତନ୍ତ୍ରୀମାନେ ଉନ୍ନତ ଜ୍ଞାନ, ଉତ୍ତମ ଚରିତ୍ର ସମନ୍ୱୟରେ ମନୁଷ୍ୟତ୍ୱ ବଳରେ ନିଜ ନିଜର ଜୀବନକୁ ସୁନ୍ଦର, ମହତ, ଦରକାରୀ, ସକ୍ରିୟ କଲେ ଯାଇ ସାଧାରଣ ମଣିଷମାନଙ୍କର ମାର୍ଗଦର୍ଶକ ହୋଇପାରିବେ ଏବଂ ସେମାନଙ୍କ ସମସ୍ୟାଗୁଡ଼ିକର ସରଳ ସମାଧାନ କରିବା ସହିତ ନିଷ୍ପକ୍ଷ ଭାବରେ କର୍ତ୍ତବ୍ୟ ନିର୍ବାହ କରି ସାଧାରଣ ଜୀବନଯାତ୍ରାକୁ ଆନନ୍ଦମୟ କରିପାରିବେ। ବାହ୍ୟ ପ୍ରଭାବରୁ ମୁକ୍ତ ହୋଇ ବିବେକାନୁମୋଦିତ ପନ୍ଥା ଅବଲମ୍ବନରେ ଅନ୍ତଃକରଣର ବିଚାରଶକ୍ତି ପ୍ରୟୋଗରେ କର୍ତ୍ତବ୍ୟ କଲେ ଯାଇ ଜଣେ ଅମଲାତନ୍ତ୍ରୀ ଚାକିରିକାଳ ମଧ୍ୟରେ ଯେତେ ଯେତେ ବିଭାଗରେ ଭିନ୍ନଭିନ୍ନ ଭୂମିକାରେ କାର୍ଯ୍ୟ କଲେ ବି ଜଣେ ଯଶସ୍ୱୀ ବ୍ୟକ୍ତିର ଭାବମୂର୍ତ୍ତି ରକ୍ଷା କରିପାରିବେ। ସଂସାରରେ ପ୍ରତ୍ୟେକ ମଣିଷର ପ୍ରାର୍ଥନା ତାହା ହିଁ ହେବା ଉଚିତ୍ ଯେ 'ହେ ଈଶ୍ୱର! ମୁଁ ମରଣଶୀଳ। ମୃତ୍ୟୁ ପର୍ଯ୍ୟନ୍ତ ମୋତେ ଅସତ୍ୟ, ଅନ୍ୟାୟ, ଅସାଧୁତା, ଅହଂକାର ଓ ଯାବତୀୟ ତୁଚ୍ଛତାରୁ ମୁକ୍ତି ଦିଅ, ଚୈତନ୍ୟ ଓ ଅନୁଭୂତିର ଉଚ୍ଚତର ସ୍ତରକୁ ମୋତେ ଉନ୍ନୀତ କର, ଯେପରି ମୁଁ ଜଣେ ମହତ୍ତ୍ୱପୂର୍ଣ୍ଣ ମଣିଷର ଜୀବନ ବଞ୍ଚିଥିଲି ବୋଲି ମୋର ମୃତ୍ୟୁବେଳେ ଲୋକେ କହିବେ।'


(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର), ମୋ: ୯୮୫୩୨୮୨୯୬୨

## ମହାକାଶରୁ ସୌରବିଦ୍ୟୁତ୍

ଇଂ ମାୟାଧର ସ୍ୱାଇଁ

ପୃଥିବୀ ବର୍ତ୍ତମାନ ଜାଗତିକ ଉଷ୍ଣତା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଭଳି ପାରିବେଶିକ ସମସ୍ୟା ଦେଇ ଗତି କରୁଛି। ବାୟୁମଣ୍ଡଳକୁ କାର୍ବନ ଉତ୍ସର୍ଜନ ସୀମିତ କରିବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ସ୍ଥିର କରାଯାଇଛି। ଅନେକ ୟୁରୋପୀୟ ଦେଶ ୨୦୫୦ ମସିହା ସୁଦ୍ଧା ନେଟ୍ ଶୂନ କାର୍ବନ ଉତ୍ସର୍ଜନ ହାସଲ କରବା ପାଇଁ ଘୋଷଣା କରିଛନ୍ତି। ଭାରତ ୨୦୭୦ ମସିହା ସୁଦ୍ଧା ଏବଂ ଚୀନ୍ ୨୦୬୦ ମସିହା ସୁଦ୍ଧା ଏହା ହାସଲ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ବାୟୁମଣ୍ଡଳକୁ କାର୍ବନ ଉତ୍ସର୍ଜନ ପଛରେ ତାପଜ ବିଦ୍ୟୁତ୍ କେନ୍ଦ୍ର ଅନ୍ୟତମ ମୁଖ୍ୟକାରକ। ଏଣୁ ତାପଜ ବିଦ୍ୟୁତ୍ ଉତ୍ପାଦନ ହ୍ରାସ କରି ସ୍ୱଚ୍ଛ ଓ ପରିବେଶବନ୍ଧୁ ଅକ୍ଷୟ ଶକ୍ତି ଉତ୍ସ ପ୍ରତି ପ୍ରାୟ ପ୍ରତ୍ୟେକ ଦେଶ ଆଗ୍ରହ ପ୍ରକାଶ କରିଛନ୍ତି।

ଅକ୍ଷୟ ଶକ୍ତି ଉତ୍ସ ମଧ୍ୟରେ ସୌର ଶକ୍ତି ହେଉଛି ଅନ୍ୟତମ। ସୌର ବ୍ୟାଟେରି ସାହାଯ୍ୟରେ ସୂର୍ଯ୍ୟାଲୋକରୁ ବିଦ୍ୟୁତ୍ ଉତ୍ପାଦନ କରାଯାଉଛି। ଅନ୍ତର୍ଜାତୀୟ ଶକ୍ତି ସଂସ୍ଥାର ଏକ ଆକଳନ ଅନୁଯାୟୀ ୨୦୨୪ ଓ ୨୦୩୦ ମସିହା ମଧ୍ୟରେ ପୃଥିବୀରେ ପ୍ରତିଷ୍ଠିତ ହେବାକୁ ଥିବା ଅକ୍ଷୟ ଶକ୍ତି ଉତ୍ସ ମଧ୍ୟରେ ଶକ୍ତିର ଅଂଶ ୮୦ ପ୍ରତିଶତ ହେବ। ଏହିସବୁ ସତ୍ତ୍ୱେ ସୌର ବିଦ୍ୟୁତ୍ ଉତ୍ପାଦନରେ କେତେକ ପ୍ରତିବନ୍ଧକ ଅଛି। ପ୍ରଥମତଃ, ଏହା କେବଳ ଦିନ ସମୟରେ ଉତ୍ପାଦିତ ହୋଇଥାଏ ଏବଂ ଦ୍ୱିତୀୟରେ ଦିନ ବେଳା ମଧ୍ୟ ଆକାଶରେ ମେଘ ଥିଲେ ବିଦ୍ୟୁତ୍ ଉତ୍ପାଦନ ହୋଇ ପାରେ ନାହିଁ। ତୃତୀୟରେ ଅନ୍ୟ ପ୍ରଯୁକ୍ତି ବିଦ୍ୟା ତୁଳନାରେ ଏଥିପାଇଁ ପ୍ରତି ୟୁନିଟ ବିଦ୍ୟୁତ୍ ଉତ୍ପାଦନ ପାଇଁ ଅଧିକ ଜାଗା ଆବଶ୍ୟକ ହୋଇଥାଏ।



ସୌର ବିଦ୍ୟୁତ୍ ଉତ୍ପାଦନର ଏହିସବୁ ଅସୁବିଧାଗୁଡ଼ିକୁ ଦୂର କରିବା ପାଇଁ ବୈଜ୍ଞାନିକମାନେ ଏକ ଅଭିନବ ପରିକଳ୍ପନା କରିଛନ୍ତି। ଏହା ହେଉଛି ମହାକାଶରେ ସୌରଫଳକ ସାହାଯ୍ୟରେ ବିଦ୍ୟୁତ୍ ଉତ୍ପାଦନ କରି ପୃଥିବୀକୁ ସଞ୍ଚାରଣ କରିବା। ମହାକାଶରେ ସର୍ବଦା ସୌରକିରଣ ଉପଲବ୍ଧ ଥାଏ ଏବଂ ସେଠାରେ ମେଘ ନାହିଁ। ପୁନଶ୍ଚ ପୃଥିବୀ ପୃଷ୍ଠରେ ସୌର କିରଣର ତୀବ୍ରତା ଯେତିକି ଥାଏ ପୃଥିବୀର ବାୟୁମଣ୍ଡଳ ଉପରେ ଏହି ତୀବ୍ରତା ଦଶଗୁଣ ଥାଏ, ଯାହା ଅଧିକ ପରିମାଣର ବିଦ୍ୟୁତ୍ ଉତ୍ପାଦନ କରିପାରିବ।

ମହାକାଶରୁ ସୌର ବିଦ୍ୟୁତ୍ ଉତ୍ପାଦନ କରିବା ନୂଆ ଧାରଣା ନୁହେଁ। ଅନେକ ବର୍ଷ ପୂର୍ବରୁ ଏଥର ମୌଳିକ କାରିଗରୀ ବିଦ୍ୟା ଜଣା ଅଛି। କିନ୍ତୁ ବର୍ତ୍ତମାନର ପ୍ରଯୁକ୍ତିବିଦ୍ୟାଗତ ଉନ୍ନତି ଆମର ଏହି ସ୍ୱପ୍ନକୁ ସାକାର କରିବାକୁ ଯାଉଛି। ଚଳିତ ବର୍ଷ ଅଗଷ୍ଟ ମାସରେ 'ଜୁଲ' ପତ୍ରିକାରେ ପ୍ରକାଶିତ ଏକ ନିବନ୍ଧରେ ମହାକାଶ ଆଧାରିତ ସୌର ବିଦ୍ୟୁତ୍ ସମ୍ଭାବନାକୁ ପ୍ରକାଶ କରାଯାଇଛି। ମହାକାଶରେ ଭୂସ୍ଥିର କକ୍ଷରେ ସୌରଫଳକ ଅବସ୍ଥାପିତ କରି ତାହା ସାହାଯ୍ୟରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯିବ। ଏହାକୁ ମାଇକ୍ରୋୱେଭ ଆକାରରେ ୨.୪୫ ଗିଗାହର୍ଜ ଆବୃତ୍ତିରେ ବିନା ତାରରେ ପୃଥିବୀକୁ ସଞ୍ଚାରଣ କରାଯିବ। ପୃଥିବୀପୃଷ୍ଠରେ ସ୍ଥାପିତ ସଂଗ୍ରାହକ କେନ୍ଦ୍ର 'ରେକ୍ଟେନା' ଏହାକୁ ସଂଗ୍ରହ କରି ପୁଣି ବିଦ୍ୟୁତ୍‌ରେ ରୂପାନ୍ତରଣ କରିବ ଏବଂ ବିଦ୍ୟୁତ୍ ଗ୍ରୀଡକୁ ପ୍ରଦାନ କରାଯିବ। ଏହାର ଏକ ଆକର୍ଷଣୀୟ ଦିଗ ହେଉଛି ଯେ ଏହାର ସଞ୍ଚାରଣ ପାଇଁ କୌଣସି ତାର ଦରକାର ହେଉ ନଥିବାରୁ ଏହାକୁ ମହାକାଶରୁ ଯେକୌଣସି ସ୍ଥାନକୁ ପଠାଇ ହେବ। ଏଣୁ ଏହାକୁ ଚନ୍ଦ୍ର କିମ୍ବା ମଙ୍ଗଳ ପୃଷ୍ଠକୁ ପଠାଇ ସେଠାରେ ବିଭିନ୍ନ ପରୀକ୍ଷା କରିବାର ଆମର ଦକ୍ଷତାକୁ ବୃଦ୍ଧି କରାଯାଇପାରିବ।

ଏହା କାଳ୍ପନିକ ନୁହେଁ କିମ୍ବା କେବଳ ତାତ୍ତ୍ୱିକ ପରିକଳ୍ପନା ନୁହେଁ। ପରୀକ୍ଷାମୂଳକ ଭାବେ ଏହାକୁ ସାବ୍ୟସ୍ତ କରାଯାଇଛି। ଯୁକ୍ତରାଷ୍ଟ୍ର ଆମେରିକାର କାଲିଫର୍ଣ୍ଣିଆ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିଠାରେ ୨୦୨୩ ମସିହା ମଇ ୨୨ ତାରିଖରେ ଏହି ଉପାୟରେ ପରୀକ୍ଷାମୂଳକ ଭାବେ ବିଦ୍ୟୁତ୍ ଉତ୍ପାଦନ କରାଯାଇଛି। ଗୋଟିଏ କୃତ୍ରିମ ଉପଗ୍ରହରେ ଥିବା 'ମାପଲ' ନାମକ ସୌରଫଳକରୁ ମାଇକ୍ରୋୱେଭ ଆକାରରେ ପୃଥିବୀକୁ ବିଦ୍ୟୁତ୍ ପଠାଯାଇଥିଲା ଏବଂ କାଲିଫର୍ଣ୍ଣିଆରେ ଏହା ସାହାଯ୍ୟରେ ଦୁଇଟି ବତୀକୁ ଆଲୋକ ପ୍ରଦାନ କରାଯାଇଥିଲା।

ମହାକାଶରୁ ଅଧିକ ପରିମାଣର ସୌର ବିଦ୍ୟୁତ୍ ଆହରଣ କରିବାରେ କେତେକ ପ୍ରତିବନ୍ଧକ ଅଛି। ଏଥିପାଇଁ ଭୂକକ୍ଷରେ ସୌର ଶକ୍ତି ଉପଗ୍ରହର ଆକାର ଏକ କିଲୋମିଟରରୁ ଅଧିକ ହୋଇପାରେ। ଏଥିପାଇଁ ରକେଟ ସାହାଯ୍ୟରେ ଏହାର ଫଳକ ଓ ଅନ୍ୟ ଯନ୍ତ୍ରପାତିଗୁଡ଼ିକୁ ଶତାଧିକ ଥର ଉତ୍କ୍ଷେପଣ କରିବାକୁ ପଡ଼ିବ। ରକେଟ ଦ୍ୱାରା ଉତ୍କ୍ଷେପଣ ବ୍ୟୟବହୁଳ। ଫଳରେ ଆର୍ଥନୀତିକ ଦୃଷ୍ଟିରୁ ଏହା ଲାଭଜନକ ହେବ ନାହିଁ ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି। ମାତ୍ର ମହାକାଶ ଅଭିଯାନ କ୍ଷେତ୍ରରେ ବେସରକାରୀ କମ୍ପାନୀଗୁଡ଼ିକର ପ୍ରବେଶ ଏହାର ଅଭିଯାନ ଖର୍ଚ୍ଚକୁ ହ୍ରାସ କରିପାରିଛି। ଉଦାହରଣ ସ୍ୱରୂପ, ମହାକାଶ ଯୁଗର ଅଧିକାଂଶ ଅଭିଯାନରେ ଭୂକକ୍ଷକୁ ଏକ କି.ଗ୍ରାର ବସ୍ତୁ ପଠାଇବା ପାଇଁ ପ୍ରାୟ ଦଶହଜାର ଡଲାର ଖର୍ଚ୍ଚ ହେଉଥିଲା। ମାତ୍ର ସ୍ପେସ୍ ଏକ୍ସର ପୁନଃବ୍ୟବହାରଯୋଗ୍ୟ ଫାଲକନ ରକେଟ ବିକାଶ ପରେ ଏହା ଏକ ହଜାର ଡଲାରକୁ ହ୍ରାସ ପାଇଛି। ପୁନଶ୍ଚ ଏହି କମ୍ପାନୀର ପ୍ରସ୍ତାବିତ ଷ୍ଟାରସିପ୍ ଏହି ଖର୍ଚ୍ଚକୁ ମାତ୍ର ଦୁଇ ଶହ ଡଲାରକୁ କମାଇ ଦେବ ବୋଲି ଆକଳନ କରାଯାଇଛି। ଯୁକ୍ତରାଷ୍ଟ୍ର ଆମେରିକା, ୟୁରୋପୀୟ ମହାକାଶ ସଂସ୍ଥା, ଚୀନ୍ ଓ ଜାପାନ ମହାକାଶ-ଆଧାରିତ ସୌରବିଦ୍ୟୁତ୍ ଆହରଣ ପାଇଁ ଯୋଜନା କରିଛନ୍ତି। ଚୀନ୍୨୦୩୦ ମସିହା ସୁଦ୍ଧା ଏକ ମେଗାୱାଟ କ୍ଷମତା ବିଶିଷ୍ଟ ଏକ ସୌରବିଦ୍ୟୁତ୍ କେନ୍ଦ୍ର ମହାକାଶରେ ସ୍ଥାପନା କରିବା ପାଇଁ ଘୋଷଣା କରିଛି।

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

## ଶ୍ରୀରାମଙ୍କ ସହିତ ପୂଜା ପାଆନ୍ତି ରାବଣଙ୍କ ପରିବାର

### ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ଭାରତରେ ଏଭଳି ଏକ ମନ୍ଦିର ଅଛି, ଯେଉଁଠି ଶ୍ରୀରାମଙ୍କ ସହିତ ରାବଣ ପରିବାର ସମସ୍ତ ସଦସ୍ୟ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ମଧ୍ୟପ୍ରଦେଶର ଇନ୍ଦୋର୍ ସହରର କାନାଡିଆ ରୋଡ୍‌ସ୍ଥିତ ବୈଭବନଗରରେ ଥିବା ଏହି ବିଚିତ୍ର ମନ୍ଦିରର ନାମ ହେଉଛି 'ଆପ୍‌ନେ ରାମ୍ କା ନିରାଲା ଧାମ୍'। ସ୍ଥାନୀୟ ଲୋକମାନେ ଏହି ମନ୍ଦିରକୁ 'ଛୋଟ ଅଯୋଧ୍ୟା' ନାମରେ ନାମିତ କରିଛନ୍ତି। ରାମାୟଣର ସମସ୍ତ ଚରିତ୍ର ଶ୍ରୀରାମଙ୍କ ସହିତ ଜଡ଼ିତ ଥିବାରୁ ସମସ୍ତେ ପୂଜନୀୟ ବୋଲି ଭକ୍ତଙ୍କ ବିଶ୍ୱାସ ଓ ଆସ୍ଥା ଏହି ମନ୍ଦିର ସହିତ ରହିଛି। ମନ୍ଦିରର ପୂଜାରୀଙ୍କ କହିବା ଅନୁଯାୟୀ ସ୍ୱୟଂ ହନୁମାନ ଏହି ମନ୍ଦିରର ନିର୍ମାଣ କରିବା ପାଇଁ ସ୍ୱପ୍ନାଦେଶ ଦେଇଥିଲେ। ତେଣୁ ପ୍ରାୟ ୧୯୯୦ ମସିହାରେ ପୂଜାରୀଙ୍କ ନିଜସ୍ୱ ଜମିରେ ମନ୍ଦିରଟି ନିର୍ମାଣ କରାଯାଇଛି। ମନ୍ଦିରର ଖ୍ୟାତି ଦୂରଦୂରାନ୍ତର ପର୍ଯ୍ୟନ୍ତ ରହିଛି। ବର୍ତ୍ତମାନ ସମୟରେ ଏହି ମନ୍ଦିର ପର୍ଯ୍ୟଟନ ସ୍ଥଳରେ ପରିଣତ ହୋଇଛି ଏବଂ ଅନେକ ବିଦେଶୀ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି।

ମନ୍ଦିରଟି ସମ୍ପୂର୍ଣ୍ଣ ଭାବେ ଦକ୍ଷିଣ ଭାରତୀୟ ମନ୍ଦିରଶୈଳୀରେ ନିର୍ମାଣ କରାଯାଇଛି। ମନ୍ଦିର ପ୍ରତ୍ୟେକ କାନ୍ଥ ଓ ଖମ୍ବରେ ରାମାୟଣର ବିଭିନ୍ନ ଚରିତ୍ରର ମୂର୍ତ୍ତି ଖୋଦିତ ହୋଇଛି। ଏହି ମନ୍ଦିରରେ ଶ୍ରୀରାମଙ୍କ ସହିତ କୈକେୟୀ, ମନ୍ଥରା, ରାବଣ, କୁମ୍ଭକର୍ଣ୍ଣ, ମେଘନାଦ, ବିଭୀଷଣ, ତ୍ରିଜଟା, ସୁପର୍ଣଖାଙ୍କ ମୂର୍ତ୍ତି ମଧ୍ୟ ରହିଛି। ଏହା ସହିତ ଶବରୀ, ଅହଲ୍ୟା, ମନ୍ଦୋଦରୀ ଓ ତାରାଙ୍କ ମୂର୍ତ୍ତି ମଧ୍ୟ ଅଛି। ମନ୍ଦିରର ମୁଖ୍ୟଦ୍ୱାରର ଊର୍ଦ୍ଧ୍ୱରେ ହନୁମାନଙ୍କ ପ୍ରତିମା ରହିଛି ଏବଂ ମନ୍ଦିର ପରିସରରେ ଶ୍ରୀବିଷ୍ଣୁଙ୍କ ୭୦ ଫୁଟ ଉଚ୍ଚତା ବିଶିଷ୍ଟ ବିଶାଳ ମୂର୍ତ୍ତି ଅଛି। ଏହା ସହିତ ମନ୍ଦିରରେ ଭଗବାନ ରାମେଶ୍ୱରମ୍‌ଙ୍କ ସହିତ ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ବିରାଜିତ ଏବଂ ଜ୍ୟୋର୍ତିଲିଙ୍ଗ ପୂଜାର୍ଚ୍ଚନା କରୁଥିବା ମୁଦ୍ରାରେ ରାବଣଙ୍କୁ ଦେଖିବାକୁ ମିଳେ। ଏହାବ୍ୟତୀତ ପରିସରରେ ରାବଣଙ୍କର ଏକ ସ୍ୱତନ୍ତ୍ର ମନ୍ଦିର ଅଛି, ଯେଉଁଠି ରାବଣ ଓ ବିଭୀଷଣଙ୍କ ପରିବାର ଶିବଙ୍କ ଆରାଧନା କରୁଥିବାର ମୂର୍ତ୍ତି ରହିଛି। ଏହାର ଗୋଟିଏ ପାର୍ଶ୍ୱରେ କୁମ୍ଭକର୍ଣ୍ଣ ଶୟନ କରୁଥିବାର ଗୋଟିଏ ମୂର୍ତ୍ତି ମଧ୍ୟ ଅଛି। ଏହି ମନ୍ଦିରରେ ଭଗବାନଙ୍କ ସହିତ ଅସୁରଙ୍କ ପ୍ରତିମା ସ୍ଥାନିତ ହେବା ପଛରେ ବିଶ୍ୱାସ ରହିଛି ଯେ, ସମସ୍ତଙ୍କ ଭିତରେ କିଛି ନା କିଛି ଦୈବୀ ଗୁଣ ଅଛି ଏବଂ ସମସ୍ତଙ୍କର ଜୀବନଗାଥା ଶିକ୍ଷଣୀୟ। ନକାରାତ୍ମକ ଚରିତ୍ରର ଗୁଣ ଓ ପରିଣାମ ସମ୍ପର୍କରେ ଏହି ସବୁ ମୂର୍ତ୍ତି ଶିକ୍ଷା ଦେଉଛି ବୋଲି ଭକ୍ତଙ୍କ ବିଶ୍ୱାସ ଅଛି। ତେଣୁ ଏଠାରେ ଶ୍ରଦ୍ଧାଳୁମାନେ ଅସୁରଙ୍କୁ ମଧ୍ୟ ଭକ୍ତି ସହକାରେ ଦର୍ଶନ କରିଥା'ନ୍ତି।

ଏହି ମନ୍ଦିରର ଦୁଇଟି ବିଶେଷତ୍ୱ ଅଛି। ପ୍ରଥମଟି ହେଉଛି- ମନ୍ଦିର ଭିତରକୁ ପ୍ରବେଶ କରିବାକୁ ହେଲେ ଶ୍ରଦ୍ଧାଳୁମାନଙ୍କୁ ଶ୍ରୀରାମଙ୍କର ୧୦୮ ନାମ କିମ୍ବା ୧୦୮ ଥର 'ଶ୍ରୀରାମ'ଲେଖିବାକୁ ହୋଇଥାଏ। ଛୋଟରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଏହି ନିୟମ ଲାଗୁ ହୋଇଛି। ଦ୍ୱିତୀୟରେ ଏହି ମନ୍ଦିରରେ ପାରମ୍ପରିକ ଭାବେ କୌଣସି ପୂଜାର୍ଚ୍ଚନା କରାଯାଏ ନାହିଁ ଏବଂ ଏଠାରେ କୌଣସି ଦାନବାକ୍ସ ନାହିଁ। ଏଠାରେ ଧୂପଦୀପ କିମ୍ବା ଭୋଗ ମଧ୍ୟ ଅର୍ପଣ କରାଯାଏ ନାହିଁ। ଏହି ମନ୍ଦିରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆତ୍ମାର ଶୁଦ୍ଧତା ଓ ମୁକ୍ତି ପ୍ରାପ୍ତିର କାମନା, ଯାହାକି କେବଳ ରାମନାମ ଜପ ବା ଉଚ୍ଚାରଣ ଏବଂ ଶ୍ରୀରାମଙ୍କ ଦର୍ଶନ ଦ୍ୱାରା ସମ୍ଭବ ହୋଇପାରିବ। ଏହାବ୍ୟତୀତ ମନ୍ଦିର ପରିସର ମଧ୍ୟରେ ଥିବା ରାବଣଙ୍କ ପ୍ରତିମା ନିକଟରେ ଲେଖାଯାଇଥିବା ଗୋଟିଏ ବାର୍ତ୍ତା ସମସ୍ତଙ୍କର ଧ୍ୟାନ ଆକର୍ଷଣ କରିଥାଏ। ଯଥା - 'ମୋତେ ଭସ୍ମ କରିବା ବନ୍ଦ କର। ନିଜ ଭିତରର ରାଗ, ଦ୍ୱେଷ ଓ ଅହଂକାରକୁ ଭସ୍ମ କର'। ସେହିଭଳି ଶନିଦେବଙ୍କ ଉଦ୍ଦେଶ୍ୟରେ ମଧ୍ୟ ଗୋଟିଏ ସୁନ୍ଦର ବାର୍ତ୍ତା ରହିଛି - 'ମୋ ଉପରେ ତେଲ ଢାଳିବା ବନ୍ଦ କର। କେବଳ ରାମନାମ ଜପ କର। ମୁଁ ତୁମାନଙ୍କୁ ସମସ୍ତ ବିପଦରୁ ମୁକ୍ତି ଦେବି'। ତେଣୁ ଏହି ମନ୍ଦିରରେ ଧୂପଦୀପ, ଭୋଗ ଓ ଦାନ ଭଳି କୌଣସି ଭୌତିକ ବସ୍ତୁର ଉପଯୋଗ ହୁଏନାହିଁ। କେବଳ ରାମନାମକୁ ପାଥେୟ କରି ଶ୍ରଦ୍ଧାଳୁମାନେ ମୁକ୍ତିର କାମନା ପାଇଁ ଶ୍ରୀରାମଙ୍କୁ ଦର୍ଶନ କରିବା ପାଇଁ ଆସିଥା'ନ୍ତି। 'ରାମନାମ ଜପର ଏହି ସାଧନା ଶେଷରେ ମୁକ୍ତିର ପଥ ଉନ୍ମୋଚନ କରୁ' ବୋଲି ଭକ୍ତମାନେ ପୂଜାରୀଙ୍କଠାରୁ ଆଶୀର୍ବାଦ ପ୍ରାପ୍ତ କରିଥା'ନ୍ତି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୬୫ ● ପାଉଣ୍ଡ ୧୧୯.୯୬
- ୟୁରୋ ୧୦୩.୬୩ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୦୧,୩୦୦ (ଭୁବନେଶ୍ୱର)
- ରୁପା : ୧,୩୦,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୫୪୮.୦୦
- ନିଫ୍ଟି ୨୫,୦୦୫.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଅକ୍ଟୋବର ୧୦ରେ ଇପିଏଫ୍‌ଓ ବୋର୍ଡ ବୈଠକ

# ୨୫୦୦ ଟଙ୍କା ହେବ ସର୍ବନିମ୍ନ ପେନ୍‌ସନ୍

ନୂଆଦିଲ୍ଲୀ,୧୧।୯ (ଏଜେନ୍ସି)

କେନ୍ଦ୍ର ସରକାର ଦୀପାବଳି ପୂର୍ବରୁ ଦେଶରୁ ପ୍ରାୟ ୮ କୋଟି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ଉପଭୋକ୍ତାଙ୍କୁ କିଛି ସୁବିଧା ଦେବାକୁ ପ୍ରସ୍ତୁତ ହେଉଛନ୍ତି। ଏଥିରେ ସର୍ବନିମ୍ନ ପେନସନ ମଧ୍ୟ ବୃଦ୍ଧି କରାଯାଇପାରେ। ବର୍ତ୍ତମାନ ମାସିକ ସର୍ବନିମ୍ନ ପେନ୍‌ସନ୍ ୧୦୦୦ ଟଙ୍କା ରହିଛି, କିନ୍ତୁ ଟ୍ରେଡ ୟୁନିଅନଗୁଡ଼ିକ ଦୀର୍ଘ ଦିନ ହେବ ଏହାକୁ ବୃଦ୍ଧି କରିବାକୁ ଦାବି କରିଆସୁଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ଇପିଏଫ୍‌ଓର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ବୈଠକ କେନ୍ଦ୍ର ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡଭିଆଙ୍କ ଅଧ୍ୟକ୍ଷତାରେ ଅକ୍ଟୋବର ୧୦ ଏବଂ ୧୧ ଦୁଇ ଦିନ ଧରି ଅନୁଷ୍ଠିତ ହେବ। ବୈଠକରେ ସର୍ବନିମ୍ନ ଇପିଏଫ୍ ପେନସନ ୨୫୦୦ ଟଙ୍କାକୁ ବୃଦ୍ଧି କରିବା ଉପରେ ନିଷ୍ପତ୍ତି ନିଆଯାଇପାରେ।



କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡର ସବୁଠାରୁ ବଡ଼ ନୀତି ନିର୍ଦ୍ଧାରଣକାରୀ ସଂସ୍ଥା ହେଉଛି ଇପିଏଫ୍‌ଓ। ଏହି ବୈଠକରେ ନିଯୁକ୍ତିଦାତା, କର୍ମଚାରୀ, ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ପ୍ରତିନିଧି ସାମିଲ ଅଛନ୍ତି। ତଥାପି, ବୈଠକରେ କେଉଁ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ଏହା ଅଧୀନରେ, ସଦସ୍ୟମାନେ ଏଟିଏମ୍‌ରୁ ସେମାନଙ୍କର ପିଏଫ୍ ଅର୍ଥର କିଛି ଅଂଶ ଉଠାଇପାରିବେ। ଏହାସହିତ, ସେମାନେ ୟୁପିଆଇ ମାଧ୍ୟମରେ ପେମେଣ୍ଟ କରିପାରିବେ। ତେବେ ବୈଠକରେ ଇପିଏଫ୍‌ଓରୁ ଆଂଶିକ ପ୍ରତ୍ୟାହାରକୁ ଅନୁମତି ଦେବା ପ୍ରସ୍ତାବକୁ ଟ୍ରେଡ ୟୁନିଅନଗୁଡ଼ିକ ବିରୋଧ କରିପାରନ୍ତି। କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଏବଂ ବିବିଧ ବ୍ୟବସ୍ଥା ଆଇନ ଅନୁଯାୟୀ, ଅସୁସ୍ଥତା, ଶିକ୍ଷା, ବିବାହ ଏବଂ ଘର ଭଳି ଗୁରୁତ୍ୱପୂର୍ଣ୍ଣ କାମ ପାଇଁ ଅଟୋ କ୍ଲେମ୍ ସୁବିଧା ଅଧୀନରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଉଠାଣ କରିବାର ସୁବିଧା ଅଛି। ଏହି ଟଙ୍କା ତିନି ଦିନ ମଧ୍ୟରେ ପ୍ରାପ୍ତ ହୁଏ। ବର୍ତ୍ତମାନ ଉଠାଣ ପ୍ରକ୍ରିୟା ଅତି କମରେ ଦୁଇ-ତିନି ଦିନ ସମୟ ନେଇଥାଏ। ଏଥିରେ ନେଫ୍ଟ କିମ୍ବା ଆର୍‌ଟିଜିଏସ୍ ମାଧ୍ୟମରେ ଟଙ୍କା ସ୍ଥାନାନ୍ତର କରାଯାଏ। ଏଟିଏମ୍‌ରୁ ଟଙ୍କା ଉଠାଣ ପାଇଁ ପ୍ରସ୍ତାବ ଇପିଏଫ୍‌ଓ ଏଜେଣ୍ଡାର ଏକ ଅଂଶ।

### ଟ୍ରଷ୍ଟି ବୋର୍ଡ ନେବ ନିଷ୍ପତ୍ତି

ଇପିଏଫ୍‌ଓ ଖୁବ୍ ଶୀଘ୍ର ଏହାର ନୂତନ ଡିଜିଟାଲ୍ ସେବା 'ଇପିଏଫ୍‌ଓ ୩.୦'ଆରମ୍ଭ କରିବାକୁ ଯାଉଛି। ଏହା କେବଳ ଉଠାଣ ପ୍ରକ୍ରିୟାକୁ ସରଳ କରିବ ନାହିଁ, ବରଂ ସୂଚନା ଅପଡେଟ୍ କରିବା ଏବଂ ଦାବି ପ୍ରକ୍ରିୟାକୁ ମଧ୍ୟ ତ୍ୱରାନ୍ୱିତ କରିବ। କର୍ମଚାରୀମାନେ ୟୁଏଏନ୍ ସକ୍ରିୟ କରି ଏବଂ ଆଧାରକୁ ଆକାଉଣ୍ଟ ସହିତ ଲିଙ୍କ୍ କରି ଏଟିଏମ୍‌ରୁ ଟଙ୍କା ଉଠାଇପାରିବେ। ଏହି ନୂତନ ପ୍ରକ୍ରିୟାରେ, ଇପିଏଫ୍‌ଓ ଏହାର ଗ୍ରାହକମାନଙ୍କୁ ଏକ ସ୍ୱତନ୍ତ୍ର ଏଟିଏମ୍ କାର୍ଡ ପ୍ରଦାନ କରିବ, ଯାହା ସେମାନଙ୍କର ପିଏଫ୍ ଆକାଉଣ୍ଟ ସହିତ ଲିଙ୍କ୍ ହେବ। ଏହି କାର୍ଡ ବ୍ୟବହାର କରି, ଗ୍ରାହକମାନେ ସିଧାସଳଖ ଏଟିଏମ୍ ମେସିନରୁ ସେମାନଙ୍କର ପିଏଫ୍ ଟଙ୍କା ଉଠାଇପାରିବେ। ୟୁପିଆଇରୁ ଟଙ୍କା ଉଠାଇବା ପାଇଁ ପିଏଫ୍ ଆକାଉଣ୍ଟକୁ ୟୁପିଆଇ ସହିତ ଲିଙ୍କ୍ କରିବାକୁ ପଡିବ। ଏହା ପରେ ଗ୍ରାହକମାନେ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟକୁ ପିଏଫ୍ ଟଙ୍କା ସ୍ଥାନାନ୍ତର କରିପାରିବେ।

## ଭାରତ ଫେରିବେ ମେହୁଲ୍ ଚୋକ୍‌ସୀ;୧୫ରୁ ପ୍ରକ୍ରିୟା ଆରମ୍ଭ

ନୂଆଦିଲ୍ଲୀ,୧୧।୯ (ଏଜେନ୍ସି): ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକସିଙ୍କ ବେଲଜିୟମରୁ ଭାରତ ପ୍ରତ୍ୟର୍ପଣ ପ୍ରକ୍ରିୟା ସେପ୍ଟେମ୍ବର ୧୫ରୁ ଆରମ୍ଭ ହେବ। ଚୋକସିଙ୍କ ଉପରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ୧୩,୮୫୦ କୋଟି ଟଙ୍କାର ଠକେଇ ଅଭିଯୋଗ ରହିଛି। ଏହି ମାମଲାର ଶୁଣାଣି ବେଲଜିୟମର ଫେଡେରାଲ କୋର୍ଟରେ ହେବ। ଏଥିରେ, ସିବିଆଇ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଇଏ) ର ଆଇନଜୀବୀମାନେ ଭାରତ ପକ୍ଷରୁ ସେମାନଙ୍କର ପକ୍ଷ ଉପସ୍ଥାପନ କରିବେ। ସେପ୍ଟେମ୍ବର ୮ରେ ଭାରତ ବେଲଜିୟମକୁ ଏକ ଲିଖିତ ଗ୍ୟାରେଣ୍ଟି ଦେଇଛି। କେନ୍ଦ୍ର ଏକ ଚିଠିରେ ବେଲଜିୟମ ସରକାରଙ୍କୁ କହିଥିଲା ଯେ ଚୋକ୍‌ସିଙ୍କୁ ମୁମ୍ବାଇର ଆର୍ଥର ରୋଡ୍ ଜେଲର ବାରାକ୍ ନମ୍ବର-୧୨ ରେ ରଖାଯିବ। ଗୋଟିଏ ସେଲ୍‌ରେ ୬ ଜଣ ରହିବାପରିବାର କ୍ଷମତା ଅଛି। ଚିଠିରେ କୁହାଯାଇଛି ଯେ ଯଦି ଚୋକସିଙ୍କୁ ବେଲଜିୟମରୁ ଭାରତ ଅଣାଯାଏ, ତେବେ ତାଙ୍କୁ ମାନବୀୟ ବ୍ୟବହାର କରାଯିବ। ତାଙ୍କୁ ଜେଲ୍‌ରେ ୪ରୁ ଅଧିକ ସୁବିଧା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଏଥିରେ ୨୪ ଘଣ୍ଟା ଚିକିତ୍ସା ସେବା, ସ୍ୱଚ୍ଛ ପାଣି, ଭଲ ଖାଦ୍ୟ ଏବଂ ବିଶେଷଜ୍ଞ ଡାକ୍ତର ଭଳି ସୁବିଧା ଅନ୍ତର୍ଭୁକ୍ତ।



## ଫୋନ୍‌ପେ' ଡିଜିଟାଲ-ଫାଷ୍ଟ ଉଦ୍ୟମ ଆସିଷ୍ଟ ପଞ୍ଜିକରଣ ବ୍ୟବସ୍ଥା ଆରମ୍ଭ

ନୂଆଦିଲ୍ଲୀ,୧୧।୯: ଫୋନପେ ଡିଜିଟାଲ-ଫାଷ୍ଟ ଉଦ୍ୟମ ଜେନେରେସନର ଶୁଭାରମ୍ଭ କରାଯାଇଛି। କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଜିତନ ରାମ ମାଂଝି ଏବଂ ଏସଆଇଡିବିଆଇର ମୁଖ୍ୟ ମହାପ୍ରବନ୍ଧକ ୱାଇ.ଏମ. କୁମାରୀ ଏଥିରେ ଅତିଥି ଭାବରେ ଯୋଗଦେଇଥିଲେ। ଏହା ସହିତ ଫୋନପେ ନିଜର ମର୍ଚ୍ଚାଣ୍ଟମାନଙ୍କୁ ସିଧାସଳଖ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏକ ସମ୍ପୂର୍ଣ୍ଣ ଡିଜିଟାଲ ସମାଧାନ ପ୍ରଦାନ କରୁଥିବା ପ୍ରଥମ ଫିନଟେକ କମ୍ପାନୀରେ ପରିଣତ କରିଛି ଯାହା ଅନ୍ୟାନ୍ୟ ପ୍ଲାଟଫର୍ମ ଦ୍ୱାରା ବ୍ୟବହୃତ ପାରମ୍ପରିକ 'ଉଦ୍ୟମ' ସାର୍ଟିଫିକେଟ ପ୍ରଦାନ ପ୍ରକ୍ରିୟାଠାରୁ ଅଲଗା।

# ଓଡ଼ିଶାରେ ପ୍ରତିଷ୍ଠା ହେବ ୨ଟି ହାଇଡ୍ରୋଜେନ୍ ଟ୍ରକ୍ କରିଡର

ନୂଆଦିଲ୍ଲୀ,୧୧।୯ (ଏଜେନ୍ସି): ଦେଶରେ ପ୍ରତିଷ୍ଠା ହେବ ହାଇଡ୍ରୋଜେନ୍ ଟ୍ରକ୍ କରିଡର। ଏଥିରେ ଦେଶରେ ୧୦ ରାଜପଥ ଚିହ୍ନଟ କରାଯାଇଛି। ଏହି ହାଇଡ୍ରୋଜେନ୍ ଟ୍ରକ୍ କରିଡରରେ ଓଡ଼ିଶାର ଦୁଇ କରିଡରକୁ ସାମିଲ କରାଯାଇଛି। ସେହି ଦୁଇ କରିଡର ହେଉଛି ଭୁବନେଶ୍ୱର-ପୁରୀ-କୋଣାର୍କ ଏବଂ ଜାମସେଦପୁର-କଳିଙ୍ଗନଗର। ପ୍ରତିଷ୍ଠା ହେବାକୁ ଥିବା ଅନ୍ୟ ହାଇଡ୍ରୋଜେନ୍ ଟ୍ରକ୍ କରିଡରଗୁଡିକ ହେଉଛି, ଗ୍ରେଟର ନୋଏଡା-ଦିଲ୍ଲୀ-ଆଗ୍ରା, ଅହମ୍ମଦାବାଦ-ଭଦୋଦରା-ସୁରଟ, ସାହିବାବାଦ-ଫରିଦାବାଦ-ଦିଲ୍ଲୀ, ତିରୁବନନ୍ତପୁରମ୍-କୋଚି ଏବଂ ଜାମନଗର-ଅହମ୍ମଦାବାଦ ଆଦି ଅନ୍ତର୍ଭୁକ୍ତ।

- ଭୁବନେଶ୍ୱର-ପୁରୀ-କୋଣାର୍କ, ଜାମସେଦପୁର-କଳିଙ୍ଗନଗର ସାମିଲ
- ଦେଶରେ ୧୦ ରାଜପଥ ଚିହ୍ନଟ



ବସ୍ ଆଣ୍ଡ କାର ଅପରେଟର୍ସ କନଫେଡେରେସନ ଅଫ୍ ଇଣ୍ଡିଆ (ବିଓସିଆଇ) ଦ୍ୱାରା ଆୟୋଜିତ ଭାରତ ପ୍ରବାସ ପୁରସ୍କାରରେ ଉଦବୋଧନ ଦେଇ ଗଡକରୀ କହିଛନ୍ତି, ଆମେ ଜାତୀୟ ରାଜପଥ ବ୍ୟବହାର କରୁଥିବା ରାଜ୍ୟ ଏବଂ ଘରୋଇ ବସ୍ ଅପରେଟରମାନଙ୍କୁ ଲାଭ ପ୍ରଦାନ କରିବା ପାଇଁ ଏକ ଟୋଲ୍ ନୀତି ଉପରେ କାମ କରୁଛୁ। ଯାନବାହାନ ପ୍ରଦୂଷଣ ହ୍ରାସ କରିବା ପାଇଁ ସରକାର ସବୁଜ ହାଇଡ୍ରୋଜେନ୍ ଚାଳିତ ଟ୍ରକ୍ ଚଲାଇବା ପାଇଁ ୧୦ଟି ରାଜପଥ ଷ୍ଟ୍ରେଚ୍ ଚିହ୍ନଟ କରିଛନ୍ତି। ଏହି ଷ୍ଟ୍ରେଚଗୁଡ଼ିକରେ ଇଣ୍ଡିଆନ୍ ଅଏଲ୍ ଏବଂ ରିଲାଏନ୍ସ ପେଟ୍ରୋଲିୟମ୍ ଦ୍ୱାରା ପ୍ରତିଷ୍ଠା କରାଯିବାକୁ ଥିବା ହାଇଡ୍ରୋଜେନ୍ ଫିଲିଂ ଷ୍ଟେସନ୍ ସହିତ ସଜ୍ଜିତ ହେବ। ଗଡକାରୀ ଆହୁରି ମଧ୍ୟ କହିଛନ୍ତି ଯେ ଟାଟା ମୋଟର୍ସ, ଅଶୋକ ଲେଲ୍ୟାଣ୍ଡ ଏବଂ ଭଲଭୋ ସମେତ ଟ୍ରକ୍ ନିର୍ମାତାମାନେ ପୂର୍ବରୁ ହାଇଡ୍ରୋଜେନ୍ ଚାଳିତ ଯାନ ନିର୍ମାଣ ଆରମ୍ଭ କରିସାରିଛନ୍ତି।

ଜଳବାୟୁ ପରିବର୍ତ୍ତନ ହେଉଛି ଆଜି ଭାରତ ସାମ୍ନାରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ଯଦି ଭାରତକୁ ୫ଟ୍ରିଲିୟନ ଡଲାର ଅର୍ଥନୀତି ଏବଂ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ପଡିବ, ତେବେ ଆମକୁ ଆମର ଭିତ୍ତିଭୂମିକୁ ଆହୁରି ମଜବୁତ କରିବାକୁ ପଡିବ। ଭାରତ ବିଶ୍ୱର ସର୍ବବୃହତ ସବୁଜ ହାଇଡ୍ରୋଜେନ୍ ରପ୍ତାନିକାରୀ ହେବାର ସମ୍ଭାବନା ରଖିଛି ସରକାରଙ୍କ ଲକ୍ଷ୍ୟ ହେଉଛି ଆଗାମୀ ୫ ବର୍ଷ ମଧ୍ୟରେ ଭାରତର ଅଟୋମୋବାଇଲ୍ ଶିଳ୍ପକୁ ବିଶ୍ୱର ଏକ ନମ୍ବର କରିବା ବୋଲି ସେ କହିଛନ୍ତି। ସମ୍ପ୍ରତି ଜାତୀୟ ସଡ଼କ ପରିବହନ ମନ୍ତ୍ରଣାଳୟ ଏକ ଟୋଲ୍ ନୀତି ପ୍ରସ୍ତୁତ କରୁଛି। ଏ ସମ୍ପର୍କରେ ଆଜି କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ସୁଚନା ଦେଇଛନ୍ତି। ସରକାର ଅଗଷ୍ଟ ୧୫ରୁ ଅଣ-ବାଣିଜ୍ୟକ ଯାନବାହାନ ପାଇଁ ୩୦୦୦ ଟଙ୍କାରେ ଏକ ଫାସ୍‌ଟ୍ୟାଗ୍-ଆଧାରିତ ବାର୍ଷିକ ପାସ୍ ଲାଗୁ କରିସାରିଛନ୍ତି, ଯାହା ରାଜପଥ ଯାତ୍ରାକୁ ସହଜ କରିବ।

## ହୋଣ୍ଡା ଏଲିଭେଟ୍‌ର ନୂତନ ସଂସ୍କରଣ ବଜାରରେ

ଭୁବନେଶ୍ୱର,୧୧।୯ (ସମିସ): ଭାରତରେ ପ୍ରିମିୟମ କାରଗୁଡିକର ଏକ ଅଗ୍ରଣୀ ନିର୍ମାତା, ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ (ଏଚସିଆଇଏଲ) ପକ୍ଷରୁ ଆଜି ଏହାର ଲୋକପ୍ରିୟ ଏସୟୁଭି ହୋଣ୍ଡା ଏଲିଭେଟ ରେ ନୂତନ ଅପଡେଟ କରାଯାଇଛି। ଏହି ନୂଆ ଅପ୍‌ଡେଟରେ ଇଣ୍ଟେରିୟର କଲର ବିକଳ୍ପ, ଉନ୍ନତ ଏକ୍ସଟେରିୟର ଷ୍ଟାଇଲିଂ ଏଲିମେଣ୍ଟ ଏବଂ ବିଭିନ୍ନ ପ୍ୟାକେଜ ସାମିଲ ରହିଛି ଯାହା ପାର୍ବଣ ଋତୁ ପାଇଁ ଏସୟୁଭିର ପ୍ରିମିୟମ ଲୁକ ଦେବାକୁ ଲକ୍ଷ୍ୟ ରଖିଛି। ଅନ୍ୟପକ୍ଷରେ ଉଭୟ ଏଡିସନରେ ଏକ ଅଲ୍-ବ୍ଲାକ ଇଂଟେରିୟର ଥିମ ରହିଛି ଯାହା ଯାନର ପ୍ରିମିୟମ ଲୁକ୍‌କୁ ବୃଦ୍ଧି କରୁଛି। ଭି ଓ ଭିଏକ୍ସ ଗ୍ରେଡର ମୂଲ୍ୟ ଯଥାକ୍ରମେ ୧୨,୩୯,୦୦୦ ଓ ୧୪,୧୩,୭୦୦ ଟଙ୍କା ରହିଛି (ଏକ୍ସ ସୋରୁମ ଦିଲ୍ଲୀ)।



## ବାରିପଦାରେ ହୋଣ୍ଡାର ୨ଟି ନୂଆ ବାଇକ୍‌ର ବଜାର ପ୍ରବେଶ

ବାରିପଦା,୧୧।୯ (ସମିସ): ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚଏମ୍‌ଏସଆଇ) ଓଡ଼ିଶାର ବାରିପଦାରେ ଅଲ୍-ନିୟୁ ସିବି୧୨୫ ହର୍ନେଟ୍ ଏବଂ ସାଇନ୍ ୧୦୦ ଡିଏକ୍ସର ବଜାର ପ୍ରବେଶ କରାଇଛି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କମ୍ପାନୀର ଓଡିଶା ସେଲ୍ସ ମୁଖ୍ୟ ରାଜେଶ ଚୌଧୁରୀ ଓ କ୍ଷେତ୍ର ପରିଚାଳକ ଜୟଦୀପ ସାହା, ବାରିପଦା ସନ ହୋଣ୍ଡା ସୋରୁମର ସ୍ୱତ୍ତ୍ୱାଧିକାରୀ ସ୍ୱଜନ ଅଗ୍ରୱାଲା ଓ ତାଙ୍କର ତିନି ପୁତ୍ର ଅରୁଣ, ଅନେଶ ଓ ଦୀନେଶଙ୍କ ସହିତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ହୋଣ୍ଡା ଅଲ୍-ନିୟୁ ହୋଣ୍ଡା ସିବି୧୨୫ ହର୍ନେଟ୍‌ର ମୂଲ୍ୟ ୧,୧୨,୦୦୦ ଟଙ୍କା (ସ୍ୱତନ୍ତ୍ର ଶୁଭାରମ୍ଭ ମୂଲ୍ୟ) ରଖାଯାଇଥିବାବେଳେ ସାଇନ୍ ୧୦୦ ଡିଏକ୍ସର ମୂଲ୍ୟ ୭୬,୮୦୯ ଟଙ୍କା, ଏକ୍ସ-ସୋରୁମ୍ ରହିଛି। ଉଭୟ ବାଇକ ପରବର୍ତ୍ତୀ ପିଢିର ଚାଳକଙ୍କୁ ଲକ୍ଷ୍ୟ ରଖି ନିର୍ମାଣ କରାଯାଇଥିବା କୁ କମ୍ପାନୀ ପକ୍ଷରୁ କୁହାଯାଇଛି। ଗ୍ରାହକମାନେ ଏହି ବାଇକ ଗୁଡିକ ସେମାନଙ୍କର ନିକଟସ୍ଥ ହୋଣ୍ଡାର ସ୍ୱୀକୃତିପ୍ରାପ୍ତ ଡିଲରସିପକୁ ଯାଇ ବୁକ୍ କରିପାରିବେ। ହୋଣ୍ଡା ସିବି୧୨୫ ହର୍ନେଟ୍‌ରେ ଦମଦାର ଷ୍ଟ୍ରିଟ-ଷ୍ଟାଇଲ ଡିଜାଇନ ରହିଛି ଏବଂ ଏହା ଚାରିଟି ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ। ଏଥିରେ ଏହି ଶ୍ରେଣୀରେ ପ୍ରଥମ ଗୋଲ୍ଡେନ ୟୁଏସ୍‌ଡି ସମ୍ମୁଖ ଫର୍କ, ଅଲ୍-ଏଲଇଡି ଲାଇଟିଂ ବ୍ୟବସ୍ଥା ଏବଂ ପ୍ରତିବନ୍ଧକଶୂନ୍ୟ ଦିଗ ନିର୍ଣ୍ଣୟ, କଲ୍ ଏବଂ ଏସଏମଏସ୍ ଆଲର୍ଟ ନିମନ୍ତେ ବ୍ଲୁଟୁଥ୍ ସମର୍ଥିତ ହୋଣ୍ଡା ରୋଡ୍‌ସିଙ୍କ୍ ସହିତ ଏକ ୪.୨ ଇଞ୍ଚ ଟିଏଫ୍ଟି ଡିସ୍ପ୍ଲେ ରହିଛି। ସିବି୧୨୫ ହର୍ନେଟ୍‌ରେ ଶକ୍ତିଶାଳୀ ୧୨୩.୯୪ ସିସି, ସିଙ୍ଗଲ-ସିଲିଣ୍ଡର, ଫୁଏଲ-ଇଞ୍ଜେକ୍ଟେଡ, ଓବିଡି୨ବି ଅନୁପାଳନକାରୀ ଇଞ୍ଜିନ ଖଞ୍ଜାଯାଇଛି, ଯାହା ୮.୨ କେଡବ୍ଲ୍ୟୁ ଶକ୍ତି ଏବଂ ୧୧.୨ ଏନଏମ୍ ପିକ୍ ଟର୍କ ପ୍ରଦାନ କରୁଛି। ସାଇନ୍ ୧୦୦ ଡିଏକ୍ସରେ ଏକ ଡିଜିଟାଲ ଏଲସିଡି ଇନ୍‌ଷ୍ଟ୍ରୁମେଣ୍ଟ କ୍ଲଷ୍ଟର ଖଞ୍ଜାଯାଇଛି। ଯାହା ବାସ୍ତବ ସମୟର ମାଇଲେଜ, ଇନ୍ଧନ ଶେଷ ହେବାକୁ ଥିବା ଦୂରତା ଏବଂ ସର୍ଭିସ ଅବଧି ସମ୍ପର୍କରେ ସ୍ମରଣ କରାଇଦେବା ପ୍ରଦର୍ଶନ ବ୍ୟବସ୍ଥା ରହିଛି।



## କଳାହାଣ୍ଡିର ୨୧ ଯୁବ ତୀରନ୍ଦାଜ ଓଡ଼ିଶା ରାଜ୍ୟ ମୁକ୍ତ ତୀରନ୍ଦାଜ ପ୍ରତିଯୋଗିତାକୁ ମନୋନୀତ

ଭୁବନେଶ୍ୱର, ୧୧।୯ (ସମିସ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଲାଞ୍ଜିଗଡ଼ରେ ଏହାର ପ୍ରମୁଖ କ୍ରୀଡା ତାଲିମ ପଦକ୍ଷେପ ମାଧ୍ୟମରେ କଳାହାଣ୍ଡି ଜିଲ୍ଲାର ଯୁବ ତୀରନ୍ଦାଜମାନଙ୍କୁ ସମର୍ଥନ କରୁଛି। ସମ୍ପ୍ରତି, ଏହି କ୍ରୀଡାବିତମାନଙ୍କ ମଧ୍ୟରୁ ୨୧ ଜଣ ଯୁବ ତୀରନ୍ଦାଜ ଆଗାମୀ ୨୬ତମ ଓଡ଼ିଶା ରାଜ୍ୟ ମୁକ୍ତ ତୀରନ୍ଦାଜ ପ୍ରତିଯୋଗିତା ୨୦୨୫ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ବେଦାନ୍ତର ସହାୟତାରେ କଳାହାଣ୍ଡି ଆଥଲେଟିକ୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ଲାଞ୍ଜିଗଡ଼ର ଏସ୍‌ଏସ୍‌ଡି ସ୍କୁଲରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପରୀକ୍ଷଣରୁ ଏହି ଯୋଗ୍ୟତା ହାସଲ କରିଛନ୍ତି, ଯେଉଁଠାରେ ମୋଟ ୪୦ ଜଣ ତୀରନ୍ଦାଜ ଭାରତୀୟ ରାଉଣ୍ଡ, କମ୍ପାଉଣ୍ଡ ଏବଂ ରିକର୍ଭ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ୨୦୧୮ ରେ ଆରମ୍ଭ ହୋଇଥିବା ବେଦାନ୍ତ ଲାଞ୍ଜିଗଡ଼ର କ୍ରୀଡା ପଦକ୍ଷେପ କଳାହାଣ୍ଡିର ଯୁବ ପ୍ରତିଭାକୁ ବୃତ୍ତିଗତ ତାଲିମ, ଜାତୀୟ ସ୍ତରୀୟ ପ୍ରଶିକ୍ଷଣ, ଆଧୁନିକ ଉପକରଣ ଏବଂ କିଟ୍, ଲଜିଷ୍ଟିକ୍ ସହାୟତା ପ୍ରଦାନ କରୁଥିବା ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି।



## ଜିଏସ୍‌ଟି ହ୍ରାସ ପରେ ଜାୱା ୟେଜ୍‌ଦି ମୂଲ୍ୟ କମିଲା

ନୂଆଦିଲ୍ଲୀ,୧୧।୯: କ୍ଲାସିକ ଲିଜେଣ୍ଡ୍ସ (ସିଏଲ) ଜାୱା ୟେଜଦି ମୋଟରସାଇକେଲ ଅଧୀନରେ ଏହାର ପ୍ରସିଦ୍ଧ ପ୍ରଦର୍ଶନ କ୍ଲାସିକ୍ ପାଇଁ ନୂତନ ମୂଲ୍ୟ ଘୋଷଣା କରିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ, ଆଡଭେଂଚର, ରୋଡଷ୍ଟର, ବବର, ସ୍କ୍ରାମ୍ବଲର ପର୍ଯ୍ୟନ୍ତ, ବର୍ତ୍ତମାନ ୨ ଲକ୍ଷ ଟଙ୍କାରୁ କମ୍ ମୂଲ୍ୟରେ ଉପଲବ୍ଧ। ଦଶନ୍ଧି ପୂର୍ବେ, ଏକ ନୀତି ପରିବର୍ତନ ପରିବେଶ ପାଇଁ ଅନୁପଯୁକ୍ତ ବୋଲି ବିବେଚିତ ୨-ଷ୍ଟ୍ରୋକ୍ ମୋଟରସାଇକେଲକୁ ନିଷିଦ୍ଧ କରିଥିଲା, ଯାହା ଭାରତରେ ଜାୱା ଏବଂ ୟେଜଦିର ଯାତ୍ରାକୁ ବନ୍ଦ କରିଦେଇଥିଲା, ଯେଉଁମାନେ ସେତେବେଳେ ସେମାନଙ୍କ କ୍ଷେତ୍ରରେ ମାର୍କେଟ୍ ଲିଡର ଥିଲେ। ଏହି ମାସରେ, ଆଉ ଏକ ପ୍ରଗତିଶୀଳ ନୀତି ପରିବର୍ତ୍ତନ ସେମାନଙ୍କୁ କେନ୍ଦ୍ର ସ୍ତରରେ ଫେରାଇ ଆଣିଛି। ୩୫୦ ସିସି ତଳେ ମୋଟରସାଇକେଲ୍ ପାଇଁ ଜିଏସଟି ହାରକୁ୨୮% ରୁ ୧୮% କୁ ସଂଶୋଧନ କରିବା ଦ୍ୱାରା ଜାୱା ୟେଜଦି ମୋଟରସାଇକେଲ୍ ଏବଂ ଏହାର ଟାର୍ଗେଟ ଗ୍ରାହକମାନେ ବିଶ୍ୱର ସର୍ବବୃହତ ଦୁଇଚକିଆ ବଜାରରେ ସବୁଠାରୁ ଅଧିକ ଲାଭବାନ ହୋଇଛନ୍ତି।

## ଏନ୍‌ଏସ୍‌ଇ-ଇଣ୍ଡିଆ ହାବିଟାଟ ସେଣ୍ଟର ଏମ୍‌ଓୟୁ

ନୂଆଦିଲ୍ଲୀ,୧୧।୯: ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ପକ୍ଷରୁ ଇଣ୍ଡିଆ ହାବିଟାଟ ସେଣ୍ଟର (ଆଇଏଚସ) ନୂଆଦିଲ୍ଲୀ, ସହ ଏକ ଏମଓୟୁ ସ୍ୱାକ୍ଷର କରାଯାଇଛି। ଆଇଏଚସି ସହ ଜଡିତ ସମ୍ଭାବ୍ୟ ଓ ବିଦ୍ୟମାନ ନିବେଶକମାନଙ୍କ ପାଇଁ ଏକାଧିକ ଆର୍ଥିକ ସାକ୍ଷରତା ଓ ନିବେଶକ ସଚେତନତା କାର୍ଯ୍ୟକ୍ରମରେ ସହଯୋଗ ଓ ପରିଚାଳନା କରିବା ପାଇଁ ଏନଏସଇ ଏହି ସହଭାଗିତା କରିଛି। ଏହି ସହଭାଗିତା ନାଗରିକଙ୍କୁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସୂଚନା ଓ ଦକ୍ଷତା ସହ ସଶକ୍ତ କରିବା, ସେମାନଙ୍କୁ ପୁଞ୍ଜି ବଜାରରେ ସୂଚିତ ନିଷ୍ପତି ନେବା ପାଇଁ ସକ୍ଷମ କରିବା ଲାଗି ଉଭୟ ସଂସ୍ଥାର ଏକ ମିଳିତ ଦୃଷ୍ଟିକୋଣକୁ ପ୍ରତିଫଳନ କରୁଛି। ଏନଏସଇ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ଏହି ଅଧିବେଶନଗୁଡିକ ଆର୍ଥିକ ଯୋଜନା, ପୁଞ୍ଜି ବଜାରର ମୌଳିକତା, ମ୍ୟୁଚୁଆଲ ଫଣ୍ଡ, ନିବେଶକଙ୍କ ଅଧିକାର ଓ କର୍ତ୍ତବ୍ୟ, ଠକାମି ପ୍ରତିରୋଧ ଓ ସୁରକ୍ଷିତ ନିବେଶ ଅଭ୍ୟାସ ଆଦି ପ୍ରସଙ୍ଗଙ୍କୁ କଭର କରିବ।


**AFFIDAVIT**

By virtue of an affidavit vide Sl. No. 791, dtd. 11.09.2025, I, Ajit Kumar Nayak, At/Po- Badakutru, Ps- Jayapatna, Dist.- Kalahandi have changed my minor son's name from Pratush Nayak to Pratyush Kumar nayak. Henceforth he will be known as Pratyush Kumar Nayak for all purposes.

**Sd/- Ajit Kumar Nayak**

**AFFIDAVIT**

By Virtue Of an Affidavit no. 1/2 dtd. 8.9.2025 the Executive Magistrate Odagaon, I Prabhata Barika S/o- Bijay Kumar Barik At- Akhupadar, Po- Rabara, Ps - Odagaon, Dist- Nayagarh have changed my daughter's name Jamuna Barika to Santoshini Barika. Henceforth she will be known as **Santoshini Barika** for all purposes.

**S/d- Prabhata Barika**

**AFFIDAVIT**

By an affidavit CF No.: 33 sworn before Executive Magistrate, Bhubaneswar on Dtd.: 24.04.2025 I, **G. Kokila,** W/o: P. Raj Sekhar, R/o: Plot No.: 56, Forest Park, PS: Capital, Bhubaneswar, Khordha- 751009, declare that I have changed the name of my minor daughter from V. Vasnavi to **P. Vaishnavi.** Henceforth, she shall be known as **P. Vaishnavi** for all future purposes.

**NOTICE**

By virtue of an affidavit sworn before Executive Magistrate, Ulunda, dated 09/09/2025 I, Sashibhusan Padhan, Address At-Hingama, Po-Raxa, Ps-Birmaharajpur, Dist-Subarnapur, Odisha, Pin - 767062 declare that I have changed the name of my daughter from Lovly Padhan to Lovely Padhan. Henceforth, she shall be known as Lovely Padhan for all purposes.

**Sashibhusan Padhan**

**AFFIDAVIT**

I, Sarmista Garnaik, W/o Biswaranjan Garnaik, a resident of Village - Girang, PO- Kulad, PS- Nalconagar, District- Angul, Odisha 759145 declare by this affidavit vide no. 2979 dt.30.08.25 that now onwards I shall be known as **SARMISTA SATPATHY** for all future purposes.

(Sd- **SARMISTA SATPATHY**)

**AFFIDAVIT**

By virtue of an affidavit sworn before EXECUTIVE MAGISTRATE, MAHANGA, dated 16/07/25.I KANHA SAHOO, Address At/Po- Kusupur, P.S- Mahanga, Dist- Cuttack, Odisha-754204, declare that I have changed my name from BRAJA KISHORE SAHOO to KANHA SAHOO. Henceforth I shall be known as **KANHA SAHOO** for all purposes.

**KANHA SAHOO**

**AFFIDAVIT**

By the virtue of an affidavit sworn before the Notary public, Daringibadi, Dated 09.09.2025. I Bijay Pradhan, S/o- Pitabash Pradhan, Vill : Brahasalaka , Po: Siangabali, Ps: Daringbadi, Dist: Kandhamal, State: Odisha- 762021 declare that I have changed my minor daughter's name from SALINITY PRADHAN to SALINI PRADHAN. Henceforth, She will be known as **SALINI PRADHAN** for all purposes.

**AFFIDAVIT**

By virtue of an affidavit (CF No. 05) sworn before the Notary Public, Padampur on dated- 10/09/2025. I, **Hiralal Bishi,** S/o Premananda Bishi, permanent resident of At- Amdahan, Po- Dahita, Dist- Bargarh, Odisha, Pin- 768036 declare that I have changed my minor son's name from **Ranveer Bishi** (old name) to **Yash Bishi** (new name). Henceforth, I shall be known as **Yash Bishi** (new name) for all future purposes.

**Hiralal Bishi**

**AFFIDAVIT**

I, Purostam Sahoo, S/o- Dinabandhu Sahoo, resident of Kalinga Basti, Badagarh Brit Colony, Dist- Khurda, Pin- 751018, Odisha declared by this affidavit No. 732, dtd- 09/09/2025 that now onwards I shall be known as **PURASTAM SAHOO** for all future purposes.

**AFFIDAVIT**

I SUSHIL MANDAL, S/o- SUBASH MANDAL resident of EPDP Colony, Po./Ps.- Kalimela, DT- MALKANGIRI - 764047, Odisha declare by this Affidavit No.3675, Dated -08/09/2025 that, now onwards I shall be known as **SUSIL MANDAL** for all future purpose.

**AFFIDAVIT**


By virtue of an affidavit sworn before Executive Magistrate, Nabarangpur vide no.776 Dt.10/09/2025 I Sri Puppala Srinivas, S/o- Late Puppala Jagannath Rao resident of Gill Petrol pump back side, Chamuriaguda, Nabarangapur, Dist.- Nabarangapur, Odisha state that, my son's name is **Puppala Sohan Kumar** and his short name is **P. Sohan Kumar**. My name is **Puppala Srinivas** and my short name is **P. Srinivas**. My wife's full name is **Puppala Kalpana** and her short name is **P. Kalpana**.

**AFFIDAVIT**

I, Bhagyalaxmi Sendha, W/o- Sudhir Kumar Sendha, Resident of Vill/PO- Sarasada, Word No. 09, Room No- 14(house), P.S.- Bhandaripokhari, Dist- Bhadrak, Odisha, Pin- 756120, declare by this Affidavit No. 2358, Dated 11.09.2025, that now onwards I shall be known as **BHAGYALAXMI MOHAPATRA** for all future purposes.

**ହଜିଛି**

**ମୁଁ, ଶ୍ରୀ ପ୍ରକାଶ ଚନ୍ଦ୍ର ମହାପାତ୍ର,** ବୟସ-୬୦ବର୍ଷ, ପିତା: ୰ ରାଜକିଶୋର ମହାପାତ୍ର, ବାସସ୍ଥାନ: ଗ୍ରାମ: ସୁବୁଦ୍ଧିପଡା, ପୋ: ମଙ୍ଗଳପୁର, ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା, ବର୍ତ୍ତମାନ ଠିକଣା: ପ୍ଲଟ୍ ନଂ.: ୮୩୧/୨୯୧୮, ଖାରବେଳ ବିହାର, ଶିଶୁପାଳଗଡ, ଥାନା: ଧଉଳି, ଭୁବନେଶ୍ୱର-୭୫୧୦୦୨, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଏତଦ୍‌ଦ୍ୱାରା ଶପଥପାଠ ପୂର୍ବକ ଘୋଷଣା କରୁଛି କି,ମୁଁ, ଓଡ଼ିଶା ସମବାୟ ସମିତି ଆକ୍ଟ,୧୯୬୨ (ଆକ୍ଟ ୨,୧୯୬୩) ଅନୁଯାୟୀ ପଞ୍ଜିକୃତ ସୋସାଇଟି ଏକ୍ସ-ସର୍ଭିସ ମେନ୍ସ ମଲ୍ଟି-ପର୍ପସ କୋ-ଅପରେଟିଭ ସୋସାଇଟି ଲିଃ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପଞ୍ଜିକୃତ ନଂ.: ୧୪୧, ତାରିଖ: ୦୪.୦୧.୧୯୯୨, ଏହାର ସମ୍ପାଦକ ଶ୍ରୀ ଦେବଦାସ ମାନସିଂହଙ୍କ ଠାରୁ ଏକ ଜମି କ୍ରୟ କରିଥିଲି ଯାହାର କାଗଜାତ୍ ନଂ.: ୨୧୯୭, ତା.୨୯.୦୪.୧୯୯୭ରିଖ ଅଟେ। ତା.୧୬.୦୬.୨୦୨୫ରିଖରେ ବାଇକ୍ ଯୋଗେ ମୋ ଗାଁରୁ ମୁଁ ବର୍ତ୍ତମାନର ବାସସ୍ଥାନକୁ ଆସୁଥିବା ସମୟରେ ବାଟରେ କୌଣସି ସ୍ଥାନରେ କଥିତ ମୂଳ ପଞ୍ଜିକୃତ ବିକ୍ରୟ ଦଲିଲ୍ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର କେଉଁଠାରେ ହଜିଯାଇଛି। ମୋର ସର୍ବୋତ୍ତମ ପ୍ରଚେଷ୍ଟା ସତ୍ତ୍ୱେ ମଧ୍ୟ ଏଗୁଡିକ ମିଳିପାରୁନାହିଁ। ଯଦି କୌଣସି ବ୍ୟକ୍ତି ଉପରୋକ୍ତ ବିକ୍ରୟ ଦଲିଲ୍ ଏବଂ ଅନ୍ୟାନ୍ୟ କାଗଜପତ୍ର ପାଇଥାନ୍ତି କିମ୍ବା ପାଆନ୍ତି ତେବେ ମୋତେ ମୋ ମୋବାଇଲ ନଂ.: ୯୩୯୩୪୮୬୧୯୫ରେ ଯୋଗାଯୋଗ କରିବାକୁ ଅନୁରୋଧ।



## 'ଜାତୀୟ ସ୍ୱଚ୍ଛ ବାୟୁ ସହର-୨୦୨୪'

# ସାରା ଭାରତରେ ବିଏମ୍‌ସି ଚତୁର୍ଥ

ଭୁବନେଶ୍ୱର, ୧୧।୯ (ସମିସ): ସର୍ବ ଭାରତୀୟ ସ୍ତରରେ ବିଏମ୍‌ସିକୁ ମିଳିଲା ଆଉ ଏକ ସମ୍ମାନ। ଜାତୀୟ ସ୍ୱଚ୍ଛ ବାୟୁ ସହର ଭାବେ ଚତୁର୍ଥ ସ୍ଥାନ ହାସଲ କରିଛି ବିଏମ୍‌ସି। 'ସ୍ୱଚ୍ଛ ବାୟୁ ସର୍ବେକ୍ଷଣ-୨୦୨୪'ର ମୂଲ୍ୟାଙ୍କନରେ ବିଏମ୍‌ସି ଏହି ସମ୍ମାନର ଅଧିକାରୀ ହୋଇଛି। ଦ୍ୱିତୀୟ ବର୍ଗ ବା ୩ରୁ ୧୦ ଲକ୍ଷ ଜନ ସଂଖ୍ୟା ସହର ମଧ୍ୟରେ ଭୁବନେଶ୍ୱର ସମଗ୍ର ଦେଶରେ ଚତୁର୍ଥ ସ୍ଥାନ ହାସଲ କରିଛି। ଦେଶର ମୋଟ ୧୩୦ଟି ସହର ଏହି ପ୍ରକ୍ରିୟାରେ ଅଂଶ ଗ୍ରହଣ କରିଥିଲେ। ସମସ୍ତ ସହରାଞ୍ଚଳକୁ ୩ଟି ବର୍ଗରେ ବିଭକ୍ତ କରାଯାଇଥିଲା।

ପ୍ରଥମ ବର୍ଗ-୧୦ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ, ଦ୍ୱିତୀୟ ବର୍ଗ-୩ରୁ ୧୦ ଲକ୍ଷ ଜନସଂଖ୍ୟା ଏବଂ ତୃତୀୟ ବର୍ଗରେ-୩ ଲକ୍ଷ ପର୍ଯ୍ୟନ୍ତ ଜନସଂଖ୍ୟା ବିଶିଷ୍ଟ ସହରକୁ ନିଆଯାଇଥିଲା। ୨୦୧୧ ଜନ ଗଣନା ଆଧାରରେ ଏହି ବର୍ଗିକରଣ କରାଯାଇଥିଲା। ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପ୍ରତ୍ୟେକ ବର୍ଗରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ସହରଗୁଡ଼ିକୁ 'ଜାତୀୟ ସ୍ୱଚ୍ଛ ବାୟୁ ସହର' ମାନ୍ୟତା ପ୍ରଦାନ କରିଛନ୍ତି।




ରାଙ୍କିଙ୍ଗ କରିବା ପୂର୍ବରୁ ସମ୍ପୃକ୍ତ ମନ୍ତ୍ରଣାଳୟ ବିଭିନ୍ନ ଦିଗ ଯଥା-ରାସ୍ତାର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପକ୍କା କରିବା, ଯାନ୍ତ୍ରିକ ସଫେଇକୁ ପ୍ରୋତ୍ସାହିତ କରିବା, ପୁରୁଣା ବର୍ଜ୍ୟବସ୍ତୁଗୁଡ଼ିକର ଜୈବ ପ୍ରତିକାର କରିବା, ସିଆଣ୍ଡଡି ଏବଂ କଠିନ ବର୍ଜ୍ୟ ପରିଚାଳନା, ଡମ୍ପ ସାଇଟର ପୁନରୁଦ୍ଧାର ହୋଇଥିବା ଭୂମିରୁ ନଗର ବାଟିକା, ଗ୍ରୀନବେଲ୍ଟ ବିକାଶ, ବୌଦ୍ଧିକ ଟ୍ରାଫିକ୍ ପରିଚାଳନନା ବ୍ୟବସ୍ଥା, ମିଆଓ୍ୱାକି ଜଙ୍ଗଲ, ଶିଳ୍ପରେ ସ୍ୱଚ୍ଛ ଇନ୍ଧନ ପରିବର୍ତ୍ତନ ଆଦିକୁ ତର୍ଜମା କରାଯାଇଥିଲା। ସ୍ୱଚ୍ଛ ବାୟୁ ପାଇଁ ଜାତୀୟ ମିଶନର ଏକ ଅଂଶ ଏବଂ ପ୍ରତିବର୍ଷ ସେପ୍ଟେମ୍ବର ୭ ରେ ନୀଳ ଆକାଶ ପାଇଁ ଆନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ ପାଳନରେ ଏହି ସମ୍ମାନ ପ୍ରଦାନ କରାଯାଏ। ୟୁଏଲବି ଦ୍ୱାରା ଦାଖଲ ହୋଇଥିବା ସହାୟକ ଡକ୍ୟୁମେଣ୍ଟ ସହିତ ସ୍ୱ-ମୂଲ୍ୟାଙ୍କନ ରିପୋର୍ଟ ଦାଖଲ କରିବା ଆଧାରରେ ମୂଲ୍ୟାଙ୍କନ କରାଯାଏ। ରିପୋର୍ଟ ଏବଂ ଡକ୍ୟୁମେଣ୍ଟଗୁଡ଼ିକ ପରିବେଶ ବିଭାଗର ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ସମ୍ପୃକ୍ତ ବାୟୁର ଗୁଣବତ୍ତା ମନିଟରିଂ କମିଟି ଦ୍ୱାରା ଯାଞ୍ଚ କରାଯାଇଥାଏ। ପରିବେଶ ଓ ପରିବେଶ ମନ୍ତ୍ରଣାଳୟ ଏବଂ ସିସି ନିର୍ଦ୍ଦେଶାବଳୀରେ ଦିଆଯାଇଥିବା ମୂଲ୍ୟାଙ୍କନ ଢାଞ୍ଚା ଆଧାରରେ ସିପିସିବି ଦ୍ୱାରା ରାଙ୍କିଙ୍ଗ ପାଇଁ ଅଧିକ ଯାଞ୍ଚ ଏବଂ ମୂଲ୍ୟାଙ୍କନ କରାଯାଇଥାଏ।

ପ୍ରତିବର୍ଷ ଗ୍ରହଣ କରାଯାଉଥିବା ଏବଂ ପୂର୍ବ ଆର୍ଥିକ ବର୍ଷର ଅବଧି ଅର୍ଥାତ ୧ ଏପ୍ରିଲରୁ ୩୧ ମାର୍ଚ୍ଚ ପାଇଁ ଦାଖଲ ହୋଇଥିବା ମୂଲ୍ୟାଙ୍କନକୁ ଆଧାର କରି ସହରଗୁଡ଼ିକ ରାଙ୍କିଙ୍ଗ କରାଯାଏ। ଏହି ରାଙ୍କିଙ୍ଗ ପ୍ରକ୍ରିୟାରେ ଭୁବନେଶ୍ୱର ମହାନଗର ନିଗମ ଚତୁର୍ଥ ସ୍ଥାନ ଅଧିକାର କରିଥିବାବେଳେ ଅମରାବତୀ ପ୍ରଥମ, ମୋରଦାବାଦ ଓ ଝାନ୍ସି ଦ୍ୱିତୀୟ ଏବଂ ଅଲ୍‌ୱାର ତୃତୀୟ ସ୍ଥାନ ହାସଲ କରିଛି। ବିଏମ୍‌ସିକୁ ଏହି ସମ୍ମାନ ମିଳିବା ପରେ ମେୟର, ଡେପୁଟି ମେୟର, କମିସନର, ସମସ୍ତ ଷ୍ଟାଣ୍ଡିଂ କମିଟର ଅଧ୍ୟକ୍ଷ, ଅଧ୍ୟକ୍ଷା, କର୍ପୋରେଟର, ବିଏମ୍‌ସି ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଏକ ଉତ୍ସାହର ମାହୋଲ ସୃଷ୍ଟି ହୋଇଛି।

## ଜିନ୍ଦଲ ଷ୍ଟେନଲେସର ଲକ୍ଷ୍ମୀ ମୁର୍ମୁଙ୍କୁ ଆଇଏସ୍‌ଏ ଜେଣ୍ଡର ଡାଇଭର୍ସିଟି ପୁରସ୍କାର



ଭୁବନେଶ୍ୱର,୧୧।୯ (ସମିସ): ଇଣ୍ଡିଆନ୍ ଷ୍ଟିଲ୍ ଆସୋସିଏସନ୍ (ଆଇଏସଏ) ପକ୍ଷରୁ ଜିନ୍ଦଲ୍ ଷ୍ଟେନଲେସର ଯାଜପୁର ପ୍ଲାଣ୍ଟର ଲକ୍ଷ୍ମୀ ମୁର୍ମୁଙ୍କୁ ପ୍ରତିଷ୍ଠିତ ଜେଣ୍ଡର ଡାଇଭର୍ସିଟି ପୁରସ୍କାର ୨୦୨୫ ପ୍ରଦାନ କରାଯାଇଛି। ଚଳିତ ସପ୍ତାହରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଆଇଏସଏ ଷ୍ଟିଲ୍ କନକ୍ଲେଭର ଷଷ୍ଠ ସଂସ୍କରଣର କେନ୍ଦ୍ର ଭାରୀ ଶିଳ୍ପ ଏବଂ ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଭୂପତି ରାଜୁ ଶ୍ରୀନିବାସ ବର୍ମା ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଶ୍ରୀମତୀ ମୁର୍ମୁଙ୍କୁ ତାଙ୍କର ନେତୃତ୍ୱ, ସମାବେଶୀ ଭାବଧାରା ଏବଂ ମାନୁଫ୍ୟାକ୍ଚରିଂ ପ୍ଲାଣ୍ଟରେ ସମାନ କାର୍ଯ୍ୟସ୍ଥଳ ଗଢ଼ିବାରେ ଅବଦାନ ପାଇଁ ସମ୍ମାନିତ କରାଯାଇଛି। ଲକ୍ଷ୍ମୀ ମୁର୍ମୁ ଗତ ସାତ ବର୍ଷ ଧରି ଭାରତର ସର୍ବବୃହତ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ୍ ଷ୍ଟେନଲେସ୍ ସହିତ କାମ କରୁଛନ୍ତି। ତାଙ୍କର ଦୃଢ଼ ମନୋବଳ ଏବଂ ଶିଖିବା ଦିଗରେ ପ୍ରତିବଦ୍ଧତା ଯୋଗୁଁ ସେ ଏକ୍ସକାଭେଟର, ଜେସିବି, କ୍ରେନ୍ ଏବଂ ଫୋର୍କଲିଫ୍ଟ ଭଳି ଭାରୀ ଯନ୍ତ୍ରପାତି ପରିଚାଳନା କରିପାରୁଛନ୍ତି, ଯେଉଁଥିରେ ଉତ୍ପାଦନ ଶିଳ୍ପରେ ମହିଳାମାନଙ୍କୁ ଏଭଳି ସୁଯୋଗ ବହୁତ କମ୍ ମିଳେ।

## ତ୍ରିଲୋଚନ କାନୁନଗୋ ପ୍ରଥମ ସ୍ମାରକୀ ବକ୍ତୃତା

ଭୁବନେଶ୍ୱର, ୧୧।୯ (ସମିସ): ତ୍ରିଲୋଚନ କାନୁନଗୋ ଗତ ସାତ ଦଶନ୍ଧି ଧରି ଥିଲେ ଜଣେ ପ୍ରତିବଦ୍ଧତା ସମ୍ପୂର୍ଣ୍ଣ ଜନନେତା। ବିଭିନ୍ନ ସମୟରେ କଟକ ମ୍ୟୁନିସିପାଲଟିର ଅଧ୍ୟକ୍ଷ, ବିଧାୟକ ଓ ସାଂସଦ ଭାବରେ ସାଧାରଣ ମଣିଷ, ଦେଶ ଓ ରାଜ୍ୟ ପାଇଁ ସଦା ସମର୍ପିତ ତାଙ୍କର କାର୍ଯ୍ୟଧାରା ଥିଲା ସମ୍ପୂର୍ଣ୍ଣ ନିଆରା ଓ ଲୋକାଭିମୁଖୀ। କଟକ ମ୍ୟୁନିସିପାଲିଟିର ପ୍ରଥମ ନିର୍ବାଚିତ ଚେୟାରମ୍ୟାନ, ବିଧାୟକ ଓ ସାଂସଦ ଭାବରେ ସେ ଜନଗଣଙ୍କ ହିତ ଓ ରାଜ୍ୟର ସ୍ୱାର୍ଥରେ ଅନେକ କାର୍ଯ୍ୟ କରିଯାଇଛନ୍ତି। ତାଙ୍କର ଭଳି ଜଣେ ସମର୍ପିତ ବ୍ୟକ୍ତିତ୍ୱଙ୍କ କର୍ଯ୍ୟଶୈଳୀକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଗଠିତ ହୋଇଛି ଜନନେତା ତ୍ରିଲୋଚନ କାନୁନଗୋ ସ୍ମୃତି କମିଟି। ଏହି କମିଟି ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୧୨ ତାରିଖ ସନ୍ଧ୍ୟା ୫ ଘଟିକା ୩୦ ମିନିଟ ସମୟରେ ଭୁବନେଶ୍ୱର ଏଜି ଛକ ନିକଟସ୍ଥ ଜୟଦେବ ଭବନ ସଭା କକ୍ଷରେ ପ୍ରଥମ ତ୍ରିଲୋଚନ କାନୁନଗୋ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହେବ।

## ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପ୍ରଶିକ୍ଷଣ




ଭୁବନେଶ୍ୱର, ୧୧।୯ (ସମିସ): ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ସେପ୍ଟମ୍ବର ୮ ତାରିଖରୁ ଆରମ୍ଭ ହୋଇଥିବା ଆୟୋଜିତ 'ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପ୍ରଶିକ୍ଷଣ' କାର୍ଯ୍ୟକ୍ରମର ଉଦଯାପନୀ ଦିବସରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୨୫ଟି ବିଭାଗରୁ ୧୫୦ ଜଣ ସରକାରୀ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିବା ବେଳେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଦେବପ୍ରସାଦ ଦାଶ, ବିତ୍ତ ତଥା ପ୍ରଶାସନିକ ଅଧିକାରୀ ଅନନ୍ୟା ତ୍ରିପାଠୀ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ ପକ୍ଷରୁ ଆତ୍ମହତ୍ୟା ନିରାକରଣ ସଚେତନତା

ଭୁବନେଶ୍ୱର, ୧୧।୯ (ସମିସ): ବିଶ୍ୱ ଆତ୍ମହତ୍ୟା ନିରାକରଣ ଦିବସ ଉପଲକ୍ଷେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହସ୍ପିଟାଲ୍‌ର ମେଡିକାଲ୍ ସୁପରିନଟେଣ୍ଡେଣ୍ଟ ପ୍ରଫେସର ଡ. ପୁଷ୍ପରାଜ ସାମନ୍ତସିଂହାରଙ୍କ ଉପସ୍ଥିତିରେ ମାନସିକ ରୋଗ ବିଭାଗ ପକ୍ଷରୁ ଏକ ବିଶାଳ ସଚେତନତା ପଦଯାତ୍ରା ଆୟୋଜନ କରାଯାଇଥିଲା। ମେଡିକାଲ୍ କଲେଜର ଡିନ୍ ଇନ୍‌ଚାର୍ଜ ପ୍ରଫେସର ସୌମ୍ୟରଞ୍ଜନ ଦାଶ, ମାନସିକ ବିଭାଗର ମୁଖ୍ୟ ପ୍ରଫେସର ଡ. ସୁରଜିତ ସାହୁ ଛାତ୍ରଛାତ୍ରୀମାନଙ୍କୁ ଆତ୍ମହତ୍ୟା ନ କରିବାକୁ ପରାମର୍ଶ ଦେଇଥିଲେ। ଏହାପରେ ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ଓ ଆତ୍ମହତ୍ୟା ନିରାକରଣ ସମ୍ପର୍କିତ ଏକ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହେବା ସହ ଓ ଛତ୍ରେଛାତ୍ରୀଙ୍କ ଦ୍ୱାରା ନାଟକ ପରିବେଷିତ ହୋଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ଅଭିନେତ୍ରୀ ଡ. ଭୂମିକା ଦାଶ, ଏମ୍‌ବିବିଏସ୍ ଛାତ୍ର ତଥା ଅଭିନେତା ଲୋହିତ ଅକ୍ଷୟ ପଟ୍ଟନାୟକ ପ୍ରମୁଖ ମାନସିକ ଅବସାଦ ସମ୍ପର୍କିତ ସଚେତନତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଫେସର ନିର୍ଲିପ୍ତ କୁମାର ସାହୁ ପରିଚାଳନା କରିଥିବା ବେଳେ ପ୍ରଫେସର ଶୁଭେନ୍ଦୁ ନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## 'ସଂସ୍କୃତି ବିଚିତ୍ରା'ରେ 'ରାଜା ଇଡିପସ୍' ମଞ୍ଚସ୍ଥ



ଭୁବନେଶ୍ୱର, ୧୧।୯ (ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସାଂସ୍କୃତିକ କାର୍ଯ୍ୟକ୍ରମ 'ସଂସ୍କୃତି ବିଚିତ୍ରା'ରେ ନାଟକ 'ରାଜା ଇଡିପସ୍' ଗୁରୁବାର ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇଯାଇଛି। ଗ୍ରୀକ୍ ନାଟ୍ୟକାର ସଫୋକ୍ଲିସ୍‌ଙ୍କ ଗ୍ରୀକ୍ କଥାବସ୍ତୁ ଉପରେ ଆଧାରିତ ମୂଳରଚନା ତଥା କୁଞ୍ଜ ରାଏଙ୍କ ଓଡିଆ ଅନୁବାଦିତ ଏହି ନାଟକର ପରିକଳ୍ପନା ଓ ନିର୍ଦ୍ଦେଶନା ଦେଇଥିଲେ ବିଶ୍ୱବିଦ୍ୟାଳୟର ନାଟକ ବିଭାଗ ଅଧ୍ୟାପକ ଦେବବ୍ରତ ପଟ୍ଟନାୟକ। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଓ କୁଳସଚିବ ଅନାମିକା ଅଧିକାରୀଙ୍କ ସମେତ ବିଶିଷ୍ଟ ବାଗ୍ମୀ ଓ ସମାଜସେବୀ ଗୋଲକ ପ୍ରସାଦ ମହାପାତ୍ର, ବିଶିଷ୍ଟ ସାହିତ୍ୟିକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଓ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଲାଲ ବିରେନ୍ ପ୍ରସାଦ ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କୁ ସମ୍ମାନିତ କରିଥିଲେ। ରହସ୍ୟ ଓ ରୋମାଞ୍ଚଭରା ମୂଳ ଗ୍ରୀକ୍ ରଚନାରୁ ଆଦୃତ ଏବଂ ଚୌଧୁରୀ ଜୟପ୍ରକାଶ ଦାସ ଓ ଗଜେନ୍ଦ୍ର ନାୟକଙ୍କ ଦିଗ୍‌ଦର୍ଶନରେ ଏହି ନାଟକ ମଞ୍ଚସ୍ଥ ହୋଇଥିଲା। ନାଟକର ଓଡିଆ ରୂପାନ୍ତରରେ କଳାକାର ଭାବେ ଚନ୍ଦ୍ରଶେଖର ରଣସିଂହ, ବିଷ୍ଣୁପଦ ପଣ୍ଡା, ରାକେଶ କୁମାର ଚାନ୍ଦ, ସାଇସ୍ୱରୂପ ଦେ, ସିଦ୍ଧାନ୍ତ ବଳିୟାରସିଂ, ରାକେଶ କୁମାର ସାହୁ, ଦେବପ୍ରସାଦ ପଣ୍ଡା, କାଜଲ ରାନୀ, ବିଜୟ ସାହୁ, ବର୍ଷା ପାଣି, ଶୁଭଲକ୍ଷ୍ମୀ ରାଉତରାୟ, ଏରିନା ମଞ୍ଜରୀ ମଲ୍ଲିକ, ଦିବ୍ୟାଂସି ମହାନ୍ତି, ଲୋହିତାକ୍ଷ ବେହେରା ଓ ଦେବାଂଶୀ ପଟ୍ଟନାୟକ ପ୍ରମୁଖ ଅଭିନୟ ପ୍ରଦର୍ଶନ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶନା ପ୍ରତାପ ରାଉତ ଦେଇଥିବା ବେଳେ ହିମାଂଶୁ ଶେଖର ବେହେରା ଓ ପ୍ରଜ୍ଞାଦତ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଓ ଅଧ୍ୟାପକ ଡ. ଜ୍ଞାନ ରଞ୍ଜନ ପଣ୍ଡା ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଦୁଗ୍ଧରେ ଅପମିଶ୍ରଣ ରୋକିବାକୁ ଦାବିକଲେ ଦୁଗ୍ଧଚାଷୀ

ଭୁବନେଶ୍ୱର, ୧୧।୯ (ସମିସ): ପାର୍ବଣ ଋତୁକୁ ଆଖି ଆଗରେ ରଖି ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଅପମିଶ୍ରଣ ରୋକିବା ପାଇଁ ଦୃଢ଼ ପଦକ୍ଷେପ ଦାବି କରିଛି ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘ। ବିଭିନ୍ନ ମୁନ୍ସିପାଲିଟି ଓ କର୍ପୋରେସନ, ପୋଲିସ ଓ ଖାଦ୍ୟ ସୁରକ୍ଷା ଅଧିକାରୀ, ମିଷ୍ଟାନ୍ନ ଭଣ୍ଡାର ମାଲିକ ଓ ଦୁଗ୍ଧ ଚାଷୀମାନଙ୍କର ମିଳିତ ବୈଠକ କରାଯାଇ ଏ ଦିଗରେ ଏକ ପଦକ୍ଷେପ ନିଆଯାଉ। ପାର୍ବଣ ଋତୁକୁ ଆଖି ଆଗରେ ରଖି ଅସାଧୁ ବେପାରୀମାନେ ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀ ଅପମିଶ୍ରଣ କରି ବଜାରକୁ ଛାଡିବାର ଆଶଙ୍କା ରହିଛି। ତେଣୁ ଏହି ଅପମିଶ୍ରଣକାରୀଙ୍କୁ ଦୃଢ଼ ହସ୍ତରେ ଦମନ କରିବାକୁ ମହାସଂଘର ରାଜ୍ୟ ଅଧ୍ୟକ୍ଷ ରବି ବେହେରା ଦାବି କରିଛନ୍ତି। କଟକ ଜିଲ୍ଲା ଗୁରୁଦିଝଟିଆ ଠାରେ କ୍ଷୀର ଅପମିଶ୍ରଣରେ ସମ୍ପୃକ୍ତ ଟ୍ୟାଙ୍କର ଡ୍ରାଇଭର ଓ ଅନ୍ୟ ଅପରାଧୀଙ୍କୁ ତୁରନ୍ତ ଗିରଫ କରାଯାଉ। ଯେଉଁ କମ୍ପାନୀକୁ ଟ୍ୟାଙ୍କରରେ ସମ୍ବଲପୁରରୁ କ୍ଷୀର ଆସୁଥିଲା ସେ କମ୍ପାନୀର ଲାଇସେନ୍ସ ବାତିଲ କରିବାକୁ ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘ ପକ୍ଷରୁ ଦାବି କରାଯାଇଛି।

## ସରକାରଙ୍କ ଉଦ୍ଦେଶ୍ୟରେ ଗ୍ରାମରକ୍ଷୀ ମହାସଙ୍ଘର ସ୍ମାରକପତ୍ର

ଭୁବନେଶ୍ୱର, ୧୧।୯ (ସମିସ): ନିଖିଳ ଓଡ଼ିଶା ଗ୍ରାମରକ୍ଷୀ ମହାସଙ୍ଘ ପକ୍ଷରୁ ସଭାପତି ପାଗଳ ଜେନା, ସମ୍ପାଦକ ସଞ୍ଜୟ କୁମାର ମଲ୍ଲିକଙ୍କ ନେତୃତ୍ୱରେ ବରିଷ୍ଠ ସାମ୍ବାଦିକ, ଓଡ଼ିଶା ନାଗରିକ ମହାମଞ୍ଚ ଓ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରି ମହାସଂଘର ବିଭିନ୍ନ ଦାବି ସମ୍ପର୍କରେ ଅବଗତ କରାଇବା ସହିତ ଏକ ସ୍ମାରକପତ୍ର ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଅଭିଯୋଗ ମୁତାବକ ସେମାନଙ୍କୁ ସରକାରୀ କର୍ମଚାରୀ ଭାବେ ମାନ୍ୟତା ମିଳିଥିଲେ ବି ପ୍ରକୃତ ଚାକିରି ସର୍ତ୍ତାବଳୀ, ବିଭିନ୍ନ ଯୋଜନାରୁ ବଞ୍ଚିତ କରିବା, ଦରମାକୁ ୧୮, ୦୦୦କୁ ବୃଦ୍ଧି କରିବା ଆଦି ଦାବିକୁ ସଠିକ ଭାବେ ଉପସ୍ଥାପିତ କରିବା ସମ୍ପର୍କରେ ଆଗାମୀ ବିଧାନସଭାରେ ଦାବି ଉଭୟ ସରକାର ଓ ବିରୋଧୀ ଦଳର ବିଧାୟକଙ୍କୁ ଅବଗତ କରାଯିବା ନେଇ ଶ୍ରୀ ଶତପଥୀ ମତ ରଖିଥିଲେ। ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ସମାଜସେବୀ କ୍ରାନ୍ତି କୁମାର ସକ୍ସେନା, ଦିବ୍ୟ, ସମାଜସେବୀକା ମାମାଲି ଦାସ, ସାମ୍ବାଦିକ ନବୀନ କୁମାର ଦାସ, ପ୍ରଶାନ୍ତଙ୍କ ସମେତ ଗ୍ରାମରକ୍ଷୀ ଉପସ୍ଥିତ ରହିଥିଲେ।

## ରକ୍ତଦାନ କରି ଜୀବନ ବଞ୍ଚାଇଲେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ



ଭୁବନେଶ୍ୱର, ୧୧।୯ (ସମିସ): ପୂର୍ବରୁ ଅନେକ ସମୟରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନେ ନିଜ କର୍ମ ଠାରୁ ଊର୍ଦ୍ଧ୍ୱକୁ ଯାଇ ମାନବିକତାର ପରିଚୟ ଦେଇଛନ୍ତି। ସେହିଭଳି ଏକ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ଗୁଣପୁର ଡାକ୍ତରଖାନାରେ। ଗୁଣୁପୁର ଉପଖଣ୍ଡ ଚିକିତ୍ସାଳୟରେ ରକ୍ତହୀନତାରେ ପୀଡିତ ହୋଇ ଚିକିତ୍ସିତ ହେଉଥିବା ବବିତା ଗୁରୁବାରୀ ଜରୁରିକାଳୀନ ପରିସ୍ଥିତିରେ ଗୋଟିଏ ୟୁନିଟ ରକ୍ତ ଆବଶ୍ୟକ କରୁଥିଲେ। ଏହି ସମୟରେ ପଦ୍ମପୁର ଡାକ୍ତରଖାନାରୁ ଏକ ୧୦୮ ଆମ୍ବୁଲାନ୍ସ ରୋଗୀଙ୍କୁ ନେଇ ଗୁଣୁପୁର ଆସିଥିବାବେଳେ ବବିତାଙ୍କ ରକ୍ତ ଆବଶ୍ୟକତା ବିଷୟରେ ଜାଣିବାକୁ ପାଇଥିଲେ। ଏହି ଘଟଣା ଜାଣିବା ପରେ ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ବିନୋଦ କୁମାର ସାହୁକାର ତୁରନ୍ତ ସେହି ରୋଗୀଙ୍କ ପାଇଁ ଗୋଟିଏ ୟୁନିଟ ରକ୍ତଦାନ କରି ଏକ ମୂଲ୍ୟବାନ ଜୀବନ ବଞ୍ଚାଇଥିଲେ। ଉକ୍ତ ମାନବୀୟ କାର୍ଯ୍ୟ ପାଇଁ ରୋଗୀଙ୍କ ସମ୍ପର୍କୀୟ ତଥା ଡାକ୍ତରଖାନା କର୍ତ୍ତୃପକ୍ଷ ବିନୋଦଙ୍କୁ ସାଧୁବାଦ ଜଣାଇଛନ୍ତି।

## ଶିଶୁ ମନ୍ଦିରକୁ ପୋଷ୍ୟ ଭାବେ ଗ୍ରହଣ କଲା ରୋଟାରୀ କ୍ଲବ୍



ବଡ଼ରଘୁନାଥପୁର, ୧୧।୯ (ସମିସ): ରୋଟାରୀ କ୍ଲବ ଖାରବେଳ କଳିଙ୍ଗ ନଗର ପକ୍ଷରୁ ଭୋଳା ଗାଁ ଠାରେ ଅବସ୍ଥିତ ଆବାସିକ ଶିଶୁ ବିଦ୍ୟାମନ୍ଦିରକୁ ପୋଷ୍ୟ ଭାବେ ଗ୍ରହଣ କରାଯାଇଛି। କ୍ଲବର ସଭାପତି ଆଡଭୋକେଟ୍ ରୋଟାରୀଆନ ଦିଲ୍ଲୀପ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରୋଟାରୀ ଜିଲ୍ଲା ୩୨୬୨ର ପ୍ରାନ୍ତପାଳ ମନୋଜ କୁମାର ତ୍ରିପାଠୀ, ପୂର୍ବତନ ପ୍ରାନ୍ତପାଳ ଶିବବ୍ରତ ଦାଶ, ଉପ-ପ୍ରାନ୍ତପାଳ ଡକ୍ଟର ଶିଶିର କାନ୍ତ ଷଡ଼ଙ୍ଗୀ ଯୋଗ ଦେଇ ବୃକ୍ଷ ଚାରାରୋପଣ କରିଥିଲେ। ପରେ ପୋଷ୍ୟ ସ୍କୁଲ, ପାଠାଗାର ଏବଂ ଜଳ ବିଶୁଦ୍ଧ କରଣ ଉପକରଣକୁ ଉଦଘାଟନ କରିଥିଲେ। ପିଲାମାନଙ୍କ ଦ୍ୱାରା 'ଗଛଟିଏ ମୁଁ ଗଛଟିଏ' ନୃତ୍ୟ ନାଟିକା ପରିବେଷଣ ହୋଇଥିଲା। କ୍ଲବର ସଭ୍ୟ ଡଃ କିଶୋର ଚନ୍ଦ୍ର ସ୍ୱାଇଁ, ରମେଶ ଚନ୍ଦ୍ର ମହାନ୍ତି, କର୍ଣ୍ଣେଲ ଏସ୍‌ଜେ ରାଓ, ସୁରେନ୍ଦ୍ର ନାଥ ତ୍ରିପାଠୀ, ପିଏସ୍‌ଏନ୍ ପାତ୍ର, ରଞ୍ଜନ କୁମାର ପାତ୍ର ଏହିସବୁ କାର୍ଯ୍ୟକୁ ପରିଚାଳନା କରିଥିଲେ।

## ଅଧ୍ୟାପିକାଙ୍କ ପରଲୋକ



ଭୁବନେଶ୍ୱର, ୧୧।୯ (ସମିସ): ଏମ୍‌ଡ଼ିସି ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଗଙ୍ଗାଧର ରଥଙ୍କ କନ୍ୟା ଓ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନର ମାନବ ସମ୍ବଳ ଅଧିକାରୀ ଦୁର୍ଗେଶ ପଣ୍ଡାଙ୍କ ଧର୍ମପତ୍ନୀ ଏଲୋରା ପଣ୍ଡା (୫୫)ଙ୍କର ପରଲୋକ ଘଟିଛି। ସେ ସିଭି ରମଣ ବିଶ୍ୱବିଦ୍ୟାଳୟ, କିଟ ବିଜିନେସ ସ୍କୁଲ, ଆଇଏସଏଫ୍ ଆଇ ବିଜନେସ୍ ସ୍କୁଲରେ ଅଧ୍ୟାପିକା ଭାବେ କାର୍ଯ୍ୟ କରିଥିଲେ। ଯାଜପୁରର ଲୋକସଭା ସାଂସଦ ଡ. ରବିନାରାୟଣ ବେହେରା, କିଟ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ଅଜିତ ତ୍ରିପାଠୀ, ବରିଷ୍ଠ ପ୍ରଶାସକ ଅଶୋକ ତ୍ରିପାଠୀ, ସୁରେଶ ପଣ୍ଡା, ଅତିରିକ୍ତ ସଚିବ ରେଣୁ ପ୍ରଭା ନାୟକ ସମବେଦନା ଜଣାଇଛନ୍ତି।

## ସନ୍ଥ ବିନୋବା ଭାବେଙ୍କ ଜୟନ୍ତୀ ସମାରୋହ

# ୨୦୨୯ ସୁଦ୍ଧା ରାଜ୍ୟରେ ଭୂମିହୀନ ରହିବେ ନାହିଁ

ଭୁବନେଶ୍ୱର, ୧୧।୯ (ସମିସ): ସ୍ୱାଧୀନତା ସଂଗ୍ରାମୀ ତଥା ଭୂଦାନ ଆନ୍ଦୋଳନର ମୁଖ୍ୟ ପୁରୋଧା ମହାନ ସନ୍ଥ ଭାରତ ରତ୍ନ ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୩୧ତମ ଜୟନ୍ତୀ ସମାରୋହ ଜୟଦେବ ଭବନ ଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜୟନ୍ତୀ କମିଟିର ସଭାପତି ଜୟନ୍ତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ 'ଭୂମି ଅଧିକାର ଓ ଭୂଦାନ'ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କହିଥିଲେ, ୨୦୨୯ ବେଳକୁ ଓଡ଼ିଶାରେ କେହି ଭୂମିହୀନ ରହିବେ ନାହିଁ। ବିଧାୟକ ଡ଼. ଅରୁଣ କୁମାର ସାହୁ କହିଲେ କି ସମାଜ ଓ ଦେଶର ପ୍ରକୃତ ବିକାଶ କେବଳ ଭୌତିକ ବିକାଶ ନୁହେଁ ବୌଦ୍ଧିକ ବିକାଶ ହେଲେ ହିଁ ହୋଇ ପାରିବ। ବିନୋବା ଭୁଦାନ ଆନ୍ଦୋଳନରେ ତ୍ୟାଗ ମାଧ୍ୟମରେ ଭୂମି ଆଣି ଭୂମିହୀନଙ୍କୁ ଦେବା ପାଇଁ ସାମାଜିକ ବୌଦ୍ଧିକ ବିକାଶ ପାଇଁ ଚେଷ୍ଟା କରିଥିଲେ। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ କହିଥିଲେ ଯେ, ଶିଳ୍ପପତିଙ୍କ ପାଇଁ ଲ୍ୟାଣ୍ଡ ବ୍ୟାଙ୍କ କିନ୍ତୁ ଭୂମିହୀନ ଲୋକଙ୍କ ପାଇଁ କେବେ ଜମି ଦିଆଯିବ ବୋଲି ପ୍ରଶ୍ନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆମ ଓଡ଼ିଶାର ଅଧ୍ୟକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ, ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଦୀପକ ମାଲବ୍ୟ, ଆସାମ କସ୍ତୁରବା ଗାନ୍ଧୀ ଟ୍ରଷ୍ଟର ଅଧ୍ୟକ୍ଷ୍ୟା ଦମୟନ୍ତୀ ଦେବୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିନୋବାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇଥିବା ୨ ଜଣକୁ ଗାନ୍ଧୀ ବିନୋବା ଶାନ୍ତି ସମ୍ମାନ ଓ ୭ ଜଣକୁ ସର୍ବୋଦୟ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆସାମ କସ୍ତୁରବା ଗାନ୍ଧୀ ଟ୍ରଷ୍ଟ ଅଧ୍ୟକ୍ଷ ଦମୟନ୍ତୀ ଦେବୀ ଓ ସ୍ତମ୍ଭକାର ଗୌରାଙ୍ଗ ଚରଣ ପରିଡ଼ାଙ୍କୁ ଗାନ୍ଧୀ-ବିନୋବା ଶାନ୍ତି ପୁରସ୍କାର ଏବଂ ସେବା ସମାଜ ଗୁଣୁପୁରର ସୁଶ୍ରୀ ରାଜେଶ୍ୱରୀ ଦଳାଇ, ଜୟ କିରଣ ଟ୍ରଷ୍ଟର ସମ୍ପାଦିକା ସୁମିତ୍ରା ଜେନା, ଆସାମ କସ୍ତୁରବା ଟ୍ରଷ୍ଟର ଅନିମା ଦତ୍ତ, ଗୀତିକା ଦେବୀ, ଓଡ଼ିଶା ଉଦ୍ୟୋଗୀ ପରିବାର ଅଧ୍ୟକ୍ଷ ଶିବ ନାରାୟଣ ମିଶ୍ର, ସହିଦ ସ୍ମୃତି ପରିଷଦ ସମ୍ପାଦକ ପ୍ରମେଶ ମହାନ୍ତି, ଓଡ଼ିଶା ଫଲୋଅପ ର ଡ଼. ବିବି ହୃଦୟ ଆଦିଙ୍କୁ ସର୍ବୋଦୟ ସେବା ସମ୍ମାନ ୨୦୨୫ ଏବଂ ଗାୟିକା ଅନିନ୍ଦିତା ଦାସଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ହୋଇଥିଲା। ମହିଳା ଆତ୍ମନିର୍ଭର ଅଭିଯାନର ଅଧ୍ୟକ୍ଷା ଡ଼ଃ ରୀନା ରାଉତରାୟ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ରଖିଥିଲେ। ବିନୋବା ସେବା ପ୍ରତିଷ୍ଠାନର ସମ୍ପାଦକ ମନୋଜ ଜେନା, ସାମାଜିକ ବିଜ୍ଞାନୀ ସନ୍ଦୀପ ପଟନାୟକ ଆଲୋଚ୍ୟ ବିଷୟର ପୃଷ୍ଠଭୂମି ଉପରେ ସନ୍ଦର୍ଭ ଉପସ୍ଥାପନା କରିଥିଲେ। ଓଡ଼ିଶା ଅଭିଭାବକ ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଡ଼ ରଘୁନାଥ ମଣ୍ଡଳ, ନବଘନ ଦାସ, ସତ୍ୟବ୍ରତ ଜେନା, ପ୍ରଜ୍ଞା ପାରମିତା ମହାନ୍ତି, ପୂର୍ଣ୍ଣମା ନାୟକ, ସନ୍ଦୀପ ମହାନ୍ତି, ସୁରେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଓଡ଼ିଶାରେ ବଳକା ଥିବା ୬୦ହଜାର ଭୂଦାନ ଜମିକୁ ଭୂମିହୀନ ମଧ୍ୟରେ ବଣ୍ଟନ କରିବାକୁ ସଭା ତରଫରୁ ଏକ ଦାବିପତ୍ର ରାଜସ୍ୱ ମନ୍ତ୍ରୀଙ୍କୁ ଦିଆଯାଇଥିଲା।




## ଖୁଦୁରୁକୁଣୀ ମହୋତ୍ସବରେ 'ତଅପୋଇ' ମଞ୍ଚସ୍ଥ

ଭୁବନେଶ୍ୱର, ୧୧।୯ (ସମିସ): ରାଜଧାନୀରେ ଥିବା ସର୍ବ ପୁରାତନ ଗ୍ରାମ ସୁନ୍ଦରପଦାରେ ଖୁଦୁରୁକୁଣୀ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ୨୧ବର୍ଷ ଧରି ଚାଲିଥିବା ଖୁଦୁରୁକୁଣୀ ମହୋତ୍ସବ ପତିତପାବନ ଓ ସୁନ୍ଦରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଆସୁଛି। ଏହି ମହୋତ୍ସବରେ ସେବାପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ଅଧ୍ୟକ୍ଷତା କରିଥିଲେ। ଏହା ସହି ୩୦ରୁ ୩୫ ଗୋଟି ଖୁଦୁରୁକୁଣୀ ମୂର୍ତ୍ତି ଯାହାକୁ ପ୍ରତ୍ୟେକ ବର୍ଷ ଅବିବାହିତ କନ୍ୟାମାନେ ପ୍ରସ୍ତୁତ କରୁଛନ୍ତି। ଏହି ଅବସରରେ ସୁନ୍ଦରପଦାର ଅଜିତ ନନ୍ଦଙ୍କ ନିର୍ଦ୍ଦେଶିତ ପୌରାଣିକ ନାଟକ 'ତଅପୋଇ' ମଞ୍ଚସ୍ଥ ହୋଇଥିଲା। ଏହି ସଭାରେ ଅତିଥି ଭାବେ ସଞ୍ଜୟ ଛୁଆଳସିଂ, ବିଷ୍ଣୁ ପ୍ରସାଦ ନନ୍ଦ ଓ କାକଟପୁରର ବ୍ୟଙ୍ଗ କବି ସମ୍ପଦ ରଥ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଯାଦୁକର ଅରୁଣ ତାଙ୍କ ଯାଦୁ ପ୍ରଦର୍ଶିତ କରି ସମସ୍ତଙ୍କୁ ଆକୃଷ୍ଟ କରିଥିଲେ।



# ରାଜସ୍ଥାନ ରାଜବାଟୀରେ ବିରାଜିବେ ଦୁର୍ଗା

ଆସୁଛନ୍ତି ମା'



## ଚକେଇସିଆଣି ଦୁର୍ଗାପୂଜା ସମିତି



ଭୁବନେଶ୍ୱର, ୧୧।୯ (ସମିସ): ଏଥର ଦୁର୍ଗାପୂଜାରେ ଚକେଇସିଆଣି ଦୁର୍ଗାପୂଜା ସମିତି ପକ୍ଷରୁ ଆକର୍ଷଣ ପାଲଟିବ ରାଜସ୍ଥାନ ରାଜବାଟୀ। ଚଳିତ ବର୍ଷ ପୂଜା ୨୫ ବର୍ଷରେ ପହଞ୍ଚିଛି। ୬୦ ଫୁଟ୍ ଉଚ୍ଚତା ଏବଂ ଚଉଡ଼ା ୭୦ ଫୁଟ ବିଶିଷ୍ଟ ଏହି ତୋରଣ ଆକର୍ଷଣ କେନ୍ଦ୍ରବିନ୍ଦୁ ସାଜିବ। ଏଥିପାଇଁ ୨୦ରୁ ଊର୍ଦ୍ଧ୍ୱ କାରିଗର ନିୟୋଜିତ ହୋଇଛନ୍ତି। ପୂଜା ମଣ୍ଡପକୁ ଅଧିକ ଆକର୍ଷଣୀୟ କରାଯିବାକୁ ୪ ପାର୍ଶ୍ୱରେ ୪ଟି ବଡ଼ ବଡ଼ ଲାଇଟ୍ ଗେଟ୍ ନିର୍ମାଣ କରାଯିବ। ଇଣ୍ଡିଆଗେଟ୍, ତାଜମହଲ, ରାମ ମନ୍ଦିର ସମେତ ଆଉ ଏକ ଲାଇଟ୍ ଗେଟ୍‌ରେ ପୁରୁଣା କାଳିଆ ଜୀବନଶୈଳୀ ପ୍ରଦର୍ଶିତ ହେବ। ସେହିପରି ମା'ଙ୍କ ମୂର୍ତ୍ତିର ଉଚ୍ଚତା ୨୦ ଫୁଟ ରହିଛି ରହିଥିବା ବେଳେ ମେଢ଼ର ଉଚ୍ଚତା ୨୪ ଫୁଟ ରହିଛି। ମା'ଙ୍କ ସମେତ ପାର୍ଶ୍ୱ ଦେବାଦେବୀଙ୍କୁ ଚାନ୍ଦିରେ ସୁସଜ୍ଜିତ କରାଯିବ। ବିଧି ଅନୁସାରେ ଷଷ୍ଠୀରେ ବେଲ୍ୱବରଣୀ, ସପ୍ତମୀରେ ମା'ଙ୍କର ଚକ୍ଷୁଦାନ କରାଯିବ। ସପ୍ତମୀରେ ମା'ଙ୍କ ପାଖରେ ଉଖୁଡା, ମିଠା ଆଦି ଶୁଖିଲା ଭୋଗ ଅର୍ପଣ କରାଯିବା ସହ ଅଷ୍ଟମୀରେ ମା'ଙ୍କ ନିକଟରେ ମହିଳମାନେ ଶାଢ଼ି ପୂଜା କରିବେ ଏବଂ ମା'ଙ୍କ ପାଖରେ ଫଳ ଭୋଗ ଲାଗି ହେବ। ନବମୀରେ ମା'ଙ୍କୁ ସ୍ୱତନ୍ତ୍ର ଖେଚୁଡ଼ି ଖଟା ଭୋଗ ଅର୍ପଣ କରାଯିବ। ଏହି ଦିନରେ ପ୍ରାୟ ୧୫ହଜାର ଲୋକେ ପ୍ରସାଦ ସେବନ କରିବେ। ସେହିପରି ଦଶମୀରେ ଦହି ପଖାଳ କରାଯିବ। ଚଳିତବର୍ଷ ପୂଜା ବଜେଟ୍ ରହିଛ ୩୦ଲକ୍ଷ ଟଙ୍କା। ସେହିପରି ଶାନ୍ତଶୃଙ୍ଖଳାର ସହ ଭସାଣ ଉତ୍ସବ ଅନୁଷ୍ଠିତ ହେବ। ଡିଜେ ସାଙ୍ଗକୁ ପାରମ୍ପରିକ ବାଦ୍ୟଯନ୍ତ୍ରର ତାଳେ ତାଳେ ଭସାଣ ଉତ୍ସବ ଅନୁଷ୍ଠିତ ହେବ।



୩ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ କିଭଳି ଶାନ୍ତି ଶୃଙ୍ଖଳାରେ ପୂଜା ହୋଇପାରିବ ଏଥିପ୍ରତି ଦୃଷ୍ଟି ଦିଆଯିବ। ବରିଷ୍ଠ ନାଗରିକ ଓ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି ବ୍ୟବସ୍ଥା ସହ ଭିନ୍ନକ୍ଷମ ଶ୍ରଦ୍ଧାଳୁଙ୍କ ପାଇଁ ହ୍ୱିଲଚେୟାର ବ୍ୟବସ୍ଥା କରାଯିବ। ସେହିପରି ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇ ୧୦୦ ସ୍ୱେଚ୍ଛାସେବୀଙ୍କ ସମେତ ପୁଲିସ, ଅଗ୍ନିଶମ କର୍ମଚାରୀ ଉପସ୍ଥିତ ରହିବେ ଏବଂ ବିଭିନ୍ନ ସ୍ଥାନରେ ୧୫ଟି ସିସିଟିଭି କ୍ୟାମେରା ଲଗାଯିବ।

-ଚୈତନ୍ୟ ଚରଣ ଦାସ, ସଭାପତି



ଚଳିତ ବର୍ଷ ପୂଜା ମଣ୍ଡପ ପରିସରକୁ ପ୍ଲାଷ୍ଟିକ ମୁକ୍ତ କରାଯିବ। ମା' ମାନେ ପ୍ଲାଷ୍ଟିକ୍ ପରିବର୍ତ୍ତେ ଚାଙ୍ଗୁଡ଼ି କିମ୍ବା ପିତ୍ତଳ ଡାଲାରେ ଭୋଗ ଆଣିବେ। ପ୍ରାୟ ୬କିଲୋମିଟର ରାସ୍ତାକୁ ଆଲୋକମାଳାରେ ସଜାଯିବା ସାଙ୍ଗକୁ ମୀନା ବଜାର ବ୍ୟବସ୍ଥା ରହିବ। ପାରମ୍ପରିକ ବାଦ୍ୟଯନ୍ତ୍ରରେ ଭସାଣ ଉତ୍ସବ ଅନୁଷ୍ଠିତ ହେବ। ଘଣ୍ଟ, ଢ଼ୋଲ ବାଜା, ତୁରୀ, ଘୋଡ଼ାନାଚ ଆଦିରେ ମା'ଙ୍କୁ ମେଲାଣି ଦିଆଯିବ।

-ଦାଶରଥୀ ରାଉତ, ସମ୍ପାଦକ

## 'ସମ୍ଭମ'ରେ ମେଡିକାଲ ରେକର୍ଡସ ଦିବସ



ଭୁବନେଶ୍ୱର, ୧୧।୯ (ସମିସ): ହସ୍ପିଟାଲ୍ ସମ୍ ଅଲ୍ଟିମେଟ ମେଡିକେୟାର ପକ୍ଷରୁ ନ୍ୟାସ୍‌ନାଲ୍ ମେଡିକାଲ୍ ରେକର୍ଡସ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମେଡିକାଲ୍ ରେକର୍ଡସ ବିଭାଗର ମୁଖ୍ୟ ଡାକ୍ତର ମାନସ ରଞ୍ଜନ ସେଠୀ, ସମ୍ଭମର ଚିଫ ଏଗ୍‌ଜିକ୍ୟୁଟିଭ୍ ଅଫିସର ଡ. ଶ୍ୱେତପଦ୍ମା ଦାଶ, ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋଜରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ଉତ୍କର୍ଷ ଆଣିବା ନିମନ୍ତେ ମେଡିକାଲ୍ ରେକର୍ଡସ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ଶପଥ ନିଆଯାଇଥିଲା।

## 'ହେଲଦି ଡାଏଟ୍ ଅଭିଯାନ'ର ଶୁଭାରମ୍ଭ



ଭୁବନେଶ୍ୱର, ୧୧।୯ (ସମିସ): ମହିଳା ଓ ଶିଶୁ ବିକାଶ ବିଭାଗ ଓ ୟୁନିସେଫର ମିଳିତ ସହଭାଗିତାରେ ସ୍ଥାନୀୟ ଏକ ହୋଟେଲରେ 'ହେଲଦି ଡାଏଟ୍ ଅଭିଯାନ'ର ଶୁଭାରମ୍ଭ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଜଙ୍କ୍ ଫୁଡ୍ ଠାରୁ ଦୂରରେ ରହି ଘର ତିଆରି ଖାଦ୍ୟ ସହ ପାରମ୍ପରିକ ଖାଦ୍ୟ ତଥା ମାଣ୍ଡିଆ, ପଖାଳ ଓ ପିଠା ଆଦିକୁ ଆପଣେଇବାକୁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ପୋଷଣ ବିଶେଶଜ୍ଞ ତଥା ୟୁନିସେଫର ବରିଷ୍ଠ ଅଧିକାରୀ ସୌରଭ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିନେତା ସବ୍ୟସାଚୀ ମିଶ୍ର, ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ଅନୁ ଚୌଧୁରୀ ପ୍ରମୁଖ ଯୋଗ ଦେଇଲେ। ଏହି ଅବସରରେ ସାମାଜିକ ବ୍ୟବହାରିକ ପରିବର୍ତ୍ତନ (ସୋସିଆଲ ବିହେଭିୟର ଚେଞ୍ଜ୍) ବିଷୟରେ ଏକ ପୋଷ୍ଟର ଉନ୍ମୋଚିତ ହୋଇଥିଲା। ଏହି ପୋଷ୍ଟର ଦ୍ୱାରା ଅଙ୍ଗନବାଡ଼ି ମାଧ୍ୟମରେ ଗାଁ ଗାଁ ରେ ଜନ ସଚେତନତା ସୃଷ୍ଟି କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଶେଷରେ ଅତିରିକ୍ତ ଶାସନ ସଚିବ ସ୍ୱର୍ଣ୍ଣପ୍ରଭା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଓଇଏସ୍ ଓ ଇଣ୍ଡିଆନ ବ୍ୟାଙ୍କ୍ ପକ୍ଷରୁ ବୃକ୍ଷ ରୋପଣ



ଭୁବନେଶ୍ୱର, ୧୧।୯ (ସମିସ): ଓଡ଼ିଶା ପରିବେଶ ସମିତି ଏବଂ ଇଣ୍ଡିଆନ ବ୍ୟାଙ୍କ୍ ଭୁବନେଶ୍ୱର କ୍ଷେତ୍ର କାର୍ଯ୍ୟାଳୟର ଯୁଗ୍ମ ପୃଷ୍ଠପୋଷକତାରେ ଜଟଣୀ, ଷଣ୍ଢପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଣ୍ଡିଆନ ବ୍ୟାଙ୍କ୍‌ର ଭୁବନେଶ୍ୱର କ୍ଷେତ୍ର କାର୍ଯ୍ୟାଳୟର ଡିଜିଏମ୍ ରଣଞ୍ଜୟ ସିଂହ, ଏଜିଏମ୍ ମନୋରଞ୍ଜନ ସେଠୀ ଅତିଥି ଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷା ଲୋପାମୁଦ୍ରା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ। ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ, ଉପସଭାପତି ଡ. ଲାଲା ଏକେ ସିଂହ, ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର, ସଂଯୋଜକ ନିରଦ ବରଣ ଖୁଣ୍ଟିଆ, ସଦସ୍ୟ ପ୍ର. ନିମାଇଁ ଚରଣ ମିଶ୍ର ଏବଂ ବିଶ୍ୱନାଥ ପୁହାଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପିଜିଟି ହରେକୃଷ୍ଣ ମହାପାତ୍ର ଏବଂ ମିନତୀ ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପୂର୍ବରୁ ପରିବେଶ ପ୍ରସଙ୍ଗ ଉପରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିସରରେ ଅତିଥି, ଓଇଏସ୍ ସଦସ୍ୟ, ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କର ମିଳିତ ପ୍ରୟାସରେ ୧୨୦ରୁ ଅଧିକ ନଡ଼ିଆ, ଆମ୍ବ, ପଣସ, ପିଜୁଳି, ସପେଟା, ଅଁଳା ପ୍ରଭୃତି ବିଭିନ୍ନ ଫଳଗଛ ଚାରା ରୋପଣ କରାଯାଇଛି।

## କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲରେ 'ଗ୍ଲୋବାଲ ୟୁନିଭରସିଟି ଫେୟାର'



ଭୁବନେଶ୍ୱର, ୧୧।୯ (ସମିସ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ପକ୍ଷରୁ 'ଗ୍ଲୋବାଲ ୟୁନିଭର୍‌ସିଟି ଫେୟାର'ର ତୃତୀୟ ସଂସ୍କରଣ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଫେୟାରରେ ଭାରତ ସମେତ ଆମେରିକା, ବ୍ରିଟେନ, କାନାଡା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ସ୍ୱିଜରଲ୍ୟାଣ୍ଡ, ଆୟାର୍ଲାଣ୍ଡ, ଦୁବାଇ, ଫିନଲାଣ୍ଡ ଓ ବିଭିନ୍ନ ଦେଶର ବଡବଡ ଶିକ୍ଷାନୁଷ୍ଠାନ ସହ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ସମେତ ବିଭିନ୍ନ ସ୍କୁଲର ୨ ହଜାରରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏଥିରେ ସ୍କୁଲ ଚେୟାରପର୍ସନ ଡ. ମୋନାଲିସା ବଳ, ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର, ଇଣ୍ଟରନ୍ୟାସ୍‌ନାଲ୍ ପାଠ୍ୟକ୍ରମ ମୁଖ୍ୟ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମାଧ୍ୟମିକ ସଂସ୍କୃତ, ହିନ୍ଦୀ ଶିକ୍ଷକଙ୍କ ଆନ୍ଦୋଳନ




ଭୁବନେଶ୍ୱର, ୧୧।୯ (ସମିସ): ମିଳିତ ସଂସ୍କୃତ ଓ ହିନ୍ଦୀ ଶିକ୍ଷକ ମଞ୍ଚର ଆହ୍ୱାନରେ ଲୋୟର ପିଏମଜିରେ ସଂସ୍କୃତ ଓ ହିନ୍ଦୀ ଶିକ୍ଷକଙ୍କୁ ନେଇ ଏକ ବିଶାଳ ଧାରଣା ଗୁରୁବାର ଲୋୟର ପିଏମଜିରେ ଅନୁଷ୍ଠିତ ହୋଇଥିଲା। ଚାରି ଦଫା ଦାବି ନେଇ ୩୦୦୦ ରୁ ଅଧିକ ଶିକ୍ଷକ ଉକ୍ତ ଆନ୍ଦୋଳନରେ ଯୋଗଦେବାର ଏକ ଘଣ୍ଟା ଭିତରେ ଶିକ୍ଷା ସଚିବଙ୍କ ଠାରୁ ଆଲୋଚନା ପାଇଁ ଖବର ଆସିଥିଲା। ଶିକ୍ଷା ସଚିବଙ୍କ ସହ ଆଲୋଚନା ସମୟରେ ନୂତନ କ୍ୟାଡର୍ ରୁଲ ବିଷୟରେ ଆଲୋଚନା ହୋଇଥିଲା। ଗତ ୮ ତାରିଖରେ କ୍ୟାଡର୍ ରୁଲ ବିଷୟରେ ସମ୍ପୂର୍ଣ୍ଣ ଆଲୋଚନା ହୋଇସାରିଥିବା ବେଳେ ଖୁବ୍‌ଶୀଘ୍ର ସେମାନଙ୍କ ଦାବି ପୂରଣ କରାଯିବ ବୋଲି ବିଭାଗୀୟ ସଚିବ ପ୍ରତିଶ୍ରୁତି ଦେଇଥିଲେ। ଭୋକେସନାଲ ବିଷୟକୁ ତୃତୀୟ ଭାଷାରୁ ଅଲଗା କରିବା ପାଇଁ ସରକାରୀ ସ୍ତରରେ ବିଚାର ବିମର୍ଶ ଚାଲିଛି ବୋଲି ସଚିବ କହିଥିଲେ। କ୍ୟାଡର୍ ଫାଇଲକୁ ପୂର୍ଣ୍ଣାଙ୍ଗ ରୂପ ଦେବା ପାଇଁ ସଚିବଙ୍କୁ ନିବେଦନ କରାଯାଇଥିଲା। ଆଲୋଚନା ସମୟରେ ଉତ୍ସାର ସଭାପତି ବିଜୟ କୁମାର ତ୍ରିପାଠୀ, ହିନ୍ଦୀ ଶିକ୍ଷକ ସଂଘର ସଭାପତି ଏସ୍‌କେ ସୁମନ ଓ ସମ୍ପାଦକ ଇପ୍‌ସିତା ରାଉଳ ଉପସ୍ଥିତ ରହିଥିଲେ।

## ଦୁଇଦିନିଆ ନାଟକ ଉତ୍ସବ ଉଦ୍‌ଘାଟିତ

ବଡ଼ରଘୁନାଥପୁର, ୧୧।୯ (ସମିସ): ରାଜଧାନୀ ଉପକଣ୍ଠ ବଡ଼ରଘୁନାଥପୁର ଗ୍ରାମ ଯୁବଶ୍ରୀ କ୍ଲବ୍‌ର ୩୦ ତମ ବାର୍ଷିକ ଉତ୍ସବ ଅବସରରେ ଦୁଇଦିନିଆ ନାଟକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରିଛନ୍ତି ସମାଜସେବୀ ଶଶୀକୁମାର ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅଜିତ୍ ସାମନ୍ତରାୟ, ଉଦ୍ୟୋଗୀ ବିଜୟ କୁମାର ଚୌଧୁରୀ, ସରୋଜ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉମାକାନ୍ତ ସାମନ୍ତରାୟ, ସମ୍ବିତ ସାମନ୍ତରାୟ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଥମ ସନ୍ଧ୍ୟାରେ ଅଜୟ ସ'ଙ୍କ ରଚିତ ସାମାଜିକ ନାଟକ 'କହିବାକୁ ଲାଜ ଶୁଣିଲେ ପାପ ମଞ୍ଚସ୍ଥ' ହୋଇଯାଇଛି। ଏକ ସମ୍ପୂର୍ଣ୍ଣ ପାରିବାରିକ କାହାଣୀକୁ ନେଇ ମଞ୍ଚସ୍ଥ ହୋଇଥିବା ନାଟକକୁ ରଚନା କରିଛନ୍ତି ଏହାକୁ ନିର୍ଦ୍ଦେଶନା ଦେଇଛନ୍ତି ତ୍ରିଦେବ ଛୋଟରାୟ। ନାଟକରେ ଅଭିନୟ କରିଛନ୍ତି ନିରଞ୍ଜନ ପ୍ରଧାନ, ଭବାନୀ ସୁବୁଦ୍ଧି, ସାଇସିମ୍ରନଜିତ୍ ସାମନ୍ତରାୟ, ଗୋଲକ ପ୍ରଧାନ, ରଘୁ ପାଢ଼ୀ, ଅନିତା ବିଶ୍ୱାସ, ଜୟଶ୍ରୀ ମିଶ୍ର, କଣ୍ଢେଇ, ଡଲି, ସୋନାଲି। ନାଟକରେ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ମାଷ୍ଟର ରକି ଏବଂ ମାଷ୍ଟର ଚିଣ୍ଟୁ। ଉଦ୍‌ଘାଟନୀ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ ସିନେ ଅଭିନେତ୍ରୀ ଜିନା ସାମଲ। ସେହିଭଳି ଶୁକ୍ରବାର ଅନ୍ତିମ ସନ୍ଧ୍ୟାରେ ମଞ୍ଚସ୍ଥ ହେବାକୁ ଯାଉଛି ଡ. ନିହାର ମହାନ୍ତିଙ୍କ ରଚିତ ନାଟକ 'ହା କୃଷ୍ଣ ବୋଲି ଯାଉ ଜୀବ'। ପ୍ରକାଶ ଥାଉ କି ଗତ ୨୯ ବର୍ଷ ଧରି ବଡ଼ରଘୁନାଥପୁର ଗ୍ରାମରେ ନାଟକ ମହୋତ୍ସବ ଅନୁଷ୍ଠିତ ହୋଇଆସୁଛି।

## ବ୍ୟୁଟିସିଆନ୍ ୱେଲଫେୟାର୍ ଆସୋସିଏସନ୍ ପକ୍ଷରୁ 'ସମ୍ବନ୍ଧ'



ଭୁବନେଶ୍ୱର, ୧୧।୯ (ସମିସ): ବ୍ୟୁଟିସିଆନ୍ ୱେଲଫେୟାର୍ ଆସୋସିଏସନ୍ ପକ୍ଷରୁ ଚତୁର୍ଥ ବାର୍ଷିକ ବ୍ୟୁଟିସିଆନ୍ ୱେଲଫେୟାର୍ ଆସୋସିଏସନ୍ ପକ୍ଷରୁ ସମ୍ମିଳନୀ 'ସମ୍ବନ୍ଧ' ଗୁରୁବାର ରେଳ ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ୟୁଟିସିଆନ୍ ୱେଲଫେୟାର୍ ଆସୋସିଏସନ୍‌ର ରାଜ୍ୟ ସଭାପତି ସୁପ୍ରିୟା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ ଦେଇଥିଲେ। ଆଗାମୀ ଦିନରେ ଏହି ଆସୋସିଏସନ୍ ଅସହାୟ ଏବଂ ନିରାଶ୍ରୟ ମହିଳା ମାନଙ୍କୁ ତାଲିମ ପ୍ରଦାନ କରି ସେମାନଙ୍କୁ ସ୍ୱାବଲମ୍ବୀ କରାଇବାରେ ସମସ୍ତ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲି। ଉପଦେଷ୍ଟା ଏମ୍. ଡ଼ି. ମନଓ୍ୱର ଅଲ୍ଲୀ ଯୋଗଦେଇ ବ୍ୟୁଟିସିଆନ୍ ଭଉଣୀମାନେ ବର୍ତ୍ତମାନ ଦିନରେ ନିଜ ଗୋଡ଼ରେ ନିଜେ ଠିଆ ହୋଇ ଆ।ନିର୍ଭରଶୀଳ ହେବା ସହ ପରିବାର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ କରିବାରେ ସଫଳ ହୋଇଛନ୍ତି ବୋଲି କହିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବରିଷ୍ଠ ସମ୍ବାଦିକ ଭବାନୀ ମହାପାତ୍ର, ଦୁର୍ଗାଶିଷ, ଡା. ମାନସ ଦାସ, ମନ୍ଦାକୀନି ମିଶ୍ର, ବନସ୍ମିତା ପତି ପ୍ରମୁଖଙ୍କୁ ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆସୋସିଏସନ୍‌ର ରାଜ୍ୟ ସମ୍ପାଦିକା ସୁନୀତା ରାୟ, ରାଜ୍ୟ ଉପସଭାପତି କୃଷ୍ଣପ୍ରିୟା ତ୍ରିପାଠୀ, ରାଜ୍ୟ କୋଷାଧ୍ୟକ୍ଷ ଇତିଶ୍ରୀ ମହାନ୍ତି ପ୍ରମୁଖଙ୍କ ସହ ରାଜ୍ୟର ୨୦୦୦ରୁ ଅଧିକ ବ୍ୟୁଟିସିଆନମାନେ ଉପସ୍ଥିତ ଥିଲେ।

## ସମାଜବାଦୀ ପାର୍ଟି ଓଡ଼ିଶା ପ୍ରଦେଶ କାର୍ଯ୍ୟକାରିଣୀ ଘୋଷଣା

ଭୁବନେଶ୍ୱର, ୧୧।୯ (ସମିସ): ସମାଜବାଦୀ ପାର୍ଟିର ଓଡ଼ିଶା ରାଜ୍ୟ କାର୍ଯ୍ୟକାରିଣୀ ଘୋଷଣା କରାଯାଇଛି। ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ନିର୍ଦ୍ଦେଶକ୍ରମେ ସମାଜବାଦୀ ପାର୍ଟିର ରାଷ୍ଟ୍ରୀୟ ମୁଖପାତ୍ର ସୁନୀଲ ସିଂହ ଯାଦବଙ୍କ ଉପସ୍ଥିତିରେ ରାଜ୍ୟ ସଭାପତି ଭାବେ ଶିବ ହାତି ଯାଦବ, ରାଜ୍ୟ ଉପସଭାପତି ଦେବେନ୍ଦ୍ର କଅଁର, ସାଧାରଣ ସମ୍ପାଦକ ପ୍ରତାପ କିଶୋର ବାରିକ, ମହିଳା ସଭାପତି ପୁଷ୍ପାଞ୍ଜଳି ଦାସ, ମିଡିଆ ସେଲ ସଭାପତି ପ୍ରଦୀପ ମିଶ୍ର, ଛାତ୍ର ପରିଷଦ ସଭାପତି ସୌଭାଗ୍ୟ ପରିଡ଼ା, ପ୍ରଦୀପ ଥାପ୍ପା, ଯୁବ ପରିଷଦ ରାଜ୍ୟ ସଭାପତି ଲୋହିଆ ବାହିନୀ ଧନୁ ଗୋପାଳ ଯାଦବ, ପଛୁଆ ଶ୍ରେଣୀ ସଭାପତି ମୁଲାୟମ ସିଂ ୟୁଥ୍ ବ୍ରିଗେଡ୍ ରଞ୍ଜିତ ଆଡ୍ ଜୁଏଡ୍ ଏବଂ ୨୨ଟି ଜିଲ୍ଲା ସଭାପତି ଯଥା ଭୁବନେଶ୍ୱର ସାଂଗଠାନିକ ଜିଲ୍ଲା ସଭାପତି ଭାବରେ ପ୍ରବୀଣ କୁମାର ନାୟକ, ଶୁଭକାନ୍ତ ଖଡିରତ୍ନ ଖୋର୍ଦ୍ଧା ଜିଲ୍ଲା ସଭାପତି ସମ୍ପଦ ତ୍ରିପାଠୀ ପୁରୀ ଜିଲ୍ଲା ସଭାପତି, ହୁଲାସ୍ ବାରିକ୍ ନୟାଗଡ଼ ଜିଲ୍ଲା ସଭାପତି, ଜଗଦୀଶ ଯାଦବ କଳାହାଣ୍ଡି ଜିଲ୍ଲା ସଭାପତି, ବେଣୁଧର ଗହୀର ଜିଲ୍ଲା ସଭାପତି ନୂଆପଡ଼ା ଅମିତ୍ ଦିଗ୍ଗଲ୍ କନ୍ଧମାଳ ଜିଲ୍ଲା ସଭାପତି, ଦୀପକ ସାହୁ ଜିଲ୍ଲା ସଭାପତି ଯାଜପୁର, ଜୟଦେବ ଜାଲ୍ ଜିଲ୍ଲା ସଭାପତି ବଲାଙ୍ଗୀର, ପ୍ରଦୀପ ଥାପ୍ପା ଜିଲ୍ଲା ସଭାପତି ବରଗଡ଼, ଅନିଲ୍ ଯାଦବ ଜିଲ୍ଲା ସଭାପତି ସମ୍ବଲପୁରକୁ ମନୋନୀତ କରାଯାଇଛି।

## ରାସ୍ତାକଡ଼ରେ ମୁକ୍ତାକାଶ ଭୋଜନାଳୟ

# ୪୦ ଟଙ୍କାରେ ପେଟପୂରା ଭୋଜନ

ଭୁବନେଶ୍ୱର, ୧୧।୯ (ସମିସ): ନା ଅଛି ଏସି ନା ପଙ୍ଖା ନା ଭଲ ଚେୟାର ନା ଲାଇଟ୍। କିନ୍ତୁ ଖୋଲା ପବନ ଓ ଖୋଲା ଆକାଶ ତଳେ ପ୍ଲାଷ୍ଟିକ୍ ଚେୟାର ଉପରେ ବସି ହୋଟେଲ ଆହାରର ମଜା ନେଇ ପାରୁଛନ୍ତି ଲୋକମାନେ। ଅନେକଙ୍କ ଭାଗ୍ୟରେ ପ୍ଲାଷ୍ଟିକ୍ ଚଉକୀରେ ବସିବାର ସୁଯୋଗ ବି ନାହିଁ। ମୁକ୍ତାକାଶ ତଳେ ସେମାନଙ୍କୁ ଠିଆହୋଇ ମଧ୍ୟାହ୍ନ ଭୋଜନ କରିବାକୁ ପଡୁଛି। ଏବେ ରାଜଧାନୀ ରାସ୍ତାକଡ଼ରେ ଏଭଳି ମୁକ୍ତାକାଶ ହୋଟେଲ ସଂଖ୍ୟା ବଢ଼ିବାରେ ଲାଗିଛି। ଦିନ ମଜୁରିଆଙ୍କଠାରୁ ଆରମ୍ଭ କରି ମଧ୍ୟବିତ ଶ୍ରେଣୀର ଲୋକେ ବି ଏଭଳି ଭୋଜନକୁ ପସନ୍ଦ କରୁଛନ୍ତି।

ରାଜଧାନୀର ବିଭିନ୍ନ ଗଳିକନ୍ଦିରେ ବଡ଼ ବଡ଼ ରେସ୍ତୋରାଁ ସହ ହୋଟେଲ ମଧ୍ୟ ରହିଛି। ଏହି ସବୁଥିରେ ଇଣ୍ଡିଆନ୍, ଚାଇନିଜ୍ ଥାଇଫୁଡ୍, କଣ୍ଟିନେଣ୍ଟାଲ, ଜାପନିଜ୍, ଆଦି ପରି ଭଳିକି ଭଳି ଖାଦ୍ୟ ରହିଛି। ହେଲେ ରାସ୍ତାକଡ଼ର ଏହି ମୁକ୍ତାକାଶ ହୋଟେଲରେ ଭାତ, ଡ଼ାଲି, ସାଧା ତରକାରୀ, ଭଜା, ଶାଗ, ପାମ୍ପଡ଼, ଆଚାର ସହିତ ମାଛ, ଅଣ୍ଡା, ଚିକେନ୍, ମଟନ ଆଦି ଖାଦ୍ୟ ରହୁଛି। ଏଥିସହିତ କିଛି ସ୍ଥାନରେ ମଧ୍ୟ ଭେଜ୍ ବିରିୟାନୀ ଓ ନନ୍‌ଭେଜ୍ ବିରିୟାନୀ, ଫ୍ରାଏଡ୍ ରାଇସ୍ ମଧ୍ୟ ଉପଲବ୍ଧ ହେଉଛି। ବଡ଼ ବଡ଼ ହୋଟେଲ ଓ ରେସ୍ତୋରାଁରେ ଗୋଟିଏ ଆଇଟମ୍‌ର ମୂଲ୍ୟ ଶହେ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ ଏଠାରେ ସାଧା ଖାଦ୍ୟର ମୂଲ୍ୟ ୪୦ ଟଙ୍କା ରହିଥିବା ବେଳେ ଆମିଷର ମୂଲ୍ୟ ୬୦ ଟଙ୍କା ରହୁଛି। ସାଧାରେ ୪ ରୁ ୬ଟା ଆଇଟମ୍ ରହୁଥିବା ବେଳେ ଆମିଷରେ ମଧ୍ୟ ୪ରୁ ୫ ଟା ଆଇଟମ୍ ରହୁଛି। ଏହି ସବୁ



ମାର୍କେଟିଂ, ରୋଷେଇ ଜଞ୍ଜାଳରୁ ମୁକ୍ତି

ଖାଦ୍ୟକୁ ବ୍ୟବସାୟୀ ଘରୁ ରାନ୍ଧିକି ଆଣୁଛନ୍ତି। ସହରର ଆଇଜି ପାର୍କ, ମାଷ୍ଟର କ୍ୟାଣ୍ଟିନ୍, ପାସ୍‌ପୋର୍ଟ ଅଫିସ୍, ସିଆରପିଏଫ୍, ଜାଗମରା, ଆଚାର୍ଯ୍ୟ ବିହାର, ଜୟଦେବ ବିହାର, ଚନ୍ଦ୍ରଶେଖର ପୁର, ପଟିଆ, କିଟ୍ ଆଦି ସ୍ଥାନରେ ଦେଖିବାକୁ ମିଳୁଛି। ଏହି ମୁକ୍ତାକାଶ ହୋଟେଲରେ ଦୁଇ ପ୍ରହର ସମୟରେ ଅଧିକ ଗହଳି ଦେଖିବାକୁ ହେଉଛି। ସବୁଠାରୁ ଅଧିକ ଚାହିଦା ରହିଛି ନିରୋଳା ଅରୁଆ ଭାତ ସାଙ୍ଗକୁ ଛୁଙ୍କ ହାଲମା ଆଉ ଖଟା ଓ ଭଜା। ସବୁଠାରୁ ବଡ଼କଥା ହେଉଛି ରାସ୍ତାକଡ଼ରେ ଗରମ ଗରମ ଶୁଦ୍ଧ ସାକାହାରୀ ଭୋଜନ ପାଇଁ ଅନେକ ଲୋକେ ଏଭଳି ହୋଟେଲରେ ଭୋଜନ କରିବାକୁ ପସନ୍ଦ କରୁଛନ୍ତି।

ଏସବୁ ହୋଟେଲ ପାଇଁ କିନ୍ତୁ ରାସ୍ତାକଡ଼ରେ ରୋଷେଇ କରିବାକୁ ପଡୁନାହିଁ। ହୋଟେଲ ମାଲିକ ଘରେ ଏବଂ ରୋଷଶାଳାରେ ରୋଷେଇ କରି ଏଠାରେ ବିକ୍ରି କରୁଛନ୍ତି। ସମ୍ପୂର୍ଣ୍ଣ ଘରୋଇ ପରିବେଶରେ ପ୍ରସ୍ତୁତ ହେଉଥିବା ଏଭଳି ଭୋଜନରେ କମ୍ ତେଲ ମସଲା ବ୍ୟବହାର କରାଯାଉଛି ବୋଲି କହିଛନ୍ତି ପାସପୋର୍ଟ କାର୍ଯ୍ୟାଳୟ ସାମ୍ନାରେ ଦୋକାନ କରିଥିବା ଜଣେ ହୋଟେଲ ମାଲିକ। ଗୋଟିଏ ଗୋଟିଏ ହୋଟେଲରେ ଦିନକୁ ଶହେରୁ ୩ ଶହ ଟଙ୍କା ପର୍ଯ୍ୟନ୍ତ ମିଲ୍‌ସ ବିକ୍ରି ହେଉଛି। ତେବେ ଘରଭଡ଼ା ଏବଂ ବିଦ୍ୟୁତ୍ ବିଲ ବାବଦରେ ଟଙ୍କା ଦେବାକୁ ପଡୁ ନ ଥିବାରୁ ଲୋକଙ୍କୁ କମ୍ ପଇସାରେ ଏସବୁ ଭୋଜନ ଦେବା ସମ୍ଭବ ହେଉଛି ବୋଲି କହିଛନ୍ତି ଆଉଜଣ ହୋଟେଲ ମାଲିକ। ଏଥିପାଇଁ ଗାଁରୁ ସିଧାସଳଖ ଚାଉଳ କିଣି ନିଜ ପରିବାର ଲୋକେ ରୋଷେଇ କରୁଥିବାରୁ ଭୋଜନର ମୂଲ୍ୟ ବେଶି ପଡୁନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

ହୋଟେଲ କିମ୍ବା ରେସ୍ତୁରାଁରେ ଲୋକଙ୍କ ଭିଡ଼ରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଏପରିସ୍ଥଳେ ରାସ୍ତାକଡ଼ ମୁକ୍ତାକାଶ ହୋଟେଲରେ ଖୁବ୍ କମ୍ ସମୟ ମଧ୍ୟରେ ଖାଇବାକୁ ପରଷି ଦେଉଥିବାରୁ କର୍ମଜୀବୀ ଏହାକୁ ପସନ୍ଦ କରୁଛନ୍ତି। କେବଳ ବାହାର ଲୋକେ ବା କର୍ମଜୀବୀ କିମ୍ବା ଶ୍ରମିକ ଶ୍ରେଣୀର ଲୋକେ ନୁହନ୍ତି ନିକଟବର୍ତ୍ତୀ ଅଞ୍ଚଳରେ ରହୁଥିବା ଛୋଟଛୋଟ ପରିବାର ଲୋକେ ଏଭଳି ଭୋଜନକୁ ପସନ୍ଦ କରୁଛନ୍ତି। ଘରେ ରୋଷେଇ ଜଞ୍ଜାଳରୁ ମୁକ୍ତି ପାଇଁ ଶହେ ଟଙ୍କା ଭିତରେ ମିଲ୍ସ ପାଇଯାଉଥିବାରୁ ପାର୍ସଲ ନେଉଛନ୍ତି ବୋଲି ଆଇଜି ପାର୍କ ପାଖକୁ ଖାଇବା ପାଇଁ ଆସିଥିବା ଜଣେ ଗ୍ରାହକ କହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବ୍ୟାଙ୍କ ଋଣ...

ରାଶି ଆଦାୟ କରିପାରିବେ। ଦ୍ୱିତୀୟତଃ ଗ୍ରାହକଙ୍କ ତଥ୍ୟ ମଧ୍ୟ ସୁରକ୍ଷିତ ରଖାଯିବ। ଯଦି ଆର୍‌ବିଆଇର ଏହି ନିୟମ କାର୍ଯ୍ୟକାରୀ ହୁଏ, ତେବେ ଏହା ବଜାଜ୍ ଫାଇନାନ୍ସ, ଡିଏମ୍ଆଇ ଫାଇନାନ୍ସ ଏବଂ ଚୋଲାମଣ୍ଡଳମ୍ ଫାଇନାନ୍ସ ଭଳି ଗ୍ରାହକ ଉତ୍ପାଦ ପାଇଁ ଋଣ ଦେଉଥିବା କମ୍ପାନୀଗୁଡ଼ିକୁ ଲାଭ ଦେଇପାରେ, ଯାହା ଅସୁଲି ସମ୍ଭାବନାକୁ ବୃଦ୍ଧି କରିପାରିବ। ଏହି ନିୟମ ଲାଗୁ ହେବା ପରେ କରଜଦାତାଙ୍କ କ୍ଷମତା ବଢ଼ିଯିବ। ୨୦୨୪ରେ ହୋମ୍ କ୍ରେଡିଟ୍ ଫାଇନାନ୍ସ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ ଦେଶର ଏକ ତୃତୀୟାଂଶରୁ ଅଧିକ ଉପଭୋକ୍ତା ମୋବାଇଲ୍ ଫୋନ୍ ଭଳି ଇଲେକ୍ଟ୍ରୋନିକ୍ସ ସାମଗ୍ରୀକୁ ଋଣ ନେଇ କିଣିଥାନ୍ତି। କ୍ରେଡିଟ୍ ବ୍ୟୁରୋ ସିଆର୍ଆଇଏଫ୍ ହାଇମାର୍କ ଅନୁଯାୟୀ, ୧ ଲକ୍ଷ ଟଙ୍କାରୁ କମ୍ ଋଣ ଖିଲାପକାରୀ ଅଧିକ ବିପଦପୂର୍ଣ୍ଣ।

## 'ଡ୍ରଗ୍ ମନି' ରାକେଟ...

ଆର୍ଥିକ କାରବାରର ବିଶ୍ଳେଷଣରୁ ଜଣାପଡ଼ିଛି ଯେ ନିକଟରେ ୧୫୦ ଥର ଅର୍ଥ କାରବାର କରାଯାଇଥିଲା। ଏଥିରୁ ପ୍ରାୟ ୬.୮ ନିୟୁତ ଡଲାର ତଥା ୫୯୮ କୋଟି ଟଙ୍କା ମିଳିଥିଲା। ଏହା ନାଇଜେରିଆରେ ଥିବା ତା'ର ସହଯୋଗୀ ପାଖକୁ ପଠାଯାଇଥିଲା। ବିଦେଶରେ ବସି ନିଶା ଚୋରା ଚାଲାଣକାରୀ କିଭଳି ଭାବେ ଭାରତରେ କଳା କାରବାର କରୁଛନ୍ତି ଏହି ଘଟଣା ତାହାର ଭୟାବହ ରୂପକୁ ଦର୍ଶାଉଛି। ଏହା ପଛରେ ସୁସଂଗଠିତ ହାୱାଲା ରିଙ୍ଗ ରହିଛି। ଉତ୍ତମ ସିଂହ, ଚେତନ ମାମାନିଆ ଏହା ର୍ୟାକେଟର ପ୍ରମୁଖ ସହଯୋଗୀ। ଉତ୍ତମ ସିଂହ ଗୋଆରେ ଥିବା ନାଇଜେରିଆ ଡ୍ରଗ୍ସ ବ୍ୟବସାୟୀଙ୍କଠାରୁ ପ୍ରାୟ ୨.୫ ନିୟୁତ ଡଲାର (୨୨୦ କୋଟି ଟଙ୍କା) ଆଦାୟ କରିଥିଲା। ହାୱାଲା ଅପରେଟରଙ୍କ ମାଧ୍ୟମରେ ଏଥିରୁ ପ୍ରତି ସପ୍ତାହରେ ୨୧ ନିୟୁତ ଡଲାର (୧୮୪ କୋଟି ଟଙ୍କା) ନାଇଜେରିଆ ପଠାଉ ଥିଲା। ତେବେ ଏହି ଟଙ୍କା ପ୍ରତ୍ୟକ୍ଷ ଭାବେ ପଠା ଯାଇ ନ ଥିଲା। କମୋଡିଟି ଟ୍ରେଡିଂରେ ଲଗା ଯାଇଥିଲା। ଏହି ଅର୍ଥରେ ମୁମ୍ବାଇ ଏବଂ ଚେନ୍ନାଇରୁ ବେବି ଫ୍ରକ୍ସ, କୁର୍ତ୍ତା, ଟି-ସାର୍ଟ, ଚୁଡି, ଦୈନନ୍ଦିନ ସାମଗ୍ରୀ ଆଦି କିଣା ଯାଇ ଜାହାଜ ମାଧ୍ୟମରେ ନାଇଜେରିଆର ଲାଗୋସ ପଠା ଯାଇଥିଲା।

୨୪ ଟିମ୍ ସ୍ୱତନ୍ତ୍ର ଇଗଲ୍ ଟିମ୍ ଗଠନ କରାଯାଇ ମହାରାଷ୍ଟ୍ର, ରାଜସ୍ଥାନ, ଗୁଜରାଟ, ଗୋଆ ଏବଂ ଦିଲ୍ଲୀରେ ଚଢ଼ଉ କରାଯାଇଥିଲା। ଡ୍ରଗ୍ ମନିକୁ କଳାରୁ ଧଳା କରୁଥିବା ୨୦ ବ୍ୟକ୍ତି ଏବଂ ତାଙ୍କ ସହଯୋଗୀଙ୍କ ସହିତ ୫୦ ଜଣଙ୍କୁ ଗିରଫ କରାଯାଇଥିଲା। ଏମାନଙ୍କ ମଧ୍ୟରେ ଚେତନ ମାଭଜି ମମାନିଆ ଏବଂ ରୋନକ ପ୍ରଜାପତି ପ୍ରମୁଖ ସାମିଲ ଥିଲା। ଏହା ସହିତ ୩୦ ନିୟୁତ ଡଲାରର କ୍ୟାସ୍ ଜବତ କରାଯାଇଥିଲା। ଏହି ନାଇଜେରିଆ ସିଣ୍ଡିକେଟ ୨୦୧୦ରୁ ଭାରତରେ ସକ୍ରିୟ ରହିଛି। ଏହି ଚୋରଚାଲାଣକାରୀ ୟୁରୋପରୁ ସିନ୍ଥେଟିକ ଡ୍ରଗ୍ ଏବଂ ଲାଟିନ ଆମେରିକାରୁ କୋକେନ ଆଣୁଥିଲେ। ଗିରଫ ବ୍ୟକ୍ତିଙ୍କ ପାଖରେ ଅନେକ ପାସପୋର୍ଟ ଥିଲା। ଜାଲ୍ ପରିଚୟପତ୍ର ଏବଂ ଭିସା ବ୍ୟବହାର କରି ଏମାନେ ପ୍ରବର୍ତ୍ତନ ଏଜେନ୍ସିଗୁଡିକୁ ଧୋକା ଦେଇ ନିଶା କାରବାର ଚଳାଇ ଥିଲେ।

## ସାର ପାଇଁ...

ଓ କେନ୍ଦ୍ର ସରକାର ଅନୁରୂପ ପରିମାଣର ସାର ଓଡ଼ିଶାକୁ ଆବଣ୍ଟନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କ ପାଖରେ ସମୁଦାୟ ମହଜୁଦ ଥିବା ୧୧, ୬୬, ୭୩୩ ମେଟ୍ରିକ୍ ଟନ୍ ସାର ମଧ୍ୟରୁ ୯ଲକ୍ଷ ୮୫ ହଜାର ୯୬୭ ମେଟ୍ରିକ୍ ଟନ୍ ସାର ବିକ୍ରି ହୋଇଥିବା ସରକାର କହୁଛନ୍ତି। ମାତ୍ର ଏହି ସାର କେଉଁଠି ବିକ୍ରି ହୋଇଛି ତାହାର ଉତ୍ତର ନାହିଁ। କୌଣସି ସ୍ଥାନରେ ଚାଷୀମାନଙ୍କୁ ଆବଶ୍ୟକ ପରିମାଣର ସାର ମିଳିନାହିଁ। ଅଧିକାଂଶ ସ୍ଥାନରେ ଆବଶ୍ୟକ ସ୍ଥାନରେ ଅଧା ପରିମାଣର ସାର ମିଳିଛି। ଏକ କ୍ୱିଣ୍ଟାଲ ଆବଶ୍ୟକତା ଥିବାବେଳେ ମିଳିଛି ୫୦ କେଜି। ତେଣୁ ସାର ଗଲା କୁଆଡେ ତାକୁ ନେଇ ଚାଷୀମାନେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ସରକାରୀ ସାରର ବ୍ୟାପକ କଳାବଜାରୀ ହେଉଥିଲେ ସୁଦ୍ଧା ସରକାର ଏହାକୁ ରୋକିବାକୁ ବିହିତ ପଦକ୍ଷେପ ନେଉନଥିବା ମଧ୍ୟ ଅଭିଯୋଗ ହେଉଛି।

ପଶ୍ଚିମ ଓଡ଼ିଶାରେ ସାର ସଙ୍କଟ ଅତି ଗୁରୁତର ରୂପ ଧାରଣ କରିଛି। ଚାଷୀମାନେ ସାରା ରାତି ଅନିଦ୍ରା ହେବା ପରେ ବି ସାର ପାଇବାରୁ ବଞ୍ଚିତ ହେଉଛନ୍ତି। ପାକ୍ସ ଓ ଲାମ୍ପ ସାମ୍ନାରେ ଆଧାର କାଡର୍ ଧାଡ଼ିରେ ରଖି ନିଜ ପାଳିକୁ ଅପେକ୍ଷା କରୁଛନ୍ତି। ଅବିଭକ୍ତ କୋରାପୁଟ, ଅବିଭକ୍ତ ବଲାଙ୍ଗୀର, ସୁନ୍ଦରଗଡ଼ ଗଞ୍ଜାମ ଜିଲ୍ଲାରେ ଚାଷୀମାନେ ସମବାୟ କାର୍ଯ୍ୟାଳୟ ସମ୍ମୁଖରେ ଧାଡ଼ି ଲଗାଇଥିବାବେଳେ କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ରାଜ୍ୟରେ ସାରର ଅଭାବ ନାହିଁ ବୋଲି କହିଛନ୍ତି।

## ଆର୍‌ଟିଇ ପାଠପଢ଼ାରେ...

ଆଇନ୍‌ରେ ପ୍ରତିଟି ଘରୋଇ ବିଦ୍ୟାଳୟର ମୋଟ୍ ସିଟ୍‌ର ୨୫ ପ୍ରତିଶତ ସିଟ୍‌ରେ ନାମଲେଖାଇବାର ବ୍ୟବସ୍ଥା ରହିଛି। ଆର୍ଥିକ ଅନଗ୍ରସର ବର୍ଗ (ଇଡବ୍ଲ୍ୟୁଏସ୍) ଏବଂ ଦିବ୍ୟାଙ୍ଗ ବର୍ଗର ଛାତ୍ରଛାତ୍ରୀମାନେ ତହିଁରେ ନାମ ଲେଖାଉଛନ୍ତି। ତତ୍କାଳୀନ ନବୀନ ସରକାର ସମୟରେ ଓଡ଼ିଶାରେ ଏହାକୁ ବ୍ୟାପକ ଭାବେ କାର୍ଯ୍ୟକାରୀ କରାଯାଇଥିଲା। ପ୍ରତ୍ୟେକ ଘରୋଇ ବିଦ୍ୟାଳୟର ୨୫% ସିଟ୍‌ରେ ଗରିବ ପିଲାଙ୍କ ନାମଲେଖାକୁ ଗୁରୁତ୍ୱ ଦିଆଗଲା। ଫଳରେ କେବଳ ଓଡ଼ିଶାରେ ପ୍ରାୟ ୨୪,୮୩୪ ଛାତ୍ରଛାତ୍ରୀ ଆର୍‌ଟିଇରେ ନାମଲେଖାଇ ଉପକୃତ ହେଉଛନ୍ତି। ଅନ୍ୟରାଜ୍ୟ ତୁଳନାରେ ଓଡ଼ିଶାର ବହୁ ଛାତ୍ରଛାତ୍ରୀ ଏଥିରେ ଉପକୃତ ହୋଇଥିବା ରିପୋର୍ଟରେ କୁହାଯାଇଛି।

ଏହି ରିପୋର୍ଟକୁ ନେଇ ଖୁସିବ୍ୟକ୍ତ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସାମାଜିକ ଗଣମାଧ୍ୟମ 'ଏକ୍ସ'ର ସେ ଲେଖିଛନ୍ତି ଯେ, ଆର୍‌ଟିଇ ନିୟମକୁ କାର୍ଯ୍ୟାନ୍ୱୟନ କରିବାର ରଣନୀତି ଏବଂ ଆର୍ଥିକ ଅନଗ୍ରସର ବର୍ଗର ପିଲାଙ୍କୁ ଉନ୍ନତ ଓ ଉତ୍ତମ ଶିକ୍ଷା ପ୍ରଦାନ କରିବାର ପ୍ରତିବଦ୍ଧତା ଏହି ସଫଳତା ଆଣି ଦେଇଛି। ଏହାସହ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଉତ୍ତମ ଶିକ୍ଷା ଦେବାପାଇଁ ୫-ଟି ଉପକ୍ରମରେ ରାଜ୍ୟର ପ୍ରାୟ ୭ହଜାର ବିଦ୍ୟାଳୟଗୁଡ଼ିକୁ ରୂପାନ୍ତକରଣ କରାଯାଇଛି। ନୂତନ ଓଡ଼ିଶା ଗଢ଼ିବା ପାଇଁ ପ୍ରତ୍ୟେକ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ସହିତ ସଶକ୍ତ କରିବାକୁ ସର୍ବଦା ବିଶ୍ୱାସ କରନ୍ତି। ରାଜ୍ୟର ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ସମସ୍ତ ଶିକ୍ଷକ, ଅଭିଭାବକ, ପ୍ରଶାସକ ଏବଂ କର୍ମଚାରୀଙ୍କ ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ଶ୍ରୀ ପଟ୍ଟନାୟକ ଧନ୍ୟବାଦ୍ ଦେଇଛନ୍ତି।

ଇଣ୍ଡସ୍ ଅକ୍ସନ୍ ରିପୋର୍ଟ ଅନୁଯାୟୀ ୬୧ ପ୍ରତିଶତ ପରିବାର ଏବେ ବି ସ୍କୁଲ୍ ସମ୍ବନ୍ଧୀୟ ଖର୍ଚ୍ଚ ବହନ କରୁଛନ୍ତି। ୫୭ ପ୍ରତିଶତ ଅଭିଭାବକ ଏହି ଖର୍ଚ୍ଚ ବହନ କରିବା ବହୁତ କଷ୍ଟକର ବୋଲି ସ୍ୱୀକାର କରିଛନ୍ତି। ଆର୍‌ଟିଇରେ ସମ୍ପୂର୍ଣ୍ଣ ମାଗଣା ଶିକ୍ଷାଦାନ ପାଇଁ ନୀତିଗତ ଢାଞ୍ଚା ଥିବା ସତ୍ତ୍ୱେ ଅଭିଭାବକମାନେ ପ୍ରାୟତଃ ୟୁନିଫର୍ମ, ପୁସ୍ତକ ଏବଂ ପରିବହନ ଫି' ବହନ କରୁଛନ୍ତି। ବହୁ ପିଲା ପାଠପଢ଼ା ଜାରି ରଖିଥିଲେ ମଧ୍ୟ ଅଭିଭାବକଙ୍କ ଉପରୁ ଏହି ଚାପ କମାଇବା ଆବଶ୍ୟକ ବୋଲି ରିପୋର୍ଟରେ କୁହାଯାଇଛି।

## ୧୮ରୁ ବିଧାନସଭାର...

ସୁଯୋଗ ମିଳିବ ସେ ସଂପର୍କରେ ଉଭୟ ଶାସକ, ବିରୋଧୀ ନିଜର ମତ ରଖିବେ। ତେବେ ଚଳିତ ଅଧିବେଶନ ସରକାରଙ୍କ ପାଇଁ ଆଦୌ ସହଜ ହେବନି ବୋଲି ମତ ରଖିଛନ୍ତି ରାଜନୈତିକ ସମୀକ୍ଷକ।

ଗତ ୩ରୁ ୪ ମାସ ମଧ୍ୟରେ ରାଜ ସରକାର ଏକାଧିକ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ଶାଣିତ ସମାଲୋଚନା ଏବଂ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଛନ୍ତି। ବିଶେଷକରି ମହିଳା ସୁରକ୍ଷାକୁ ନେଇ ଓଡ଼ିଶା ଜାତୀୟସ୍ତରରେ ନିନ୍ଦିତ ହୋଇଛି। ଯାହାକୁ ନେଇ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଗୃହରେ ସରକାରଙ୍କୁ ଷଣ୍ଢଆସୀ ଆକ୍ରମଣ କରିପାରନ୍ତି ବୋଲି ଆକଳନ କରାଯାଉଛି। ସେହିପରି ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି, ଚାଷୀ ଓ ସାର ଯୋଗାଣରେ ଉପୁଜିଥିବା ସମସ୍ୟା, ପରୀକ୍ଷା କେଳେଙ୍କାରୀ, ପ୍ରଶାସନିକ ସ୍ଥାଣୁତା, ବିକାଶ କାର୍ଯ୍ୟ ଠପ୍ ହୋଇପଡ଼ିବା, ରଥଯାତ୍ରା ବିଭ୍ରାଟ, ରଙ୍ଗମରା ରାଜନୀତି ଆଦି ପ୍ରସଙ୍ଗକୁ ନେଇ ବିରୋଧୀ ଶାସକ ଦଳକୁ ଘେରିବାକୁ ରଣନୀତି ପ୍ରସ୍ତୁତ କରୁଥିବା ଜଣାପଡ଼ିଛି। ଅଧିବେଶନଟି ମାତ୍ର ୭ଦିନିଆ ହୋଇଥିଲେ ହେଁ ବିରୋଧୀ ସରକାରଙ୍କୁ ଘେରିବା ପାଇଁ କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନଥିବା ଜଣାପଡ଼ିଛି। ଅପରପକ୍ଷେ ଅଧିବେଶନରେ ଅବିଶ୍ୱାସ ପ୍ରସ୍ତାବ ଆଗତ କରିବାକୁ କଂଗ୍ରେସ ପକ୍ଷରୁ ବିଜେଡିକୁ ପ୍ରସ୍ତାବ ଦିଆଯାଇଛି। ବିଜେଡି ମଧ୍ୟ ନିଜସ୍ତରରେ ଏନେଇ ବିଚାର ବିମର୍ଶ କରୁଛି। ଯଦି ସରକାରଙ୍କ ବିରୋଧରେ ଅବିଶ୍ୱାସ ପ୍ରସ୍ତାବ ଆଗତ ହୁଏ, ତାହେଲେ ଏହା ରାଜ୍ୟ ରାଜନୀତିରେ ଅନ୍ୟତମ ଚର୍ଚ୍ଚିତ ଘଟଣା ହେବ। ଅତଏବ ଏହି ୭ ଦିନିଆ ଅଧିବେଶନ ସରକାରଙ୍କ ପାଇଁ ନିଶ୍ଚିତ ଆହ୍ୱାନ ସୃଷ୍ଟି କରିବ ବୋଲି ରାଜନୈତିକ ମହଲ ଟିପ୍ପଣୀ କରିଛନ୍ତି।

## ଡାକ୍ତରଖାନାରେ ବନ୍ଧା ପଡ଼ିଛି...

ପରିବାର ନବୀନ ସରକାରଙ୍କ ପ୍ରଚଳିତ ବିଜୁ ସ୍ୱାସ୍ଥ୍ୟ କାର୍ଡ(ବିଏସ୍‌କେୱାଇ)କୁ ଝୁରି ହେଉଛନ୍ତି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ରାଜଧାନୀର ଆପୋଲୋ ହସ୍‌ପିଟାଲରେ। ଦୁର୍ଘଟଣାରେ ପୀଡ଼ିତ ଜଣେ ଯୁବକଙ୍କ ଚିକିତ୍ସା ପାଇଁ ତାଙ୍କ ପରିବାର ଡାକ୍ତରଖାନାରେ ପାଖାପାଖି ୬ ଲକ୍ଷ ଟଙ୍କା ଦେବା ପରେ ଆହୁରି ୧୧ ଲକ୍ଷ ଟଙ୍କା ଡାକ୍ତରଖାନା କର୍ତ୍ତୃପକ୍ଷ ଦାବି କରୁଛନ୍ତି। ଆୟୁଷ୍ମାନ କାର୍ଡରୁ ଅବଶିଷ୍ଟ ଅର୍ଥ ଭରଣା ପାଇଁ ରୋଗୀଙ୍କ ବାପାଙ୍କ ଗୁହାରି କର୍ତ୍ତୃପକ୍ଷ ଶୁଣୁ ନାହାନ୍ତି। ଶେଷରେ ବକେୟା ଫି ବଦଳରେ ତାଙ୍କ କିଡ୍‌ନୀ ନେଇ ପୁଅକୁ ଡାକ୍ତରଖାନାରୁ ମୁକ୍ତି ଦେବାକୁ ବିଚରା ବାପା ଗୁହାରି କରିଛନ୍ତି।

ଗତ ମାସ ୫ ତାରିଖରେ ଆଲୋକ ଜେନା ନାମକ ଜଣେ ବ୍ୟକ୍ତିଙ୍କ ଷ୍ଟୁଡିଓ ଛକ ନିକଟରେ ଦୁର୍ଘଟଣା ହୋଇଥିଲା। ତାଙ୍କର ଗୋଡ, ହାତ ଆଉ କାନ୍ଧ ବି ଭାଙ୍ଗିଯାଇଥିଲା। ଡାହାଣ ପଟ ଆଖି ନଷ୍ଟ ହୋଇଯାଇଥିଲା। ପୁଲିସ ଆଲୋକଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତିକରି ସାଙ୍ଗସାଥିଙ୍କୁ ସୂଚନା ଦେଇଥିଲା। ଆଲୋକଙ୍କ ବନ୍ଧୁମାନେ ତାଙ୍କର ଆୟୁଷ୍ମାନ କାର୍ଡ ଥିବା ଜାଣିବା ପରେ ସ୍ଥାନୀୟ ଆପୋଲୋ ହସ୍‌ପିଟାଲରେ ଭର୍ତ୍ତି କରିଦେଲେ। ସେଠାରେ ଚିକିତ୍ସା ଚାଲିଲା। ହେଲେ ପରବର୍ତ୍ତି ସମୟରେ ହସ୍ପିଟାଲ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡକୁ ଗ୍ରହଣ ନ କରିବାରୁ ଆଲୋକଙ୍କ ପରିବାର ଅସହାୟ ମନେ କଲେ। ଆଲୋକଙ୍କ ବାପା ଅମୂଲ୍ୟ ଘରର ସୁନାଗହଣା ବିକ୍ରି କରି ଓ ଅନ୍ୟଠାରୁ ଧାର ଆଣି ବର୍ତ୍ତମାନ ସୁଦ୍ଧା ହସ୍ପିଟାଲରେ ୫ଲକ୍ଷ ୯୩ ହଜାର ଟଙ୍କା ଜମା କରି ସାରିଲେଣି। ଏହା ପରେ ବି ହସ୍ପିଟାଲ କର୍ତ୍ତୃପକ୍ଷ ୧୧ଲକ୍ଷ ଟଙ୍କା ମାଗୁଛନ୍ତି। ସେମାନଙ୍କ ପାଖରେ ଟଙ୍କା ନ ଥିବାରୁ ଆୟୁଷ୍ମାନ କାର୍ଡରେ ସରକାର ଯୋଗାଇ ଦେଉଥିବା ୫ ଲକ୍ଷ ଟଙ୍କା କାଟି ରଖିବାକୁ ସେ ଅନୁରୋଧ କରିଥିଲେ ବି କେହି ତାଙ୍କ କଥା ଶୁଣୁ ନାହାନ୍ତି। ଶେଷରେ ଅମୂଲ୍ୟ ତାଙ୍କ ପାଖରେ ଆୟୁଷ୍ମାନ କାର୍ଡ ଓ ନିଜ କିଡ୍‌ନୀ ଛଡ଼ା ଆଉ କିଛି ନାହିଁ ବୋଲି ଉଲ୍ଲେଖ କରି ବକେୟା ଟଙ୍କା ବଦଳରେ ତାଙ୍କ କିଡ୍‌ନୀ ନେଇଯିବାକୁ ଆପୋଲୋ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଗୁହାରି କରିଛନ୍ତି । ନ ହେଲେ ତାଙ୍କୁ ଜେଲ ପଠାଇ ଦିଅନ୍ତୁ, ହେଲେ ବନ୍ଧା ପଡ଼ିଥିବା ପୁଅକୁ ମୁକୁଳାଇ ଦିଅନ୍ତୁ ବୋଲି ନେହୁରା ହୋଇଛନ୍ତି ।

ଏପଟେ ଟଙ୍କା ଦେଇ ନ ପାରିବାରୁ ହସ୍ପିଟାଲ କର୍ତ୍ତୃପକ୍ଷ ଚିକିତ୍ସାରେ ଅବହେଳା କରୁଥିବା ବାପା ଅଭିଯୋଗ କରିଛନ୍ତି। ଏପରିକି କିଛି ଆବଶ୍ୟକୀୟ ମେଡିସିନ୍‌କୁ ମଧ୍ୟ ବନ୍ଦ କରି ଦିଆଗଲାଣି। ଟଙ୍କା ନ ଦେଇ ନ ପାରିବାରୁ ଫିଜିଓଥେରାପି ବି କରାଯାଉ ନାହିଁ। ମାତ୍ର ପ୍ରତିଦିନ ଡାକ୍ତରଖାନା ବିଲ୍ ବଢ଼ି ବଢ଼ି ଚାଲିଛି। ଅମୂଲ୍ୟ କହିଛନ୍ତି ବିଜୁ ସ୍ୱାସ୍ଥ୍ୟ କାର୍ଡରେ ତୁରନ୍ତ ଚିକିତ୍ସା ହେଉଥିଲା। ମାତ୍ର ଏବେ ସରକାର ଏଭଳି ଏକ କାର୍ଡ ଆଣିଲେ ଯେ ତାହାକୁ ହସ୍ପିଟାଲ ଗ୍ରହଣ କରୁନାହିଁ। ଏହି କାର୍ଡ ଥାଇ କିଛି ଲାଭ ନାହିଁ। କାର୍ଡ କାମ କରୁ ନାହିଁ ବୋଲି ଜାଣିଥିଲେ ପୁଅର ସାଙ୍ଗସାଥି ଘରୋଇ ହସ୍ପିଟାଲରେ ଭର୍ତ୍ତି କରି ନ ଥାନ୍ତେ କିମ୍ବା ସେମାନେ ଏତେ ଅବସ୍ଥା ହୋଇ ନ ଥାନ୍ତେ ବୋଲି କୋହଭରା କଣ୍ଠରେ କହିଛନ୍ତି ଅମୂଲ୍ୟ।

ଏ ସମ୍ପର୍କରେ ଆପୋଲୋ ହସ୍‌ପିଟାଲ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯିବାରେ ସେ ଡାକ୍ତରଖାନାରେ ଆୟୁଷ୍ମାନ କାର୍ଡ ଗ୍ରହଣ କରାଯାଉଥିବା ପ୍ରକାଶ କରିଛନ୍ତି। ମାତ୍ର ବେଡ୍ ନ ଥିବାରୁ ଲୋକେ ପ୍ରଥମରୁ କ୍ୟାସ (ନଗଦ ଅର୍ଥ)ରେ ଚିକିତ୍ସା ହେବେ ବୋଲି ସ୍ୱୀକୃତି ଦେଉଥିବା କ୍ଷେତ୍ରରେ ଆୟୁଷ୍ମାନ କାର୍ଡ ଗ୍ରହଣ କରାଯାଉ ନାହିଁ ବୋଲି କର୍ତ୍ତୃପକ୍ଷଙ୍କ ଉତ୍ତର ଅନେକ ପ୍ରଶ୍ନକୁ ଜନ୍ମ ଦେଇଛି। ଯଦି ଡାକ୍ତରଖାନାରେ ଶଯ୍ୟା ଖାଲି ନାହିଁ, ତେବେ ନଗଦ ଅର୍ଥ ଦେଉଥିବା ରୋଗୀଙ୍କୁ କିପରି ଭର୍ତ୍ତି କରାଯାଉଛି, ସେମାନଙ୍କ ପାଇଁ ଶଯ୍ୟା କେଉଁଠୁ ଆସୁଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଚାନ୍ଦବାଲି ଦେଶର...

ଲଘୁଚାପ ସୃଷ୍ଟି ପରେ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ବର୍ଷା ବଢ଼ିବାର ଆଶଙ୍କା କରାଯାଉଛି ।। ରାଜ୍ୟରେ ମୌସୁମୀ ଋତୁରେ ବର୍ତ୍ତମାନ ସୁଦ୍ଧା ୯୭୪ ମିମି ବର୍ଷା ରେକର୍ଡ ହୋଇଛି। ଏହା ସ୍ୱାଭାବିକ ବର୍ଷା ୧୦୧୮ ମିମି ତୁଳନାରେ ୪ ପ୍ରତିଶତ କମ୍ ରହିଛି। ଜିଲ୍ଲାୱାରୀ ଦେଖିଲେ ୮ ଟି ଜିଲ୍ଲାରେ ବର୍ଷାର ନିଅଣ୍ଟିଆ ସ୍ଥିତି ରହିଥିବା ବେଳେ ବାକି ସବୁ ଅଞ୍ଚଳରେ ସ୍ୱାଭାବିକ କିମ୍ବା ସ୍ୱାଭାବିକ ତୁଳନାରେ ଅଧିକ ବର୍ଷା ରେକର୍ଡ ହୋଇଛି।

**ଦୁର୍ନୀତିକୁ ନେଇ ଚିନ୍ତିତ ମୁଖ୍ୟ ସଚିବ**

# ଦୁର୍ନୀତି ରୋକିବାକୁ ସଚିବ ଓ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୧।୯(ସମିସ): ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଚିହ୍ନଟ ହୋଇଥିବା ଦୁର୍ନୀତି ମାମଲାଗୁଡ଼ିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ମୁଖ୍ୟ ଶାସନ ସଚିବ। ଏ ଭଳି ଘଟଣା କ୍ଷେତ୍ରରେ ସକ୍ରିୟ ଓ ନିରନ୍ତର ଧ୍ୟାନ ଦେଇ ପ୍ରତିକାରାତ୍ମକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ରାଜ୍ୟ ସରକାର ଅନୁଭବ କରିଛନ୍ତି। କେବଳ ଦୋଷୀଙ୍କୁ ଦଣ୍ଡ ଦେବା କାର୍ଯ୍ୟାନୁଷ୍ଠାନ ଦ୍ୱାରା ଏହାର ସମାଧାନ ହୋଇପାରିବ ନହିଁ; ବରଂ ଦୁର୍ନୀତିର ମୂଳ କାରଣଗୁଡ଼ିକୁ ପ୍ରଶାସନିକ, ଆଇନଗତ, ସାମାଜିକ, ଆର୍ଥିକ ଓ ଶିକ୍ଷାମୂଳକ ପଦକ୍ଷେପ ମାଧ୍ୟମରେ ବ୍ୟବସ୍ଥାଗତ ପ୍ରଣାଳୀରେ ଦୂର କରିବା ପାଇଁ ସୁଦୃଢ ପଦକ୍ଷେପ ଆବଶ୍ୟକ । ଏହାକୁ ନେଇ ରାଜ୍ୟର ସବୁ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ରାଜ୍ୟ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର ମହା ନିର୍ଦ୍ଦେଶକ, ସମସ୍ତ ବିଭାଗର କମିଶନର ତଥା ଶାସନ ସଚିବ, ସମସ୍ତ ରାଜସ୍ୱ ଆୟୁକ୍ତ ଏବଂ ଜିଲ୍ଲାପାଳମାନଙ୍କୁ ଏକ ଚିଠି ଲେଖି ଦୁର୍ନୀତି ରୋକିବା ଦିଗରେ ପ୍ରଶାସନିକ ବ୍ୟବସ୍ଥାର ସୁଦୃଢୀକରଣ ଏବଂ ପ୍ରତିକାରାତ୍ମକ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ଦୁର୍ନୀତି ପ୍ରତି କଡ଼ା ଆଭିମୁଖ୍ୟ ଓ ପଦକ୍ଷେପ ଗ୍ରହଣ କରିବାକୁ ସମସ୍ତ ବିଭାଗ ଏବଂ ଜିଲ୍ଲାପାଳମାନଙ୍କୁ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଭ୍ୟନ୍ତରୀଣ ସଚେତନତା କମିଟି (ଇଣ୍ଟରନାଲ ଭିଜିଲାନ୍ସ କମିଟି) ଗଠନ କରି ସମ୍ବେଦନଶୀଳ କ୍ଷେତ୍ରଗୁଡ଼ିକୁ ଚିହ୍ନଟ ପୂର୍ବକ ସ୍ୱଳ୍ପ ମିଆଦୀ ଓ ଦୀର୍ଘ ମିଆଦୀ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ କୁହାଯାଇଛି। ଇଜ୍ ଅଫ୍ ଡୁଇଙ୍ଗ ବିଜନେସ୍, ୱାମିସ୍, ଇ-ଟେଣ୍ଡରିଂ, ଇ-ପ୍ରୋକ୍ୟୁରମେଣ୍ଟ, ୱାର୍କ ପାସ୍ ବୁକ୍,

- **ସନ୍ଦିଗ୍ଧ କର୍ମଚାରୀଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦରୁ ଦୂରେଇ ରଖାଯିବ**
- **ସମ୍ବେଦନଶୀଳ କ୍ଷେତ୍ର ଚିହ୍ନଟ ପାଇଁ ସଚେତନତା କମିଟି**

ଡିବିଟି ଜରିଆରେ ଅର୍ଥ ପ୍ରେରଣ ଏବଂ ଅନ୍ ଲାଇନ୍ ମାନବ ସମ୍ବଳ ପରିଚାଳନା ବ୍ୟବସ୍ଥା ପାଇଁ ପ୍ରଯୁକ୍ତି-ଭିତ୍ତିକ ସୁଧାରଗୁଡ଼ିକୁ କାର୍ଯ୍ୟକାରୀ କରିବା ଏବଂ ସେଥିରେ ଅଧିକ ଉନ୍ନତି ଆଣିବା, କର୍ମଚାରୀମାନଙ୍କ ପର୍ଯ୍ୟାୟକ୍ରମିକ ପରିବର୍ତ୍ତନ, ନ୍ୟାୟସଙ୍ଗତ ଓ ସ୍ୱଚ୍ଛତା ଅବଲମ୍ବନ ପୂର୍ବକ ଅନଲାଇନ୍ ବ୍ୟବସ୍ଥାରେ ବଦଳି ଏବଂ କାର୍ଯ୍ୟରେ ସାଧୁତା ଅବଲମ୍ବନ ସନ୍ଦେହ ରହୁଥିବା ଅଧିକାରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ(ସମ୍ବେଦନଶୀଳ) ପଦବୀରୁ ନିବୃତ୍ତ ରଖିବା ସହ ସ୍ୱଚ୍ଛତାର ସହ ମାନବ ସମ୍ବଳ ପରିଚାଳନା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ଅଧୀନରେ ଥିବା ସମସ୍ତ ସେବାର ସମୟସୀମାକୁ କାର୍ଯ୍ୟାଳୟରେ ପ୍ରଦର୍ଶନ କରିବା, ଡ୍ୟାସବୋର୍ଡ ମାଧ୍ୟମରେ କାର୍ଯ୍ୟାନୁଷ୍ଠାନ ଓ କାର୍ଯ୍ୟକଳାପକୁ ନିରୀକ୍ଷଣ କରି ନାଗରିକମାନଙ୍କୁ ସଶକ୍ତ କରିବା, ଦୁର୍ନୀତି ପ୍ରତି ଶୂନ ସହନଶୀଳତା(ଜିରୋ ଟଲେରାନ୍ସ) ନୀତିକୁ ପ୍ରତିଷ୍ଠିତ କରିବା ପାଇଁ ସମୟ ସମୟରେ ସମୀକ୍ଷା କରିବାକୁ କୁହାଯାଇଛି। ଏହି ନିର୍ଦ୍ଦେଶଗୁଡ଼ିକ ସମସ୍ତ ଅଧିକାରୀଙ୍କ ନିକଟରେ ଯେପରି ନିଶ୍ଚିତ ଭାବରେ ପହଁଚିବ ଏବଂ ନିର୍ଦ୍ଦେଶିତ ଅନୁସାରେ ଏହାର କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ ହେବ ସେନେଇ ମୁଖ୍ୟ ସଚିବ ଗୁରୁତ୍ୱ ଦେଇଛନ୍ତି।

ଏହା ସହ "ସନ୍ତାନମ କମିଟି" ସୁପାରିଶ ଅନୁସାରେ ବିଭାଗମାନେ ନିଜେ ନିଜେ ସମ୍ବେଦନଶୀଳ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରି, ମାମଲା ସୃଷ୍ଟି ହେବା ପୂର୍ବରୁ ସେଥିପ୍ରତି ଆଗୁଆ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏହାସହିତ କ୍ରୟ ଏବଂ ଚୁକ୍ତି ପରିଚାଳନା କ୍ଷେତ୍ରରେ ଇ-କ୍ରୟ (ପ୍ରୋକ୍ୟୋରମେଣ୍ଟ), ଇ-ଟେଣ୍ଡରିଂ ଏବଂ ତୃତୀୟ ପକ୍ଷ ସାର୍ଟିଫିକେସନ୍ ଅବଲମ୍ବନ କରିବାଦ୍ୱାରା ଇଚ୍ଛାଧୀନ କ୍ଷମତାର ବ୍ୟବହାର ସମ୍ଭାବନା ହ୍ରାସ ପାଇଥାଏ, ତେଣୁ ଏହି ବ୍ୟବସ୍ଥାକୁ ଆପଣାଇବାକୁ ସେ ପରାମର୍ଶ ଦେଇଛନ୍ତି ।

# ରଶ୍ମି ସାହୁ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ସିନେଟ୍ ସଦସ୍ୟ



କଟକ,୧୧।୯(ସମିସ): ଓଡ଼ିଶାର ପୁରାତନ ଶିକ୍ଷାନୁଷ୍ଠାନ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ନୂତନ ସିନେଟ୍ ସଦସ୍ୟ ମନୋନୀତ ହୋଇଛନ୍ତି। ଓଡ଼ିଶାର ପ୍ରତିଷ୍ଠିତ ରୁଚି ଶିଳ୍ପୋଦ୍ୟୋଗର ନିର୍ଦ୍ଦେଶିକା ରଶ୍ମି ସାହୁଙ୍କୁ ବିଶ୍ୱବିଦ୍ୟାଳୟର ନୂତନ ସିନେଟ୍ ସଦସ୍ୟ ଭାବେ ମନୋନୟନ କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶ କରାଯାଇଛି। ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ କ୍ଷେତ୍ରରେ ବିଦେଶରୁ ଉଚ୍ଚଶିକ୍ଷା ଗ୍ରହଣ କରିଥିବା ରଶ୍ମି ରୁଚି ଫ୍ରୋଜିଟ୍ ଓ ଫାର୍ମ ବି'ର ମଧ୍ୟ ପ୍ରତିଷ୍ଠାତା। ସେ ବିଭିନ୍ନ ଆନ୍ତର୍ଜାତିକ ଶିଳ୍ପ ଓ ଉଦ୍ୟୋଗ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବା ସହ ଓଡ଼ିଶାରେ ମହିଳାମାନଙ୍କୁ ସଶକ୍ତୀକରଣ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ସେ ହେଉଛନ୍ତି ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ତଥା 'ରୁଚି'ର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁଙ୍କ କନ୍ୟା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କମଳଜିତ ସିଂହ ଓ କୁଳସଚିବ ନିରୁପମା ସ୍ୱାଇଁ ପ୍ରମୁଖ ନୂତନ ସିନେଟ ସଦସ୍ୟ ରଶ୍ମିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଆଇଇଡି ବିସ୍ଫୋରଣରେ ଦୁଇ ଯବାନ ଗୁରୁତର

ମାଲକାନଗିରି, ୧୧।୯(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଦନ୍ତେୱାଡ଼ା ଜିଲ୍ଲାରେ ପୁଣି ମାଓହିଂସା ଦେଖିବାକୁ ମିଳିଛି। ସାତେଧାର-ମାଲେବାହି ରାସ୍ତାରେ ଆଇଇଡି ବୋମା ବିସ୍ଫୋରଣ କରି ସୁରକ୍ଷା ବାହିନୀକୁ ଟାର୍ଗେଟ୍ କରିଛନ୍ତି ମାଓବାଦୀ। ବିସ୍ଫୋରଣରେ ଦୁଇଜଣ ସିଆରପିଏଫ ଯବାନ ଗୁରୁତର ଆହତ ହୋଇଛନ୍ତି। ଜଣଙ୍କର ବାମ ପାଦ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଉଭୟଙ୍କୁ ଜିଲ୍ଲା ହସ୍ପିଟାଲ ଦାନ୍ତେୱାଡାକୁ ପଠାଯାଇଥିବା ଅତିରିକ୍ତ ପୁଲିସ ଅଧୀକ୍ଷକ ଆର.କେ ବର୍ମନ ସୂଚନା ଦେଇଛନ୍ତି। ଘଟଣା ପରେ ସୁରକ୍ଷା ବାହିନୀ ପକ୍ଷରୁ ସର୍ଚ୍ଚ ଅପରେସନ୍‌କୁ ଜୋରଦାର୍ କରାଯାଇଛି।

# ୩ ଏକାଡେମୀ ପାଇଁ ସ୍ୱତନ୍ତ୍ର ୱେବ୍‌ସାଇଟ୍ ଉନ୍ମୋଚିତ

ଭୁବନେଶ୍ୱର, ୧୧।୯(ସମିସ): ସଂସ୍କୃତି ବିଭାଗ ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ଲଳିତକଳା ଏକାଡେମୀ ପାଇଁ ୩ଗୋଟି ସ୍ୱତନ୍ତ୍ର ୱେବ୍‌ସାଇଟ୍ ଉନ୍ମୋଚିତ ହୋଇଯାଇଛି। ଏହି ୩ଟି ୱେବ୍‌ସାଇଟ୍ ମାଧ୍ୟମରେ ଏକାଡେମୀ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓ ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକୁ ଜନସାଧାରଣଙ୍କ ଅବଗତି ସମ୍ବନ୍ଧରେ ଉପଲବ୍ଧ କରାଯାଇପାରିବ। ଏହାସହ ସଂସ୍କୃତି ବିଭାଗ ଅଧୀନ ରବୀନ୍ଦ୍ର ମଣ୍ଡପ, ଭଞ୍ଜ କଳାମଣ୍ଡପ ଏବଂ ଉତ୍କଳ ମଣ୍ଡପର ଅନଲାଇନ୍ ବୁକିଂ ସହ ମଣ୍ଡପରେ ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବନ୍ଧିତ ସୂଚନା ପାଇଁ ସ୍ୱତନ୍ତ୍ର 'ମଣ୍ଡପ ୱେବ୍‌ସାଇଟ୍' ଉନ୍ମୋଚିତ ହୋଇଛି। ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଆୟୋଜିତ 'ମୋ ସ୍ୱପ୍ନର ଓଡ଼ିଶା-୨୦୩୬' ଚିତ୍ରକଳା ପ୍ରତିଯୋଗିତା କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ୱେବସାଇଟ୍‌ଗୁଡ଼ିକୁ ଉନ୍ମୋଚନ କରିବା ସହ ପ୍ରତିଯୋଗିତାରେ ୫୬ଜଣ ବିଜେତାଙ୍କୁ ପୁରସ୍କୃତ କରିଥିଲେ। ଏହାସହ 'ଘରେଘରେ ତ୍ରିରଙ୍ଗା' କାର୍ଯ୍ୟକ୍ରମରେ ଭାଗ ନେଇଥିବା ୧୫ଶ୍ରେଷ୍ଠ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ଓଡ଼ିଶା ଲଳିତ କଳା ଏକାଡେମୀର ସଚିବ ଦେବଯାନୀ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

**ଅପରେସନ୍ 'ପ୍ରହାର'**

# ସପ୍ତାହରେ ୫ କେଜି ଗଞ୍ଜେଇ ଓ ଅଢ଼େଇ କେଜି ବ୍ରାଉନସୁଗର ଜବତ

ଭୁବନେଶ୍ୱର,୧୧।୯(ସମିସ): ରାଜ୍ୟକୁ ନିଶାମୁକ୍ତ କରିବା ସହ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଅପରେସନ୍ 'ପ୍ରହାର' ଜାରି ରହିଛି। ଗତ ୧ ତାରିଖରୁ ଓଡ଼ିଶା ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ସମସ୍ତ ଜିଲ୍ଲା ପୁଲିସ ସାମିଲ ହୋଇ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛନ୍ତି। ପ୍ରଥମ ସପ୍ତାହରେ ବିପୁଳ ପରିମାଣର ଗଞ୍ଜେଇ, ବ୍ରାଉନସୁଗର ଓ କଫ-ସିରପ୍ ଭଳି ନିଶାଦ୍ରବ୍ୟ ଜବତ ହୋଇଛି। ପୁଲିସ ପକ୍ଷରୁ ମୋଟ ୧୧୦ଟି ମାମଲା ରୁଜୁ କରାଯାଇଥିବା ବେଳେ ୧୫୭ଜଣ ନିଶା ବେପାରୀଙ୍କୁ ଗିରଫ କରାଯାଇଛି।

ଗତ ସପ୍ତାହକ ମଧ୍ୟରେ ଗଞ୍ଜେଇ ଚୋରାଚାଲାଣ ବିରୋଧରେ ୭୨ଟି ମାମଲା ରୁଜୁ କରାଯିବା ସହ ୪୮୦୮ କେଜି ଗଞ୍ଜେଇ ଜବତ କରାଯାଇଛି। ଗଞ୍ଜେଇ ଚାଲାଣ ମାମଲାରେ ସମ୍ପୃକ୍ତ ୯୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେହିପରି ବେଆଇନ ବ୍ରାଉନସୁଗର କାରବାର କ୍ଷେତ୍ରରେ ୨୭ଟି ମାମଲା ରୁଜୁ ହୋଇଥିବା ବେଳେ ୨ କେଜି ୩୭୪ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଛି ପୁଲିସ। ବ୍ରାଉନସୁଗାର ବିକ୍ରିରେ ସଂପୃକ୍ତ ୪୫ଜଣ ନିଶାବେପାରୀଙ୍କୁ ଗିରଫ କରାଯାଇଛି। ସେହିଭଳି ୩୦୫୨ ବୋତଲ କଫ-ସିରପ୍ ଜବତ ସହ ଏଥିରେ ସମ୍ପୃକ୍ତ ଥିବା ୧୯ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହାସହ ୭୦ଜଣ ଅଭ୍ୟାସଗତ ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଧାରା ୧୨୯ ଅନୁଯାୟୀ (ସିଆରପିସି-୧୧୦) କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିସହ ଚୋରା ନିଶାଦ୍ରବ୍ୟ ବିକ୍ରି ଅଭିଯୋଗରେ ସମ୍ପୃକ୍ତି ୩ଟି ଦୋକାନକୁ ବନ୍ଦ କରାଯାଇଛି।

# ନେପାଳରୁ ଫେରିଲେ ୨୩ ଓଡ଼ିଆ



ଭୁବନେଶ୍ୱର, ୧୧।୯(ସମିସ): ନେପାଳ ଭ୍ରମଣରେ ଯାଇଥିବା ୨୩ ଓଡ଼ିଆ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଭାରତ ଫେରାଇ ଅଣାଯାଇଛି। ଆସନ୍ତାକାଲି ସମସ୍ତେ ଓଡ଼ିଶାରେ ପହଞ୍ଚିବେ ବୋଲି ଜଣାଯାଇଛି। ନେପାଳରେ ଗୃହଯୁଦ୍ଧ ପରିସ୍ଥିତି ଯୋଗୁଁ ସେମାନେ ଫସି ରହିଥିଲେ। ଏହି ଘଟଣା ସାମ୍ନାକୁ ଆସିବା ପରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ, ଓଡ଼ିଶା ସରକାରଙ୍କ ନୂଆଦିଲ୍ଲୀସ୍ଥିତ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ, ନେପାଳ କାଠମାଣ୍ଡୁସ୍ଥିତ ଭାରତର ଦୂତାବାସ କାର୍ଯ୍ୟାଳୟ, ରୋମାନିଆ ପାଇଁ ରହିଥିବା ଭାରତର ରାଷ୍ଟ୍ରଦୂତ ଡ. ମନୋଜ କୁମାର ମହାପାତ୍ରଙ୍କ ମିଳିତ ସହଯୋଗରେ ୨୩ଜଣ ଓଡ଼ିଆ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇଥିଲା। ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି। ସେମାନଙ୍କୁ ଭାରତ-ନେପାଳ ବର୍ଡର୍ (ରକ୍ସଲ) ଦେଇ ଅଣାଯାଇଛି। ବର୍ତ୍ତମାନ ସେମାନେ ବିହାରରେ ଅଛନ୍ତି। ସେଠାରୁ ଆଜି ରାତିରେ ଶତାବ୍ଦୀ ଏକ୍ସପ୍ରେସରେ ବାହାରି ଆସନ୍ତାକାଲି (ଶୁକ୍ରବାର) ଯାଜପୁର ରେଲଷ୍ଟେସନ୍‌ରେ ପହଞ୍ଚିବେ। ସେଠାରୁ ସମସ୍ତେ ନିଜନିଜ ଘରକୁ ଯିବେ। ଏଥିପାଇଁ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଥିବା କରୁଥିବା ଜଣାପଡ଼ିଛି।

**ଆଜି ଓଡ଼ିଶାରେ ପହଞ୍ଚିବେ**

# ଜାନୁଆରୀରୁ କାର୍ଯ୍ୟକ୍ଷମ ହେବ କଳିଙ୍ଗ ଷ୍ଟୁଡିଓ

ଭୁବନେଶ୍ୱର, ୧୧।୯(ସମିସ): ଆସନ୍ତା ଜାନୁଆରୀରୁ କାର୍ଯ୍ୟକ୍ଷମ ହେବ ବହୁପ୍ରତୀକ୍ଷିତ କଳିଙ୍ଗ ଷ୍ଟୁଡିଓ। ଏଣିକି ଓଡ଼ିଆ ସିନେମା ପ୍ରଯୋଜକ ଓ ନିର୍ଦ୍ଦେଶକଙ୍କୁ ସୁଟିଂ ପାଇଁ ହାଇଦ୍ରାବାଦ, କାଶ୍ମୀର, ଦିଲ୍ଲୀ, ବେଙ୍ଗାଲୁର, ଆଦି ବାହାର ରାଜ୍ୟକୁ ଯିବାକୁ ପଡ଼ିବନି। ପୂର୍ବଭଳି ପୁଣି କଳିଙ୍ଗ ଷ୍ଟୁଡିଓରେ କଳାକାରଙ୍କ ଭିଡ଼ ଜମିବ। ସିନେମା ସୁଟିଂ ପାଇଁ ଓଲିଉଡ୍ ସିନେନିର୍ମାତାଙ୍କ ଲାଇନ୍ ଲାଗିବ କଳିଙ୍ଗ ଷ୍ଟୁଡିଓରେ। ଏଥିପାଇଁ କାମ ମଧ୍ୟ ଜୋରଦାର୍

- **ଭିତ୍ତିଭୂମି ଯାଞ୍ଚ କଲେ ୭ଜଣିଆ ବିଧାୟକ ଦଳ**

ଚାଲିଛି। ଆଜି ଓଡ଼ିଶା ଫିଲ୍ମ ଡେଭଲପମେଣ୍ଟ କର୍ପୋରେସନ୍ ଆନୁକୂଲ୍ୟରେ ୭ଜଣିଆ ବିଧାୟକଦଳ କମିଟି କଳିଙ୍ଗ ଷ୍ଟୁଡିଓ ପରିଦର୍ଶନ କରିଥିବା ବେଳେ ଭିତ୍ତିଭୂମିର ଯାଞ୍ଚ ସାଙ୍ଗକୁ ବିଭିନ୍ନ ଆଲୋଚନା କରିଥିଲେ। ଏହି ଓଏଫ୍‌ଡିସିର ଚେୟାରମ୍ୟାନ୍ ସମର୍ଥ ବର୍ମା, କମିଟିର ଚେୟାରମ୍ୟାନ୍ ଦୁଷ୍ମନ୍ତ ସ୍ୱାଇଁଙ୍କ ସମେତ ଛବି ମଲ୍ଲିକ, ଅରବିନ୍ଦ ମହାପାତ୍ର, ଲକ୍ଷ୍ମଣ ବାଗ, ପ୍ରତାପ ଚନ୍ଦ୍ର ପ୍ରଧାନ, ରୂପେଶ କୁମାର ପାଣିଗ୍ରାହୀ, ସତ୍ୟଜିତ ଗମାଙ୍ଗ ପ୍ରମୁଖ କଳିଙ୍ଗ ଷ୍ଟୁଡିଓର କାର୍ଯ୍ୟ ସମୀକ୍ଷା କରିଛନ୍ତି। ଷ୍ଟୁଡିଓ ପରିସରରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ଏଥିପାଇଁ ଆଉ

**୩ ମାସର କଣ୍ଟ୍ରାକ୍ଟକୁ ୬୦% କାମ ବାକି**



କ'ଣ ଆବଶ୍ୟକତା ରହିଛି, ସେ ଉପରେ ମତ ରଖିଥିଲେ।

କମିଟି ଚେୟାରମ୍ୟାନ୍ ଦୁଷ୍ମନ୍ତ ସ୍ୱାଇଁ କହିଛନ୍ତି, ଖୁବ୍‌ଶୀଘ୍ର କିଭଳି କାର୍ଯ୍ୟକ୍ଷମ ହେବ, ସେ ଦିଗରେ ସରକାର ସମସ୍ତ ଚେଷ୍ଟା କରୁଛନ୍ତି। ଆଗକୁ ଜାନୁଆରୀ ସୁଦ୍ଧା କାମ ଶେଷ ହୋଇ ଏହା କାର୍ଯ୍ୟକ୍ଷମ ହେବା ଲକ୍ଷ୍ୟ ରଖାଯାଇଛି। ତେବେ, ଏହା ପୂର୍ବରୁ ଗତ ଜୁନ ୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଶିକ୍ଷାମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ କଳିଙ୍ଗ ଷ୍ଟୁଡିଓ ପରିଦର୍ଶନ କରି ଏକ ସ୍ୱତନ୍ତ୍ର ଡିପିଆର୍ ପ୍ରସ୍ତୁତ କରିବା ପ୍ରତିଶ୍ରୁତି ଦେଇଥିଲେ ମୁଖ୍ୟମନ୍ତ୍ରୀ।

ସୂଚନା ଅନୁସାରେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳିଙ୍ଗ ଷ୍ଟୁଡିଓରେ ନବକଳେବର ପାଇଁ ଅଣ୍ଟା ଭିଡ଼ିଥିଲେ। ଷ୍ଟୁଡିଓର ନବକଳେବର କାର୍ଯ୍ୟ ଇଡ୍‌କୋକୁ ପ୍ରଦାନ କରାଯାଇଥିବା ବେଳେ ଇଡ୍‌କୋ ଏକ ଘରୋଇ ସଂସ୍ଥାକୁ ହସ୍ତାନ୍ତର କରିଥିଲା। ୨୦୨୧ ଡିସେମ୍ବର ୭ରେ ୨ ଲକ୍ଷ ୪୦ହଜାର ବର୍ଗଫୁଟ୍ ପରିମିତ ସ୍ଥାନରେ ଏହି ପ୍ରକଳ୍ପ ପାଇଁ ପ୍ରାୟ ୨୦୦ କୋଟି କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ୨୦୨୪ ଅଗଷ୍ଟ ସୁଦ୍ଧା ଶେଷ କରାଯିବାର ଧାର୍ଯ୍ୟ ହୋଇଥିଲା। ପ୍ରକଳ୍ପ କାମ ୨୦୨୨ ମାର୍ଚ୍ଚ ୧୫ରୁ ଆରମ୍ଭ ହୋଇଥିବା ବେଳେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଉଦ୍‌ଘାଟନ କରାଯିବାର ଯୋଜନା ରହିଥିଲା। ହେଲେ କାମ ଶେଷ ହୋଇନଥିବାରୁ ଉଦ୍‌ଘାଟନ ହୋଇପାରି ନଥିବା ବେଳେ ପରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିଲା। ପରେ ନୂତନ ସରକାର ଆସିବା ପରେ ମଧ୍ୟ ବଳକା କାର୍ଯ୍ୟ ଏ ପର୍ଯ୍ୟନ୍ତ ଶେଷ ହୋଇନାହିଁ। ଷ୍ଟୁଡିଓ କାର୍ଯ୍ୟକ୍ଷମ ହେବାର ସମୟ ଘୁଞ୍ଚିଘୁଞ୍ଚି ଯାଉଛି। ଫଳରେ ସିନେ ନିର୍ମାତାମାନେ ସିନେମା ସୁଟିଂ ପାଇଁ ବାହାର ରାଜ୍ୟକୁ ଭରସା କରୁଛନ୍ତି। ତେବେ ଆଜିର ବିଧାୟକ କମିଟି ଷ୍ଟୁଡିଓ ପରିଦର୍ଶନ କରିଥିବା ବେଳେ ୪୦ ପ୍ରତିଶତ କାମ ଶେଷ ହୋଇଥିବା କହିଛନ୍ତି। ବଳକା ୬୦ ପ୍ରତିଶତ କାମ ୩ମାସ ମଧ୍ୟରେ କିଭଳି ଶେଷ ହେବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ । ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ । ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ ହୋଇପାରେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ ।

**ବୃଷ:** ବନ୍ଧୁଙ୍କ ସହଯୋଗ ମିଳିପାରେ । କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ସାମାଜିକ ପ୍ରତିଷ୍ଠା ବଢ଼ିପାରେ । ଦୀର୍ଘ ଦିନର ଆଶା ପୂରଣ ହେବ ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ । ରାଜନେତାଙ୍କ ପାଇଁ ଦିନଟି ଭଲ । ଆର୍ଥିକ ମାମଲାରେ ସୁଧାର ଆସିବ । ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ପାରିବାରିକ ଜୀବନ ସୁଖମୟ ହେବ । ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ । ଆୟ ଓ ବ୍ୟୟ ସମାନ ରହିବ ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ । ମନ ପ୍ରସନ୍ନ ରହିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ । ରାଜନୀତିରେ ସାମିଲ ହେବେ । ଆର୍ଥିକ ସ୍ଥିତିରେ ସୁଧାର ଆସିବ । ବୈବାହିକ ଜୀବନରେ ସମସ୍ୟା ଆସିବ । ବନ୍ଧୁ ମିଳନ ଯୋଗ ରହିଛି ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି । ଧାରକରଜରୁ ଦୂରେଇ ରହିବେ । ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ । ପରିବାର ସହିତ ହସଖୁସିର ସମୟ ବିତାଇବେ ।

**ବିଛା:** କର୍ମଚଞ୍ଚଳ ରହିବେ । ମନ ପ୍ରଫୁଲ୍ଲିତ ରହିବ । ଆୟଠୁ ବ୍ୟୟ ଅଧିକ ହୋଇପାରେ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଘର ପାଇଁ ନୂଆ ଜିନିଷ କିଣିବେ । କୌଣସି କଥାକୁ ନେଇ ମନ ଉଣା ହୋଇପାରେ ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଧାର୍ମିକ କାର୍ଯ୍ୟ କରିବେ । ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ । ସମାଜସେବାରେ ନିଜକୁ ନିୟୋଜିତ କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ । ଦାନ ଧର୍ମ କରନ୍ତୁ ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିପାରନ୍ତି । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ । ଖେଳାଳିଙ୍କୁ ସଫଳତା ମିଳିବ । ବ୍ୟବସାୟରେ କ୍ଷତି ଘଟିବ । ଉଧାର ଟଙ୍କା ଫେରି ପାଇବେ ।

**କୁମ୍ଭ:** ନିବେଶରୁ ଲାଭ ମିଳିବ । କାର୍ଯ୍ୟରୁ ଆଶାଜନକ ଫଳ ମିଳିବ । ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ଉଧାର ଟଙ୍କା ଫେରି ପାଇବେ ।


**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ ।

## ଆଜିର ଇତିହାସ

- ୧୮୭୩- ପ୍ରଥମ ଟାଇପ୍ ରାଇଟର୍ ଗ୍ରାହକଙ୍କୁ ବିକ୍ରି କରାଗଲା ।
- ୧୯୪୪- ଆମେରିକୀୟ ସେନା ପ୍ରଥମ ଥର ଜର୍ମାନୀରେ ପ୍ରବେଶ କଲା ।
- ୧୯୫୯-ସୋଭିଏତ୍ ସଂଘର ପ୍ରଥମ ମହାକାଶଯାନ 'ଲୁନା-୨' ଚନ୍ଦ୍ରପୃଷ୍ଠରେ ପହଞ୍ଚିଲା ।
- ୧୯୯୮ - କୁଆଲାଲାମ୍ପୁରରେ ୧୬ତମ ରାଷ୍ଟ୍ରମଣ୍ଡଳ ଖେଳର ଆରମ୍ଭ ।
- ୨୦୦୦- ନ୍ୟୁୟର୍କରେ ଅନ୍ତରାଷ୍ଟ୍ରୀୟ ଆୟୁର୍ବେଦ ସମ୍ମିଳନୀର ଆରମ୍ଭ ।

## ଆଜି ବାହୁଡ଼ିଥିଲେ

### ପାଠାଗାର ଆନ୍ଦୋଳନର ପୁରୋଧା
# ଦାଶରଥୀ ପଟ୍ଟନାୟକ




ଓଡ଼ିଶା ପାଠାଗାର ଆନ୍ଦୋଳନର ପ୍ରବାଦ ପୁରୁଷ, ପ୍ରଖ୍ୟାତ ସଂଗ୍ରାହକ, ସାରସ୍ୱତ ସାଧକ ଦାଶରଥୀ ପଟ୍ଟନାୟକଙ୍କର ଆଜି ପୁଣ୍ୟତିଥି । ଦାସିଆ ଅଜା ନାମରେ ସେ ଓଡ଼ିଶାର ଘରେ ଘରେ ପରିଚିତ ଥିଲେ । ଦାସିଆ ଅଜା ୧୯୦୭ ମସିହା ଜୁଲାଇ ୧୨ ତାରିଖରେ ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍‌ର ଉଦୟପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ମାତ୍ର ଷଷ୍ଠ ଶ୍ରେଣୀ ଯାଏଁ ପାଠ ପଢ଼ିଥିଲେ । ସେ ନିଜ ଗାଁ'ରେ ପଥୁରିଆ ଅନୁର୍ବର ଜମି ଚାଷ କରି ପେଟ ପୋଷୁଥିଲେ । ଏଥିପାଇଁ ସେ ଖୁଣ୍ଟାତଡ଼ା ରଜା ନାମରେ ପରିଚିତ ଥିଲେ । ସେ ଦ୍ୱିପ୍ରହର ସମୟରେ ବିଶ୍ରାମ ନ ନେଇ ପାଠ ପଢ଼ିବାକୁ ଏକ ନିଶା ଭାବେ ଆଦରି ନେଇଥିଲେ । ବହି ପଢ଼ିବା ପାଇଁ ସେ ପର ଦିନ ପଢ଼ିବା ବହି ତା' ଆଗଦିନ ଆଣି ସଂଗ୍ରହ କରି ରଖୁଥିଲେ । କ୍ରମେ ତାଙ୍କର ଏହି ବହି ସଂଗ୍ରହ ଏକ ପାଠାଗାର ଆନ୍ଦୋଳନର ରୂପ ନେଇଥିଲା । ସେ ମୁଣ୍ଡରେ ଠେକା ଭିଡ଼ି, କାନ୍ଧରେ ଝୁଲା ମୁଣା ଧରି ସାରା ଓଡ଼ିଶା ବୁଲି ବହି ସଂଗ୍ରହ କରୁଥିଲେ । ଦାସିଆ ଅଜା ପ୍ରତିଦିନ ଏକଶହରୁ ଉର୍ଦ୍ଧ୍ୱ ପୋଷ୍ଟକାର୍ଡ଼ ଲେଖି ବିଭିନ୍ନ କବି ଲେଖକମାନଙ୍କୁ ପଠାଉଥିଲେ । ଲେଖା ପଢ଼ି ଉତ୍ସାହିତ କରୁଥିଲେ ଓ ଅଚାନକ ସେମାନଙ୍କ ଘରେ ବି ପହଞ୍ଚି ଯାଉଥିଲେ । ଯାହାକୁ ଭେଟୁଥିଲେ ତାଙ୍କଠାରୁ ସହଯୋଗ ଅର୍ଥ ଭାବେ ମାତ୍ର ୧୦ ପଇସା ମାଗୁଥିଲେ । ନିଜର ସଂଗୃହୀତ ଜିନିଷ ସବୁକୁ ନେଇ ଦାସିଆ ଅଜା ନୟାଗଡ଼ର ନୂଆଗାଁରେ ଶ୍ରୀ ଅରବିନ୍ଦ ସଂଗ୍ରହାଳୟ ସ୍ଥାପନା କରିଥିଲେ । ୫୦୦୦ରୁ ଅଧିକ ତାଳପତ୍ର ପୋଥି, ପୁରୁଣା ମୁଦ୍ରା, ଅସ୍ତ୍ରଶସ୍ତ୍ର, ଚେରମୂଳି, ବିଶିଷ୍ଟ ବ୍ୟକ୍ତିଙ୍କ ବ୍ୟବହୃତ ଦ୍ରବ୍ୟ, ପୁରାତନ ଦସ୍ତାବିଜ୍, ଫସିଲ, ଡାକଟିକଟ, ବାଦ୍ୟଯନ୍ତ୍ର, ମୂଲ୍ୟବାନ ପଟ୍ଟଚିତ୍ର ଆଦି ଅନେକ ଦୁର୍ଲଭ ଜିନିଷ ରହିଛି ଏହି ସଂଗ୍ରହାଳୟରେ । ସଂଗ୍ରହାଳୟ ପରିସର ମଧ୍ୟରେ ବାଞ୍ଛାନିଧି ପାଠାଗାର ଓ ଯଦୁମଣି ସାହିତ୍ୟ ସଂସଦ ରହିଛି । ଏକକ ପ୍ରଚେଷ୍ଟାରେ ୫୦ ହଜାରରୁ ଅଧିକ ବହି ଓ ୬୫ ହଜାରରୁ ଅଧିକ ପତ୍ରିକାରେ ସମୃଦ୍ଧ ହୋଇଥିଲା ବାଞ୍ଛାନିଧି ପାଠାଗାର । ଏଠାରେ ବିଭିନ୍ନ ଭାଷାର ଅଭିଧାନ, ୩ ହଜାର ବିରଳ ବହି ଓ ୧୯୫୯ରୁ ୧୯୯୭ ପର୍ଯ୍ୟନ୍ତ ବହୁ ଦୈନିକ ଖବରକାଗଜ ରହିଛି । ୧୯୯୭ ମସିହା ଆଜିର ଦିନରେ ୯୦ ବର୍ଷ ବୟସରେ ଦାସିଆ ଅଜାଙ୍କର ଦେହାନ୍ତ ହୋଇଥିଲା । ତେବେ ତାଙ୍କର ତିନୋଟି ଅନୁଷ୍ଠାନ ତାଙ୍କୁ ଚିରଦିନ ଅମର କରିଦେଇଛି । ସରକାରୀ ପ୍ରୋତ୍ସାହନରେ ଦାସିଆ ଅଜାଙ୍କର ତିନୋଟି ଯାକ ଅନୁଷ୍ଠାନକୁ ମିଶାଇ ଦାଶରଥୀ ପଟ୍ଟନାୟକ ଫାଉଣ୍ଡେସନ୍ ଟ୍ରଷ୍ଟ ଗଠନ କରାଯାଇଛି ।

## ସ୍ୱାଦହୀନ କ୍ୟାଣ୍ଡି



ପିଲାଠୁ ବୁଢ଼ା ସମସ୍ତେ ଚକଲେଟ୍ ଖାଇବାକୁ ପସନ୍ଦ କରନ୍ତି । ଚକଲେଟ୍ ସାଧାରଣତଃ ମିଠା ହୋଇଥାଏ । ଏହାବାଦ୍ ରାଗ, ଲୁଣିଆ, ଖଟା ସ୍ୱାଦ ଯୁକ୍ତ ଚକଲେଟ୍ ମଧ୍ୟ ବଜାରରେ ମିଳୁଛି । ଜାପାନର ଆଗଧାଡ଼ିର ରିଟେଲ୍ କମ୍ପାନୀ 'ଲାସନ' ୨୦୨୨ ମସିହାରେ ଏକ ଭିନ୍ନ ଧରଣର କ୍ୟାଣ୍ଡିକୁ ଲଞ୍ଚ୍ କରିଥିଲା । ଏହି କ୍ୟାଣ୍ଡିର ନାଁ 'ଅଜି ନୋ ଶିନାଇ' । ସ୍ଥାନୀୟ ଭାଷାରେ ଏହାର ଅର୍ଥ ବିନା ସ୍ୱାଦର କ୍ୟାଣ୍ଡି । ଏହି କ୍ୟାଣ୍ଡି ଖାଇଲେ ଏଥିରେ କିଛି ସ୍ୱାଦ ଜଣାପଡ଼ିବ ନାହିଁ ବୋଲି ସେତେବେଳେ କମ୍ପାନି ପକ୍ଷରୁ କୁହାଯାଇଥିଲା । ଏହି କ୍ୟାଣ୍ଡି ପାଟିକୁ ମିଠା, ଖଟା, ରାଗ କି ଲୁଣିଆ ଲାଗିବ ନାହିଁ । ଏହାକୁ ତିଆରି କରିବା ପାଇଁ କେବଳ ଦୁଇଟି ସାମଗ୍ରୀର ବ୍ୟବହାର ହୋଇଛି । ପ୍ରଥମଟି ହେଉଛି ସିନ୍ଥେଟିକ ସୁଗାର୍‌ର ବିକଳ୍ପ ଯାହାକୁ ପଲିଡେକ୍ସଟ୍ରୋଜ୍ ଓ ଅନ୍ୟଟି ହେଉଛି ଅର୍ଗାନିକ ସୁଗାରର ବିକଳ୍ପ ଏରିଥ୍ରିଟୋଲ । ତେବେ ଏହି କ୍ୟାଣ୍ଡି ଖାଇଥିବା କିଛି ଲୋକଙ୍କର କହିବାନୁସାରେ, ଏହି କ୍ୟାଣ୍ଡି ସ୍ପୋର୍ଟସ୍ ଡ୍ରିଙ୍କରେ ଅଧିକ ପାଣି ମିଶାଇଲେ ତାହା ଯେମିତି ପାଟିକୁ ଲାଗିଥାଏ ଏହା ସେମିତି ଲାଗୁଛି । ସେହିଭଳି ଆଉ କିଛି ଜଣ ଏହା ହାଲ୍‌କା ମିଠା ଲାଗୁଛି ବୋଲି କହିଛନ୍ତି । ଅନ୍ୟପଟେ ମିଠା କିମ୍ବା ସ୍ୱାଦଯୁକ୍ତ କ୍ୟାଣ୍ଡି ଖାଇବାକୁ ପସନ୍ଦ କରୁନଥିବା ଲୋକଙ୍କ ପାଇଁ ଏହା ତିଆରି କରାଯାଇଥିବା କମ୍ପାନି ପକ୍ଷରୁ କୁହାଯାଇଛି । ମହାମାରୀ କରୋନା ସମୟରେ ମାସ୍କ ବ୍ୟବହାରୀଙ୍କ ପାଇଁ ମିଣ୍ଟ କ୍ୟାଣ୍ଡି ସମସ୍ୟା କରୁଥିବା ଲକ୍ଷ୍ୟ କରି ଏହି ସ୍ୱାଦହୀନ କ୍ୟାଣ୍ଡିଟିକୁ ତିଆରି କରାଯାଇଥିଲା ।

## ଓଜନ ବଢ଼ାଇଲେ ଅମିର୍ 'ଦାଦା ସାହେବ ଫାଲ୍‌କେ' ଫିଲ୍ମକୁ ନେଇ ଚର୍ଚ୍ଚା



ବଲିଉଡ୍ ଅଭିନେତା ଅମିର୍ ଖାନ୍ ଏବେ ତାଙ୍କର ନୂଆ ଲୁକ୍ ପାଇଁ ଚର୍ଚ୍ଚାକୁ ଆସିଛନ୍ତି । ଇତିମଧ୍ୟରେ ଅମିର୍‌ଙ୍କର ଏକ ଭିଡିଓ ଭାଇରାଲ ହୋଇଛି । ଯେଉଁଥିରେ ସେ 'ସିତାରେ ଜମିନ୍ ପର୍' ଟିମ୍ ସହ ନାଚୁଥିବାର ଦେଖାଯାଇଛନ୍ତି । ଏହି ସମୟରେ ସେ ବେଶ୍ ମୋଟା ଦେଖାଯାଉଛନ୍ତି । ଅମିର୍‌ଙ୍କ ଏହି ଲୁକ୍‌କୁ ତାଙ୍କ ପ୍ରଶଂସକମାନେ 'ସିତାରେ ଜମିନ୍ ପର' ଲୁକ୍ ସହ ତୁଳନା କରୁଛନ୍ତି । 'ସିତାରେ ଜମିନ୍ ପର୍'ରେ ଅମିର୍ ବେଶ୍ ପତଳା ଦେଖାଯାଉଥିଲେ । ତେବେ ଅମିର୍ 'ଦାଦା ସାହେବ ଫାଲ୍‌କେ' ଫିଲ୍ମ ପାଇଁ ତାଙ୍କ ଓଜନ ବୃଦ୍ଧି କରିଥିବା ଚର୍ଚ୍ଚା ହେଉଛି । ରାଜକୁମାର ହିରାନୀ 'ଦାଦା ସାହେବ ଫାଲ୍‌କେ'ଙ୍କ ବାୟୋଗ୍ରାଫି ପାଇଁ ଅମିର୍‌ଙ୍କୁ ସାଇନ୍ କରିଥିବା ଜଣାପଡ଼ିଛି । ଏହାପୂର୍ବରୁ ଅମିର୍ 'ଦଙ୍ଗଲ' ଫିଲ୍ମ ପାଇଁ ଓଜନ ବଢ଼ାଇଥିଲେ । ଏହା ବକ୍ସ ଅଫିସ୍‌ରେ ୨୦୦୦ କୋଟିର ବିଜିନେସ୍ କରିଥିଲା । ତେବେ 'ଦଙ୍ଗଲ'ର ସଫଳତାକୁ ଦୋହରାଇବା ପାଇଁ ଅମିର୍ 'ଦାଦାସାହେବ ଫାଲ୍‌କେ' ଫିଲ୍ମ ପାଇଁ ଓଜନ ବଢ଼ାଇଥିବା ମଧ୍ୟ ଚର୍ଚ୍ଚା ହେଉଛି ।

## ସଞ୍ଜୀବନୀ

### 'ସକାଳ'ର ସ୍ୱାସ୍ଥ୍ୟ
# ଟମାଟୋ ଫ୍ଲୁ

**ଋତୁପରିବର୍ତ୍ତନ ଦ୍ୱାରା ସାଧାରଣତଃ ଭୂତାଣୁଜନିତ ସଂକ୍ରମଣ ଅଧିକ ବୃଦ୍ଧିପାଏ । ଦୂଷିତ ବାୟୁ ଯୋଗୁଁ ଥଣ୍ଡା, କାଶ, ଜ୍ୱର ସହିତ ଶ୍ୱାସ ସମସ୍ୟା ଦ୍ୱିଗୁଣିତ ହୋଇଥାଏ । ଏହି କ୍ରମରେ ଏବେ ଦେଶରେ ଟମାଟୋ ଫ୍ଲୁ ନାମକ ଭୂତାଣୁ ଚିନ୍ତା ବଢ଼ାଉଛି । ଏହି ଜ୍ୱରର କାରଣ, ଲକ୍ଷଣ ଓ ଚିକିତ୍ସା ବିଷୟରେ ଜାଣିବା..**



ଟମାଟୋ ଫ୍ଲୁ ଏକ ଭୂତାଣୁ ସଂକ୍ରାମକ ରୋଗ । ସାଧାରଣତଃ ୫ବର୍ଷରୁ କମ୍ ବୟସର ପିଲାଙ୍କୁ ଏହା ଅଧିକ ପ୍ରଭାବିତ କରିଥାଏ । ବର୍ଷାଦିନେ ବାତାବାରଣ ଆର୍ଦ୍ର ଥିବାରୁ ଏହି ସମୟରେ ପରିବେଶରେ ମଶା, ମାଛି ତଥା ବିଭିନ୍ନ ଭୂତାଣୁ ଶୀଘ୍ର ବଢ଼ିଥାନ୍ତି । ପିଲାଙ୍କ ଶରୀରରେ ରୋଗପ୍ରତିରୋଧକ ଶକ୍ତି କମ୍ ଥିବାରୁ ସେମାନେ ଅନ୍ୟପିଲାଙ୍କ ସହ ଖେଳିବା କିମ୍ବା ଖାଇବା ଦ୍ୱାରା ଏହି ଭୂତାଣୁ ସଂକ୍ରମଣର ଶିକାର ହୋଇଥାନ୍ତି । ତେବେ ସଂକ୍ରମିତ ପିଲାଙ୍କ ଚର୍ମରେ ଲାଲ ଏବଂ ଗୋଲ ଗୋଲ ଟମାଟୋ ଆକାର ଫଳିଯାଉଥିବାରୁ ଏହାକୁ ଟମାଟୋ ଫ୍ଲୁ କୁହାଯାଇଥାଏ । ଏଥିରେ ସଂକ୍ରମିତ ପିଲାଙ୍କ ଶରୀରରେ ବିଭିନ୍ନ ଲକ୍ଷଣ ଯଥା- ପାଞ୍ଚଦିନ ଧରି ଜ୍ୱର ଲାଗି ରହିବା, ଦୁର୍ବଳ ଓ ଥକ୍କା ଅନୁଭବ କରିବା, ହାତ ଗୋଡ କିମ୍ବା ମୁହଁ ଓ ଜିଭରେ ଟମାଟୋ ପରି ଛୋଟ ଦାନା ବାହାରି ପୋଡ଼ାଜଳା କିମ୍ବା କୁଣ୍ଡାଇ ହେବା, ମୁଣ୍ଡବିନ୍ଧା, ଗଳା ଦରଜ, ଖାଦ୍ୟ ଢ଼ୋକିବାରେ ସମସ୍ୟା, ଆଣ୍ଠୁ ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଯାଏ । ଏହି ଲକ୍ଷଣକୁ ଅଣଦେଖା କଲେ ଏହା ରୋଗପ୍ରତିରୋଧକଶକ୍ତିକୁ ହ୍ରାସ କରିଦିଏ । ସେଥିପାଇଁ ଉପରୋକ୍ତ ଲକ୍ଷଣ ଦେଖିବାମାତ୍ରେ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରିବା ଆବଶ୍ୟକ । ଏହା ସହିତ ପିଲାଙ୍କ ଖାଦ୍ୟପେୟ ଓ ସ୍ୱଚ୍ଛତାକୁ ଧ୍ୟାନ ଦେବା ଜରୁରି । ଘର ପରିବେଶକୁ ସଫା ରଖିବା ଦ୍ୱାରା ଭୂତାଣୁ ସଂକ୍ରମଣର ଆଶଙ୍କା ହ୍ରାସ ପାଏ । ସେହିପରି ରୋଗାକ୍ରାନ୍ତ ପିଲାଙ୍କୁ ଅନ୍ୟପିଲାଙ୍କଠାରୁ ଦୂରେଇ ରଖିବା ଆବଶ୍ୟକ । ପିଲାଙ୍କୁ ପର୍ଯ୍ୟାପ୍ତ ମାତ୍ରାର ପାଣି ପିଆଇବା ସହିତ ପୌଷ୍ଟିକ ଖାଦ୍ୟ ଦେବା ଦରକାର । ଧ୍ୟାନ ଦେବେ, ପିଲା ଯେମିତି ଫୋଟକାକୁ ନ କୁଣ୍ଡାନ୍ତି । ସଂକ୍ରମିତ ପିଲାଙ୍କୁ ସ୍କୁଲ କିମ୍ବା ବାହାରକୁ ଖେଳିବାକୁ ଛାଡନ୍ତୁନି । ବାହାର ଖାଦ୍ୟ ଏବଂ ଆମିଷ ଖାଦ୍ୟଠୁ ଦୂରେଇ ରଖନ୍ତୁ । ଧୂଳିଠାରୁ ପିଲାଙ୍କୁ ଦୂରେଇ ରଖିବା ସହ ଡାକ୍ତରୀ ପରାମର୍ଶ ଅନୁସାରେ ଔଷଧ ଦେଲେ ଜ୍ୱରର ତୀବ୍ରତା କମି ଥାଏ ।

## ଆଇଡ୍ରପ୍ ପକାଉଥିଲେ...

**ଆଖି ମନୁଷ୍ୟ ଶରୀରର ସବୁଠୁ ସୂକ୍ଷ୍ମ ଅଙ୍ଗ । ବୟସ ହେଲେ କିମ୍ବା ଅନ୍ୟ କୌଣସି କାରଣରୁ ଦୃଷ୍ଟି ଶକ୍ତି ହ୍ରାସ ପାଇଲେ, ଡାକ୍ତରଙ୍କ ପରାମର୍ଶରେ ଆଖିର ଯତ୍ନ ନିଆଯାଏ । ଆଖି ସଂକ୍ରମଣ କିମ୍ବା ଗ୍ଲୁକୋମା ଆଦି ହେଲେ ଆଇ ଡ୍ରପ୍ ବ୍ୟବହାର କରାଯାଏ । ହେଲେ ଜାଣନ୍ତିକି ଭୁଲ୍ ଶୈଳୀରେ ଆଇ ଡ୍ରପ୍ ପକାଇବା ଦ୍ୱାରା ଏହା ଆଖି ସଂକ୍ରମଣର କାରଣ ସାଜିପାରେ ।**



ଆଖିରେ କୌଣସି ସମସ୍ୟା ଦେଖା ଗଲେ, ଡାକ୍ତରଙ୍କ ପରାମର୍ଶ ଅନୁସାରେ ଆଖିର ଯତ୍ନ ନିଆଯାଏ । ତେଣୁ ଡାକ୍ତର ପ୍ରେସ୍କ୍ରାଇବ କରିଥିବା ଆଖିଡ୍ରପ୍‌କୁ ସଠିକ୍ ଶୈଳୀ ଏବଂ ସାବଧାନତା ସହିତ ପକାଇବା ଦ୍ୱାରା ଏହା ଚକ୍ଷୁ ଜନିତ ସମସ୍ୟା କମ୍ କରିବାରେ ସହାୟ ହୋଇଥାଏ । ହେଲେ ଅଧିକାଂଶ ଭୁଲ୍ ଶୈଳୀରେ ଆଇ ଡ୍ରପ୍ ପକାନ୍ତି । ଏହାଦ୍ୱାରା ଆଖି ସଂକ୍ରମଣର କାରଣ ସାଜିପାରେ । ପାର୍ଶ୍ୱପ୍ରତିକ୍ରିୟା ସୃଷ୍ଟି ହୋଇପାରେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗ୍ଲୁକୋମା ରୋଗୀମାନେ ଆଖିରେ ଡ୍ରପ ପକାଇବା ପୂର୍ବରୁ ଭଲଭାବେ ହାତ ଧୋଇବା ଦରକାର । ଡ୍ରପ ପକାଇଲା ପରେ ଆଖିର କୋଣରେ ନଳିକା ନିକଟେ (ଟିଅରଡକ୍ଟ) ୧ ମିନିଟ୍ ପର୍ଯ୍ୟନ୍ତ ହାଲୁକା ଚାପ ଦେଲେ ଔଷଧ ଭଲ ଭାବେ କାମ କରିଥାଏ । ଡାକ୍ତର ଯେପରି ମାତ୍ରା ଓ ସମୟ କହିଛନ୍ତି ସେହିଭଳି କରିବା ଆବଶ୍ୟକ ।

ସେହିପରି ଆଇଡ୍ରପ୍ ଦ୍ୱାରା ଆଖିକୁ ଛୁଇଁବା ତଥା ହାତ ନ ଧୋଇ ଆଖିରେ ହାତ ମାରିବା ଅଭ୍ୟାସ ସଂକ୍ରମଣ ବୃଦ୍ଧି କରାଏ । ଅଧିକାଂଶ ଆଇ ଡ୍ରପ୍‌ର ଏକ୍ସପାଏରୀ ତାରିଖ ଦେଖନ୍ତିନି କିମ୍ବା ଖୋଲା ପଡ଼ିଥିବା ପୁରୁଣା ଆଇ ଡ୍ରପ୍ ବ୍ୟବହାର କରିଦିଅନ୍ତି । ଏଥିଯୋଗୁଁ ଆଖି ସଂକ୍ରମଣ ହୁଏ । ଲେନ୍ସ ବ୍ୟବହାର କରୁଥିଲେ, ଆଇଡ୍ରପ ବ୍ୟବହାର ପୂର୍ବରୁ ଲେନ୍ସକୁ କାଢ଼ିଦେବା ମଧ୍ୟ ଜରୁରି । ସେହିପରି ଡ୍ରପ୍ ପକାଇ ଆଖିକୁ ତୁରନ୍ତ ବନ୍ଦ ନ କଲେ ବି ଆଖି ସଂକ୍ରମଣର କାରଣ ସାଜିପାରେ । ତେଣୁ ପଛକୁ ମୁଣ୍ଡ କରି ତଳ ଆଖି ପତାକୁ ହାଲୁକା ଟାଣି ଆଇଡ୍ରପ୍ ପକାଇବା ଉଚିତ । ଡ୍ରପ୍ ପକାଇବା ସମୟରେ ଡ୍ରପର ଆଖିକୁ ଯେପରି ସ୍ପର୍ଶ ନ କରେ ତାହା ଧ୍ୟାନ ଦେବା ଦରକାର । ଡ୍ରପ୍ ପକାଇବା ପରେ ତୁରନ୍ତ ଆଖିକୁ ବନ୍ଦ କରିବା ହିତକର ।

## ଫ୍ୟାଟ୍ ୱାଲେଟ୍ ସିଣ୍ଡ୍ରୋମ

ମହିଳାଙ୍କ ଅପେକ୍ଷା ପୁରୁଷମାନେ ଅଧିକ ସମୟ ପଛ ପକେଟ୍‌ରେ ପର୍ସ ବା ୱାଲେଟ୍ ରଖିଥାନ୍ତି । ହେଲେ ଏହି ଅଭ୍ୟାସ ସ୍ୱାସ୍ଥ୍ୟ ପାଇଁ ଗମ୍ଭୀର ସମସ୍ୟା ସୃଷ୍ଟି କରିପାରେ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଦୀର୍ଘ ସମୟ ଅଫିସ୍‌ରେ ରହିବା ତଥା ଗାଡ଼ି ଚଳାଇବା ସମୟରେ ପଛ ପକେଟ୍‌ରେ ପର୍ସ ରଖିବା ଦ୍ୱାରା ଏହା ଅଜାଣତରେ ହାଡ଼ ଏବଂ ମାଂସପେଶୀ ଉପରେ ଚାପ ପକାଏ । ଏହି ଚାପ ସ୍ନାୟୁ ଏବଂ ମାଂସପେଶୀଙ୍କୁ ପ୍ରଭାବିତ କରି ସାଇଟିକା ପରି ଗମ୍ଭୀର ରୋଗ ସୃଷ୍ଟି କରେ । ଡାକ୍ତରୀ ଭାଷାରେ ଏହାକୁ 'ଫ୍ୟାଟ୍ ୱାଲେଟ୍ ସିଣ୍ଡ୍ରୋମ' ବା 'ୱାଲେଟ୍ ନ୍ୟୁରୋପାଥି' କୁହାଯାଏ । ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ପର୍ସ ମୋଟା ହେଉ କି ପତଳା, ପଛ ପକେଟ୍‌ରେ ଦୀର୍ଘ ସମୟ ରଖିବା ଦ୍ୱାରା ସ୍ନାୟୁ ଏବଂ ମାଂସପେଶୀ ପ୍ରଭାବିତ ହୁଏ । ଅଣ୍ଟା ଏବଂ ପାଦ ଯନ୍ତ୍ରଣା ପରି ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ । ସେହିପରି ପକେଟ୍‌ରେ ପର୍ସ ସହିତ ବସିବା ଦ୍ୱାରା ମେରୁଦଣ୍ଡ ପ୍ରଭାବିତ ହୋଇ ଧୀରେ ଧୀରେ ଏହା ବଙ୍କା ହୋଇପାରେ । ଏହାର ପ୍ରଭାବ କେବଳ ବସିବା ସମୟରେ ନୁହେଁ, ବରଂ ଛିଡ଼ା ହେବା କିମ୍ବା ଚଲାବୁଲା କରିବାରେ ଅନୁଭୂତ ହୋଇଥାଏ । ରକ୍ତ ସଞ୍ଚାଳନ ସଠିକ୍ ଭାବେ ହୋଇ ନ ଥାଏ । ନିୟମିତ ଶାରୀରିକ କାର୍ଯ୍ୟକଳାପ, ଫିଜିଓଥେରାପି, ଯୋଗ ଆଦି କଲେ ଏହି ସମସ୍ୟାରୁ ଉପଶମ ମିଳିପାରେ । ତେଣୁ ପର୍ସକୁ ସର୍ବଦା ଆଗ ପକେଟ୍‌ରେ ରଖିବା ସୁରକ୍ଷିତ ଉପାୟ । ଦୀର୍ଘ ସମୟ ଧରି ପିଠି କିମ୍ବା ପାଦରେ ଯନ୍ତ୍ରଣା ହେଉଥିଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି ।

## ବହୁ ରୋଗର ମହୌଷଧି ଗୁଳୁଚି



**ଗିଲୋୟ ବା ଗୁଳୁଚିର ବୈଜ୍ଞାନିକ ନାଁ ଟିନୋସ୍ପୋରା କୋରଡିଫୋଲିଆ । ଆୟୁର୍ବେଦରେ ଏହାକୁ ଅମୃତା ବୋଲି କୁହାଯାଏ । ଆମ୍ବ, ଲିଚୁ, ପିଜୁଳି ଆଦି ବଡ଼ଗଛମାନଙ୍କ ଉପରେ ଏହା କୁଣ୍ଡଳୀ ଆକାରର ମାଡ଼ିଥାଏ । ଏହାର ପତ୍ରଗୁଡକ ହୃଦୟାକାର, ପାନପତ୍ର ସଦୃଶ ଅଟେ । ଏହା କେବଳ ଏକ ଔଷଧୀୟ ଗଛ ନୁହେଁ, ବରଂ ପ୍ରାକୃତିକ ଟନିକ୍ ଭାବେ ଶରୀରରେ ବହୁ ରୋଗ ଦୂର କରିପାରେ ।**

- ପ୍ରତିଦିନ ସକାଳୁ ଖାଲି ପେଟରେ ୨ରୁ ୩ଟି ଗୁଳୁଚି ପତ୍ରକୁ ଧୋଇ ଚୋବାଇଲେ, ଜ୍ୱର, ଡେଙ୍ଗୁ, ଗାଉଟ୍, ଆମଦୋଷ, ଅର୍ଶ, କାଶ, ଶ୍ୱାସ, ହୃଦ୍‌ରୋଗ, ବାତରକ୍ତ ଆଦି ରୋଗ ଦୂର ହୋଇଥାଏ । ଭୂତାଣୁ ଜନିତ ସଂକ୍ରମଣରେ ଏହା ପ୍ଲେଟଲେଟ୍‌ସ ସଂଖ୍ୟା ବଢ଼ାଇ ଶରୀରକୁ ସୁସ୍ଥ ରଖେ ।
- ଗୁଳୁଚି କ୍ୱାଥ ୫୦ମିଲି ସେବନ ଦ୍ୱାରା ପାଚନ ବିକାର ଯଥା- ଅଗ୍ନିମନ୍ଦ, ଯକୃତ ବିକାର, କାମଳ, ମଧୁମେହ, ଅମ୍ଳପିତ, କୃମି ଆଦି ରୋଗର ଉପଶମ ହୋଇଥାଏ ।
- ଗୁଳୁଚି ପତ୍ର ତଥା ନିମ୍ବ ପତ୍ରର ସମ ପରିମାଣରୁ କ୍ୱାଥ କରି ୫୦ମିଲି ପିଇଲେ ବାତରକ୍ତ, ଆମବାତ, ଚର୍ମରୋଗ ଆଦିରୁ ଉପଶମ ମିଳିଥାଏ ।
- ଗୁଳୁଚି ଲତାକୁ ଚାରିଗୁଣ ପାଣିରେ ସିଝାଇ ତାହାକୁ ଏକ ଗୁଣ ରଖି ସେଥିରେ ମହୁ ମିଶାଇ ପ୍ରତ୍ୟେହ ଦୁଇଥର ସେବନ କଲେ ସମସ୍ତ ପ୍ରକାର ଜ୍ୱରର ଉପଶମ ମିଳେ । ତେବେ ସର୍ବଦା ଚିକିତ୍ସକଙ୍କ ପରାମର୍ଶରେ ଅନୁମୋଦିତ ହାରରେ ଗୁଳୁଚି ବ୍ୟବହାର କରିବା ଆବଶ୍ୟକ । ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଗୁଳୁଚିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

■ ମହିଳା ଏସିଆ କପ୍ ହକି

## ସୁପର୍-୪ରେ ଭାରତର ପ୍ରଥମ ପରାଜୟ



ହାଙ୍ଗଝୋଉ, ୧୧।୯ (ଏଜେନ୍ସି): ଚଳିତ ମହିଳା ଏସିଆ କପ୍ ହକିର ସୁପର୍-୪ ପର୍ଯ୍ୟାୟରେ ଭାରତ ପ୍ରଥମ ପରାଜୟବରଣ କରିଛି। ଗୁରୁବାର ଖେଳାଯାଇଥିବା ସୁପର୍-୪'ର ଏକ ମ୍ୟାଚରେ ଭାରତୀୟ ମହିଳା ଦଳ ୧-୪ ଗୋଲ୍‌ରେ ଘରୋଇ ଚାଇନା ନିକଟରୁ ହାରିଯାଇଛି। ପୂର୍ବରୁ ଭାରତ ଏହି ପର୍ଯ୍ୟାୟର ପ୍ରଥମ ମ୍ୟାଚରେ ୪-୨ ଗୋଲରେ ୩ଥରର ବିଜେତା ଦକ୍ଷିଣ କୋରିଆକୁ ପରାସ୍ତ କରିଥିଲା। ଫଳରେ ସୁପର୍-୪ ପର୍ଯ୍ୟାୟରେ ଦୁଇ ମ୍ୟାଚ୍ ଖେଳି ଭାରତ ୩ ପଏଣ୍ଟ ପାଇ ଚାଇନା (୬ ପଏଣ୍ଟ) ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ଭାରତ ଏବେ ଶେଷ ସୁପର୍-୪ ମ୍ୟାଚରେ ଶନିବାର ଜାପାନକୁ ଭେଟିବ। ଏହି ମ୍ୟାଚରେ ବିଜୟୀ ହେଲେ ଦଳ ଫାଇନାଲ ଖେଳିବାର ସମ୍ଭାବନା ରହିଛି।

ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ର ୪ର୍ଥ ମିନିଟ୍‌ରେ ଚାଇନାର ଜୋଉ ମେରିଅଙ୍ଗ ଏକ ଫିଲ୍ଡ ଗୋଲ୍ ଦେଇ ଭାରତକୁ ଆରମ୍ଭରୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲେ। ଏହାପରେ ପ୍ରଥମାର୍ଦ୍ଧ ସୁଦ୍ଧା ଆଉ କୌଣସି ଗୋଲ୍ ଦେଖିବାକୁ ମିଳି ନ ଥିଲା। ତେବେ ଦ୍ୱିତୀୟାର୍ଦ୍ଧ ଚାଇନା ଆହୁରି ଆକ୍ରମଣାତ୍ମକ ପ୍ରଦର୍ଶନ କରି ୩ଟି ଗୋଲ୍ ଦେଇଥିଲା। ଭାରତ ପାଇଁ ମୁମତାଜ ଖାନ ଗୋଟିଏ ଗୋଲ୍ ଶୁଝିଥିଲେ ମଧ୍ୟ ଦଳକୁ ୧-୪ ଗୋଲରେ ପରାଜୟରୁ ରକ୍ଷା କରିପାରି ନ ଥିଲେ।

■ ମହିଳା ବିଶ୍ୱକପ୍ ଇତିହାସରେ ପ୍ରଥମ

## ସମସ୍ତ ଅଫିସିଆଲ୍ ମହିଳା

ଦୁବାଇ, ୧୧।୯ (ଏଜେନ୍ସି): ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ଚଳିତ ମାସ ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ



ଆରମ୍ଭ ହେବାକୁ ଯାଉଛି। ତେବେ ଏହି ମେଗା ଇଭେଣ୍ଟ ଲାଗି ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଆଇସିସି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଇତିହାସରେ ପ୍ରଥମଥର ଲାଗି ମହିଳା ଦିନିକିଆ ବିଶ୍ୱକପ୍ ପରିଚାଳନା ଲାଗି ସମ୍ପୂର୍ଣ୍ଣ ମହିଳା ଅଧିକାରୀ ପ୍ୟାନେଲ ଘୋଷଣା କରିଛି। ଗୁରୁବାର ଆଇସିସି ପକ୍ଷରୁ ଆଗାମୀ ବିଶ୍ୱକପ୍ ଲାଗି ୧୮ ଜଣିଆ ଅଫିସିଆଲ୍‌ଙ୍କ ନାମ ଘୋଷଣା କରାଯାଇଛି। ଯେଉଁଥିରେ ୧୪ଜଣ ଅମ୍ପାୟର ଓ ୪ଜଣ ରେଫରୀ ରହିଛନ୍ତି। ଏହି ୧୮ ଜଣ ଅଫିସିଆଲ୍ ବିଶ୍ୱକପ୍‌ରେ ମୋଟ୍ ୩୧ଟି ଯାକ ମ୍ୟାଚ୍ ପରିଚାଳନା କରିବେ। ଘୋଷିତ ଅଫିସିଆଲ୍‌ଙ୍କ ମଧ୍ୟରେ କ୍ଲେୟାର ପୋଲୋସାକ, ଜ୍ୟାକଲିନ ୱିଲିଅମ୍ସ ଓ ସୁଏ ରେଡଫର୍ନ ୩ୟଥର ଲାଗି ବିଶ୍ୱକପ୍ ପରିଚାଳନା କରିବାର ସୁଯୋଗ ପାଇଛନ୍ତି। ସେହିଭଳି ୪ଜଣ ମ୍ୟାଚ୍ ରେଫରୀଙ୍କ ମଧ୍ୟରେ ଭାରତର ଜିଏସ୍ ଲକ୍ଷ୍ମୀ ରହିଛନ୍ତି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ମହିଳା ଟି-୨୦ ବିଶ୍ୱକପ୍‌ର ଗତ ଦୁଇଟି ସଂସ୍କରଣ ଓ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସମସ୍ତ ଅଧିକାରୀ ମହିଳା ରହିଥିଲେ। ଆଇସିସି ଏହି ଧାରାକୁ ଏବେ ଦିନିକିଆ ବିଶ୍ୱକପ୍‌ରେ ସାମିଲ କରିଛି।

ପହଲଗାମ ଆକ୍ରମଣ, ରୋହିତ୍-ବିରାଟଙ୍କ ଅନୁପସ୍ଥିତି

# ଭାରତ-ପାକିସ୍ତାନ ମ୍ୟାଚ୍‌ରୁ ମୁହଁ ଫେରାଉଛନ୍ତି ଦର୍ଶକ

ଦୁବାଇ, ୧୧।୯ (ଏଜେନ୍ସି):

ଚଳିତ ଏସିଆ କପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭାରତ-ପାକିସ୍ତାନ ମ୍ୟାଚକୁ ଆଉ ୨ ଦିନ ବାକି ରହିଛି। ତେବେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଦେଶ ମଧ୍ୟରେ ଖେଳାଯିବାକୁ ଥିବା ଏହି ହାଇଭୋଲଟେଜ ମୁକାବିଲାକୁ ନେଇ ଏଥର କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ଆଗଭଳି ଆଉ ଉତ୍ସାହ ନ ଥିବା ପରିଲକ୍ଷିତ ହୋଇଛି। ଏହାର ଜ୍ୱଳନ୍ତ ଉଦାହରଣ ମ୍ୟାଚର ଟିକଟ୍ ବିକ୍ରିରୁ ଜଣାପଡ଼ିଛି। ରାଜନୈତିକ କାରଣ ଲାଗି ଭାରତ-ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ କ୍ରିକେଟ୍ ସିରିଜ ଦୀର୍ଘ ଏକ ଦଶନ୍ଧିରୁ ଧରି ବନ୍ଦ ରହିଛି। କେବଳ ଆଇସିସି ଇଭେଣ୍ଟ ଓ ଏସୀୟ ଟୁର୍ଣ୍ଣାମେଣ୍ଟଗୁଡ଼ିକରେ ଏହି ଦୁଇଦେଶ ପରସ୍ପର ବିପକ୍ଷରେ ଖେଳିଥାନ୍ତି। ତେଣୁ ଯେତେବେଳେ ବି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାରତ-ପାକିସ୍ତାନ ମ୍ୟାଚ୍ ଖେଳାଯାଇଥାଏ ଏହାର ଟିକଟ୍ ବିକ୍ରି ଆରମ୍ଭ ହେବାର ମାତ୍ର କେଇ ଘଣ୍ଟା ମଧ୍ୟରେ ଶେଷ ହୋଇଯାଇଥାଏ। କିନ୍ତୁ ଏଥର ଏସିଆ କପ୍‌ରେ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି। ଏହି ହାଇଭୋଲଟେଜ ମୁକାବିଲା ଲାଗି ପ୍ରାୟ ଦୁଇ ସପ୍ତାହ ହେବ ଟିକଟ୍ ବିକ୍ରି ଆରମ୍ଭ ହେଲାଣି। କିନ୍ତୁ ବର୍ତ୍ତମାନ ସୁଦ୍ଧା ମଧ୍ୟ ଟିକଟ୍ ବଳକା ରହିଥିବା ଜଣାପଡ଼ିଛି।

ଏଥର ଭାରତ-ପାକିସ୍ତାନ ମ୍ୟାଚର ଟିକଟ୍ ବିକ୍ରି ନ ହେବା ପଛରେ ଏକାଧିକ କାରଣ ରହିଥିବା କୁହାଯାଉଛି। ସେଥିମଧ୍ୟରୁ ଗତ ପହଲଗାମ ଆକ୍ରମଣକୁ ନେଇ ସୃଷ୍ଟି ହୋଇଥିବା ଉତ୍ତେଜନାମୂଳକ ପରିସ୍ଥିତି ଯୋଗୁ ଦେଶବାସୀଙ୍କ ମନୋଭାବ ପରିବର୍ତ୍ତନ ହୋଇଥିବା କୁହାଯାଉଛି। ଯେଉଁଥି ପାଇଁ ଜାତୀୟ ଭାବନାକୁ ଦୃଷ୍ଟିରେ ରଖି ଭାରତୀୟ ଦର୍ଶକଙ୍କ ମଧ୍ୟରେ ଏହି ମ୍ୟାଚକୁ ନେଇ ଆଗ୍ରହ ନ ଥିବା କୁହାଯାଉଛି। ସେହିଭଳି ଟିକଟ୍ ବିକ୍ରି ନ ହେବାର ଆଉ କାରଣ ହେଉଛି ଭାରତୀୟ ଦଳର ଦୁଇ ତାରକା ଖେଳାଳି ରୋହିତ୍ ଶର୍ମା ଓ ବିରାଟ କୋହଲିଙ୍କ ଅନୁପସ୍ଥିତି। ଗତ ଦଶନ୍ଧି ମଧ୍ୟରେ ପ୍ରଥମଥର ଲାଗି ପାକିସ୍ତାନ ବିପକ୍ଷ ଏକ ମ୍ୟାଚରେ ଏହି ଦୁଇ ଖେଳାଳି ଖେଳୁ ନ ଥିବାରୁ ଦର୍ଶକଙ୍କ ଉତ୍ସାହରେ ଏହା ପ୍ରଭାବ ପକାଇଛି ବୋଲି ଆୟୋଜକ ୟୁଏଇ କ୍ରିକେଟ୍ ସଂଘ ପକ୍ଷରୁ ମଧ୍ୟ ସ୍ୱୀକାର କରାଯାଇଛି। ଏହାବାଦ୍ ପ୍ରିମିୟମ ଟିକଟ୍‌ର ମୂଲ୍ୟ ଅତ୍ୟଧିକ ଉଚ୍ଚ ରହିଥିବାରୁ ଦର୍ଶକ ଏହି ମ୍ୟାଚରୁ ମୁହଁ ମୋଡୁଥିବା କୁହାଯାଇଛି। ଦୁଇଟି ପ୍ରିମିୟମ ଟିକଟ୍‌ର ମୂଲ୍ୟ ଏଥର ଅଢ଼େଇ ଲକ୍ଷ ଟଙ୍କା ରହିଛି।

DP WORLD ASIA CUP
ଆଜିର ମ୍ୟାଚ୍
ପାକିସ୍ତାନ-ଓମାନ
ଭେନ୍ୟୁ : ଦୁବାଇ
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ



## ବାଂଲାଦେଶର ସହଜ ବିଜୟ

ଆବୁଧାବି, ୧୧।୯ (ଏଜେନ୍ସି): ଅଧିନାୟକ ଲିଟନ ଦାସ (୩୯ ବଲ୍‌ରେ ୫୯ ରନ୍)ଙ୍କ ଦ୍ରୁତ ଅର୍ଦ୍ଧଶତକ ଓ ବୋଲରଙ୍କ ଶୃଙ୍ଖଳିତ ପ୍ରଦର୍ଶନ ବଳରେ ଏ ୦ । ୬ ର ଗୁରୁବାର ଅନୁଷ୍ଠିତ ଏସିଆ କପ୍ ଗ୍ରୁପ୍-ବି'ର ଏକ ଲିଗ୍ ମ୍ୟାଚ୍‌ରେ ବାଂଲାଦେଶ ୭ ୱିକେଟରେ ହଂକଂ ଚୀନ୍‌କୁ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଛି। ଟୁର୍ଣ୍ଣାମେଣ୍ଟରେ ବାଂଲାର ଏହା ପ୍ରଥମ ବିଜୟ ହୋଇଥିଲାବେଳେ କ୍ରମାଗତ ପରାଜୟ ସହ ହଂକଂ ସୁପର-୪ ପର୍ଯ୍ୟାୟରୁ ବାଦ୍ ପଡ଼ିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ହଂକଂ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୪୩ ରନ୍ କରିଥିଲା। ଦଳ ପକ୍ଷରୁ ନିଜାଖତ ଖାନ୍ ୪୨, ଜୀଶାନ ଅଲ୍ଲୀ ୩୦ ଓ ୟସିମ ମୁର୍ତ୍ତାଜା ୨୮ ରନ୍ କରିଥିଲେ। ଜବାବରେ ବାଂଲାଦେଶ ୧୭.୪ ଓଭରରେ ୩ ୱିକେଟ ହରାଇ ବିଜୟଲକ୍ଷ୍ୟରେ ପହଞ୍ଚିଥିଲା। ଲିଟନଙ୍କ ବ୍ୟତୀତ ତୋହିଦ୍ ହୃଦୟ ୩୫* ରନ୍ କରିଥିଲେ। ହଂକଂ ଇନିଂସରେ ବାଂଲାର ତସ୍କିନ ଅହମ୍ମଦ୍, ତାଞ୍ଜିମ ଓ ରିଶାଦଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା।

### ମ୍ୟାଚ୍ ବନ୍ଦ କରିବାକୁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ଚଳିତ ଏସିଆ କପ୍‌ରେ ରବିବାର ଡିଫେଣ୍ଡିଂ ଚାମ୍ପିଅନ ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଖେଳାଯିବ। ତେବେ କାର୍ଯ୍ୟସୂଚୀ ଘୋଷଣା ହେବା ଦିନଠାରୁ ଏହି ମ୍ୟାଚକୁ ନେଇ ବିବାଦ ଲାଗି ରହିଛି। ସଦ୍ୟ ସୁପ୍ରିମକୋର୍ଟରେ ଏହି ଭାରତ-ପାକିସ୍ତାନ ମ୍ୟାଚକୁ ବନ୍ଦ କରିବା ନେଇ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା। କିନ୍ତୁ ସର୍ବୋଚ୍ଚ ଅଦାଲତ ଏହି ଆବେଦନର ଶୁଣାଣି କରିବାକୁ ମନା କରିଦେଇଛନ୍ତି। 'ଏତେ ଶୀଘ୍ର ଏହାକୁ ତାଲିକାଭୁକ୍ତ କରିବା ପାଇଁ କାହିଁକି କୁହାଯାଉଛି। ଏହା କେବଳ ଏକ ମ୍ୟାଚ୍। ଏହି ମ୍ୟାଚ୍ ବନ୍ଦ ହେବ ନାହିଁ, ଏହାକୁ ଖେଳାଯିବାକୁ ଦିଆଯାଉ' ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଉଲ୍ଲେଖଯୋଗ୍ୟ, ୪ଜଣ ଏଲ୍‌ଏଲ୍‌ବି ଛାତ୍ର ଭାରତ-ପାକିସ୍ତାନ ଏସିଆ କପ୍ ମ୍ୟାଚ୍ ବାତିଲ କରିବାକୁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ।

## ଭାଗ୍ୟଶ୍ରୀ ସ୍ମାରକୀ ଏସ୍‌ଆର ଓପନ ଚେସ୍ ୨୭ରୁ

ଭୁବନେଶ୍ୱର,୧୧।୯ (ସମିସ): ରାଜ୍ୟର ଅଗ୍ରଣୀ ପ୍ରଶିକ୍ଷଣ କେନ୍ଦ୍ର ଏସ୍‌ଆର ଚେସ୍ ସେଣ୍ଟର ପକ୍ଷରୁ ଆଉ ଏକ ମେଗା ଚେସ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ଯାଉଛି। ଏହି ଟୁର୍ଣ୍ଣାମେଣ୍ଟ ନାମ ରଖାଯାଇଛି ଭାଗ୍ୟଶ୍ରୀ ସ୍ମାରକୀ ଏସ୍‌ଆର୍ ଅଲଓଡ଼ିଶା ଓପନ ଫିଡେ ରେଟିଂ ଚେସ୍ ଟୁର୍ଣ୍ଣାମେଣ୍ଟ। ଏଥିରେ ରାଜ୍ୟର ସମସ୍ତ ଖେଳାଳି ଏବଂ ଓଡ଼ିଶାରେ ରହୁଥିବା ବାହାର ଖେଳାଳି ଉପଯୁକ୍ତ ପ୍ରମାଣପତ୍ର ସହ ଅଂଶଗ୍ରହଣ କରିପାରିବେ। ଅବଶ୍ୟ ସେମାନଙ୍କୁ ୧,୦୦୦ ଟଙ୍କାର ଏଣ୍ଟ୍ରି ଫି ଦେବାକୁ ହେବ। ଏହା ବଦଳରେ ଚେସ୍ ସେଣ୍ଟର ପକ୍ଷରୁ ମୋଟ ୨ ଲକ୍ଷ ୧୦୦ ଟଙ୍କାର ନଗଦ ଅର୍ଥ, ୮୯ଟି ଆକର୍ଷଣୀୟ ଟ୍ରଫି ଓ ୫୪ଟି ପଦକ ପୁରସ୍କାର ଆକାରରେ ଦିଆଯିବ। ଚାମ୍ପିଅନ ଖେଳାଳିଙ୍କୁ ସର୍ବାଧିକ ୩୦,୦୦୦ ଟଙ୍କା, ରନର୍ସ ଅପ୍‌ଙ୍କୁ ୨୦,୦୦୦ ଓ ତୃତୀୟ ସ୍ଥାନ ହାସଲ କରିଥିବା ଖେଳାଳିଙ୍କୁ ୧୫,୦୦୦ ଟଙ୍କା ସହ ଅନ୍ୟାନ୍ୟ ପୁରସ୍କାର ଦିଆଯିବ। ଏହି ଟୁର୍ଣ୍ଣାମେଣ୍ଟଟି ଫୁଲନଖରାସ୍ଥିତ କୁରାଙ୍ଗ ଶାସନ ଆମପଲ୍ଲୀ ରିସର୍ଟର ଶୀତତାପ ନିୟନ୍ତ୍ରିତ ହଲ୍‌ରେ ଚଳିତ ମାସ ୨୭-୩୦ ଯାଏ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ଖେଳାଳିମାନେ ସଭାପତି ଶୁଭାଶିଷ ପଟ୍ଟନାୟକ- ଫୋନ୍ ନଂ- ୯୮୬୧୩ କିମ୍ବା ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଫୋନ୍ ନଂ- ୯୪୩୭୨୦୮୫୦୬ କିମ୍ବା ୭୦୦୮୯୭୩୯୫୦ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

**୨ ଲକ୍ଷ ଟଙ୍କା ପୁରସ୍କାର, ୮୯ ଟ୍ରଫି, ୫୪ ପଦକ**

ଦୁଲୀପ୍ ଟ୍ରଫି ଫାଇନାଲ

## ଦକ୍ଷିଣାଞ୍ଚଳକୁ ୧୪୯ରେ ଅଟକାଇଲେ ସାରାଂଶ-କାର୍ତ୍ତିକେୟ





ବେଙ୍ଗାଲୁରୁ, ୧୧।୯ (ଏଜେନ୍ସି): ଦୁଲୀପ ଟ୍ରଫିର ଫାଇନାଲ ମୁକାବିଲା ଗୁରୁବାରଠାରୁ ଏଠାରେ ଆରମ୍ଭ ହୋଇଛି। ସ୍ଥାନୀୟ ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସି ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ କେନ୍ଦ୍ରାଞ୍ଚଳ ବିପକ୍ଷରେ ବ୍ୟାଟିଂ କରି ଦକ୍ଷିଣାଞ୍ଚଳ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସ ମାତ୍ର ୧୪୯ ରନରେ ସୀମିତ ରହିଯାଇଛି। ଦଳ ପକ୍ଷରୁ ଓପନର୍ ତନ୍ମୟ ଅଗରୱାଲ ସର୍ବାଧିକ ୩୧ ରନ କରି ରନଆଉଟ୍ ହୋଇଥିଲେ। ସେହିଭଳି ସଲମନ ନାଜିର (୨୪), ଅଙ୍କିତ ଶର୍ମା (୨୦), ରିକି ଭୁଇ (୧୫), ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ (୪ ରନ) ପ୍ରମୁଖ ନିରାଶ କରିଥିଲେ। କେନ୍ଦ୍ରାଞ୍ଚଳ ପକ୍ଷରୁ ଅଫ୍-ସ୍ପିନର ସାରାଂଶ ଜୈନ ୫ ଓ ବାମହାତୀ ରିଷ୍ଟ ସ୍ପିନର କୁମାର କାର୍ତ୍ତିକେୟ ୪ଟି ୱିକେଟ୍ ନେଇ ଦକ୍ଷିଣାଞ୍ଚଳର ବ୍ୟାଟିଂ ଲାଇନଅପ୍‌କୁ ଧ୍ୱସ୍ତ କରିଦେଇଥିଲେ। ସାରାଂଶ ଗତ ସେମିଫାଇନାଲରେ ପଶ୍ଚିମାଞ୍ଚଳ ବିପକ୍ଷରେ ଉଭୟ ଇନିଂସରେ ମୋଟ୍ ୮ ୱିକେଟ୍ ସଫଳତା ପାଇଥିଲେ। ଏହି ଦମ୍‌ଦାର ପ୍ରଦର୍ଶନକୁ ସେ ଫାଇନାଲରେ ମଧ୍ୟ ଦୋହରାଇଛନ୍ତି। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା କେନ୍ଦ୍ରାଞ୍ଚଳ ପ୍ରଥମ ଦିବସ ଷ୍ଟମ୍ପ ସୁଦ୍ଧା ୧୯ ଓଭରରେ କୌଣସି ୱିକେଟ୍ ନ ହରାଇ ୫୦ ରନ ସଂଗ୍ରହ କରିଛି। ଦୁଇ ଓପନର୍ ଦାନିସ ମାଲେୱର ୨୮ ଓ ଅକ୍ଷୟ ୱାଦକର ୨୦ ରନରେ ଅପରାଜିତ ରହିଛନ୍ତି।

## ଭାରତ-ସ୍ୱିଜରଲାଣ୍ଡ ଡେଭିସ କପ୍ ମୁକାବିଲା ଶୁକ୍ରବାରରୁ

ନୂଆଦିଲ୍ଲୀ,୧୧।୯ (ଏଜେନ୍ସି): ଭାରତ ଓ ସ୍ୱିଜରଲାଣ୍ଡ ମଧ୍ୟରେ ଡେଭିସ୍ କପ୍ ୱାର୍ଲ୍ଡ ଗ୍ରୁପ୍-୧ ଟାଇ ଆସନ୍ତା ଶୁକ୍ରବାରଠାରୁ ବିଏଲ୍‌ରେ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ଦେଶର ପୂର୍ବତନ ନଂ-୧ ଖେଳାଳି ସୁମିତ ନାଗଲ ଦଳକୁ ଫେରିଥିବାରୁ ଭାରତ ତାଙ୍କ ପ୍ରଦର୍ଶନ ଉପରେ ନିର୍ଭର କରୁଛି। ଏହା ମଧ୍ୟରେ ମୁକାବିଲାର ଡ୍ର ଉଠାଣ ହୋଇଯାଇଛି। ପ୍ରଥମ ସିଙ୍ଗଲ୍ସରେ ଉଦୀୟମାନ ଦକ୍ଷିଣେଶ୍ୱର ସୁରେଶଙ୍କ ସହ ଜେରୋମ କିମ୍, ସୁମିତ ନାଗଲଙ୍କ ସହ ଆନ୍ଦ୍ରିଆ ହୁଏସଲର ଖେଳିବେ। ସେହିପରି ଡବଲ୍ସ ମୁକାବିଲାରେ ଭାରତର ଶ୍ରୀରାମ ବାଲାଜୀ-ରିତ୍ୱିକ ବୋଲିପାଲିଙ୍କ ସହ ଜାକୁବ ପଲ-ଡୋମିନିକ୍ ଷ୍ଟ୍ରିକର ଖେଳିବେ। ପାଲଟା ସିଙ୍ଗଲ୍ସରେ ନାଗଲଙ୍କ ସହ କିମ୍ ଓ ଦକ୍ଷିଣେଶ୍ୱରଙ୍କ ସହ ମାର୍କ-ଆନ୍ଦ୍ରେୟା ଖେଳିବେ।

■ ଓଡ଼ିଶା ପ୍ରୋ ଟି-୨୦ ଲିଗ ୨ ଦିନ ଘୁଞ୍ଚିଲା

## କ୍ୟାପ୍ଟେନ, କୋଚ୍‌ଙ୍କ ନାମ ଘୋଷଣା

କଟକ,୧୧।୯ (ସମିସ): ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଓଡିଶା ପ୍ରୋ ଟି-୨୦ ଲିଗର ୬ ଦଳର ଅଧିନାୟକଙ୍କ ନାମ ଘୋଷଣା କରାଯାଇଛି। ଆଜି ଓସିଏ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଟୁର୍ଣ୍ଣାମେଣ୍ଟର ସମସ୍ତ ଫ୍ରାଞ୍ଚାଇଜଙ୍କ ଦ୍ୱାରା ଗଠିତ ଦଳର ନାମ ବିଧିବଦ୍ଧ ଭାବେ ପ୍ରକାଶ କରାଯାଇଥିଲା। ଅନ୍ୟପକ୍ଷରେ ୧୫ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ଲିଗ୍‌କୁ ଦୁଇ ଦିନ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ୧୭ ତାରିଖରୁ ଲିଗ୍ ଆରମ୍ଭ ହେବ। ଆଜିର କାର୍ଯ୍ୟକ୍ରମରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ସଞ୍ଜୟ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

| ଫ୍ରାଞ୍ଚାଇଜ୍ | କ୍ୟାପ୍ଟେନ | ହେଡ କୋଚ୍ |
|---|---|---|
| କଟକ ପାନ୍ଥର୍ସ | ସ୍ୱସ୍ତିକ ସାମଲ | ପ୍ରଭଞ୍ଜନ ମଲିକ |
| ସମ୍ବଲପୁର ୱାରିୟର୍ସ | ଶୁଭ୍ରାଂଶୁ ସେନାପତି | ରଶ୍ମିରଞ୍ଜନ ଦାସ |
| ପୁରୀ ଟାଇଟନ୍ସ | ସନ୍ଦୀପ ପଟ୍ଟନାୟକ | ସୌରଭ ସେହଗଲ |
| ଭୁବନେଶ୍ୱର ଟାଇଗର୍ସ | ସୂର୍ଯ୍ୟକାନ୍ତ ପ୍ରଧାନ | ପ୍ରୀତମଜିତ୍ ଦାସ |
| କେଉଁଝର ମାଇନର୍ସ | ଗୋବିନ୍ଦ ପୋଦ୍ଦାର | ସଞ୍ଜୟ ଶତପଥି |
| ରାଉରକେଲା ଷ୍ଟିଲର୍ସ | ଆଶୀର୍ବାଦ ସ୍ୱାଇଁ | ସୁବିତ ବିଶ୍ୱାଳ |

# ଓଡ଼ିଶାରେ ହେବ ଚେସ୍ ପ୍ରିମିୟର ଲିଗ୍



ଭୁବନେଶ୍ୱର,୧୧।୯ (ସମିସ):

ଜାତୀୟସ୍ତରରେ ବିଭିନ୍ନ ଖେଳରେ ଚାଲିଥିବା ଫ୍ରାଞ୍ଚାଇଜ୍‌ଭିତ୍ତିକ ଲିଗ୍ ଭଳି ଓଡ଼ିଶାରେ ଏକ ଚେସ୍ ପ୍ରିମିୟର ଲିଗ୍ ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। କ୍ରୀଡ଼ା ଓ କର୍ପୋରେଟ୍ କ୍ରୀଡ଼ା ଆୟୋଜନ କରିବାର ଅଭିଜ୍ଞତା ଥିବା ଆଇକନିକ ସ୍ପୋର୍ଟ୍ସ ଫେଡେରେସନ (ଆଇଏସ୍‌ଏଫ୍) ଓ ଅଲଓଡ଼ିଶା ଚେସ୍ ଆସୋସିଏସନ (ଏଓସିଏ)ର ମିଳିତ ଉଦ୍ୟମରେ ଏହି ପ୍ରତିଯୋଗିତା ନଭେମ୍ବର ୧୪ରୁ ୧୬ ତାରିଖଯାଏ ଖେଳାଯିବ। ଏଥିଲାଗି ୧୨ଟି ଫ୍ରାଞ୍ଚାଇଜ୍ ଗଠନ କରାଯିବ ଓ ଅନ୍ୟ ପ୍ରିମିୟର ଲିଗ୍ ପରି ନିଲାମି ମାଧ୍ୟମରେ ଦଳ ଗଠନ କରାଯିବ। ଉଭୟ ଫ୍ରାଞ୍ଚାଇଜ୍ ଓ ଖେଳାଳିମାନଙ୍କୁ ପଞ୍ଜିକରଣ କରିବା ଲାଗି ଅକ୍ଟୋବର ୧୦କୁ ଶେଷ ତାରିଖ ରଖାଯାଇଛି। ଅକ୍ଟୋବର ୧୫ରେ ଫ୍ରାଞ୍ଚାଇଜ୍ ଓ ନିଲାମିରେ ଭାଗନେବାକୁ ମନୋନୀତ ହୋଇଥିବା ଖେଳାଳିଙ୍କ ନାମ ଘୋଷଣା କରାଯିବ। ଅକ୍ଟୋବର ୧୯ରେ ଖେଳାଳି ନିଲାମି କରାଯିବ। ଏସବୁ କାର୍ଯ୍ୟ ଆଇଏସ୍‌ଏଫ୍ ଓ ଏଓସିଏ ମିଳିତଭାବେ କରିବ। ଏହାକୁ ରୋଟାରୀ କ୍ଲବ୍ ୩୨୬୨ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦିଆଯିବ ବୋଲି ମନୋଜ ତ୍ରିପାଠୀ କହିଛନ୍ତି।

ଆଇକନିକ ପ୍ରିମିୟର ଲିଗ୍ ନାମରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୦ ଲକ୍ଷ ଟଙ୍କାର ପୁରସ୍କାର ଦିଆଯିବ। ଏହା ମଧ୍ୟରୁ ଚାମ୍ପିଅନ ଦଳକୁ ୫ ଲକ୍ଷ, ପ୍ରଥମ ରନର୍ସ ଅପ୍‌କୁ ୩ ଲକ୍ଷ ଓ ଦ୍ୱିତୀୟ ରନର୍ସ ଅପ୍‌କୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ଗୁରୁବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ସୂଚନା ଦେଇଥିଲେ। ଏହା ବ୍ୟତୀତ ପ୍ରତି ଫ୍ରାଞ୍ଚାଇଜ୍‌ଙ୍କୁ ୧ ଲକ୍ଷ ଟଙ୍କାର ଏଣ୍ଟ୍ରି ଫି ଦେବାକୁ ହେବ। ପ୍ରତି ଫ୍ରାଞ୍ଚାଇଜ୍‌କୁ ୨ ଲକ୍ଷ ଟଙ୍କାର ପାର୍ଟିସିପେସନ ଫି ଦିଆଯିବ। ଏହି ଟୁର୍ଣ୍ଣାମେଣ୍ଟକୁ ସଫଳ କରିବାକୁ ସେ ସମସ୍ତ ଚେସ୍ ଖେଳାଳି ଓ କର୍ମକର୍ତ୍ତାଙ୍କ ସହଯୋଗ ଲୋଡିଥିଲେ। ସେହିପରି ଏହାକୁ ସଫଳ କରିବାକୁ ହେଲେ ସମସ୍ତ ସ୍ଥାନୀୟ ଶୀର୍ଷ ଖେଳାଳିଙ୍କ ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ରାଜ୍ୟର ଦ୍ୱିତୀୟ ଆଇଏମ୍ ତଥା ପ୍ରୋଚେଷ୍ଟା ମୁଖ୍ୟ ପ୍ରଶାସକ ସ୍ୱୟଂଶୁ ସତ୍ୟପ୍ରାଜ୍ଞ ଏଓସିଏ ସମସ୍ତ ପ୍ରକାର ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଆଇଏସ୍‌ଏଫ୍‌ର ବରିଷ୍ଠ ପଦାଧିକାରୀ ଡ. ସଞ୍ଜୟ ଚୌଧୁରୀ ଡ. ଶେଖ ଅବଦୁଲ ସାମିମ, ବିଭୁପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତର ଚିଦାତ୍ମିକା ଖଟୁଆ ସଭା ପରିଚାଳନା କରିଥିଲେ। ଏହି ସମ୍ମିଳନୀରେ ରାଜ୍ୟ ଚେସ୍ ଆଇକନ୍ ତଥା ପ୍ରଥମ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ, ଆଇଏମ୍ ସ୍ୱୟଂଶୁ ସତ୍ୟପ୍ରାଜ୍ଞ, ଆଇଏମ୍ ଅନ୍ୱେଷ ଉପାଧ୍ୟାୟ, ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର, ଆଇଏମ୍ ସମ୍ବିତ ପଣ୍ଡା, ଉଦୀୟମାନ ତାରକା ବିଜୁ ପଟ୍ଟନାୟକ ପୁରସ୍କାର ବିଜେତା ମାଷ୍ଟର ସାତ୍ତ୍ୱିକ ସ୍ୱାଇଁ, ରାଜେଶ ନାୟକ, ସଞ୍ଜୀବନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠକ ବାସୁଦେବ ଭଞ୍ଜ, ପ୍ରଦ୍ୟୁମ୍ନ ମିଶ୍ର ଓ ମାନସ ପାଣି, ଅନ୍ତର୍ଜାତୀୟ ଆର୍ବିଟର ସୁରେଶ କୁମାର ସାହୁ, ତାପସ କୁମାର ମହାନ୍ତି, ସନ୍ତୋଷ ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ।



୨୦୨୫ ମହିଳା ଦୃଷ୍ଟିବାଧିତ କ୍ରିକେଟ୍ ବିଶ୍ୱକପ୍

# ଭାରତୀୟ ଦଳରେ ଓଡ଼ିଶାର ୪ଖେଳାଳି


ଯମୁନାରାଣୀ ଟୁଡୁ


ବାସନ୍ତୀ ହାଁସଦା


ଫୁଲ ସୋରେନ୍


ପାର୍ବତୀ ମାର୍ଣ୍ଡି

ବାରିପଦା,୧୧।୯ (ସମିସ): ପ୍ରଥମ ଥର ପାଇଁ ଅନୁଷ୍ଠିତ ହେବାକୁ ଯାଉଥିବା ମହିଳା ଟି-୨୦ ଦୃଷ୍ଟିବାଧିତ ବିଶ୍ୱକପ୍ କ୍ରିକେଟ-୨୦୨୫ ଟୁର୍ଣ୍ଣାମେଣ୍ଟ ପାଇଁ ୧୬ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଓଡ଼ିଶାର ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ତନ୍ମଧ୍ୟରୁ ମୟୂରଭଞ୍ଜ ଜିଲ୍ଲାରୁ ୩ଜଣ ଓ ବାଲେଶ୍ୱର ଜିଲ୍ଲାରୁ ଜଣେ ଖେଳାଳି ରହିଛନ୍ତି। ସେମାନେ ହେଲେ ମୟୂରଭଞ୍ଜର ଜମୁନା ରାଣୀ ଟୁଡୁ, ବାସନ୍ତୀ ହେମ୍ବ୍ରମ ଓ ପାର୍ବତୀ ମୁର୍ମୁ ଏବଂ ବାଲେଶ୍ୱର ଜିଲ୍ଲାର ଫୁଲ ସୋରେନ। ଐତିହାସିକ ଟୁର୍ଣ୍ଣାମେଣ୍ଟରେ ଭାରତ ସହିତ ଅଷ୍ଟ୍ରେଲିଆ, ଇଂଲଣ୍ଡ, ନେପାଳ, ପାକିସ୍ତାନ, ଶ୍ରୀଲଙ୍କା ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ଦଳମାନେ ଭାଗ ନେବେ। ପାକିସ୍ତାନ ମ୍ୟାଚ ବ୍ୟତୀତ ସମସ୍ତ ମ୍ୟାଚ ଭାରତର ବେଙ୍ଗାଲୁରୁ ଓ ନୂଆଦିଲ୍ଲୀରେ ଖେଳାଯିବ। ତେବେ ପାକିସ୍ତାନର ମ୍ୟାଚ୍‌ଗୁଡିକ ବିକଳ୍ପ ସ୍ଥାନ ବିଚାର କରାଯାଉଛି। ଏହି ଟୁର୍ଣ୍ଣାମେଣ୍ଟ ନଭେମ୍ବର ୧୧ରୁ ଆରମ୍ଭ ହୋଇ ୨୫ରେ ଉଦ୍‌ଯାପିତ ହେବ। କର୍ଣ୍ଣାଟକର ଦୀପିକା ଟିସି ଅଧିନାୟିକା ଏବଂ ମହାରାଷ୍ଟ୍ରର ଗଙ୍ଗା ଏସ୍ କଦମ ଉପ-ଅଧିନାୟିକା ଭାବେ ଭାରତୀୟ ଦଳର ଦାୟିତ୍ୱ ନେବେ। ଉଲ୍ଲେଖନୀୟ, ୨୦୨୩ରେ ବିଶ୍ୱ କ୍ରୀଡ଼ାରେ ଭାରତୀୟ ମହିଳା ଦୃଷ୍ଟି ବାଧିତ କ୍ରିକେଟ ଦଳ ଅଷ୍ଟ୍ରେଲିଆକୁ ପରାସ୍ତ କରି ପ୍ରଥମ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲା। ଓଡ଼ିଶାର ଏହି ୪ଜଣ ଖେଳାଳିଙ୍କ ସହ ଭାରତୀୟ ଦଳ ଘରୋଇ ମାଟିରେ ଆଉ ଏକ ଇତିହାସ ସୃଷ୍ଟି କରିବାକୁ ପ୍ରସ୍ତୁତ ଥିବା ଜଣାପଡିଛି। ଏହି ଖେଳାଳି ମନୋନୀତ ହୋଇଥିବାରୁ ରାଜ୍ୟର ଦୃଷ୍ଟିବାଧିତ ଖେଳାଳିଙ୍କ ମଧ୍ୟରେ ନୂଆ ଉତ୍ସାହ ପରିଲକ୍ଷିତ ହୋଇଛି।

**ମୟୂରଭଞ୍ଜରୁ ୩: ବାଲେଶ୍ୱରରୁ ଜଣେ**

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS